୫୭ତମ ବର୍ଷ ୧୫ ଅଗଷ୍ଟ ୨୦୧୪ ତୃତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଅଗଷ୍ଟ, ୨୦୧୪]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| କେତୋଟି ଟିପ୍ପଣୀ,- 'ଆର୍ଯ୍ୟ' ପତ୍ରିକାରୁ | ··· | ଶ୍ରୀଅରବିନ୍ଦ | ··· | ୫ |
| ଭାରତ ସମ୍ପର୍କରେ ଶ୍ରୀମା | ··· | ··· | ··· | ୧୩ |
| ମା'ଙ୍କର ଏକ ଅନୁଭୂତି | ··· | ··· | ··· | ୧୫ |
| ଆଧ୍ୟାତ୍ମିକ ଜୀବନର ସର୍ତ୍ତାବଳୀ | ··· | ଶ୍ରୀମା | ··· | ୧୬ |
| ଶ୍ରୀଅରବିନ୍ଦଙ୍କ ସହ ସାନ୍ଧ୍ୟ-ବୈଠକ | ··· | ଏ. ବି. ପୁରାଣୀ | ··· | ୧୮ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ··· | ଶ୍ରୀଅରବିନ୍ଦ | ··· | ୨୨ |
| ଶ୍ରୀଅରବିନ୍ଦଙ୍କ ଆଦର୍ଶ | ··· | ଶ୍ରୀ ନଳିନୀକାନ୍ତ ଗୁପ୍ତ | ··· | ୨୬ |
| 'ଦସ୍ୟୁ'ମାନଙ୍କ ଉପରେ ବିଜୟ (୨) | ··· | ଶ୍ରୀଅରବିନ୍ଦ | ··· | ୩୦ |
| ସ୍ୱାଧୀନ ଭାରତ : ବିଡ଼ମ୍ବନା ଏବଂ ସମ୍ଭାବନା | ··· | ଶ୍ରୀ ମନୋଜ ଦାସ | ··· | ୩୫ |
| ଶରୀରର ଜୀବକୋଷରେ ଯୋଗ | ··· | ମମତା ଦାଶ | ··· | ୪୨ |
| ମାନବଜୀବନ ଓ ସମାଜରେ ପୂର୍ଣ୍ଣଯୋଗର ପୂର୍ଣ୍ଣାଙ୍ଗ ପ୍ରୟୋଗ (୭) | ··· | ଶ୍ରୀପତି ଦାସ | ··· | ୪୫ |

**ସାଧନା ପରମ୍ପରା**

| | | | | |
|---|---|---|---|---|
| ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ (୯) | ··· | ··· | ··· | ୪୮ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ଚୈତ୍ୟସତ୍ତାର ଅଗ୍ରଗତି | ··· | ଶ୍ରୀମା | ··· | ୫୩ |

| | | | | |
|---|---|---|---|---|
| **ସମ୍ପାଦକୀୟ** | ··· | ··· | ··· | ୫୬ |


❖

## ବିଷୟଗୁଡ଼ିକର ମୂଳଗ୍ରନ୍ଥ ସୂଚନା

ପୃ : ୫-୧୨, (CWSA, Vol. - 13 p. 441 - 444/ 101/102 / 105/108);
ପୃ : ୫୩-୫୫, (M.C.W., Vol. 5, pp. 205-207)

# ଶ୍ରୀଅରବିନ୍ଦଙ୍କ ରଚନାବଳୀ

Sri Aurobindo excludes nothing, he combines all and synthesises all points of view.

*

Sri Aurobindo's books represent a whole understanding, a whole knowledge and a whole power and so each one of his books is at once a symbol and a representation.

*

Each book of Sri Aurobindo contains symbolically, potentially what is there in him.

(The Mother of Love, Vol. 3, p. 430) – The Mother

ଶ୍ରୀଅରବିନ୍ଦ କୌଣସି କିଛିକୁ ବାଦ୍ ଦେଇ ନାହାନ୍ତି, ସେ ସବୁକିଛିକୁ ସମ୍ମିଳିତ କରିଛନ୍ତି ଓ ସମସ୍ତ ଦୃଷ୍ଟିକୋଣକୁ ସମନ୍ୱିତ କରିଛନ୍ତି ।

*

ଶ୍ରୀଅରବିନ୍ଦଙ୍କ ପୁସ୍ତକସବୁ ଏକ ପରିପୂର୍ଣ୍ଣ ବୋଧ, ପରିପୂର୍ଣ୍ଣ ଜ୍ଞାନ ଓ ପରିପୂର୍ଣ୍ଣ ଶକ୍ତିର ପ୍ରତିନିଧିତ୍ୱ କରନ୍ତି ଏବଂ ସେହି ଦୃଷ୍ଟିରୁ ତାଙ୍କର ପ୍ରତ୍ୟେକଟି ପୁସ୍ତକ ଏକାଧାରରେ ଏକ ପ୍ରତୀକ ଓ ଏକ ପ୍ରତିନିଧି ।

*

ଶ୍ରୀଅରବିନ୍ଦଙ୍କର ପ୍ରତ୍ୟେକଟି ପୁସ୍ତକ ତାଙ୍କ ନିଜ ମଧ୍ୟରେ ଯାହା ରହିଛି ସେସବୁକୁ ପ୍ରତୀକାତ୍ମକଭାବେ ତଥା ପ୍ରଚ୍ଛନ୍ନଭାବେ ଧାରଣ କରିଥା'ନ୍ତି ।

– ଶ୍ରୀମା



# ସର୍ବ ମହାନ୍ ଯୋଗ

The greatest Yoga is to take refuge from all the perplexities and difficulties of our nature with this indwelling Lord of all Nature, to turn to him with our whole being, with the life and body and sense and mind and heart and understanding, with our whole dedicated knowledge and will and action, *sarva-bhãvena*, in every way of our conscious self and our instrumental nature. And when we can at all times and entirely do this, then the divine Light and Love and Power takes hold of us, fills both self and instruments and leads us safe through all the doubts and difficulties and perplexities and perils that beset our soul and our life, leads us to a supreme peace and the spiritual freedom of our immortal and eternal status, *parãm sãntim, sthãnam sãsvatam.*

– Sri Aurobindo

ସର୍ବ ମହାନ୍ ଯୋଗ ହେଉଛି ସେଇ ଯୋଗ ଯେଉଁଥିରେ ଆମକୁ ଆମ ପ୍ରକୃତିର ଜଟିଳତା ଓ ବାଧାବିପତ୍ତି ମଧ୍ୟରୁ ବାହାରି ଆସି ସର୍ବମୟ ଉଚ୍ଚତର ପ୍ରକୃତିର ଅନ୍ତରବାସୀ ଭଗବାନଙ୍କ ନିକଟରେ ଆଶ୍ରୟ ଗ୍ରହଣ କରିବାକୁ, ଆମର ସମଗ୍ର ସତ୍ତା, ଜୀବନ, ଶରୀର, ଇନ୍ଦ୍ରିୟ, ମନ, ହୃଦୟ, ବୋଧଶକ୍ତି, ଆମର ସମଗ୍ର ଉତ୍ସର୍ଗୀକୃତ ଜ୍ଞାନ, ସଂକଳ୍ପ ତଥା କର୍ମ, ସକଳ ଭାବନା, ଆମର ସଚେତନ ସତ୍ତା ଓ ଯାନ୍ତ୍ରିକ ପ୍ରକୃତିର ପ୍ରତ୍ୟେକଟି ଧାରାକୁ ନେଇ, *ସର୍ବଭାବେନ*, ତାଙ୍କରି ପ୍ରତି ଉନ୍ମୁକ୍ତ ରହିବାକୁ ପଡ଼ିଥାଏ । ଯେତେବେଳେ ଆମେ ସବୁ ସମୟରେ ଓ ପରିପୂର୍ଣ୍ଣ ଭାବେ ଏହା କରିବାକୁ ସମର୍ଥ ହେବୁ ତା'ପରେ ଦିବ୍ୟ-ଆଲୋକ, ଦିବ୍ୟପ୍ରେମ ଓ ଦିବ୍ୟଶକ୍ତି ଆମକୁ ଅଧିକାର କରିବ ଓ ଉଭୟ ଆତ୍ମା ତଥା ଅନ୍ୟାନ୍ୟ ଆଧାର ମଧ୍ୟରେ ନିଜକୁ ଭରିଦେବ ଓ ସମସ୍ତ ସନ୍ଦେହ, ବାଧା, ଜଟିଳତା ତଥା ବିପଦ ଯାହା ଆତ୍ମା ତଥା ଜୀବନକୁ ଘେରି ରହିଥାଏ ସେସବୁର ମଧ୍ୟଦେଇ ଆମକୁ ନିରାପଦରେ ନେଇଚାଲିବ । ନେଇ ଚାଲିବ ଏକ ପରମ ଶାନ୍ତି ଓ ଆମର ଅମର ତଥା ଶାଶ୍ୱତ ସ୍ଥିତି ଆଧ୍ୟାତ୍ମିକ ମୁକ୍ତି ଦିଗରେ *ପରାଂ ଶାନ୍ତିମ୍, ସ୍ଥାନଂ ଶାଶ୍ୱତମ୍* ।

— ଶ୍ରୀଅରବିନ୍ଦ



# କେତୋଟି ଟିପ୍ପଣୀ,- 'ଆର୍ଯ୍ୟ' ପତ୍ରିକାରୁ

## ଶ୍ରୀଅରବିନ୍ଦ

### ''ଆର୍ଯ୍ୟ''
### - ଏହି ନାମଟିର ତାତ୍ପର୍ଯ୍ୟ କ'ଣ ?

ଏକାଧିକ ଦୃଷ୍ଟି କୋଣରୁ ପ୍ରଶ୍ନଟି ପଚରା ଯାଇଛି । ଅଧିକାଂଶ ଇଉରୋପୀୟ ପାଠକଙ୍କ ନିମନ୍ତେ ଆମ ମଲାଟରେ ଥିବା ଶବ୍ଦଟିର ଦେବନାଗରୀ ଲିପିରେ ଲିଖିତ ରୂପଟି ଖୁବ୍ ସମ୍ଭବ ଏକ ଚିତ୍ରଲିପି ସଦୃଶ ମନେହେବ ଏବଂ ସ୍ୱଭାବ ଅନୁସାରେ କାହାକୁ ଆକର୍ଷଣୀୟ ଲାଗିବ ତ ପୁଣି କାହାକୁ ଅପ୍ରୀତିକର ଲାଗିବ । ଏହି ଶବ୍ଦଟିକୁ ଭାରତୀୟମାନେ ଜାଣିଛନ୍ତି, କିନ୍ତୁ ସେମାନଙ୍କର ପୂର୍ବପୁରୁଷମାନେ ତାହାକୁ ଯେଉଁ ଅର୍ଥରେ ଜାଣିଥିଲେ, ଏମାନେ ଆଉ ସେହି ଅର୍ଥରେ ତାହାକୁ ବୁଝୁ ନାହାନ୍ତି । ପାଶ୍ଚାତ୍ୟ ଭାଷା-ତତ୍ତ୍ୱ ଏହି ଶବ୍ଦଟିକୁ ଏକ ପ୍ରଜାତି ଶବ୍ଦରେ ବଦଳାଇ ଦେଇଛି, ତାହାକୁ ଏକ ଜାତିଗତ ସମଷ୍ଟି ବୋଲି ବୁଝୁଛି ଏବଂ ଭିନ୍ନ ଭିନ୍ନ ଅନୁମାନରେ ତାହାକୁ ଭିନ୍ନ ଭିନ୍ନ ମୂଲ୍ୟ ବି ପ୍ରଦାନ କରାଯାଇଛି । ସମ୍ପ୍ରତି, ଏପରିକି ଭାଷାତତ୍ତ୍ୱକାରମାନଙ୍କ ଭିତରେ ମଧ୍ୟ, କେତେକ ମତ ଏକଥାଟିକୁ ସ୍ୱୀକାର କରିବାକୁ ଆରମ୍ଭ କରୁଛି ଯେ ଆପଣାର ମୂଳ ବ୍ୟବହାରରେ ଶବ୍ଦଟି ଏକ ପ୍ରଜାତିଗତ ପାର୍ଥକ୍ୟକୁ କେବେ ବୁଝାଉ ନଥିଲା, ବରଂ ସଂସ୍କୃତିର ଏକ ପାର୍ଥକ୍ୟକୁହିଁ ବୁଝାଉଥିଲା । କାରଣ ବେଦରେ ବର୍ଣ୍ଣିତ ଆର୍ଯ୍ୟଜାତି ହେଉଛନ୍ତି ସେମାନେ ଯିଏସବୁ ଅନ୍ତର୍ମୁଖୀ ଓ ବହିର୍ମୁଖୀ ସାଧନାର, ଆଦର୍ଶସ୍ଥିତିର ଓ ଅଭୀପ୍ସାର ଏକ ନିର୍ଦ୍ଦିଷ୍ଟ ପ୍ରକାର ଆତ୍ମ-କର୍ଷଣକୁ ଗ୍ରହଣ କରିଥିଲେ । ଆର୍ଯ୍ୟ ଦେବତାଚୟ ସେହି ଅତିଭୌତିକ ସାମର୍ଥ୍ୟମାନଙ୍କୁ ବୁଝାଉଥିଲେ ଯେଉଁମାନେ ମନୁଷ୍ୟକୁ ଏକ ଈଶ୍ୱରୀୟ ସ୍ୱଭାବର ଉପଲବ୍ଧି ନିମନ୍ତେ ତାହାର ସଂଗ୍ରାମରେ ସହାୟତା କରୁଥିଲେ । ସେହି ପ୍ରାରମ୍ଭିକ ମନୁଷ୍ୟ-ଜାତିର ସର୍ବବିଧ ଉଚ୍ଚତମ ଅଭୀପ୍ସାମାନ, ତାହାର ମହତ୍ତମ ଧର୍ମନିଷ୍ଠ ସ୍ୱଭାବ ଏବଂ ଭାବନାକ୍ଷେତ୍ରର ସର୍ବାଧିକ ଆଦର୍ଶ ସ୍ଥାନୀୟ ଗୁଣ-ସମ୍ପନ୍ନତାଗୁଡ଼ିକ, – ଏହି ଗୋଟିଏ ଶବ୍ଦରେ ଅଭିପ୍ରେତ ହୋଇ ରହିଛି ।

ପରବର୍ତ୍ତୀ କାଳରେ ଆର୍ଯ୍ୟ ଶବ୍ଦଟି ଏକ ନିର୍ଦ୍ଦିଷ୍ଟ ନୈତିକ ଓ ସାମାଜିକ ଆଦର୍ଶକୁ ପ୍ରକାଶ କଲା – ସୁପରିଶାସିତ ଜୀବନର ଗୋଟିଏ ଆଦର୍ଶକୁ, ସ୍ପଷ୍ଟବାଦିତା, ଶିଷ୍ଟାଚାର, ଶ୍ରେଷ୍ଠତା, ଅକପଟ ଆଚରଣ, ସାହସ, ଭଦ୍ରତା, ଶୁଦ୍ଧତା, ମାନବିକତା, କରୁଣାଭାବ, ଦୁର୍ବଳଙ୍କୁ ସୁରକ୍ଷା ପ୍ରଦାନ, ଉଦାରତା, ସାମାଜିକ ଜୀବନରେ କର୍ତ୍ତବ୍ୟଗୁଡ଼ିକର ପାଳନ, ଜ୍ଞାନ ଲାଗି ଆଗ୍ରହ, ପ୍ରାଜ୍ଞ ଏବଂ ବିଦ୍ୱାନ୍‌ମାନଙ୍କ ଲାଗି ସମ୍ମାନ ପ୍ରଦର୍ଶନ ଏବଂ ସାମାଜିକ ଜୀବନରେ ସେଗୁଡ଼ିକର ଉପଲବ୍ଧି – ଏହି ସବୁକିଛିକୁ । ଏହା ବ୍ରାହ୍ମଣ ଓ କ୍ଷତ୍ରିୟଙ୍କରହିଁ ଏକ ମିଳିତ ଆଦର୍ଶ ହୋଇ ରହିଥିଲା । ସେହି ଆଦର୍ଶଟିର ଯାହାକିଛି ଖିଲାପ କରୁଥିଲା, ଯାହାକିଛି ସମ୍ଭ୍ରମବର୍ଜିତ, ନିମ୍ନ, ଅସ୍ୱଚ୍ଛତାଯୁକ୍ତ, ନୃଶଂସ, ନିର୍ମମ ଓ ମିଥ୍ୟା ହୋଇ ରହିଥିଲା, ତାହାକୁ ଅନାର୍ଯ୍ୟ ବୋଲି କୁହା ଯାଉଥିଲା । ମନୁଷ୍ୟମାନଙ୍କର ଭାଷାରେ ଏପରି ଗୋଟିଏ ଦ୍ୱିତୀୟ ଶବ୍ଦ ନାହିଁ, ଯାହାର କି ଏକ ମହତ୍ତର ଶାଳୀନତାବିଶିଷ୍ଟ ଇତିହାସଟିଏ ରହିଛି ।

ତୁଳନାତ୍ମକ ଭାଷାତତ୍ତ୍ୱର ପ୍ରାକ୍‌କାଳରେ ବିଦ୍ୱାନ୍‌ମାନେ ଯେତେବେଳେ ପୂର୍ବପୁରୁଷମାନଙ୍କ ପ୍ରାଗୈତିହାସିକ ଇତିହାସକୁ ଶବ୍ଦର ଇତିହାସରେ ଖୋଜିଲେ, ସେତେବେଳେ ଅନୁମାନ କରାଯାଇଥିଲା ଯେ ଆର୍ଯ୍ୟ ଶବ୍ଦଟି 'ଆର୍' ଧାତୁରୁ ନିଷ୍ପନ୍ନ ହୋଇ ଆସିଛି; 'ଆର୍' ଅର୍ଥାତ୍ ଭୂମିର କର୍ଷଣ କରିବା । ଆର୍ଯ୍ୟମାନଙ୍କୁ ଉକ୍ତ ପ୍ରକାରେ ନାମିତ କରା ଯାଇଥିଲା, ଯେତେବେଳେ କି ସେମାନେ ଉତ୍ତର-ପଶ୍ଚିମରୁ ସେମାନଙ୍କର ଜ୍ଞାତିମାନଙ୍କଠାରୁ ବିଚ୍ଛିନ୍ନ ହୋଇ ଚାଲି ଆସିଥିଲେ । ସେହି ଜ୍ଞାତିମାନେ କୃଷିବୃତ୍ତିକୁ ଘୃଣା କରୁଥିଲେ ଓ ମେଷପାଳନ ଏବଂ ଶିକାର ଦ୍ୱାରା ଜୀବନନିର୍ବାହ କରୁଥିଲେ । ଏହି ବୁଦ୍ଧିପ୍ରେରିତ ଅନୁମାନଟି ପଛରେ ସେପରି କୌଣସି ସମର୍ଥକ ପ୍ରମାଣ ପ୍ରକୃତରେ ମିଳେ ନାହିଁ । ଆମେ କିନ୍ତୁ ଗୋଟିଏ ଅର୍ଥରେ ସେହି ବ୍ୟୁତ୍ପତ୍ତିକୁ ଗ୍ରହଣ କରିପାରୁ । ପରମାତ୍ମା ତା' ସକାଶେ ଯୋଗାଇ ଦେଇଥିବା ଭୂମିଟିକୁ ଯିଏ କର୍ଷଣ କରେ, ଭିତରେ ତଥା ବାହାରେ ପ୍ରାଚୁର୍ଯ୍ୟଲାଭର ସେହି ଭୂମିଟିର କର୍ଷଣ ଯିଏ କରିଥାଏ, ସେ ଭୂମିଟିକୁ କେବେହେଲେ ପଡ଼ିଆ ପକାଇ ଛାଡ଼ି ଦିଏ ନାହିଁ କିଂବା ଗଛରେ ରହି ତାକୁ ଖାଲି ମଞ୍ଜିରେ ପରିଣତ ହେବାକୁ ଦେଇ ନଥାଏ, କିନ୍ତୁ ପରିଶ୍ରମ କରି ସେଥିରୁ ପୂର୍ଣ୍ଣ ଫସଲଟିକୁ ଆଦାୟ କରେ ଏବଂ ସେହି ପ୍ରୟାସ ଲାଗିହିଁ ତାକୁ ଆର୍ଯ୍ୟ ବୋଲି କୁହାଯାଏ ।

ଆର୍ଯ୍ୟ ଯଦି ସମ୍ପୂର୍ଣ୍ଣଭାବରେ ଗୋଟିଏ ପ୍ରଜାତିସୂଚକ ଶବ୍ଦ ହୋଇଥା'ନ୍ତା, ତେବେ ଏକ ଅଧିକ ସମ୍ଭାବ୍ୟ ବ୍ୟୁତ୍ପତ୍ତିଗତ ଅର୍ଥରେ ତାହା 'ଆର୍'ରୁ ନିଷ୍ପନ୍ନ ହୋଇଥା'ନ୍ତା ଏବଂ ବଳ ବା ସାହସକୁ ବୁଝାଉ ଥାଆନ୍ତା । 'ଆର୍' କହିଲେ ଯୁଦ୍ଧ କରିବାକୁହିଁ ବୁଝାଇଥାଏ; ଯେଉଁଥିରୁ କି ଗ୍ରୀକ୍ ଦେବତା ଆରେସ୍‌ଙ୍କ ନାମଟି ଉତ୍ପନ୍ନ ହୋଇଛି – ସାହସୀ ବା ଯୁଦ୍ଧଧର୍ମୀ, ଏପରିକି ଆରେତ୍ ଅର୍ଥାତ୍ ଉତ୍ତମ ଗୁଣ, ଯେପରି ଲାଟିନ୍ ଭାଷାର ଭିର୍ତୁସ୍ ଅର୍ଥାତ୍ ଶାରୀରିକ ବଳ ଏବଂ ସାହସ ଓ ତା'ପରେ ନୈତିକ ଶକ୍ତି ଏବଂ ଉନ୍ନତି । ଏହି ଶାବ୍ଦିକ ଅର୍ଥଟିକୁ ଆମେ ମଧ୍ୟ ଗ୍ରହଣ କରିନେଇ ପାରିବା, ''ଆମେ ଅତ୍ୟୁଚ୍ଚ ପ୍ରଜ୍ଞାର ଅଧିକାରୀ ହେବା ଲାଗି ଯୁଦ୍ଧ କରୁଛୁ ଏବଂ ସେହି କାରଣରୁହିଁ ମନୁଷ୍ୟମାନେ ଆମକୁ ଯୋଦ୍ଧା ବୋଲି କହୁଛନ୍ତି'' । କାରଣ ପ୍ରଜ୍ଞାର ଅନ୍ତର୍ଗତ ଅର୍ଥଟି ହେଉଛି ଯେ ଯାହା ସର୍ବୋତ୍ତମ, ମହତ୍ତମ, ସର୍ବାଧିକ ଆଲୋକସମ୍ପନ୍ନ ଏବଂ ଦିବ୍ୟତମ, ତାହାକୁ ବାଛି ନେବା ଓ ତାହାକୁ ଜାଣିବା । ନିଶ୍ଚିତରୂପେ ଏହା ସକଳ ବସ୍ତୁ ବିଷୟରେ ଆମର ଜ୍ଞାନ, ବଦାନ୍ୟ ଭାବ ତଥା ସକଳ ବସ୍ତୁପ୍ରତି ରହିଥିବା ଏକ ସମ୍ମାନକୁ ମଧ୍ୟ ବୁଝାଇଥାଏ, ଏପରିକି ସର୍ବାଧିକ ପ୍ରତୀତିର ସହିତ ଅତ୍ୟନ୍ତ ନିମ୍ନସ୍ତର, ଅସୁନ୍ଦର କିଂବା ତମସା ଜଡ଼ିତ ପ୍ରତି ମଧ୍ୟ, ସେହି ବିଶ୍ୱବ୍ୟାପ୍ତ ଈଶ୍ୱରଙ୍କ ସକାଶେ ଯିଏକି ସକଳ ବସ୍ତୁରେ ସମାନଭାବରେ ବିଦ୍ୟମାନ ହେବାକୁ ବାଛିଥାଆନ୍ତି । ମାତ୍ର, ସମୁଚିତ କର୍ମର ବିଧାନଟିକୁ ମଧ୍ୟ ଏକ ନିର୍ବାଚନ ବୋଲି କହିହେବ, ଏପରି ଏକ ବସ୍ତୁକୁ ଗ୍ରହଣ କରିନେବା, ଯାହାକି ଦିବ୍ୟତାକୁ ପ୍ରଚ୍ଛନ୍ନ କରି ରଖିବା ଅପେକ୍ଷା ସେଇଟିକୁ ବ୍ୟକ୍ତ କରି ଆଣିବାକୁ ଏକ ଅଗ୍ରାଧିକାର ପ୍ରଦାନ କରିଥାଏ । ଏବଂ ସେହିପରି ଅଗ୍ରାଧିକାର ଦେଇପାରିବା ଲାଗି ମଧ୍ୟ ଏକ ସମର ଓ ଏକ ସଂଘର୍ଷ କରିବାକୁ ପଡ଼ିଥାଏ । ଏହା ସହଜରେ ହୁଏ ନାହିଁ ଏବଂ କାର୍ଯ୍ୟକାରୀ ମଧ୍ୟ ସହଜରେ ହୁଏ ନାହିଁ ।

ଯେଉଁ ବ୍ୟକ୍ତି ସେହି ନିର୍ବାଚନ କରେ, ସୋପାନ ସୋପାନ ଅନୁକ୍ରମରେ ଦିବ୍ୟତାର ଶିଖରକୁ ଆରୋହଣ କରିବା ଯାହାର ଅନ୍ୱେଷା, ସେ କୌଣସି କଥାକୁ ଭୟ ନକରି, କୌଣସି ପ୍ରକାରର ପ୍ରତିବନ୍ଧକ ବା ପରାଜୟ ଦ୍ୱାରା ବାଧାପ୍ରାପ୍ତ ନହୋଇ, ତା'ର ବୁଦ୍ଧି ସକାଶେ ଅତିରିକ୍ତ ପରିମାଣରେ ବିସ୍ତାରିତ ହୋଇ ରହିଥିବା କିଛିରୁ ନିବୃତ୍ତ ନହୋଇ, ତା' ଭିତରର ଆତ୍ମା ନିମନ୍ତେ ଅତି ଉଚ୍ଚ ହୋଇଥିବା ସେହି ଉଚ୍ଚତା ପାଖରେ ଯିଏ ଶଙ୍କି ନଯାଏ, ତା'ର ବଳ ଏବଂ ସାହସ ଲାଗି ଅତ୍ୟନ୍ତ ବୃହତ୍ ହୋଇଥିବା ସେହି ବୃହତ୍ତା ପାଖରେ ଆଦୌ ଯିଏ ଅଟକେ ନାହିଁ, ସିଏ ହେଉଛି ଆର୍ଯ୍ୟ, ଦିବ୍ୟ ସ୍ତରର ଜଣେ ଯୋଦ୍ଧା ଏବଂ ବିଜେତା, ସେହିଁ ସମ୍ଭ୍ରମର ଅଧିକାରୀ, ସର୍ବୋତ୍ତମ; ଗୀତାରେ ତାକୁ ଶ୍ରେଷ୍ଠ ବୋଲି କୁହାଯାଇଛି ।

ଅନ୍ତର୍ଗତ ଭାବରେ, ଶବ୍ଦଟିର ସବୁଠାରୁ ଅଧିକ ମୌଳିକ ଅର୍ଥରେ ଆର୍ଯ୍ୟ କହିଲେ ଏକ ପ୍ରଚେଷ୍ଟାକୁ ବୁଝାଏ, ଏକ ଉତ୍‌କ୍ରମଣ ଏବଂ ଅତିକ୍ରମଣକୁ ବୁଝାଇଥାଏ । ସେହି ବ୍ୟକ୍ତି ହେଉଛି ଆର୍ଯ୍ୟ ଯିଏ ତା'ର ବାହାରେ ରହିଥିବା ସବୁକିଛିକୁ ଆପଣାର ଉଦ୍ୟମ ଦ୍ୱାରା ଅତିକ୍ରମ କରେ; ନିଜ ଭିତରର ମଧ୍ୟ ସବୁକିଛିକୁ ଡେଇଁଯାଏ ଯାହାକିଛି ମାନବୀୟ ଅଗ୍ରଗତିକୁ ବିରୋଧ କରେ । ଆପଣା ଉପରେ ବିଜୟ ହାସଲ କରିବା ହେଉଛି ତା' ସ୍ୱଭାବର ସର୍ବପ୍ରଥମ ନିୟମ । ସିଏ ପୃଥିବୀ ଉପରେ ବିଜୟ ଲାଭ କରେ ଏବଂ ସାଧାରଣ ମଣିଷଙ୍କ ଭଳି ସେମାନଙ୍କର ଆଳସ୍ୟ, ଜଡ଼ତା, ମୃତପ୍ରାୟ ନିତ୍ୟକର୍ମ ତଥା ତାମସିକ ସୀମାବଦ୍ଧତାଗୁଡ଼ିକୁ ମାନି ନିଏ ନାହିଁ । ଜୀବନ ଏବଂ ତାହାର ଶକ୍ତିଗୁଡ଼ିକୁ ସେ ଅତିକ୍ରମ କରିଯାଏ ଏବଂ ସେଗୁଡ଼ିର କ୍ଷୁଧା ତଥା କାମନାମାନଙ୍କର ଅଧୀନ ହୋଇ ରହିବାକୁ ଅସ୍ୱୀକାର କରେ କିଂବା ସେସବୁର ରାଜସିକ ଆବେଗରାଜିର ବଶ୍ୟତା ସ୍ୱୀକାର କରେ ନାହିଁ । ମନ ଓ ତାହାର ଅଭ୍ୟାସଗୁଡ଼ିକୁ ସେ ଅତିକ୍ରମ କରିଯାଏ, କୌଣସି ପ୍ରକାରର ଅଜ୍ଞାନତା, ଉତ୍ତରାଧିକାର ସୂତ୍ରରେ ଲାଭ କରିଥିବା ଯାବତୀୟ ପୂର୍ବ ଧାରଣା, ପରମ୍ପରାଗତ ଚିନ୍ତାଧାରା, ପ୍ରୀତିକର ସର୍ବବିଧ ମତମାନଙ୍କର ଗୋଟିଏ ଖୋଳ ଭିତରେ ସେ ଆଦୌ ବାସ କରେ ନାହିଁ । କିନ୍ତୁ ସେ ଜାଣେ କିପରି ଖୋଜିବାକୁ ହେବ ଏବଂ ବାଛିବାକୁ ହେବ, କିପରି ବୁଦ୍ଧିରେ ବୃହତ୍ ଏବଂ ନମନୀୟ ହେବାକୁ ପଡ଼ିବ ଯେପରି ସେ ତା'ର ଇଚ୍ଛାଶକ୍ତିରେ ଦୃଢ଼ ଓ ଶକ୍ତିଶାଳୀ ହୋଇଥାଏ । କାରଣ ପ୍ରତ୍ୟେକ ବସ୍ତୁରେ ସେ ସତ୍ୟରହିଁ ଅନ୍ୱେଷଣ କରେ, ପ୍ରତ୍ୟେକ ବସ୍ତୁରେ ଯଥାର୍ଥ, ଉତ୍କର୍ଷ ଓ ସ୍ୱାଧୀନତାରହିଁ ଅନ୍ୱେଷଣ କରେ ।

ତା' ଆତ୍ମବିଜୟର କ୍ରମରେ ନିଜର ପରିପୂର୍ଣ୍ଣତା ତା'ର ଲକ୍ଷ୍ୟ । ତେଣୁ ସେ ଯାହାକିଛି ଉପରେ ବିଜୟ ହାସଲ କରେ ତାହାକୁ ଆଦୌ ନଷ୍ଟ କରେ ନାହିଁ, ତାହାକୁ ଉନ୍ନତ କରେ, ସେଥିରେ ଅଧିକ ପରିପୂର୍ଣ୍ଣତା ଆଣି ଦେଇଥାଏ । ସିଏ ଜାଣିଥାଏ ଯେ ତାହାକୁ ଯେଉଁ ଦେହ, ପ୍ରାଣ ଏବଂ ମନ ପ୍ରଦତ୍ତ ହୋଇଛି, ତାହାଦ୍ୱାରା ସେଗୁଡ଼ିକ ଅପେକ୍ଷା ସେ ଅଧିକ ବୃହତ୍ ଅନ୍ୟକିଛିହିଁ

ହାସଲ କରିବ । ତେଣୁ ସେଗୁଡ଼ିକର ଊର୍ଦ୍ଧ୍ୱକୁ ଯିବାକୁ ହେବ ଓ ଅତିକ୍ରମ କରିବାକୁ ହେବ । ସେଗୁଡ଼ିକର ସୀମାଗୁଡ଼ିକୁ ଅସ୍ୱୀକାର କରିବାକୁ ହେବ, ସେହିଗୁଡ଼ିକର ପରିତର୍ପଣ ମଧ୍ୟରେ ନିମଗ୍ନ ହୋଇ ରହିବାର ଯାବତୀୟ ବୃତ୍ତିକୁ ପ୍ରତ୍ୟାଖ୍ୟାନ କରିବାକୁ ପଡ଼ିବ । ମାତ୍ର ସିଏ ମଧ୍ୟ ଜାଣିଥାଏ ଯେ ସେହି ପରମୋଚ୍ଚ ହେଉଛି ଏପରି ଏକ ସ୍ଥିତି, ଯାହାକି ପୃଥିବୀକୁ ଆଦୌ ବର୍ଜନ କରେ ନାହିଁ, ବରଂ ନିଜକୁ ଅଧିକରୁ ଅଧିକଭାବରେ ଏଠାରେ ବ୍ୟକ୍ତ କରି ଆଣେ — ଏକ ଦିବ୍ୟ ପରମ ଇଚ୍ଛା, ପରମଚେତନା, ପରମପ୍ରେମ ଏବଂ ପ୍ରାପ୍ତିର ପରମ ଉଲ୍ଲାସ ଯେତେବେଳେ ଆବିଷ୍କୃତ ହୁଏ, ତାହା ଆପଣାକୁ ଅଜାଡ଼ି ଦେବାରେ ଲାଗିଥାଏ, ଏହି ନିମ୍ନତର ଜୀବନକୁ ମାଧ୍ୟମ କରି ଅଜାଡ଼ି ଦେଉଥାଏ, ଆବିଷ୍କାରକାରୀ ବ୍ୟକ୍ତି ଓ ତା' ପରିବେଶଟି ମଧ୍ୟରେ ରହିଥିବା ସବୁକିଛି ଗ୍ରହଣକ୍ଷମ ଉପରେହିଁ ଅଜାଡ଼ି ଦେଉଥାଏ । ସିଏ ତାହାରି ପରିକର ହୋଇ ରହିଥାଏ, ତାହାକୁ ଶ୍ରଦ୍ଧା କରୁଥାଏ ଓ ତାହାକୁହିଁ ଲୋଡ଼େ । ସେଇଟିକୁ ପ୍ରାପ୍ତ କରିବା ପରେ ସିଏ ତାହାକୁ କର୍ମରେ, ଶ୍ରଦ୍ଧାଶୀଳତାରେ, ଆନନ୍ଦରେ ଏବଂ ଜ୍ଞାନରେ ମନୁଷ୍ୟଜାତି ଉପରେ ଅଜାଡ଼ି ଦେଉଥାଏ । କାରଣ ଜଣେ ଆର୍ଯ୍ୟ ସର୍ବଦା ଏକ କର୍ମୀ, ଏକ ଯୋଦ୍ଧା ହୋଇ ରହିଥାଏ । ପରମୋଚ୍ଚଙ୍କର ଅନ୍ୱେଷଣ କରିବାରେ ବା ତାଙ୍କର ଚର୍ଯ୍ୟା କରିବାରେ ସେ ସର୍ବବିଧ ଶ୍ରମ କରିବାରେ ଲାଗିଥାଏ, ମନ ତଥା ଶରୀରର ଭୂମିରେ କୌଣସି ତ୍ରୁଟି କରେ ନାହିଁ । କୌଣସି ଅନନୁକୂଳତାକୁ ଏଡ଼ି ପଳାଏ ନାହିଁ, କ୍ଲାନ୍ତି ହେତୁ ଆଦୌ କୌଣସିଠାରେ ଅଟକିଯିବାକୁ ଗ୍ରହଣ କରେ ନାହିଁ । ତା' ଆପଣା ଭିତରେ ତଥା ପୃଥିବୀରେ ସେହି ରାଜ୍ୟଟିର ଆଗମନ ଘଟିବା ସକାଶେ ସେ ସର୍ବଦା ସମର କରୁଥାଏ ।

ପରିପୂର୍ଣ୍ଣତାପ୍ରାପ୍ତ ଆର୍ଯ୍ୟ ହେଉଛି ଜଣେ ଅର୍ହତ୍ । ଏକ ଊର୍ଦ୍ଧ୍ୱସ୍ଥ ପରମଚେତନା ରହିଛି ଯାହା ଏହି ବିଶ୍ୱଜଗତକୁ ଅତିକ୍ରମ କରି ଅବସ୍ଥିତ ଥାଏ ଏବଂ ଏହି ଯାବତୀୟ ପୃଥିବୀ ଯାହାର କେବଳ ଏକ ପାର୍ଶ୍ୱ-ଘଟଣା ଓ ପାର୍ଶ୍ୱ-ଲୀଳା ହୋଇ ରହିଛି । ସେ ସେହି ଚେତନା ଲାଗି ଆସ୍ପୃହା କରେ ଏବଂ ତାହାକୁ ପ୍ରାପ୍ତ କରେ । ସେହି ପରମଚେତନା ଯାହା ବିଶ୍ୱାତୀତ ହୋଇ ମଧ୍ୟ ତଥାପି ଏହି ବିଶ୍ୱଭାବେ ବିଦ୍ୟମାନ ରହିଛି, ଏହି ବିଶ୍ୱରେ ରହିଥିବା ସକଳ କିଛିକୁ ଧାରଣ କରୁଛି । ଆପଣାର ସୀମାବଦ୍ଧ ଅହଂ ଚେତନାକୁ ସେହି ଚେତନାଟି ମଧ୍ୟରେ ପ୍ରସାରିତ କରି ନେଇଥାଏ; ସକଳ ସତ୍ତା ଓ ସକଳ ବସ୍ତୁ ସହିତ ଏକାତ୍ମ ହୁଏ ଏକ ଆତ୍ମଚେତନାର ବଳରେ, ପ୍ରେମ, ଆନନ୍ଦମୟତା ଏବଂ ସର୍ବଗ୍ରାହୀ ଶକ୍ତି ଦ୍ୱାରା ସକଳ ଅଚେତନ ବସ୍ତୁ ସହିତ ମଧ୍ୟ ଏକାତ୍ମତା ଲାଭ କରିଥାଏ । ଏପରି ଏକ ଚେତନା ରହିଛି ଯାହାକି ଉଭୟ ବିଶ୍ୱାତୀତ ଓ ବିଶ୍ୱଗତ ହୋଇଥିଲେହେଁ ତଥାପି ବ୍ୟକ୍ତିସଜ୍ଞାନତାର ଆପାତ ସୀମିତତାଗୁଡ଼ିକୁ ମଧ୍ୟ ସ୍ୱୀକାର କରି ନେଇଥାଏ; କର୍ମ ନିମନ୍ତେ, ଜ୍ଞାନର ଭିନ୍ନ ଭିନ୍ନ ଆଭିମୁଖ୍ୟ ନିମନ୍ତେ, ଆପଣାର ଏହି ସର୍ଜନାଗୁଡ଼ିକୁ ନେଇ ପରମ ପ୍ରଭୁଙ୍କର ଲୀଳା ନିମନ୍ତେ । କାରଣ, ଅହଂ ରହିଛି ନିଜକୁ ଦିବ୍ୟକର୍ମର ଓ ଦିବ୍ୟ ଲୀଳାର ଗୋଟିଏ ମୁକ୍ତ କେନ୍ଦ୍ର ରୂପେ ଦୀକ୍ଷିତ କରିନେବାକୁ । ସେହି ଚେତନାକୁ ଗ୍ରହଣ କରିବା ପାଇଁ ତା' ମଧ୍ୟରେ ପର୍ଯ୍ୟାପ୍ତ ପ୍ରେମ ରହିଥାଏ, ଆନନ୍ଦ ବି ରହିଥାଏ ଏବଂ ଜ୍ଞାନ ମଧ୍ୟ ଥାଏ । ସେହି ଅବସ୍ଥାନ୍ତରକୁ ଫଳପ୍ରଦ କରିବା ନିମନ୍ତେ ତା'ଠାରେ ଯଥେଷ୍ଟ ଶକ୍ତି ଅବଶ୍ୟ ଥାଏ । ଏକ ବିଶ୍ୱାତୀତତାର ଉପଲବ୍ଧି ପରେ ଏକ ବ୍ୟକ୍ତିଭାବକୁ ସ୍ୱୀକାର କରିନେବା ହେଉଛି ସେହି ସର୍ବଶେଷ ଏବଂ ଦିବ୍ୟ-ଆତ୍ମୋତ୍ସର୍ଗ । ଜଣେ ପରିପୂର୍ଣ୍ଣତାପ୍ରାପ୍ତ 'ଅର୍ହତ୍' ତାହାକୁହିଁ କୁହାଯିବ, ଯିଏକି ଏକାବେଳେକେ ଏହି ତିନୋଟିଯାକ ଆପାତ ଅସ୍ତିତ୍ୱର ଭୂମିରେ ବଞ୍ଚି ପାରିବାର ସାମର୍ଥ୍ୟ ରଖିଥାଏ, ଯିଏ ନିମ୍ନତରକୁ ଉଚ୍ଚତରଟି ମଧ୍ୟକୁ ଉତ୍ତୋଳିତ କରି ନେଇପାରେ, ଉଚ୍ଚତରକୁ ଏହି ନିମ୍ନତରଟି ମଧ୍ୟକୁ ସ୍ୱୀକାର କରି ଆଣିପାରେ, ଯାହା ଫଳରେକି ଏହି ପୃଥିବୀର ପ୍ରତୀକଗୁଡ଼ିକ ମାଧ୍ୟମରେ ସେ ଆପଣାର ସତ୍ତା ମଧ୍ୟରେ ସେହି ତିନି ପରିଚୟର ତ୍ରିଭାବଯୁକ୍ତ ବ୍ରହ୍ମଟିକୁ ଆପଣା ସତ୍ତାର ସକଳ ଭାଗରେ ରୂପାୟିତ ହୋଇ ରହିଥିବା ସେହି ସତ୍ୟଟିର ପରିପୂର୍ଣ୍ଣ ପ୍ରତିନିଧିତ୍ୱ କରି ପାରିବ ।

## 'ଆର୍ଯ୍ୟ'ର ଦ୍ୱିତୀୟ ବର୍ଷ

'ଆର୍ଯ୍ୟ' ନାମକ ଏହି ପତ୍ରିକାଟି ପ୍ରକାଶ ଲାଭ କରିବାର ସେଇ ଏକା ମାସରେ ଯେଉଁ ବୃହତ୍ତମ ବିପର୍ଯ୍ୟୟଟି ଘଟି ଆଧୁନିକ ଜଗତକୁ ଯେପରି ବିସ୍ମୟାଭିଭୂତ କରି ଦେଇଛି, ତାହାରି ଫଳରେ ଏହି ପତ୍ରିକା ହୁଏତ ଆଦୌ ପ୍ରକାଶ ପାଇନଥାନ୍ତା । ତଥାପି, କେତେ କେତେ ଗୁରୁତର ପ୍ରତିକୂଳତା ମଧ୍ୟରେ ଗତିକରି ମଧ୍ୟ ପତ୍ରିକାଟି ତାହାର ପ୍ରଥମ ବର୍ଷଟିକୁ ପୂର୍ଣ୍ଣ କରିପାରିଛି । ଅବଶ୍ୟ ଏହି ପତ୍ରିକାର ଫରାସୀ ସଂସ୍କରଣଟିକୁ ଦୁର୍ଭାଗ୍ୟକ୍ରମେ ବନ୍ଦ କରି ଦେବାକୁ ବାଧ୍ୟ ହୋଇଛୁ, କାରଣ ଆମର ପରିଚାଳକ ଶ୍ରୀ

ଏମ୍.ପଲ୍ ରିସାର୍‌ଙ୍କୁ ସେହି ସମୟରେ ଫ୍ରାନ୍ସର ରିଜର୍ଭ ସେନାବାହିନୀରେ ଯୋଗ ଦେବାଲାଗି ଚାଲିଯିବାକୁ ପଡ଼ିଥିଲା । ତା'ପରେ ଫରାସୀ ସଂସ୍କରଣ ପରିବର୍ତ୍ତେ ଇଂରାଜୀ ସଂସ୍କରଣଟିକୁ ଗ୍ରହଣ କରିବା ଲାଗି ରାଜି ହୋଇଥିବାରୁ ଆମେ ଫରାସୀ ସଂସ୍କରଣର ଗ୍ରାହକମାନଙ୍କ ଉଦାରତା ସକାଶେ ଧନ୍ୟବାଦ ଜଣାଇବାକୁ ଉଚିତ ମନେ କରୁଛୁ ।

ଆମ ପତ୍ରିକାର ଅଗଷ୍ଟ ସଂଖ୍ୟାଟିର ମୁଖବନ୍ଧରେ ଆମେ ସେହି କାରଣରୁ ସୂଚିତ କରାଇବୁ ଯେ ଆମର ପ୍ରଥମ ବର୍ଷରେ ପତ୍ରିକାଟିକୁ ସମ୍ପୂର୍ଣ୍ଣଭାବରେ ଉଚ୍ଚ ଦର୍ଶନତତ୍ତ୍ୱ ତଥା ଗମ୍ଭୀର ଏବଂ ଆୟାସକର ଚିନ୍ତନ ଲାଗି ବ୍ୟବହାର କରିବାକୁ ଆମେ ବାଧ ହୋଇଛୁ । ମାତ୍ର ଆମ ଭାବନାରେ ରହିଥିବା ସେହି ଲକ୍ଷ୍ୟଟି ଇତି ମଧ୍ୟରେ ପୂରଣ ହୋଇଯାଇଛି ଏବଂ ଆମେ ବୁଝିପାରିଛୁ ଯେ ପ୍ରାୟ ୬୪ ପୃଷ୍ଠାର ଏଭଳି କଠିନ ବୌଦ୍ଧିକ ଶ୍ରମ କରିବା ଲାଗି ଆମ ପାଠକମାନଙ୍କୁ ବାଧ କରିବା ପାଇଁ ଆମର କୌଣସି ଅଧିକାର ନାହିଁ । ତେଣୁ ଆଗାମୀ ବର୍ଷରେ ଆମେ ପତ୍ରିକାର ଅଧିକତର ଅଂଶରେ ଅପେକ୍ଷାକୃତ କମ୍ ଗଭୀର ବିଷୟଗୁଡ଼ିକ ଲାଗି ସ୍ଥାନ ରଖିବୁ ଏବଂ ସେଗୁଡ଼ିକ ଏକ ଅଧିକ ସହଜ ଅର୍ଥାତ୍ ଲୋକପ୍ରିୟ ଓ ସୁଖପାଠ୍ୟ ଶୈଳୀରେ ମଧ୍ୟ ଲେଖାଯିବ । କହିବା ଏକାନ୍ତ ଅନାବଶ୍ୟକ ଯେ ସେହି ଲେଖାଗୁଡ଼ିକ ସର୍ବଦା ଗୋଟିଏ ଦାର୍ଶନିକ ସମୀକ୍ଷା ପ୍ରଣାଳୀରେ ରଚିତ ହେବ ଏବଂ 'ଆର୍ଯ୍ୟ' ଯେଉଁ ମୂଳ ଭାବନାଟିର ପ୍ରତିନିଧିତ୍ୱ କରୁଛି, ତାହାରି ଅନୁସାରେ ପ୍ରକାଶ ପାଇବ ।

ଆମେ 'ଦିବ୍ୟ ଜୀବନ', 'ଯୋଗ-ସମନ୍ୱୟ' ଓ 'ବେଦରହସ୍ୟ'କୁ ଅବ୍ୟାହତ ରଖିବୁ । କିନ୍ତୁ ନିର୍ବାଚିତ ବୈଦିକ ସ୍ତୋତ୍ରଗୁଡ଼ିକ ସ୍ଥାନରେ ଋଗ୍‌ବେଦର ପଞ୍ଚମ ମଣ୍ଡଳଟିର ଏକ ଅନୁବାଦ ପ୍ରଦାନ କରିବୁ ଯାହାକୁ କି କୌଣସି ଭାଷ୍ୟପୁସ୍ତକର ସାହାଯ୍ୟ ନ ନେଇ ମଧ୍ୟ ଜଣେ ସାଧାରଣ ପାଠକ ବୈଦିକ ସ୍ତୋତ୍ରର ଅର୍ଥକୁ ତତ୍‌କ୍ଷଣାତ୍ ସହଜରେ ବୁଝିପାରିବ । ଏକ ସମାନ ପରିସ୍ଥିତି ଯାହା ଆମକୁ ପତ୍ରିକାଟିର ଫରାସୀ ସଂସ୍କରଣଟିକୁ ପ୍ରକାଶ ନକରିବା ଲାଗି ବାଧ କଲା, ସେହି କାରଣହିଁ *Wherefore of the Worlds* ବିଷୟଟିକୁ ଅବ୍ୟାହତ ରଖିବାରେ ବାଧା ଦେବ । ସୁଖର କଥା ଯେ ସେହି ଆଲୋଚନାଟିକୁ ଆମେ ସେଯାଏ ଆଣିପାରିଛୁ, ଯେଉଁଠାରେ କି ଲେଖକଙ୍କ କେନ୍ଦ୍ରୀୟ ଭାବବସ୍ତୁ ଅର୍ଥାତ୍ ବିମୋଚନକାରୀ ସେହି ପରମ ପ୍ରେମ ଦ୍ୱାରା ଆମ ପୃଥିବୀର ନୂତନ ସୃଷ୍ଟି ବିଷୟଟି ଉପସ୍ଥାପନା ହୋଇ ପାରିଛି – ତାହା ହେବ ମନୁଷ୍ୟର ବିଶ୍ୱାସ ଓ ବିଚାର ବୁଦ୍ଧି ଲାଗି ଗୋଟିଏ ଉପଯୁକ୍ତ ବିନ୍ଦୁ, ଯେଉଁଠାରେ ପହଞ୍ଚି ସେ ଦଣ୍ଡେ ଅଟକିବ ଓ ପୃଥିବୀ ବର୍ତ୍ତମାନ ଯେଉଁ ଭୟଙ୍କର ପରୀକ୍ଷା ମଧ୍ୟଦେଇ ଗତି କରୁଛି ତାହା ବିଷୟରେ ଚିନ୍ତା କରିବ ।

ସେହି ଦିବ୍ୟ ପରମ ଇଚ୍ଛା, ଯାହାକି ସର୍ବୋତ୍ତମଭାବେ ଜାଣିଛି କ'ଣ ସବୁକୁ ବ୍ୟବହାର କରିବାକୁ ହେବ ଏବଂ କାହାକୁ ଫିଙ୍ଗି ଦେବାକୁ ହେବ, ତାହା ବ୍ୟତୀତ ଅନ୍ୟ କୌଣସି ମାନବୀୟ କ୍ରିୟାଶୀଳତା ଆମର ଏହି ସୀମାବଦ୍ଧ ଦୃଷ୍ଟି ନେଇ ଆଶା କରୁଥିବା ପୂର୍ଣ୍ଣତାକୁ ହାସଲ କରିପାରିବ ନାହିଁ । ସେହି ପରମ-ଇଚ୍ଛାଟି ଉପରେହିଁ ଆମେ ଆମ ପ୍ରୟାସଟିର ଅବ୍ୟାହତି ଏବଂ ଆମ ଶ୍ରମର ଫଳାଫଳକୁ ନ୍ୟସ୍ତ କରୁଛୁ ଏବଂ 'ଆର୍ଯ୍ୟ'ର ଏହି ପ୍ରଥମ ବର୍ଷଟିକୁ ସମାପ୍ତ କରୁଛୁ । ଆମେ ଏହି ଅଭୀପ୍ସା ରଖୁଛୁ ଯେ ଦ୍ୱିତୀୟ ବର୍ଷଟି ଆମ ପଛରେ ଏବେ ମଧ୍ୟ ଧାବମାନ ହୋଇ ରହିଥିବା ବୃହତ୍ ବିଶ୍ୱ-ବିପର୍ଯ୍ୟୟଟିର ତୁରନ୍ତ ତଥା ଭାଗ୍ୟାନୁକୂଳ ଫଳାଫଳକୁ ଅବଲୋକନ କରିବ । ଏବଂ ଯେଉଁ ପରମ ଶକ୍ତିଟି ସର୍ବଦା ଏହି ଯାବତୀୟ ଆପାତ ମନ୍ଦ ମଧ୍ୟରୁ ସମ୍ଭାବ୍ୟତମ ମଙ୍ଗଳକୁ ବହନ କରି ଆଣିଥାଏ, ତାହାରି ବଳରେ ଏହି ଧ୍ୱଂସକାରୀ ଅଥଚ ବହୁପୂର୍ବରୁ ପ୍ରତୀକ୍ଷା କରାଯାଉଥିବା ପୁରୁଣା ବ୍ୟବସ୍ଥାଟି ଭାଙ୍ଗିଯିବ ଏବଂ ଏକ ନୂତନ ତଥା ଅଧିକ ଶୁଭଙ୍କରର ଆବିର୍ଭାବ ଘଟିବ – ଯେଉଁ ଶୁଭକ୍ଷଣରେ କି ପ୍ରୀତି, ପ୍ରଜ୍ଞା ଓ ଏକତାର ଉଚ୍ଚତର ସତ୍ୟଗୁଡ଼ିକ ମାନବଜାତିର ଅଗ୍ରଗତିକୁ ବିବେକସମ୍ପନ୍ନଭାବରେ ସମ୍ଭବ କରି ଆମର ଅନ୍ତିମ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବ ଅର୍ଥାତ୍ ମନୁଷ୍ୟଜାତି ମଧ୍ୟରେ ବିଦ୍ୟମାନ ରହିଥିବା ସେହି ପରମ ଆତ୍ମାର ସଚେତନ ଏକତା ମଧ୍ୟକୁ ତଥା ମନୁଷ୍ୟ ମଧ୍ୟରେ ବିଦ୍ୟମାନ ସେହି ଦିବ୍ୟତା ଆଡ଼କୁ ।

## 'ଆର୍ଯ୍ୟ'ର ଚତୁର୍ଥ ବର୍ଷ

ଏହି ମାସରେ 'ଆର୍ଯ୍ୟ'ର ଚତୁର୍ଥ ବର୍ଷ ପୂରା ହୋଇଗଲା ଏବଂ ଏହାଦ୍ୱାରା ସାମାଜିକ ବିକାଶର ମନସ୍ତତ୍ତ୍ୱ,– 'ମାନବ-ଏକତାର ଆଦର୍ଶ' ଏବଂ 'ଗୀତା ନିବନ୍ଧମାଳା'ର ପ୍ରଥମ ଭାଗଟି ମଧ୍ୟ ସମ୍ପୂର୍ଣ୍ଣ ହେଲା । ଆଉ କେତୋଟି ଅଧ୍ୟାୟ ଲେଖା ହୋଇଗଲେ 'ଦିବ୍ୟ ଜୀବନ' ଗ୍ରନ୍ଥଟି ମଧ୍ୟ ଶେଷ ହୋଇଯିବ । ଦର୍ଶନ ଆଲୋଚନାର ଏହି ମାସିକ ପତ୍ରିକାଟିକୁ ଆରମ୍ଭ କରିବା

ସମୟରେ ଆମର ଯୋଜନା ମୁତାବକ ଯେଉଁ କାର୍ଯ୍ୟଟିକୁ ଆରମ୍ଭ କରିଥିଲୁ, ସେଇଟିର ପ୍ରଥମ ଭାଗଟି ମଧ୍ୟ ସମ୍ପୂର୍ଣ୍ଣ ହୋଇ ଆସିବ, ଏବଂ ଏହି ଅବସରରେ ଆମେ ସେହି ମୂଳ ନୀତି ବିଷୟରେ ଅଳ୍ପ କେତୋଟି କଥା କହିବାକୁ ଇଚ୍ଛା କରୁଛୁ ଯାହାକି ଆମର ଲେଖାକୁ ନିର୍ଦ୍ଧାରିତ କରି ଆସିଛି। ଏକାବେଳେକେ ଏକାଧିକ ପ୍ରକାରର କ୍ରମାନ୍ୱୟିକ ଆଲୋଚନା ଦ୍ୱାରା ଘଟୁଥିବା ଅସୁବିଧାଟି ବିଷୟରେ ମଧ୍ୟ କିଛି କଥା ଆମେ କହିବୁ; ସମଗ୍ର ବିଷୟବୋଧଟିକୁ ବିକ୍ଷିପ୍ତ କରିଦେଇ ଏବଂ ଭାଗ ଭାଗ କରିବା ଦ୍ୱାରା ଘଟିଥିବା ଅସୁବିଧା ବିଷୟରେ କିଛି କହିବୁ ଯାହା ସମ୍ଭବତଃ ଆମର କିଛି ପାଠକଙ୍କ ଲାଗି ସମ୍ପୂର୍ଣ୍ଣ କଥାଟିକୁ ବୁଝିବାରେ ଏକ ଅସମର୍ଥତା ମଧ୍ୟ ସୃଷ୍ଟି କରିଥିବ।

ଶବ୍ଦଟିର ସାଧାରଣ ଅର୍ଥରେ ଏକ ସମୀକ୍ଷା ଅବା ଏକ ପତ୍ରିକା କରିବା ନିମନ୍ତେ ଆମେ କେବେ ବି ଦୃଷ୍ଟି ରଖି ନଥିଲୁ; ଅର୍ଥାତ୍ ଦର୍ଶନର ପ୍ରଶ୍ନ ଏବଂ ସମସ୍ୟାଗୁଡ଼ିକ ବିଷୟରେ ସାମ୍ପ୍ରତିକ ତଥ୍ୟ ତଥା ସାମ୍ପ୍ରତିକ ବିଚାରର କୌଣସି ସାଧାରଣ ବୋଧ ଉପସ୍ଥାପନା ଅଥବା ସମୀକ୍ଷା ପ୍ରଦାନ କରିବାଲାଗି ଆମେ ଆଦୌ ଇଚ୍ଛା କରି ନଥିଲୁ। କିଂବା ଭାରତବର୍ଷର କେତେକ ଦାର୍ଶନିକ ଏବଂ ଧାର୍ମିକ ପତ୍ରିକାରେ ଯେପରି କରାଯାଇଥାଏ, ଦାର୍ଶନିକ ବିଚାରର କୌଣସି ଗୋଟିଏ ପ୍ରଚଳିତ ମତ କିଂବା ସ୍ଥିତିକୁ ପୁନର୍ବାର ଉପସ୍ଥାପିତ କରି ତାହାକୁ ଲୋକମାନଙ୍କର ଗୋଚରକୁ ଆଣି ସେମାନଙ୍କ ଦ୍ୱାରା ସମର୍ଥିତ କରାଇବାର କୌଣସି ଉଦ୍ୟମ ମଧ୍ୟ କରାଯାଇ ନଥିଲା। ଆମର ଉଦ୍ଦେଶ୍ୟ ଥିଲା ଗୋଟିଏ ସମନ୍ୱିତ ଦର୍ଶନର ସଯତ୍ନ ବିଚାର ଯାହାକି ଆମ ଲାଗି ଆସନ୍ନ ହୋଇ ଆସୁଥିବା ସେହି ନୂତନ ଯୁଗର ଚିନ୍ତା ନିମନ୍ତେ କିଛି ଉପାଦାନ ଯୋଗାଇଦେବ। ଆମେ ଏହି ଧାରଣାରୁ ଆରମ୍ଭ କରିଛୁ ଯେ ମନୁଷ୍ୟ ଜାତି ଆପଣା ଜୀବନର ଗୋଟିଏ ବୃହତ୍ ପରିବର୍ତ୍ତନ ଆଡ଼କୁ ବର୍ତ୍ତମାନ ଗତିକରୁଛି, ଯାହାକି ଏପରିକି ତାହାର ଏକ ନୂତନ ଜୀବନକୁ ଏହି ଜଗତରେ ସମ୍ଭବ କରି ଆଣିବ। ମନୁଷ୍ୟମାନେ ବିଚାର କରୁଥିବା ସବୁ ଦେଶରେ ବର୍ତ୍ତମାନ ସେହି ବୋଧ ତଥା ସେହି ଆଶା ନାନା ଆକାରରେ ଆବିର୍ଭୂତ ହେଉଛି ଏବଂ ଆମର ଲକ୍ଷ୍ୟ ଏହାହିଁ ହୋଇରହିଛି ଯେ ଆମେ ସେହି ଆଧ୍ୟାତ୍ମିକ, ଧର୍ମବିଷୟକ ଓ ଅନ୍ୟ ସତ୍ୟଟିର ସନ୍ଧାନ କରିବୁ ଯାହାକି ଏହି ମନୁଷ୍ୟଜାତିକୁ ଆମର କ୍ରିୟାଶୀଳତା ଏବଂ ଉଦ୍ୟମରେ ସନ୍ଦୀପନ ଆଣିଦେବ ଓ ପଥ ଦେଖାଇ ଦେଇପାରିବ। ଯେଉଁ ଆଧ୍ୟାତ୍ମିକ-ଅନୁଭୂତି ଏବଂ ସତ୍ୟଚୟକୁ ଭିତ୍ତିକରି ଏପରି ଉଦ୍ୟମଟିଏ ହେବ, ସେଇଟି ପ୍ରକୃତରେ ଆମ ଲାଗି ପ୍ରତ୍ୟକ୍ଷ ହୋଇ ପାରିଥିଲା, ଏବଂ ତାହା ହୋଇ ନଥିଲେ ଉଦ୍ୟମଟିକୁ ଆରମ୍ଭ କରିବା ସକାଶେ ଆମର କୌଣସି ଅଧିକାର ମଧ୍ୟ ନଥାନ୍ତା। ମାତ୍ର ସେଗୁଡ଼ିକର ସମ୍ପୂର୍ଣ୍ଣ ବୌଦ୍ଧିକ ଆଲୋଚନା ଓ ସେଗୁଡ଼ିକର ପରିଣାମ ଏବଂ ସମସ୍ୟାମାନଙ୍କୁ ଆବିଷ୍କାର କରିବାର ଆବଶ୍ୟକତା ରହିଥିଲା। ତାହାର ଅର୍ଥ ହେଲା ଅବିଚ୍ଛିନ୍ନ ଭାବରେ ଚିନ୍ତା କରିବା, ଏକ ଉଚ୍ଚସ୍ତରୀୟ, ସୂକ୍ଷ୍ମ ଏବଂ କଷ୍ଟକର ଚିନ୍ତନରେ ଏକାଧିକ ପ୍ରକାରେ ମନୋନିବେଶ କରିବା ଏବଂ ଏହିପରି ଭାବରେ ଆମେ ନିଜକୁ ଯେଉଁ ଆୟାସ ମଧ୍ୟରେ ନିୟୋଜିତ କରି ରଖିଥିଲୁ, ସେଇଟି ମଧ୍ୟରେ ଆମର ପାଠକମାନଙ୍କୁ ମଧ୍ୟ ରଖିବାକୁ ଆମେ ବାଧ୍ୟ ହୋଇଛୁ। ଏଇଟି ମଧ୍ୟ ହେଉଛି ଏକମାତ୍ର କାରଣ, ଯେଉଁଥିସକାଶେ ଆମେ ଏହି କ୍ରମାନ୍ୱୟିକ ପଦ୍ଧତିଟିକୁ ଗ୍ରହଣ କରିଛୁ। ଯଦିଓ ଦର୍ଶନ ସଦୃଶ ବିଷୟରେ ତା'ର ଅତ୍ୟନ୍ତ ସ୍ପଷ୍ଟ ଅସୁବିଧାମାନ ରହିଛି କିନ୍ତୁ ତାହା ତ ଏକମାତ୍ର ସମ୍ଭାବନା ଥିଲା।

ଆମର ମୂଳ ଉଦ୍ଦେଶ୍ୟ ଥିଲା ଯେ ଆମେ ସମନ୍ୱୟ ଦିଗରେ ଅଗ୍ରସର ହେବୁ, ସଂସ୍କୃତିର ସେହି ଦୁଇ ଧାରାର ପ୍ରାରମ୍ଭ ବିନ୍ଦୁରୁ, ଯାହାକି ମନୁଷ୍ୟର ଚିନ୍ତାଧାରାକୁ ଦୁଇ ପ୍ରକାରର କରି ରଖିଛି ଏବଂ ବର୍ତ୍ତମାନ ସେଇ ପାଶ୍ଚାତ୍ୟ ଜ୍ଞାନ ଓ ପ୍ରାଚ୍ୟ ଜ୍ଞାନ ପରସ୍ପରକୁ ଏକ ଶୀର୍ଷଭୂମିରେ ଯାଇ ଭେଟୁଛନ୍ତି। ମାତ୍ର, ଯୁଦ୍ଧର ସେହି ବିଶେଷ ତାତ୍କାଳିକତା ହେତୁ ତାହା ସମ୍ପୂର୍ଣ୍ଣ ହୋଇ ପାରି ନଥିଲା। କେବଳ ଗୋଟିଏ ଅସମାପ୍ତ ଧାରାବାହିକ ଆଲୋଚନାକୁ ଛାଡ଼ିଦେଲେ 'ଆର୍ଯ୍ୟ' ସେହି ସମ୍ମିଳନକାରୀ ଉଚ୍ଚତମ ସତ୍ୟଟିର ନିକଟବର୍ତ୍ତୀ ହେବାର ପ୍ରୟାସ ଆରମ୍ଭ କରିଛି, ଭାରତୀୟ ମାନସିକତା ଏବଂ ଭାରତୀୟ ଅନୁଭୂତିର ଦୃଷ୍ଟିକୋଣରୁ ସେଇଟିକୁ ଆରମ୍ଭ କରିଛି ଏବଂ ପାଶ୍ଚାତ୍ୟ ଜ୍ଞାନକୁ ସେହି ଦୃଷ୍ଟିକୋଣରୁ ଦେଖିବା ନିମନ୍ତେ ଚେଷ୍ଟା କରିଛି। ଏହି କ୍ଷେତ୍ରରେ ଆମର ଲେଖାଗୁଡ଼ିକୁ ଯେଉଁ ମୁଖ୍ୟ ବିଚାରଟି ନିୟନ୍ତ୍ରିତ କରିଛି, ତାହା ସେହି ସମସ୍ୟାଟିର ଅବସ୍ଥାଗୁଡ଼ିକ ଦ୍ୱାରାହିଁ ଆମକୁ ସେହିପରି କରିବାକୁ ବାଧ୍ୟ କରିଛି। ସକଳ ଦର୍ଶନ ଦୁଇଟି ବସ୍ତୁର ସମ୍ବନ୍ଧ ଉପରେହିଁ ଆପଣାକୁ ସଂପୃକ୍ତ କରି ରଖିଥାଏ; ସେଗୁଡ଼ିକ ହେଉଛନ୍ତି ଅସ୍ତିତ୍ୱର ମୂଳଭୂତ ସତ୍ୟ ଏବଂ ସେହି ଅସ୍ତିତ୍ୱ ଆମର ଅନୁଭବ ଲାଗି ଯେଉଁସବୁ ରୂପ ଗ୍ରହଣ କରି ପ୍ରତ୍ୟକ୍ଷ ହେବାରେ ଲାଗିଥାଏ। ଆମର ଗଭୀରତମ ଅନୁଭୂତିଟି ଦର୍ଶାଇ ଦେଇଥାଏ ଯେ ଏହି ମୂଳଭୂତ ସତ୍ୟଟି ହେଉଛି ପରମ ଆତ୍ମାରହିଁ ସତ୍ୟ,

ଅନ୍ୟଟି ହେଉଛି ଜୀବନର ସତ୍ୟ, ଆକୃତିଗୁଡ଼ିକର ସତ୍ୟ, ଆକାର ପ୍ରଦାନ କରୁଥିବା ଏକ ସତ୍ୟ, ଏକ ଜୀବନବାଚୀ ବୋଧ ତଥା କର୍ମ । ଏହି କ୍ଷେତ୍ରରେ ପାଶ୍ଚାତ୍ୟ ସଂସ୍କୃତି ଓ ପ୍ରାଚ୍ୟ ସଂସ୍କୃତି ଭିନ୍ନ ଭିନ୍ନ ମାର୍ଗର ଅନୁସରଣ କରିଛନ୍ତି । ପାଶ୍ଚାତ୍ୟ ଜଗତ୍ ଜୀବନର ସତ୍ୟ ଉପରେ ସର୍ବାଧିକ ମହତ୍ତ୍ୱ ଦେଇଛି ଓ ଏକ ଅବଧି ସକାଶେ କେବଳ ଜୀବନର ସତ୍ୟଟିକୁହିଁ ସମଗ୍ର ଅସ୍ତିତ୍ୱ ବୋଲି ଗ୍ରହଣ କରିନେଇଛି, ପରମ ଆତ୍ମାର ଅସ୍ତିତ୍ୱକୁ ଅସ୍ୱୀକାର କରିଛି ବା ସେଇଟିକୁ ସେହି ଅଜ୍ଞାତ ତଥା ଅପରିବଳୟର ରାଜ୍ୟଟି ମଧ୍ୟକୁ ବିସର୍ଜି ଦେଇଛି । ସେହି ଆରୋପର ଅତିରଞ୍ଜିତ ସ୍ଥିତିଟିରୁ ପାଶ୍ଚାତ୍ୟ ଜଗତ୍ ସମ୍ପ୍ରତି ଲେଉଟି ଆସିବାକୁ ଆରମ୍ଭ କରୁଛି । ପ୍ରାଚ୍ୟ ଭୂଖଣ୍ଡଟି ଆତ୍ମା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ପ୍ରଦାନ କରିଛି, ଏବଂ କିଛି ସମୟ ଲାଗି ଅନ୍ତତଃ ଭାରତବର୍ଷରେ, କେବଳ ସେହି ସତ୍ୟଟି ଉପରେ ଗୁରୁତ୍ୱ ଦେଇ ଆପଣାର ସମୁଦାୟ ଅସ୍ତିତ୍ୱପ୍ରତି ଅବହେଳା ପ୍ରଦର୍ଶନ କରିଛି । ଜୀବନର ସମ୍ଭାବନାଗୁଡ଼ିକୁ ହେଳା କରିଛି ବା ଏକ ଅଳ୍ପ ପରିମାଣରେ ସେହି ବିକାଶରେ ମନ ଦେଇଛି ଅଥବା ଏକ ନିର୍ଦ୍ଦିଷ୍ଟ ସୋପାନରେ ତାହାକୁ ସୀମିତ କରି ରଖିଛି । କ୍ରମେ ପ୍ରାଚ୍ୟ ମଧ୍ୟ ସେହି ଅତିଆରୋପର ଅବସ୍ଥାଟିରୁ ଫେରି ଆସିବାକୁ ଆରମ୍ଭ କରୁଛି । ପାଶ୍ଚାତ୍ୟ ପୁନର୍ବାର ଆତ୍ମାର ସତ୍ୟ ମଧ୍ୟକୁ ଜାଗ୍ରତ ହୋଇ ଉଠୁଛି ଏବଂ ଜୀବନର ଆଧ୍ୟାତ୍ମିକ ସମ୍ଭାବନାଗୁଡ଼ିକ ବିଷୟରେ ସଚେତନ ହେଉଛି; ପ୍ରାଚ୍ୟ ମଧ୍ୟ ଜୀବନର ସତ୍ୟ ବିଷୟରେ ପୁନର୍ଜାଗ୍ରତ ହେବାରେ ଲାଗିଛି ଏବଂ ଆପଣାର ଅଧ୍ୟାତ୍ମଜ୍ଞାନକୁ ନୂତନ ପ୍ରକାରେ ପ୍ରୟୋଗ କରିବା ପାଇଁ ମନ ଦେଉଛି । ଆମେ ବିଚାର କରୁଛୁ ଯେ ସେମାନଙ୍କ ମଧ୍ୟରେ ଯେଉଁ ବିରୋଧ ସୃଷ୍ଟି ହୋଇଛି ତାହାର କୌଣସି ବାସ୍ତବତା ନାହିଁ । ଆତ୍ମା ହେଉଛି ଏହି ଅସ୍ତିତ୍ୱର ସେହି ମୂଳଭୂତ ସତ୍ୟ ଏବଂ ଜୀବନ ଅବଶ୍ୟ ତାହାର ଏକ ପରିପ୍ରକାଶ ହୋଇପାରିବ । ଆତ୍ମା ଯେ ଜୀବନର ଉତ୍ସ ହୋଇ ରହିବ ତା' ନୁହେଁ, ତାହା ଭୂମି ହୋଇ ବି ରହିବ, ତାହାର ସର୍ବପ୍ରସାରୀ ବାସ୍ତବତା ତଥା ଉଚ୍ଚତମ ଓ ସମ୍ପୂର୍ଣ୍ଣ ପରିଣାମ ହୋଇ ରହିବ । କିନ୍ତୁ ଜୀବନର ଏହି ସର୍ବବିଧ ରୂପାୟନ ଆମ ଲାଗି ଯେପରି ପ୍ରତୀତ ହୋଇଥାଏ, ସେଗୁଡ଼ିକ ଏକାଧାରରେ ଏହାର ନାନା ଛଦ୍ମରୂପ ଏବଂ ଆତ୍ମପରିପ୍ରକାଶର ଅନେକ ନିମିତ୍ତ ରୂପେ ମଧ୍ୟ କାର୍ଯ୍ୟ କରୁଥାଏ । ମନୁଷ୍ୟକୁ ଜ୍ଞାନରେ ନିଜର ଅଭିବୃଦ୍ଧି ସାଧନ କରିବାକୁ ହେବ, ଯେପର୍ଯ୍ୟନ୍ତ ସେଗୁଡ଼ିକ ଆଉ ଆଦୌ ଛଦ୍ମରୂପ ହୋଇ ରହି ନଥିବେ ଏବଂ ସେସବୁ ତା' ମଧ୍ୟରେ ପୂର୍ଣ୍ଣ ସାମର୍ଥ୍ୟଯୁକ୍ତ ଗୋଟିଏ ଗୋଟିଏ ନିମିତ୍ତରେ ପରିଣତ ହୋଇଯିବା ପର୍ଯ୍ୟନ୍ତ ମନୁଷ୍ୟକୁ ଅଧ୍ୟାତ୍ମ ଶକ୍ତିରେ ବୃଦ୍ଧି ପାଇବାକୁ ହେବ । ଦିବ୍ୟତାର ସେହି ପରିପୂର୍ଣ୍ଣ ସ୍ଥିତିଟି ମଧ୍ୟରେ ବୃଦ୍ଧିଲାଭ କରିବା ହେଉଛି ମନୁଷ୍ୟ ଜୀବନର ଯଥାର୍ଥ ବିଧାନ ଏବଂ ଆପଣାର ଏହି ପୃଥିବୀସ୍ଥ ଜୀବନକୁ ତାହାର ଗୋଟିଏ ପ୍ରତିରୂପ ରୂପେ ଗଠନ କରି ଆଣିବାହିଁ ହେଉଛି ତା'ର ବିବର୍ତ୍ତନର ତାତ୍ପର୍ଯ୍ୟ । 'ଆର୍ଯ୍ୟ' ଏଇଟିକୁ ତା' ଦାର୍ଶନିକ ଦୃଷ୍ଟିର ମୌଳିକ ବକ୍ତବ୍ୟରୂପେ ଗ୍ରହଣ କରିଛି ।

ଏହି ସତ୍ୟଟିକୁ ସର୍ବପ୍ରଥମେ ଏକ ଦର୍ଶନତତ୍ତ୍ୱର ଦୃଷ୍ଟିକୋଣରୁ ଆଲୋଚନା କରିବାକୁ ହୋଇଥିଲା । କାରଣ ଦର୍ଶନର କ୍ଷେତ୍ରରେ ସେହି ଅବାସ୍ତବ ତତ୍ତ୍ୱବିଚାରଟିହିଁ ବାକୀ ସବୁକିଛିର କେନ୍ଦ୍ର ହୋଇ ରହିଥାଏ, ସେହି ସର୍ବଶେଷ ଏବଂ ସାଧାରଣତମ ସତ୍ୟଗୁଡ଼ିକୁ ତାହା ବ୍ୟକ୍ତକରେ ଯାହା ଉପରେ କି ଅନ୍ୟାନ୍ୟ ସତ୍ୟ ନିର୍ଭର କରୁଥା'ନ୍ତି ଅଥବା ଯେଉଁଟି ମଧ୍ୟକୁ ସେହିସବୁକୁ ଏକତ୍ର କରି ଅଣାଯାଇଥାଏ । ତେଣୁ ସର୍ବପ୍ରଥମେ 'ଦିବ୍ୟ ଜୀବନ'ର ଆଲୋଚନାକୁ ସ୍ଥାନ ଦେଇ ଏଠାରେ ଆମେ ବେଦାନ୍ତ ମତରୁ ଆରମ୍ଭ କଲୁ, ଆତ୍ମା, ମନୋରାଜ୍ୟ ଓ ପ୍ରାଣ ବିଷୟରେ ଥିବା ତା'ର ଧାରଣାରୁ ଏବଂ ବେଦାନ୍ତମତରୁ ସଚ୍ଚିଦାନନ୍ଦ, ଜ୍ଞାନ ଏବଂ ଅଜ୍ଞାନକୁ, ପୃଥିବୀ ବିଷୟରେ ତାହାର ବୋଧ, ପୁନର୍ଜନ୍ମ ଓ ଆତ୍ମସତ୍ୟ ସମ୍ପର୍କରେ ତାହାର ଦୃଷ୍ଟି ବିଷୟରେ । କିନ୍ତୁ ସାଧାରଣତଃ ବେଦାନ୍ତରେ ଜୀବନକୁ ଅସ୍ୱୀକାର କରାଯାଇଛି ବୋଲି ଅନୁମାନ କରାଯାଇ ଆସିଛି ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ଅସ୍ୱୀକାରକୁ ସେଥିରେ ଏକ ପ୍ରମୁଖ ପ୍ରବୃତ୍ତିରୂପେ ଗ୍ରହଣ କରିଛି । ସବୁକିଛି କେବଳ ବ୍ରହ୍ମ ବୋଲି ସେହି ମୌଳିକ ସତ୍ୟଟିରୁ ଆରମ୍ଭ କରିଥିଲେ ମଧ୍ୟ ଶେଷକୁ ତାହା ଘୋଷଣା କରିଛି ଯେ ଏହି ପୃଥିବୀ ଆଦୌ ବ୍ରହ୍ମ ନୁହେଁ, – ତାହା ଆତ୍ମା ନୁହେଁ । ଏହିପରି ଭାବରେ ଗୋଟିଏ ବିରୋଧାଭାସରେ ବା ପ୍ରହେଳିକାରେ ତାହା ଶେଷ ହୋଇଛି । ମାତ୍ର ଆମେ ଅପରପକ୍ଷରେ ଏଥିରେ ପ୍ରଦତ୍ତ ତଥ୍ୟଗୁଡ଼ିକରୁ ଏକ ସର୍ବ-ଅନ୍ତର୍ଗତକାରୀ ଅଦ୍ୱୈତସତ୍ୟର ପ୍ରତିଷ୍ଠା କରିଛୁ । ଆମେ ଦର୍ଶାଇଛୁ ଯେ ମନ, ପ୍ରାଣ ଏବଂ ଜଡ଼ ସେହି ପରମ ଆତ୍ମସତ୍ୟଟିରୁ ନିସୃତ ହୋଇ ଆସିଛନ୍ତି, ଏକ ଆଧ୍ୟାତ୍ମିକ ମନ ଅର୍ଥାତ୍ ଅତିମାନସରୁ ଆସିଛନ୍ତି ଯାହାକି ଏହି ବ୍ରହ୍ମାଣ୍ଡ ନାମକ ଅସ୍ତିତ୍ୱର ଅବଲମ୍ବନ ରୂପେ କାର୍ଯ୍ୟ କରୁଛି ଏବଂ ମନକୁ

ତାହା ମଧ୍ୟକୁ ବିକଶିତ କରାଇ ନେଇ ପାରିଲେ ଜଣେ ମନୁଷ୍ୟ ଏହି ପୃଥିବୀରେ ସେହି ଯଥାର୍ଥ ସତ୍ୟରେ ଯାଇ ଉପନୀତ ହୋଇ ପାରିବ ଓ ଯଥାର୍ଥ ସତ୍ୟ ଏବଂ ଜୀବନର ସର୍ବୋଚ୍ଚ ବିଧାନଟିର ସୋପାନରେ ଯାଇ ପହଞ୍ଚିବ । ଏହି ଆତ୍ମସତ୍ତା ହେଉଛି ସଚ୍ଚିଦାନନ୍ଦ ଏବଂ ପୃଥିବୀ ଓ ସେଇଟି ମଧ୍ୟରେ ଆଦୌ କୌଣସି ଅନିବାର୍ଯ୍ୟ ବିରୋଧିତା ରହିବ ନାହିଁ । ବସ୍ତୁତଃ ଆମେ ନିଜେହିଁ ଅଜ୍ଞାନ ଦ୍ୱାରା ଆଚ୍ଛନ୍ନ ଚକ୍ଷୁ ଦେଇ ଏହି ପୃଥିବୀକୁ ଦେଖୁଛୁ । ଆମକୁ ଯଥାର୍ଥ ଜ୍ଞାନର ଚକ୍ଷୁ ଦେଇ ତାହାକୁ ଦେଖିବାକୁ ହେବ । ଆମର ଅଜ୍ଞାନତା ହେଉଛି ପ୍ରକୃତରେ ଜ୍ଞାନ ଯାହାକି ଏକ ସଂବୃତ୍ତିର ପ୍ରକ୍ରିୟାରେ ଜଡ଼ର ଅଚେତନତା ମଧ୍ୟରୁ ବିକାଶ ଲାଭ କରୁଛି ଏବଂ ନିଜର ମାର୍ଗରେ ଆପଣାର ସେହି ସଚେତନ ପୂର୍ଣ୍ଣାଙ୍ଗତା ମଧ୍ୟକୁ ଫେରି ଯାଉଛି । ସେହି ପ୍ରତ୍ୟାବର୍ତ୍ତନଟିକୁ ସମ୍ଭବ କରିବା ଏବଂ ମନୁଷ୍ୟର ଏହି ଅସ୍ତିତ୍ୱ ମଧ୍ୟରେ ଆଧ୍ୟାତ୍ମିକ ଜୀବନକୁ ପରିପ୍ରକାଶ କରିବାର ସୁଯୋଗ ଆମକୁ ଦିଆଯାଇଛି ପୁନର୍ଜନ୍ମର ଧାରାବାହିକ ଦ୍ୱାରା । ବିବର୍ତ୍ତନର ସତ୍ୟଟିକୁ ଆମେ ସ୍ୱୀକାର କରୁଛୁ; କିନ୍ତୁ ପାଶ୍ଚାତ୍ୟ ଜଗତ୍ ଏକ ଜଡ଼ ପ୍ରକ୍ରିୟା ରୂପେ ତାହାକୁ ଯେପରି ତା'ର ଦର୍ଶନର ସତ୍ୟଭାବେ ଗ୍ରହଣ କରିଛି, ସେତେ ପରିମାଣରେ ଆଦୌ ନୁହେଁ, ତାହାକୁ ଆମେ ଏକ ନିବର୍ତ୍ତନର ସତ୍ୟ ରୂପେ ଗ୍ରହଣ କରିଛୁ ଅର୍ଥାତ୍ ଜଡ଼ ମଧ୍ୟରେହିଁ ପ୍ରାଣ, ମନ ତଥା ଆତ୍ମା ସଂବୃତ ହୋଇ ରହିଛି ଏବଂ ସେସବୁର ଉତ୍ତରୋତ୍ତର ପରିପ୍ରକାଶ ଘଟିବା ଅର୍ଥରେ । ଏହି ବିବର୍ତ୍ତନକ୍ରମର ଶୀର୍ଷ ଦେଶରେ ସେହି ଆଧ୍ୟାତ୍ମିକ ଜୀବନ ଅର୍ଥାତ୍ ଦିବ୍ୟ ଜୀବନହିଁ ବିଦ୍ୟମାନ ।

ଏହି କଥାଟିକୁ ଦର୍ଶାଇ ଦେବାର ଗୋଟିଏ ପ୍ରୟୋଜନ ରହିଥିଲା ଯେ ଏହି ସତ୍ୟଗୁଡ଼ିକର ପ୍ରାଚୀନ ବେଦାନ୍ତିକ ସତ୍ୟଟି ସହିତ କୌଣସି ଅସଙ୍ଗତି ନଥିଲା, ତେଣୁ ଆମେ ସେହି ବେଦର ଦୃଷ୍ଟିକୋଣରୁ ଅନେକ ବ୍ୟାଖ୍ୟା ତଥା ଉପନିଷଦ୍ ଓ ଗୀତାର ବ୍ୟାଖ୍ୟା ଦୁଇଟି ସେଥିରେ ଅନ୍ତର୍ଗତ କରି ରଖିଥିଲୁ । କିନ୍ତୁ କର୍ମକାଣ୍ଡୀ ଏବଂ ପଣ୍ଡିତମାନଙ୍କ ଦ୍ୱାରା ବେଦ ଅତିମାତ୍ରାରେ ଅସ୍ପଷ୍ଟ ହୋଇ ରଖାଯାଇଛି । ତେଣୁ ଆମେ କେତୋଟି ଧାରାବାହିକ ରଚନା ମାଧ୍ୟମରେ ବୈଦିକ ସତ୍ୟଦ୍ରଷ୍ଟାମାନଙ୍କର ରଚନାଶୈଳୀଟିକୁ ଏପର୍ଯ୍ୟନ୍ତ କେବଳ ପ୍ରାଥମିକ ଭାବରେହିଁ ଦର୍ଶାଇ ଦେଇଥିଲୁ ତଥା ସେମାନଙ୍କର ପ୍ରତୀକ-ପଦ୍ଧତି ଏବଂ ସେମାନଙ୍କ ସତ୍ୟରୂପାୟନକୁ ଅର୍ଥାତ୍ ସେହି ଦ୍ରଷ୍ଟାମାନେ ପ୍ରତୀକଗୁଡ଼ିକୁ ଯେଉଁ ରୀତିରେ ବ୍ୟବହାର କରିଛନ୍ତି ଏବଂ ସେସବୁ ସତ୍ୟକୁ ଏକ ଚିତ୍ରରୂପ ଦ୍ୱାରା ସୂଚାଇ ଦେଇଛନ୍ତି । ଉପନିଷଦଗୁଡ଼ିକ ମଧ୍ୟରୁ ଆମେ ଈଶ ଉପନିଷଦ୍ ଏବଂ କେନ ଉପନିଷଦର ଆଲୋଚନା କରିଥିଲୁ । କାର୍ଯ୍ୟଟିକୁ ପୂରା କରିବା ଲାଗି ଆମେ ତୈତ୍ତିରୀୟକୁ ମଧ୍ୟ ଯୋଡ଼ି ଥାଆନ୍ତୁ ମାତ୍ର ତାହାର କଳେବରଟି ଦୀର୍ଘ ହୋଇଥିବାରୁ ସେଇଟି ନିମନ୍ତେ ଆମ ପାଖରେ ଯଥେଷ୍ଟ ସ୍ଥାନ ନଥିଲା । ଅଧ୍ୟାତ୍ମ ସତ୍ୟର ଏକ ଯଥାର୍ଥ ଏବଂ ଶକ୍ତିଶାଳୀ ପ୍ରୟୋଗ ରୂପେ ଆମେ ଗୀତାର ଆଲୋଚନା କରୁଛୁ —ଜୀବନଗତ ସତ୍ୟର ଆଲୋଚନାକୁ ସେଥିରେ ସର୍ବାଧିକ ପ୍ରାଞ୍ଜଳ ଭାବରେ, ତାହାର ସବୁଠାରୁ ଅଧିକ କଷ୍ଟକର ବିଷୟ ଅର୍ଥାତ୍ 'କର୍ମ' ବିଷୟରେ ସେଥିରେ ଚର୍ଚ୍ଚା କରାଯାଇଛି । ଏକ ମାର୍ଗକୁ ଦେଖାଇ ଦିଆଯାଇଛି, ଯାହାଦ୍ୱାରା କି କର୍ମ ଦ୍ୱାରା ଆମେ ଆତ୍ମସତ୍ୟର ଏକ ଉନ୍ମେଷଣା ମଧ୍ୟରେ ଯାଇ ପହଞ୍ଚିବା ସମ୍ଭବ ହେବ ଏବଂ ଈପ୍ସିତ ଆଧ୍ୟାତ୍ମିକ ଜୀବନ ସହିତ ସମନ୍ୱିତ ହୋଇପାରିବା । ସେଇଟି ଅନୁସାରେ ଜୀବନ ବଞ୍ଚି ନପାରିଲେ ଦର୍ଶନ ମଧ୍ୟରେ ରହିଥିବା ସତ୍ୟର କେବଳ ଏକ ସୈଦ୍ଧାନ୍ତିକ ମୂଲ୍ୟହିଁ ରହିଥାଏ ଏବଂ ତେଣୁ ଆମେ 'ଯୋଗ-ସମନ୍ୱୟ' ପୁସ୍ତକରେ ଆଧ୍ୟାତ୍ମିକ ଆତ୍ମଶୃଙ୍ଖଳାର ଭିନ୍ନ ଭିନ୍ନ ଧାରାଗୁଡ଼ିକର ଆଲୋଚନା କରିଛୁ ଏବଂ ଯେଉଁ ପଥଟିକୁ ଅବଲମ୍ବନ କରି ଆମର ଏହି ମନୁଷ୍ୟ-ଜୀବନ ଏକ ପୂର୍ଣ୍ଣାଙ୍ଗ ଦିବ୍ୟ ଜୀବନରେ ଯାଇ ପହଞ୍ଚି ପାରିବ, ସେହିଗୁଡ଼ିକର ଏକ ସ୍ପଷ୍ଟ ସୂଚନା ପ୍ରଦାନ କରିଛୁ । ମାତ୍ର ସେଇଟି ହେଉଛି ଏକ ବ୍ୟକ୍ତିଗତ ଜୀବନର ବିକାଶଧାରା ଏବଂ ସେଥିପାଇଁ ଏହି କଥାଟିକୁ ମଧ୍ୟ ଦେଖାଇ ଦେବାର ପ୍ରୟୋଜନ ଥିଲା ଯେ ଆମର ଆଦର୍ଶକୁ କିପରି ଆମେ ମନୁଷ୍ୟଜାତିର ସାମାଜିକ ଜୀବନରେ ପ୍ରୟୋଗ କରିପାରିବା । 'ସାମାଜିକ ଜୀବନର ମନସ୍ତାତ୍ତ୍ୱିକ ଆଲୋଚନା' ପୁସ୍ତକଟିରେ ଏହି ସତ୍ୟଗୁଡ଼ିକ ମନୁଷ୍ୟ ସମାଜର ବିବର୍ତ୍ତନକୁ କି ପ୍ରକାରେ ପ୍ରଭାବିତ କରି ଆସିଛନ୍ତି, ସେହି ପ୍ରସଙ୍ଗଟିର ଉପସ୍ଥାପନା କରାଯାଇଛି । 'ମାନବ-ଏକତାର ଆଦର୍ଶ' ପୁସ୍ତକଟିରେ ମନୁଷ୍ୟ ଜାତି ବର୍ତ୍ତମାନ ଏକ ନିକଟତର ଐକ୍ୟବଦ୍ଧତା ଆଡ଼କୁ ଯେ ଅଗ୍ରସର ହୋଇଯାଉଛି, ସେହି ଘଟଣାଟିକୁ ବିଷୟରୂପେ ଗ୍ରହଣ କରି ସେହି ପ୍ରବୃତ୍ତିଗୁଡ଼ିକର ଆମେ ପ୍ରଶଂସା କରିଛୁ ଓ ଯେପରିକି ସେହି ଯଥାର୍ଥ ଐକ୍ୟଟିକୁ ହାସଲ କରିହେବ, ସେଥିଲାଗି ସେଥିରେ ଥିବା ଅଭାବକୁ ମଧ୍ୟ ଦର୍ଶାଇଛୁ ।

ପ୍ରଧାନତଃ ପ୍ରଥମସ୍ତରୀୟ ସିଦ୍ଧାନ୍ତଗୁଡ଼ିକୁ ପୂର୍ଣ୍ଣରୂପେ ଆଲୋଚନା କରିବା ଲାଗିହିଁ ଆମର ଯୋଜନାଟି ଆମକୁ ବାଧ

କରିଛି । ଭବିଷ୍ୟତରେ ଆମେ ଏହି ପ୍ରକାରର କୌଣସି ଦୀର୍ଘ ଧାରାବାହିକ ଲେଖା ଆରମ୍ଭ କରିବାର ପ୍ରସ୍ତାବ ରଖି ନାହୁଁ, ମାତ୍ର ଆହୁରି କେତେକ ଏପରି କ୍ଷୁଦ୍ର ଲେଖା ଲେଖିବାର ଇଚ୍ଛା ରଖିଛୁ, ଯେଉଁଗୁଡ଼ିକରେ କି ଅପେକ୍ଷାକୃତ ଅଧିକ ପ୍ରଶସ୍ତ, ଅଧିକ ସିଧାସଳଖ ଏବଂ ଯେତେଦୂର ଅଧିକ ସୁଖପାଠ୍ୟ ବ୍ୟାଖ୍ୟାଟିଏ ସ୍ଥାନ ପାଇବ । ଏକ ଦର୍ଶନ ସମ୍ପର୍କୀୟ ସମୀକ୍ଷା ପତ୍ରିକାରେ ଯେତେଦୂର ସମ୍ଭବ ଅପେକ୍ଷାକୃତ ଅଧିକ ଏକ ମୁକ୍ତ ପରିସର ଏବଂ ବୈଚିତ୍ର୍ୟ ଲାଗି ଆମେ ଆପଣାକୁ ଅବକାଶ ପ୍ରଦାନ କରିବୁ ।

(ଶତବାର୍ଷିକୀ ସଂସ୍କରଣ (ଇଂରାଜୀ), ୧୭ଶ ଖଣ୍ଡ, ପୃଷ୍ଠା. ୩୯୪-୪୦୨)

ଅନୁବାଦ : ଶ୍ରୀ ଚିତ୍ତରଞ୍ଜନ ଦାସ

# ଏକ ଘୋଷଣା

ଶ୍ରୀଅରବିନ୍ଦ ନିଜକୁ ରାଜନୀତିରୁ ପ୍ରତ୍ୟାହୃତ କରି ନେଇଥିଲେ ଏବଂ ତାଙ୍କ ଆଶ୍ରମରେ ଏକ ଗୁରୁତ୍ୱପୂର୍ଣ୍ଣ ନିୟମ ହେଉଛି ସମସ୍ତ ପ୍ରକାର ରାଜନୈତିକ କାର୍ଯ୍ୟକଳାପରୁ ପୃଥକ୍ ହୋଇ ରହିବା । ପୃଥିବୀର ଘଟଣାବଳୀ ସଙ୍ଗରେ ସମ୍ପର୍କିତ ହୋଇ ନ ରହିବା ପାଇଁ ଯେ ଶ୍ରୀଅରବିନ୍ଦ ଏପରି କରିଥିଲେ ତାହା ନୁହେଁ, ସେ ଏହା କରୁଥିଲେ କାରଣ ବର୍ତ୍ତମାନର ଆଚରିତ ରାଜନୀତିରେ ଅତି ନିମ୍ନ ଓ ନୀଚ ଜିନିଷସବୁର ପ୍ରାଦୁର୍ଭାବ ଅତି ଅଧିକ, ଏହା ପୂରାପୂରି ଭାବରେ ମିଥ୍ୟା, ପ୍ରବଞ୍ଚନା, ଅନ୍ୟାୟ, କ୍ଷମତାର ଅପପ୍ରୟୋଗ ଓ ହିଂସା ଆଦି ଦ୍ୱାରା ପ୍ରଭାବିତ, ଏପରି ରାଜନୀତିରେ ସାଫଲ୍ୟ ଅର୍ଜନ କରିବାକୁ ହେଲେ ନିଜ ଭିତରେ ଛଳନା, ଦୋମୁହାଁ ନୀତି ଓ ଅନର୍ଥକ ଅଭିଳାଷମାନ ପୋଷଣ କରିବାକୁ ହେବ ।

ଆମ ଯୋଗର ଅପରିହାର୍ଯ୍ୟ ଭିତ୍ତି ହେଉଛି ଆନ୍ତରିକତା, ସାଧୁତା, ନିଃସ୍ୱାର୍ଥପରତା, କର୍ମରେ ସ୍ୱାର୍ଥହୀନ ଆତ୍ମୋତ୍ସର୍ଗ, ଚରିତ୍ରର ମହତ୍‌ପଣିଆ ଏବଂ ଅକପଟ ଆଚରଣ । ଯେଉଁମାନଙ୍କର ଆଚରଣରେ ଏହି ମୌଳିକ ଗୁଣଗୁଡ଼ିକର ପ୍ରକାଶପାଏ ନାହିଁ ସେମାନେ ଶ୍ରୀଅରବିନ୍ଦଙ୍କର ଶିଷ୍ୟ ନୁହନ୍ତି ଏବଂ ଆଶ୍ରମରେ ସେମାନଙ୍କର କୌଣସି ସ୍ଥାନ ନାହିଁ । ସେଇଥିପାଇଁ ଆଶ୍ରମ ବିରୋଧରେ ବିକୃତ ଓ ମନ୍ଦବୁଦ୍ଧିସଂପନ୍ନ ମନରୁ ବାହାରିଥିବା କୌଣସି ନିର୍ବୋଧ ଓ ଭିତ୍ତିହୀନ ଅଭିଯୋଗର କୌଣସି ଉତ୍ତର ମୁଁ ଦିଏ ନାହିଁ ।

ଶ୍ରୀଅରବିନ୍ଦ ତାଙ୍କ ମାତୃଭୂମିକୁ ସର୍ବଦା ଗଭୀରଭାବେ ଭଲ ପାଉଥିଲେ । କିନ୍ତୁ ସେ ଚାହୁଁଥିଲେ ତାହା ବିରାଟ, ମହତ୍ ଓ ଶୁଦ୍ଧ ହେଉ ଯେପରିକି ସେ ପୃଥିବୀରେ ନିଜର ମହାନ୍ ଭୂମିକା ଗ୍ରହଣ କରିପାରିବ । ସେ ଚାହୁଁଥିଲେ ଅନ୍ଧ ସ୍ୱାର୍ଥପରତା ଓ ଅଜ୍ଞାନ କୁସଂସ୍କାରର ବୀଭତ୍ସ ଓ କୁତ୍ସିତ ସ୍ତରକୁ ତା'ର ଯେପରି କୌଣସି ଅଧଃପତନ ନ ହୁଏ । ସେଇଥିପାଇଁ ତାଙ୍କ ସଂକଳ୍ପ ସହିତ ପୂର୍ଣ୍ଣ ସଂଗତି ରଖି ଆମେ ମାନବସମାଜର ସତ୍ୟ, ଅଗ୍ରଗତି ଓ ରୂପାନ୍ତରର ମାନକୁ ଊର୍ଦ୍ଧ୍ୱରେ ତୋଳିଧରୁ ଏବଂ ଯେଉଁମାନେ ନିଜର ଅଜ୍ଞାନତା, ନିର୍ବୋଧତା, ଈର୍ଷା ଓ ଅସଦିଚ୍ଛା ନେଇ ଏହାକୁ କଳୁଷିତ କରି କର୍ଦ୍ଦମର ସ୍ତରକୁ ଓହ୍ଲାଇ ଆଣିବାକୁ ଚାହାନ୍ତି, ସେମାନଙ୍କୁ ଭ୍ରୁକ୍ଷେପ କରୁ ନା । ସେଇଥିପାଇଁ ଆମେ ଶ୍ରୀଅରବିନ୍ଦଙ୍କ ଆଦର୍ଶକୁ ଅତି ଉଚ୍ଚରେ ବହନ କରୁ ଯେପରିକି ଯେଉଁମାନଙ୍କର ଆତ୍ମା ଅଛି ସେମାନେ ଏହା ଦେଖି ପାରିବେ ଓ ଏହାର ଚତୁଃପାର୍ଶ୍ୱରେ ଏକତ୍ରୀଭୂତ ହେବେ । (୨୫.୦୪.୧୯୫୪)

(C.W.M., Vol. 13, p. 127 - 128)

— ଶ୍ରୀମା

# ଭାରତ ସମ୍ପର୍କରେ ଶ୍ରୀମା

ଭାରତ ଓ ପୃଥିବୀର ସୁରକ୍ଷା ନିମନ୍ତେ ଆଧ୍ୟାତ୍ମିକ ଜ୍ଞାନ ସହ ସୁସଂହତ ସଂକଳ୍ପର ଏକ ସମର୍ଥ ଓ ଶକ୍ତିଶାଳୀ ସଙ୍ଗଠନ ଗଢ଼ି ଉଠିବା ଦରକାର । ଭାରତହିଁ ସେହି ଦେଶ ଯେ ପୃଥିବୀ ପାଇଁ ଦିବ୍ୟସତ୍ୟ ଆଣିଦେଇପାରେ । ପୃଥିବୀ ଆଗରେ ଭାରତ ନିଜର ବାର୍ତ୍ତା ପହଞ୍ଚାଇ ଦେଇପାରିବ କେବଳ ଭାଗବତ ସଂକଳ୍ପ ଓ ଶକ୍ତିକୁ ପ୍ରକଟ କରିବା ଦ୍ୱାରା, ପାଶ୍ଚାତ୍ୟର ବସ୍ତୁବାଦକୁ ଅନୁକରଣ କରିବା ଦ୍ୱାରା ନୁହେଁ । ଭଗବାନଙ୍କ ସଂକଳ୍ପକୁ ଅନୁସରଣ କରି ଭାରତ ଆଧ୍ୟାତ୍ମିକ ଶୈଳରାଜିର ଶିଖରରେ ଶୋଭା ପାଇବ ଏବଂ ଜାଜ୍ୱଲ୍ୟମାନ ମୁକୁଟ ପରି ଏହି ପୃଥିବୀକୁ ଦିବ୍ୟସତ୍ୟର ବାଟ ଦେଖାଇବ ଓ ବିଶ୍ୱ ଏକତାକୁ ସଙ୍ଗଠିତ କରିବ ।

*

ପୃଥିବୀର କଲ୍ୟାଣ ପାଇଁ ଭାରତକୁ ରକ୍ଷା କରିବାକୁ ହେବ କାରଣ କେବଳ ଭାରତହିଁ ପୃଥିବୀକୁ ଶାନ୍ତି ଓ ନୂତନ ବିଶ୍ୱ ବ୍ୟବସ୍ଥା ଗଠନ ଦିଗରେ ନେତୃତ୍ୱ ଦେଇପାରେ ।

*

ସମଗ୍ର ସୃଷ୍ଟିରେ ପୃଥିବୀର ଏକ ବୈଶିଷ୍ଟ୍ୟପୂର୍ଣ୍ଣ ସ୍ଥାନ ରହିଛି, କାରଣ ଅନ୍ୟାନ୍ୟ ଗ୍ରହ ଭଳି ନ ହୋଇ ଏହା ନିଜର କେନ୍ଦ୍ରରେ ଏକ ଚୈତ୍ୟସତ୍ତାକୁ ବହନ କରି ହୋଇଉଠିଛି କ୍ରମବିକାଶଶୀଳ । ଏହି ପୃଥିବୀରେ ଭାରତ ହେଉଛି ନିର୍ଦ୍ଦିଷ୍ଟ ଭାବରେ ଏକ ଭଗବତ୍ ନିର୍ବାଚିତ ଦେଶ ।

*

ଭାରତ ହେଉଛି ସେହି ଦେଶ ଯେଉଁଠି ଚୈତ୍ୟବିଧାନର ଶାସନ କାର୍ଯ୍ୟକାରୀ ହୋଇପାରିବ ଏବଂ ତାହା ନିଶ୍ଚୟ ହେବ ଓ ଏଠାରେ ସେଥିପାଇଁ ସମୟ ଆସିଯାଇଛି । ତା' ଛଡ଼ା ଏହି ଦେଶ ପାଇଁ ତାହାହିଁ ଏକମାତ୍ର ସମ୍ଭାବ୍ୟ ମୁକ୍ତି, କାରଣ ଯଦିଓ ଦୁର୍ଭାଗ୍ୟ ବଶତଃ ଏହି ଦେଶର ଚେତନା ଏକ ବିଦେଶୀ ଜାତିର ପ୍ରଭାବ ଓ ଆଧିପତ୍ୟ ଦ୍ୱାରା ଆଚ୍ଛାଦିତ ହୋଇ ଯାଇଥିଲା କିନ୍ତୁ ସେସମସ୍ତ ସତ୍ତ୍ୱେ ଏହାର ରହିଛି ଏକ ଅନନ୍ୟ ଆଧ୍ୟାତ୍ମିକ ପରମ୍ପରା ଓ ଉତ୍ତରାଧିକାର ।

*

ଭାରତ ପୃଥିବୀରେ ତା'ର ଯଥାର୍ଥ ଆସନ ଗ୍ରହଣ କରିବ କେବଳ ସେତିକିବେଳେ ଯେତେବେଳେ ସେ ପୂର୍ଣ୍ଣାଙ୍ଗ ଭାବରେ ହୋଇ ଉଠିବ ଦିବ୍ୟଜୀବନର ବାର୍ତ୍ତାବହ ।

*

ଭାରତର ଭବିଷ୍ୟତ୍ ଖୁବ୍ ସ୍ପଷ୍ଟ । ଭାରତହିଁ ଜଗତର ଗୁରୁ । ପୃଥିବୀର ଭବିଷ୍ୟତ୍ ରୂପରେଖ ଭାରତ ଉପରେ ନିର୍ଭର କରେ । ଭାରତହିଁ ଜୀବନ୍ତ ଆତ୍ମା । ଭାରତବର୍ଷ ପୃଥିବୀରେ ଦିବ୍ୟ-ଅଧ୍ୟାତ୍ମ ଜ୍ଞାନକୁ ମୂର୍ତ୍ତ କରୁଛି । ଭାରତ ସରକାର ଭାରତବର୍ଷର ଏହି ତାତ୍ପର୍ଯ୍ୟକୁ ସ୍ୱୀକାର କରିବା ଉଚିତ ଏବଂ ତାଙ୍କର କ୍ରିୟାବଳୀରେ ତଦନୁଯାୟୀ ପରିଚାଳିତ ହେବା ଉଚିତ ।

*

ଯେପରି ପ୍ରତ୍ୟେକ ବ୍ୟକ୍ତିର ଅନ୍ତରାତ୍ମା ଅଛି ଯାହା ତାହାର ଯଥାର୍ଥ ସତ୍ତା ଏବଂ ଯାହା ତାହାର ନିୟତିକୁ କମ୍ ଅଥବା ବେଶୀ ଭାବରେ ସ୍ପଷ୍ଟ ରୂପେ ପରିଚାଳିତ କରେ, ସେହିପରି ପ୍ରତ୍ୟେକ ରାଷ୍ଟ୍ରର ମଧ୍ୟ ଅନ୍ତରାତ୍ମା ଅଛି । ତାହାହିଁ ତା'ର ସତ୍ୟ-ସତ୍ତା ଆଉ ତାହାହିଁ ତାହାର ଭାଗ୍ୟକୁ ନିର୍ଦ୍ଧାରଣ କରେ ଆବରଣର ପଶ୍ଚାତରୁ । ଏହି ସତ୍ତାହିଁ ଦେଶର ଆତ୍ମା, ରାଷ୍ଟ୍ରର ପ୍ରତିଭା, ଜାତିର ଶକ୍ତି, ରାଷ୍ଟ୍ରୀୟ ଅଭୀପ୍ସାର କେନ୍ଦ୍ର ଏବଂ ଜାତୀୟ ଜୀବନର ଯାହାକିଛି ସୁନ୍ଦର, ମହାନ୍, ଉନ୍ନତ ଓ ଉଦାର ତା'ର ମୂଳ ଉତ୍ସ । ଯଥାର୍ଥ ଦେଶଭକ୍ତ ଏହାର ଉପସ୍ଥିତିକୁ ପ୍ରତ୍ୟକ୍ଷ ରୂପେ ଉପଲବ୍ଧି କରନ୍ତି । ଏହାକୁ ଭାରତବର୍ଷରେ ପ୍ରାୟ ଗୋଟିଏ ଦିବ୍ୟରୂପ ଦିଆହୋଇଛି । ଯେଉଁମାନେ ନିଜ ଦେଶକୁ ଯଥାର୍ଥ ପ୍ରେମ କରନ୍ତି, ସେମାନେ ଏହାକୁ 'ଭାରତମାତା' ନାମ ଦେଇଛନ୍ତି ଏବଂ ଦେଶର କଲ୍ୟାଣ ସାଧନ ନିମନ୍ତେ ପ୍ରତ୍ୟହ ତାଙ୍କୁ ଆରାଧନା କରନ୍ତି । ଏହି ଭାରତମାତା ଦେଶର ଯଥାର୍ଥ ଆଦର୍ଶ ଏବଂ ବିଶ୍ୱରେ ସ୍ୱୀୟ ଯଥାର୍ଥ ଉଦ୍ଦେଶ୍ୟର ପ୍ରତୀକ ଏବଂ ମୂର୍ତ୍ତିମାନ୍ ରୂପ ।

*

ଏକମାତ୍ର ଦିବ୍ୟଭଗବତ୍ ଶକ୍ତିହିଁ ଭାରତବର୍ଷକୁ ସାହାଯ୍ୟ କରିପାରିବେ । ଯଦି ତୁମେ ଦେଶ ମଧ୍ୟରେ ବିଶ୍ୱାସ ଓ ସଂହତି

ସ୍ଥାପନ କରିପାରିବ ତେବେ ଏହା ଯେକୌଣସି ମାନବ ସୃଷ୍ଟ ଶକ୍ତିଠାରୁ ଅଧିକ ଶକ୍ତିଶାଳୀ ହେବ ।

*

ଜୀବନ କ୍ଷେତ୍ରରୁ ପଳାୟନ ନୁହେଁ ବରଂ ଦିବ୍ୟ ପୂର୍ଣ୍ଣତାରେ ଜୀବନକୁ ପୂର୍ଣ୍ଣାଙ୍ଗ କରି ଗଢ଼ି ତୋଳିବା ହେଉଛି ଯଥାର୍ଥ ଆଧ୍ୟାତ୍ମିକତା ।

ଏହାକୁହିଁ ଭାରତ ବର୍ତ୍ତମାନ ସମଗ୍ର ପୃଥିବୀ ସମ୍ମୁଖରେ ଉପସ୍ଥାପନ କରିବ ।

*

**ଜୁଲାଇ ୨୯, ୧୯୫୩**

... ଦିନେ, ... ମୁଁ ପ୍ରତିଦିନ ଶ୍ରୀଅରବିନ୍ଦଙ୍କ ସହିତ ଧ୍ୟାନରେ ବସୁଥିଲି, ସେ ଟେବୁଲର ଗୋଟିଏ ପାଖରେ ବସୁଥିଲେ ଏବଂ ମୁଁ ଅନ୍ୟ ପାଖରେ, ବାରଣ୍ଡାରେ ବସୁଥିଲି । ଏବଂ ଦିନେ, ଧ୍ୟାନ ମଧ୍ୟରେ ମୁଁ (କିପରି ବୁଝାଇବି ?) ଖୁବ୍ ଉଚ୍ଚତାକୁ ଉଠିଗଲି, ଅଭ୍ୟନ୍ତରର ଖୁବ୍ ଗଭୀରତା ଭିତରକୁ ଚାଲିଗଲି କିଂବା ନିଜ ବାହାରକୁ ଚାଲିଗଲି । (ତୁମେ ଯେପରି ବି ଅର୍ଥ କରିପାର, କାରଣ ଯାହା ଘଟିଥିଲା ତାହାକୁ ବୁଝାଇ ହେବ ନାହିଁ, ଏହା କେବଳ ପ୍ରକାଶ କରିବାର ଏକ ଭଙ୍ଗୀ) ଏବଂ ମୁଁ ଚେତନାର ଏକ ସ୍ତରରେ ପହଞ୍ଚିଲି ଯେଉଁଠାରେ ଶ୍ରୀଅରବିନ୍ଦଙ୍କୁ, ଏମିତି ଖୁବ୍ ସରଳଭାବରେ, କହିଲି, ''ଭାରତ ସ୍ୱାଧୀନ ହୋଇଛି ।''

ଏହା ୧୯୨୦ ମସିହାର କଥା । ସେ ମୋତେ ଗୋଟିଏ ପ୍ରଶ୍ନ ପଚାରିଲେ, ''କେମିତି ?'' ମୁଁ କହିଲି, ''ସଂଘର୍ଷ ବ୍ୟତୀତ, ଯୁଦ୍ଧ ବ୍ୟତୀତ; ବିପ୍ଳବ ବ୍ୟତୀତ : ଇଂରେଜମାନେ ଦେଶ ଛାଡ଼ି ଚାଲିଯିବେ, କାରଣ ପୃଥିବୀର ଅବସ୍ଥା ଏପରି ହେବ, ଚାଲିଯିବା ଛଡ଼ା ସେମାନଙ୍କର ଆଉ କିଛି ଉପାୟ ରହିବ ନାହିଁ ।''

ଏହା ଗଠିତ ହୋଇଯାଇଥିଲା । ସେ ଯେତେବେଳେ ମୋତେ ପ୍ରଶ୍ନଟି ପଚାରିଲେ, ମୁଁ ଏହାକୁ ଭବିଷ୍ୟତ୍ ଭିତରେ ରଖିଦେଲି, କିନ୍ତୁ ମୁଁ ଯେଉଁଠାରେ ଦେଖିଲି ଓ କହିଲି ଯେ, ''ଭାରତ ସ୍ୱାଧୀନ ହୋଇଛି'' ଏହା ଏକ ସତ୍ୟ ଘଟଣା ଥିଲା । କିନ୍ତୁ ସେତେବେଳେ ଭାରତ ସ୍ୱାଧୀନ ହୋଇ ନ ଥିଲା । ୧୯୨୦ ମସିହାର କଥା । କିନ୍ତୁ ଏହା ଘଟିସାରିଥିଲା । ଏହା ଗଠିତ ହୋଇଯାଇଥିଲା ଓ ଏହା ୧୯୪୭ ମସିହାରେ ଘଟିଲା । ତାହାର ଅର୍ଥ ହେଉଛି ଏକ ଭୌତିକ ବାହ୍ୟ ଦୃଷ୍ଟିରୁ ମୁଁ ଏହାକୁ ସତେଇଶ ବର୍ଷ ପରେ ଦେଖିଲି ।

ଜଣେ ପିଲା ପଚାରିଲା : *ଆପଣ ପାକିସ୍ତାନକୁ ଦେଖିଥିଲେ କି ?*

ନା, କାରଣ ପାକିସ୍ତାନ ବ୍ୟତୀତ ସ୍ୱାଧୀନତା ଆସିପାରିଥା'ନ୍ତା । ବାସ୍ତବିକ ସେମାନେ ଯଦି ଶ୍ରୀଅରବିନ୍ଦଙ୍କର କଥା ମାନିଥା'ନ୍ତେ, ପାକିସ୍ତାନ ରହି ନ ଥା'ନ୍ତା ।

*

**ଅଗଷ୍ଟ ୧୫, ୧୯୪୭**

*(ମା' ଭାରତର ସ୍ୱାଧୀନତା ଲାଭ ଉପଲକ୍ଷେ ଏକ ବାର୍ତ୍ତା ଦେଇଥିଲେ, ଏହି ଦିନଟି ଥିଲା ଶ୍ରୀଅରବିନ୍ଦଙ୍କର ୭୫ତମ ଜନ୍ମଦିବସ ।)*

**ଆବାହନ**

ହେ ଆମର ଜନନି, ହେ ଭାରତବର୍ଷର ଆତ୍ମା, ସେହି ମାତା, ତୁମେ ଯେ ନିଜର ସନ୍ତାନମାନଙ୍କୁ କେବେ ବି ପରିତ୍ୟାଗ କରି ନାହଁ, ଗଭୀରତମ ହତାଶାର ଦିନଗୁଡ଼ିକରେ, ଏପରିକି ସେମାନେ ଯେତେବେଳେ ତୁମର ଡାକକୁ ଏଡ଼ାଇ ଦେଇ ଚାଲିଯାଇଥିଲେ, ଅନ୍ୟ ପ୍ରଭୁଙ୍କର ସେବା କରିଥିଲେ ଓ ତୁମକୁ ଅସ୍ୱୀକାର କରିଥିଲେ । ବର୍ତ୍ତମାନ ସେମାନେ ବି ଜାଗ୍ରତ୍ ହୋଇଛନ୍ତି । ତୁମ ମୁକ୍ତିର ଏହି ପ୍ରଭାତରେ, ତୁମର ମୁଖମଣ୍ଡଳ ଆଲୋକିତ, ଏହି ମହାନ୍ ମୁହୂର୍ତ୍ତରେ ଆମେ ତୁମକୁ ପ୍ରଣାମ କରୁଛୁ । ଆମକୁ ଏପରି ଭାବରେ ପଥନିର୍ଦ୍ଦେଶ କର, ଯେପରି ଆମ ସମ୍ମୁଖରେ ସ୍ୱାଧୀନତାର ଏହି ଯେଉଁ ଦିଗ୍‌ବଳୟ ଉନ୍ମୋଚିତ ହେଉଛି, ତାହା ମଧ୍ୟ ଦେଶ ସମୂହ ଭିତରେ ପ୍ରକୃତ ମହାନତା ଓ ତୁମର ସତ୍ୟଜୀବନର ଦିଗ୍‌ବଳୟ ହୋଇଉଠୁ । ପଥ ନିର୍ଦ୍ଦେଶ କର, ଯେପରି ଆମେ ମହାନ୍ ଆଦର୍ଶର ପକ୍ଷରେ ରହୁ ଓ ମନୁଷ୍ୟମାନଙ୍କୁ ତୁମର ସତ୍ୟସ୍ୱରୂପ ଦେଖାଇପାରୁ, ଆତ୍ମାର ପଥରେ ଏକ ପଥପ୍ରଦର୍ଶକ ଭାବରେ ଓ ସମସ୍ତ ମନୁଷ୍ୟଙ୍କର ବନ୍ଧୁ ଓ ସାହାଯ୍ୟକାରୀ ଭାବରେ ।

# ମା'ଙ୍କର ଏକ ଅନୁଭୂତି

ଶ୍ରୀଅରବିନ୍ଦ ଥିଲେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ।

ହଁ, ଏକ ଘଣ୍ଟାରୁ ଅଧିକ କାଳ ଧରି ସେ ମୋତେ ମାନବସମାଜର ବର୍ତ୍ତମାନ ଅବସ୍ଥା ଏବଂ ଅତିମାନସ ନୂତନ ସୃଷ୍ଟି ସଙ୍ଗେ ମାନବସମାଜର ବିଭିନ୍ନ ସ୍ଥିତିର ସମ୍ବନ୍ଧ ସଂପର୍କରେ ଏକ ଜୀବନ୍ତ ଓ ସୁନିର୍ଦ୍ଦିଷ୍ଟ ସୂକ୍ଷ୍ମ ଦର୍ଶନରେ ବାସ କରିବାକୁ ଦେଲେ । ଏବଂ ଏହା ବିସ୍ମୟକର ଭାବରେ ସ୍ପଷ୍ଟ, ସୁନିର୍ଦ୍ଦିଷ୍ଟ ଓ ଜୀବନ୍ତ ଥିଲା । ତହିଁରେ ଥିଲା ସମଗ୍ର ମାନବସମାଜ, ଯାହାକି ଆଉ ପୂରା ପଶୁସୁଲଭ ହୋଇରହି ନାହିଁ, ଯାହା ମାନସିକ ବିକାଶ ଦ୍ୱାରା ଉପକୃତ ହୋଇଛି ଓ ନିଜ ଜୀବନ ଭିତରେ ଏକ ପ୍ରକାର ସୁସମଞ୍ଜସତାକୁ ରୂପ ଦେଇ ପାରିଛି – ସେହି ସୁସମଞ୍ଜସତା ପ୍ରାଣିକ, କଳା-କୁଶଳ ଓ ସାହିତ୍ୟ-ସମ୍ପନ୍ନ – ଯେଉଁଥିରେ ବିପୁଳ ସଂଖ୍ୟାଧିକ ଲୋକେ ଜୀବନ ଧାରଣରେ ସନ୍ତୋଷ ଲାଭ କରିଛନ୍ତି । ସେମାନେ ଗୋଟାଏ ଧରଣର ସୁସଂଗତି ବା ସୁସମଞ୍ଜସତାକୁ ଧରି ପାରିଛନ୍ତି ଏବଂ ତା' ଭିତରେ ସେମାନେ ଏକ ସଂସ୍କୃତି-ସମ୍ପନ୍ନ ସମାଜର ପରିବେଷ୍ଟନୀରେ ରୂପ ନେଉଥିବା ଜୀବନ ଯାପନ କରୁଛନ୍ତି, ଅର୍ଥାତ୍ ଏକ ଧରଣର ସୁରୁଚିସମ୍ପନ୍ନ, ମାର୍ଜିତ, ଓ ସୁ-ଅଭ୍ୟାସମୂଳକ ଜୀବନଯାପନ କରୁଛନ୍ତି । ଏବଂ ଏହି ସମଗ୍ର ଜୀବନରେ ଏକ ପ୍ରକାର ସୌନ୍ଦର୍ଯ୍ୟ ରହିଛି ଯେଉଁଠି ସେମାନେ ବେଶ୍ ସହଜ ଜୀବନ କରିପାରନ୍ତି ଏବଂ କିଛି ବିପର୍ଯ୍ୟୟମୂଳକ ପରିସ୍ଥିତି ନ ଘଟିଲେ ସେମାନେ ଜୀବନ ସମ୍ପର୍କରେ ବେଶ୍ ସ୍ୱାଚ୍ଛନ୍ଦ୍ୟ, ଆନନ୍ଦ ଓ ସନ୍ତୋଷଲାଭ କରନ୍ତି । ଏହି ଲୋକମାନଙ୍କୁ ଆକର୍ଷିତ କରାଯାଇପାରେ (କାରଣ ସେମାନଙ୍କର ଏକ ରୁଚି ଅଛି ଓ ସେମାନେ ବୁଦ୍ଧିଗତ ଭାବେ ବିକଶିତ) ସେମାନଙ୍କୁ ନୂତନ ଶକ୍ତିସବୁ ଦ୍ୱାରା, ନୂତନ ଜିନିଷସବୁ ଦ୍ୱାରା, ଭବିଷ୍ୟତ୍ ଜୀବନ ଦ୍ୱାରା ଆକୃଷ୍ଟ କରାଯାଇପାରେ; ମାନସିକ ଭାବରେ, ବୁଦ୍ଧିଗତ ଭାବରେ ସେମାନେ ଶ୍ରୀଅରବିନ୍ଦଙ୍କ ଶିଷ୍ୟ ହୋଇ ପାରନ୍ତି । କିନ୍ତୁ ସ୍ଥୂଳ, ବସ୍ତୁଗତ ଭାବେ ପରିବର୍ତ୍ତିତ ହେବାର କୌଣସି ପ୍ରୟୋଜନ ସେମାନେ ଅନୁଭବ କରନ୍ତି ନାହିଁ, ଏବଂ ଏପରି ହେବା ପାଇଁ ଯଦି ସେମାନଙ୍କୁ ବାଧ୍ୟ କରାଯାଏ ତା'ହେଲେ ଏହା ହେବ ଅପରିପକ୍ୱ, ଅନ୍ୟାୟ ଏବଂ ଏହା କେବଳ ଗୁଡ଼ିଏ ବିଶୃଙ୍ଖଳା ସୃଷ୍ଟି କରିବ ଓ ଅଯଥାରେ ସେମାନଙ୍କ ଜୀବନରେ ବିଭ୍ରାଟ ଆଣିଦେବ ।

ଏହା ଅତ୍ୟନ୍ତ ସ୍ପଷ୍ଟ ଥିଲା ।

ଏବଂ ଆଉ କେତେକ – ଅତି ଅଳ୍ପସଂଖ୍ୟକ ଲୋକ ଥିଲେ – ଯେଉଁମାନେ ରୂପାନ୍ତର ପାଇଁ ପ୍ରସ୍ତୁତି ଦିଗରେ ବି ଆବଶ୍ୟକ ଉଦ୍ୟମ କରିବା ପାଇଁ, ନୂତନ ଶକ୍ତିକୁ ଆକର୍ଷଣ କରିବା, ଜଡ଼କୁ ନିଜ କାମରେ ଗ୍ରହଣ କରିବା ଦିଗରେ ଉଦ୍ୟମ କରିବା, ତା'ର ଅଭିବ୍ୟକ୍ତିର ବାଟ ଖୋଜିବା ଆଦି ଦିଗରେ ଉଦ୍ୟମ କରିବା ପାଇଁ ପ୍ରସ୍ତୁତ । ଏହିମାନେ ଶ୍ରୀଅରବିନ୍ଦଙ୍କ ଯୋଗ ପାଇଁ ପ୍ରସ୍ତୁତ । ଏମାନଙ୍କ ସଂଖ୍ୟା ଖୁବ୍ ଅଳ୍ପ । ଏପରିକି କେତେକେ ଅଛନ୍ତି ଯେଉଁମାନଙ୍କର ଏକ ତ୍ୟାଗର ବୋଧ ରହିଛି ଏବଂ ଏହା ଭବିଷ୍ୟତର ରୂପାନ୍ତର ପାଇଁ ଯଦି ସହାୟକ ହୁଏ ତେବେ ସେଥିପାଇଁ ଏକ କଠୋର ଓ ଦୁଃଖଭୋଗପୂର୍ଣ୍ଣ ଜୀବନଯାପନ କରିବାକୁ ମଧ୍ୟ ସେମାନେ ପଶ୍ଚାତ୍‌ପଦ ହେବେ ନାହିଁ । କିନ୍ତୁ ସେମାନେ ଅନ୍ୟମାନଙ୍କୁ କୌଣସି ଭାବରେ ପ୍ରଭାବିତ କରିବାକୁ ଓ ସେମାନଙ୍କ ନିଜ ଉଦ୍ୟମରେ ଅଂଶ ଗ୍ରହଣ କରିବାକୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରିବା ଉଚିତ ନୁହେଁ । ତାହା ପୂରାପୂରି ଅସଂଗତ ହେବ – କେବଳ ଅସଂଗତ ନୁହେଁ କିନ୍ତୁ ଅତ୍ୟନ୍ତ ଶୋଚନୀୟ ହେବ, କାରଣ ଏହା ବିଶ୍ୱଗତ ଛନ୍ଦ ଓ ଗତିବୃତ୍ତିକୁ ଅନ୍ତତଃ ଜାଗତିକ ଗତିବୃତ୍ତିସବୁରେ ହାନି ଘଟାଇବ ଏବଂ ସହାୟତା କରିବା ପରିବର୍ତ୍ତେ ନାନା ସଂଘର୍ଷ ସୃଷ୍ଟିକରି ଶେଷରେ ପରିଣତ ହେବ ଏକ ଅରାଜକତାରେ ।...

*(୨୭ ନଭେମ୍ବର, ୧୯୬୫)*

# ଆଧ୍ୟାତ୍ମିକ ଜୀବନର ସର୍ତ୍ତାବଳୀ

## ଶ୍ରୀମା

ଜୀବନ ଓ ଲୋକମାନଙ୍କ ପ୍ରତି ବିରକ୍ତି ଯୋଗୁଁ କେହି ଯୋଗର ପଥ ଗ୍ରହଣ କରିବା ଠିକ୍ ନୁହେଁ ।

ବାଧାବିଘ୍ନସବୁରୁ ପଳାୟନ କରିବା ପାଇଁ କେହି ଏଠାକୁ ଆସିବା ଠିକ୍ ନୁହେଁ ।

ଏପରିକି ଭଗବତ୍ ପ୍ରେମ ଓ ପ୍ରତିରକ୍ଷାର ମାଧୁର୍ଯ୍ୟ ଆସ୍ୱାଦନ ପାଇଁ ନୁହେଁ, କାରଣ ଯଥାର୍ଥ ଆଭିମୁଖ୍ୟ ଗ୍ରହଣ କଲେ ଯେକୌଣସି ସ୍ଥାନରେ ମଧ୍ୟ ଜଣେ ତାହା ଉପଭୋଗ କରିପାରେ ।

ଯେତେବେଳେ ଜଣେ ଭଗବତ୍ ସେବାରେ ତା'ର ସମଗ୍ର ଜୀବନକୁ ଉତ୍ସର୍ଗ କରିବାକୁ ଚାହେଁ, ଯେତେବେଳେ ଜଣେ ଭଗବତ୍ କର୍ମରେ ନିଜର ଆତ୍ମ-ନିବେଦନ ଚାହେଁ, ଆତ୍ମ-ନିବେଦନ ଓ ସେବାର ସମ୍ଭାବନା ବ୍ୟତୀତ ବିନିମୟରେ ଆଉ କିଛି ନ ଚାହିଁ କେବଳ ସେହି ଆତ୍ମ-ନିବେଦନ ଓ ସେବାର ଆନନ୍ଦ ଚାହେଁ, ତା'ହେଲେ ସେ ଏଠାରେ ରହିବା ପାଇଁ ପ୍ରସ୍ତୁତ ବୋଲି ବୁଝିବାକୁ ହେବ ଏବଂ ତା'ପାଇଁ ଦ୍ୱାରଟି ସବୁବେଳେ ଖୋଲା ରହିଛି ।

ପୃଥିବୀରେ ଯିଏ ଯେଉଁଠି ଥାଉ ନା କାହିଁକି ତାହାକୁ ଯେଉଁ ଆଶୀର୍ବାଦ ଦିଆଯାଏ, ତାହା ତୁମକୁ ଦିଆଯାଉଛି ଏବଂ କୁହାଯାଉଛି, ''ନିଜକୁ ପ୍ରସ୍ତୁତ କର, ମୋର ସହାୟତା ତୁମ ପାଇଁ ସର୍ବଦା ରହିଛି ।''

*୩୦ ମାର୍ଚ୍ଚ ୧୯୬୦*

*

ତୁମେ କହୁଛ ତୁମେ ଏକ ଅଧ୍ୟାତ୍ମିକ ଜୀବନଯାପନ କରିବାକୁ ଚାହଁ, କିନ୍ତୁ ସେଥିପାଇଁ ତୁମେ ବୁଝିବା ଉଚିତ ଯେ ଏଥିପାଇଁ ପ୍ରଥମ ସର୍ତ୍ତ ହେଲା ସମସ୍ତ ନିମ୍ନତର ଗତିବୃତ୍ତି, ସମସ୍ତ ଆକର୍ଷଣ, ସମସ୍ତ ଆସକ୍ତିକୁ ଅତିକ୍ରମ କରିବା, କାରଣ ଏଗୁଡ଼ିକ ଆଧ୍ୟାତ୍ମିକ ଜୀବନର ପୂରାପୂରି ବିପରୀତ ।

ଆଧ୍ୟାତ୍ମିକ ଜୀବନ ଦାବିକରେ ଯେ ଜଣେ ପୂରାପୂରି ଭଗବାନଙ୍କର ଓ କେବଳ ଭଗବତ୍ ଅଭିମୁଖୀ ହେବା । ଜଣେ ଯାହାକିଛି କରିବ, ତାହା କେବଳ ଭଗବାନଙ୍କ ପାଇଁ କରାଯିବା ଉଚିତ । ସମସ୍ତ କର୍ମ, ସମସ୍ତ ଅଭୀପ୍ସା, କୌଣସି କିଛିକୁ ବାଦ୍ ଦେଇ ନୁହେଁ, ସମଗ୍ର ସତ୍ତାର ପୂର୍ଣ୍ଣ ସମର୍ପଣ ସହିତ କେବଳ ଭଗବାନଙ୍କ ଦିଗରେ ଚାଳିତ ହେବା ଉଚିତ ।

ମୁଁ ଜାଣେ ଏହା ଗୋଟିଏ ଦିନରେ ହୋଇଯିବ ନାହିଁ । କିନ୍ତୁ ଏପରି କରିବାର ନିଷ୍ପତ୍ତି ନେବାକୁ ହେବ ଅବିଚଳିତ ଭାବରେ । କେବଳ ଏହି ସର୍ତ୍ତରେ ମୁଁ ତୁମକୁ ଆଧ୍ୟାତ୍ମିକ ଜୀବନ ପାଇଁ ଗ୍ରହଣ କରିପାରେ ।

*୨୯ ଜୁଲାଇ ୧୯୬୦*

*

କୌଣସି ସ୍ଥୂଳ ସର୍ତ୍ତ ଅପେକ୍ଷା ଆଦର୍ଶ ପ୍ରତି ବିଶ୍ୱସ୍ତତା ଏବଂ କର୍ମରେ ଆତ୍ମନିବେଦନ – ତାହାହିଁ ଜଣେ ସଚ୍ଚା ଶିଷ୍ୟ ଗଠନ କରେ ।

*୨୫ ଅଗଷ୍ଟ ୧୯୬୨*

*

ଆଶ୍ରମରେ ଗୃହୀତ ହେବା ପାଇଁ ପ୍ରଥମ ଅପରିହାର୍ଯ୍ୟ ସର୍ତ୍ତ ହେଉଛି, ପ୍ରାର୍ଥୀ ଜଣକ ଯେପରି ଭଗବତ୍ ସେବାରେ ତା'ର ଜୀବନକୁ ସର୍ତ୍ତହୀନ ଭାବରେ ଉତ୍ସର୍ଗ କରିବାର ସଂକଳ୍ପ ନେଇଥାଏ ।

*୧୨ ଜୁନ୍ ୧୯୬୫*

*

ଆଶ୍ରମବାସୀ ହେବାର ସଂଜ୍ଞା ହେଉଛି ତା'ର ଜୀବନକୁ ଭଗବତ୍ ଉପଲବ୍ଧି ଏବଂ ସେବା ପାଇଁ ନିବେଦିତ କରିବା ।

ଏଥିପାଇଁ ଚାରିଟି କ୍ଷମତା ଅପରିହାର୍ଯ୍ୟ, ଯାହା ବ୍ୟତୀତ ଅଗ୍ରଗତି ଅନିଶ୍ଚିତ ହେବ ଏବଂ ପ୍ରଥମ ସୁଯୋଗରେହିଁ ନାନା ହସ୍ତକ୍ଷେପ ଓ ଗୋଳମାଳିଆ ପତନର ଆଶଙ୍କା ଦେଖାଦେବ ।

ଏହି ଗୁଣ ବା କ୍ଷମତାଗୁଡ଼ିକ ହେଉଛି ଆନ୍ତରିକତା, ବିଶ୍ୱସ୍ତତା, ବିନମ୍ରତା ଓ କୃତଜ୍ଞତା ।

*

*ପ୍ରଶ୍ନ : ଆଶ୍ରମର ଜଣେ ସଚ୍ଚା ସନ୍ତାନ ହେବା ପାଇଁ କେଉଁ ଗୁଣଗୁଡ଼ିକ ପ୍ରୟୋଜନ ?*

ଶ୍ରୀମା : ଆନ୍ତରିକତା, ସାହସ, ଶୃଙ୍ଖଳା, ସହ୍ୟଶକ୍ତି, ଭଗବାନଙ୍କ କାମ ଉପରେ ପୂରା ବିଶ୍ୱାସ ଓ ଆସ୍ଥା । ଏଗୁଡ଼ିକ

ସହ ରହିବା ଉଚିତ ଅସୀମ ଧୈର୍ଯ୍ୟର ସହ ଏକ ଧାରାବାହିକ ଉଦ୍ୟମ ଏବଂ ଲାଗି ରହିଥିବା ଅଭୀପ୍ସା ।

୨୮ ଡିସେମ୍ବର ୧୯୬୬

ଆଶ୍ରମବାସୀ ହେବା ପାଇଁ ଦୁଇଟି ଅପରିହାର୍ଯ୍ୟ ସର୍ତ୍ତ ହେଉଛି :

୧) ଆମ୍ଭର ପ୍ରୟୋଜନକୁ ସବୁଠୁ ଅଗ୍ରାଧିକାର ଦେବାର ସଂକଳ୍ପ ନେବା ଏବଂ ଶରୀର, ପ୍ରାଣ ଓ ମନର ଅନ୍ୟାନ୍ୟ ପ୍ରୟୋଜନଗୁଡ଼ିକୁ ସେତିକି ମାତ୍ର ପ୍ରଶ୍ରୟ ଦେବା ଯେପରିକି ସେଗୁଡ଼ିକ ଆମ୍ଭର ପ୍ରୟୋଜନ ପରିପୂର୍ଣ୍ଣତା ହେବାରେ କୌଣସି ହସ୍ତକ୍ଷେପ ନ କରନ୍ତି ।

୨) ଏସଂପର୍କରେ ନିଃସନ୍ଦେହ ହେବା ଯେ ପ୍ରତ୍ୟେକଙ୍କ ଆମ୍ଭର ପ୍ରୟୋଜନ ବୁଝିବା ପାଇଁ ଏକ ଅବସ୍ଥାରେ ମୁଁ ରହିଛି, ତେଣୁ ଏଦିଗରେ ଯଥାର୍ଥ ବିଚାର ପାଇଁ ମୋର ସମସ୍ତ ଅଧିକାର ଓ ସାମର୍ଥ୍ୟ ରହିଛି । ❖

## ଶ୍ରୀଅରବିନ୍ଦଙ୍କ ନାମରେ ଥିବା 'ଶ୍ରୀ'

(ନଳିନୀକାନ୍ତ ଗୁପ୍ତ ଏହି ପତ୍ରଟିରେ ଦର୍ଶାଇଛନ୍ତି ଶ୍ରୀଅରବିନ୍ଦଙ୍କ ନାମରେ ରହିଥିବା 'ଶ୍ରୀ' କେବଳ ଏକ ପ୍ରଚଳିତ ଭାଷାର ପ୍ରୟୋଗ ନୁହେଁ; ଏହାର ଗଭୀରତର ତାତ୍ପର୍ଯ୍ୟ ରହିଛି)

ଛୋଟ ଭଉଣି,

ମା' ଙ୍କୁ ଲେଖିଥିବା ତୁମର ପତ୍ରଟି ସେ ମୋତେ ଦେଖାଇଛନ୍ତି, ଯେଉଁଥିରେ 'ଶ୍ରୀ' ଶବ୍ଦଟିର ସମସ୍ୟାକୁ ନେଇ ତୁମେ କିପରି ଅଡୁଆରେ ପଡ଼ିଛ ବୋଲି ଉଲ୍ଲେଖ କରିଛ । ଏବିଷୟରେ ମୋର ବିଚାର ଓ ଦୃଷ୍ଟିକୋଣ କ'ଣ, ତାହା ତୁମକୁ ଜଣାଇବା ପାଇଁ ମା' ଇଚ୍ଛା ପ୍ରକାଶ କରିଛନ୍ତି । ବେଶ୍, ତା'ହେଲେ ମୁଁ ସ୍ପଷ୍ଟ ଓ ସାଧାସିଧା ଭାବରେ ତାହା ବ୍ୟକ୍ତ କରୁଛି । ମୂଳ ନାମ 'ଅରବିନ୍ଦ' ପୂର୍ବରୁ ଯେଉଁ 'ଶ୍ରୀ' ରଖାଯାଇଛି ତାହା କେବଳ ଜଣେ ସମ୍ମାନାସ୍ପଦ ବ୍ୟକ୍ତିଙ୍କୁ ସୂଚିତ କରିବା ଅର୍ଥରେ କରାଯାଇଛି ବୋଲି ଭାବିଲେ ଭୁଲ୍ ହେବ । ଏଠାରେ, ଏହାର ଅର୍ଥ ମିଷ୍ଟର, ମସିଁଓ ବା ସାର୍ ଆଦି ନୁହେଁ । ଏହା ହେଉଛି ପୂରା ନାମଟିର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଶ୍ରୀଅରବିନ୍ଦ ଏକ ଅବିଭାଜିତ ଶବ୍ଦ ରୂପେ ଗଠିତ । ସ୍ୱୟଂ ଶ୍ରୀଅରବିନ୍ଦହିଁ ନିଜ ନାମରେ ଏହି ଚୂଡ଼ାନ୍ତ ରୂପ ଦେଇଥିଲେ । ଏବଂ ମୁଁ ତୁମକୁ କହିପାରେ ଯେ ତାଙ୍କ **ନାମର ଏହି ରୂପ ଭିତରେ ଏକ ମନ୍ତ୍ର ଶକ୍ତିର ପ୍ରଭାବ ଓ ଫଳ ରହିଛି ।**

ଅନ୍ୟାନ୍ୟ ଅନେକ ଭାରତୀୟ ବା ଇଉରୋପ-ଆମେରିକୀୟ ବର୍ଣ୍ଣମାଳା ଭଳି 'ଶ୍ରୀ'ର ଉଚ୍ଚାରଣ ଆଦୌ କଷ୍ଟକର ନୁହେଁ । ଏବଂ ମୁଁ ଭାବୁଛି, ଏହି ଆଳ ନେଇ ସାଧାରଣ ଇଉରୋପୀୟ ଓ ଆମେରିକାବାସୀମାନଙ୍କ ଚଳଣିର ସ୍ତରକୁ ଓହ୍ଲାଇ ଯିବାହିଁ ସେମାନଙ୍କୁ ପ୍ରବର୍ତ୍ତାଇବାର ସବୁଠୁ ଭଲ ବାଟ – ଏପରି ବିଚାର ସବୁସମୟରେ ସୁସ୍ଥ ମନୋଭାବ ନୁହେଁ । ମୋର ଭୟ ହୁଏ ଏହା ଏକ ବୃଥା ଭ୍ରମ ମାତ୍ର । ବରଂ ଉତ୍ତମ ହେବ ସେଠାକାର ଲୋକଙ୍କୁ ସାଧାରଣ ଏଭଳି ପ୍ରେରଣା ଦେଖାଇବା ଯାହା ଫଳରେ ସେମାନେ ଆହୁରି ଉପରକୁ ଉଠିଯାଇ ଯଥାର୍ଥ ସତ୍ୟଟିକୁ ତା'ର ନିଜ ସ୍ୱରୂପରେ ଧରିପାରିବା ପାଇଁ ସଚେଷ୍ଟ ହେବେ ।

ତୁମକୁ ଲିଖିତ ମୋର ଏହି ମୃଦୁ ଭର୍ତ୍ସନା ମିଶ୍ରିତ ପତ୍ରଟି ମା' ଦେଖିଛନ୍ତି ଓ ସଂପୂର୍ଣ୍ଣ ଅନୁମୋଦନ କରିଛନ୍ତି । ମୋର ଏହି ପତ୍ରରେ ସମ୍ଭବତଃ ଏକ ଅଯଥା ପାଣ୍ଡିତ୍ୟପୂର୍ଣ୍ଣ ସ୍ୱର ଥିବାର ତ୍ରୁଟି ମାର୍ଜନା କରିବ ।

(*Mother India* 2007, April, P. 273)

ତୁମର ଏକାନ୍ତ ସ୍ନେହାନୁଗତ
ବଡ଼ ଭାଇ
ନଳିନୀ କାନ୍ତ ଗୁପ୍ତ

# ଶ୍ରୀଅରବିନ୍ଦଙ୍କ ସହ ସାନ୍ଧ୍ୟ-ବୈଠକ

## ଏ. ବି. ପୁରାଣୀ

*ପୂର୍ବପ୍ରକାଶିତ ଉତ୍ତାରୁ :*

**୨୩ ତାରିଖ ଜାନୁଆରୀ ୧୯୩୯ :**

ପ୍ରଶ୍ନ : ପ୍ରଥମ ଓ ଦ୍ୱିତୀୟ ଉପଲବ୍ଧିର ପ୍ରକ୍ରିୟା ମଧ୍ୟଦେଇ ସାଧନାରେ ପୁରୁଷ 'ସାକ୍ଷୀ' ଚେତନାରେ ସ୍ଥିତିଲାଭ କରେ କି ?

ଶ୍ରୀଅରବିନ୍ଦ : ସେପରି ହୋଇପାରେ, ତେବେ ଏହା ଜରୁରି ନୁହେଁ କାରଣ ପ୍ରଥମ ପ୍ରକ୍ରିୟାରେ ସେ ହୁଏତ 'ସାକ୍ଷୀ' ହୋଇପାରେ, କାରଣ ଏଥିରେ ପୁରୁଷ ପ୍ରକୃତିଠାରୁ ନିଜକୁ ପୃଥକ୍ କରିନିଏ ଓ ସେଇହେତୁ ସେ ସାକ୍ଷୀ ହୋଇଯାଇପାରେ ଓ କୌଣସି କ୍ରିୟାରେ ଭାଗ ନିଏ ନାହିଁ ।

କିନ୍ତୁ ଦ୍ୱିତୀୟ ପ୍ରକ୍ରିୟାରେ ଯେଉଁ ଉପଲବ୍ଧି ହୋଇଥାଏ ତହିଁରେ ଏହା ଅନିବାର୍ଯ୍ୟ ନୁହେଁ ଯେ ସାଧକ ବିଶ୍ୱ ବ୍ୟାପାରରେ ଅଥବା ବିଶ୍ୱ ଗତିବିଧିର ସାକ୍ଷୀ; ଆତ୍ମା ସ୍ୱୟଂ ନିଜ ଭିତରେ ସଂହତ ରହିପାରେ, କୌଣସି କିଛିର ସାକ୍ଷୀ ହୁଏ ନାହିଁ । ଏଭଳି ଅନେକ ଅବସ୍ଥା ରହିଛି, ଯାହା ଭିତରଦେଇ ଆତ୍ମାକୁ ଗତି କରିବାକୁ ହୋଇଥାଏ ।

ଆମ ଯୋଗରେ ଏକପ୍ରକାର ନିର୍ବାଣର ଉପଲବ୍ଧି ଆବଶ୍ୟକ, କାହିଁକି ନା, ଏ ଜଗତ୍ ଯେପରି ଗଢ଼ାଯାଇଛି – ତାହା ଅଜ୍ଞାନରହିଁ ରଚନା ବୋଲି ବୁଝିବାକୁ ହେବ । ତୁମେ ଯଦି ଉକ୍ତ ଜଗତର କିଛି ଭାଗ ବୁଝିନେଇ ପାରିଛ, ତା'ହେଲେ ସତ୍ୟ ଓ ଜ୍ୟୋତିଃର ଲୋକରୁ ସାମାନ୍ୟ ଅଂଶ ତୁମେ ସତ୍ୟ ସୃଷ୍ଟି ମଧ୍ୟକୁ ନେଇ ଆସି ପାରିବ ।

ଶିଷ୍ୟ : 'ଗୀତା' ଯେବେ କହୁଛନ୍ତି : ତୁମେ ଯେବେ ଆତ୍ମା ମଧ୍ୟରେ ସର୍ବବସ୍ତୁକୁ ଏବଂ ସର୍ବବସ୍ତୁ ମଧ୍ୟରେ ଆତ୍ମାକୁ ଏବଂ ତତ୍‌ସଙ୍ଗେ ମୋତେ ଲାଭ କରିବ;– ସେସମୟରେ ସେ କେଉଁ ଆତ୍ମାର କଥା କହିଛନ୍ତି ?

ଶ୍ରୀଅରବିନ୍ଦ : ଏହା ବ୍ରାହ୍ମୀଚେତନାର କଥା । ଏହା ବୁଝାଉଛି : ତୁମେ ସକଳଙ୍କ ଭିତରେ ଏକହିଁ ଚେତନାକୁ ଏବଂ ସେଇ ଏକମେବ ଆତ୍ମା ମଧ୍ୟରେ ସମସ୍ତ ବସ୍ତୁ ରହିଥିବାର ଦେଖିପାରୁଛ ଆଉ ତତ୍ପରେ ସେଇ 'ଏକଙ୍କୁ ଉପଲବ୍ଧି କଲେ ଯେଉଁ ଚେତନା ବ୍ୟକ୍ତିକ(Personal) ଓ ନୈର୍ବ୍ୟକ୍ତିକ (Impersonal)ଙ୍କୁ ଧାରଣ କରିଥାଏ, ତାହାଙ୍କୁ ଏବଂ ତଦୂର୍ଦ୍ଧ୍ୱ ଚେତନାକୁ ବି ଉପଲବ୍ଧି କରିପାରିବ ।

ଶିଷ୍ୟ : ଏହା କ'ଣ ସତ୍ୟ ଯେ ଆଧ୍ୟାତ୍ମିକ ପ୍ରବୃତ୍ତି ଆଡ଼କୁ ଉନ୍ମୁଖ ହୋଇଥିବା ଲୋକ ଉକ୍ତ 'ଅଧିକାର'କୁ ନେଇ ଜନ୍ମ ହୋଇଥା'ନ୍ତି ?

ଶ୍ରୀଅରବିନ୍ଦ : ହଁ ।

ଶିଷ୍ୟ : କ'ଣ ଏ ଅଧିକାର, ବା ସେଭଳି ଗୁଣ ? ଯଦି ସାଧକର ସେ ଅଧିକାର ପୂର୍ବରୁ ନଥାଏ, ପରେ କିଛି ଉପାୟ ବା ସାଧନା ଦ୍ୱାରା ସେ ଲାଭ କରିପାରେ କି ?

ଶ୍ରୀଅରବିନ୍ଦ : ହଁ ବ୍ୟକ୍ତି-ବିଶେଷ ଏ ଅଧିକାର ଲାଭ କରିପାରେ; ଯେବେ ଆମେ କହୁ – 'ଲୋକଟି ଏବେଯାଏଁ ପ୍ରସ୍ତୁତ ହୋଇ ନାହିଁ' କିଂବା 'ସେ ନିଜକୁ ଉକ୍ତ ଢାଞ୍ଚାରେ ଗଢ଼ିନେଇ ପାରିବ' – ସେଇ ଜିନିଷକୁହିଁ ଏହା ବୁଝାଉଛି ।

ଶିଷ୍ୟ : ସାଧୁସନ୍ଥଙ୍କର ସଙ୍ଗ ଲାଭକରି ଏ ଅଧିକାର ମିଳିପାରେ କି ?

ଶ୍ରୀଅରବିନ୍ଦ : ହଁ, ନିଶ୍ଚୟ ସମ୍ଭବ ।

ଶିଷ୍ୟ : ଏଠାରେ ଆଧ୍ୟାତ୍ମିକ ଅଭିବ୍ୟକ୍ତିକୁ ନେଇଆସିବା ଏକ ସମସ୍ୟା । ସେଥିପାଇଁ କୁହାଯାଏ ଏହା ଏକ ଜଟିଳ ବ୍ୟାପାର ଓ ପ୍ରଲମ୍ବିତ ପ୍ରୟାସ, ଯାହାଦ୍ୱାରା ଭଗବାନଙ୍କ ଅଭିବ୍ୟକ୍ତିକୁ ଆପଣା ମଧ୍ୟରେ ତଥା ଆପଣା ଜୀବନ ମଧ୍ୟରେ ପରିପ୍ରକାଶ କରାଯାଇପାରିବ ।

ଶ୍ରୀଅରବିନ୍ଦ : କେବଳ ଏଇ ପ୍ରସ୍ତୁତିରେ ଲାଗିରହିବା ଯଥେଷ୍ଟ ନୁହେଁ । ସାଧକକୁ ନିଜ ଭିତରେ ମୁକ୍ତ ବୋଧ କରିବାର ସାମର୍ଥ୍ୟ ଅର୍ଜନ କରିବାକୁ, ବିଶ୍ୱ-ବିବର୍ତ୍ତନରୁ ପୃଥକ୍ ହୋଇଯିବାକୁ ପଡ଼ିବ, ଯାହା ବୁଝାଉଛି ଯେ ସାଧକ ବିଶ୍ୱ ବିକାଶକ୍ରମରୁ ପୃଥକ୍ ହୋଇଯିବ; ଏହାର ଅର୍ଥ, ସାଧକ ବିବର୍ତ୍ତନ-କ୍ରମର ଅପରପାର୍ଶ୍ୱରେ ରହି କର୍ମ କରିଯିବ ।

ଅନେକ ଯୋଗୀ, ସେମାନେ ଯେବେ ଆତ୍ମାରେ ତଥା ବିଶ୍ୱ-ଚେତନାରେ ପହଞ୍ଚିଯା'ନ୍ତି, ସେତେବେଳେ ସେମାନଙ୍କୁ ବିଶ୍ୱ ପ୍ରକୃତି ମାଧ୍ୟମ କରି କାମ କରାଇନିଏ । ଅଥଚ ସେଥିରେ ସେମାନଙ୍କର ବ୍ୟକ୍ତିଗତ ଉତ୍ତର ଦାୟିତ୍ୱ ନଥାଏ । ସେମାନେ

ନିଜକୁ ଉଚ୍ଚତର ଚେତନାରେ କେନ୍ଦ୍ରୀଭୂତ କରି ରଖନ୍ତି ଅଥବା ତାହା ସହିତ ତାଦାତ୍ମ୍ୟ ସ୍ଥାପନ କରନ୍ତି ନିଜର ନିୟନ୍ତ୍ରଣର ବାହାରେ । ଏବଂ ତୁମେ ଦେଖିବ, ଯେମିତି 'କ' ଲକ୍ଷ୍ୟ କରିଛି ଯେ ଜଣେ ଅଧ୍ୟାତ୍ମ-ମାନବର ମୁହଁରୁ ଅଯଥା କଥା ଓ ଅମାର୍ଜିତ ଭାଷା ବାହାରିଆସେ । ନିଃସନ୍ଦେହରେ କୁହାଯାଇପାରେ ଯେ ସେପ୍ରକାର ଯୋଗୀ ଅବା ତାଙ୍କ ଆତ୍ମ-ସତ୍ତା ନିୟନ୍ତ୍ରଣ ହୀନ ଓ ମୁକ୍ତ ସିଦ୍ଧ, ଅଥଚ ସେମାନେ ଶାଳୀନତା ବା ସୌଜନ୍ୟ ଦ୍ୱାରା ବନ୍ଧା ନୁହନ୍ତି, ସେଥିପାଇଁ ସେମାନଙ୍କୁ ଜଡ଼ବତ୍, ପିଶାଚବତ୍ ବା ବାଳକବତ୍ କୁହାଯାଏ । ଏମାନଙ୍କ ମଧ୍ୟଦେଇ ପ୍ରକୃତି ଅବାଧଭାବେ ଖେଳା କରିପାରେ – ପ୍ରକୃତିକୁ ସେପରି ସ୍ୱାତନ୍ତ୍ର୍ୟ ଦିଆଯାଇଛି ସେମାନଙ୍କ ସାଧନାରେ ।

ସାଧକ ଯେବେ ଉଚ୍ଚତର ଚେତନାରେ ଅଧିଷ୍ଠିତ ହୁଏ, ଉପନିଷଦ୍ ସେମାନଙ୍କ ବିଷୟରେ କହିଥାଏ : ସିଏ କେବେବି ଅନୁଶୋଚନା କରେ ନାହିଁ ଯଥା ଏପରି : ମୁଁ କିଛି ଶୁଭଙ୍କର କାମ କରି ନାହିଁ, ଯାହା କିଛି କରିଛି ଅଶୁଭ, ଅଶୋଭନୀୟ, ମନ୍ଦ । ସବୁ ସାଧକ ବା ଯୋଗୀ ଏପରି ଆଚରଣ କରନ୍ତି ନାହିଁ । କିନ୍ତୁ କେତେଜଣ ଏହି ଆଚରଣ ପଛରେ କ'ଣ କାରଣ ଅବା ଉଦ୍ଦେଶ୍ୟ ରହିଛି ତାହା ବୁଝନ୍ତି – ସେକଥା କେଉଁ ବିଶେଷ ପରିସ୍ଥିତିରେ ଅବା କେଉଁ ବିଶେଷ ସମୟରେ ଯୋଗୀ ଏପରି କରିଥା'ନ୍ତି ।

ଅନ୍ୟ ଏକ ଅଡୁଆ ରହିଛି ଯାହା କଦବା କିଞ୍ଚିତ୍ ଦେଖାଦିଏ : କାହିଁକି ନା ଯୋଗୀମାନଙ୍କ ଭିତରୁ ଅଧିକାଂଶ ଉତ୍ତମ ଦାର୍ଶନିକ ନୁହନ୍ତି, ଯାହାଯୋଗୁଁ ଆପଣା ଅନୁଭବକୁ ଅନ୍ୟର ମନକୁ ପାଇବା ଭଳି ମାନବୀୟ ଭାଷାରେ ବ୍ୟକ୍ତ କରିପାରନ୍ତି ନାହିଁ । ମାତ୍ର ତାହାର ଅର୍ଥ ନୁହେଁ ଯେ ବାସ୍ତବରେ ସେମାନଙ୍କର ଆଧ୍ୟାତ୍ମିକ-ଅନୁଭବ ହୋଇ ନାହିଁ; ଅସଲ କଥା ହେଲା, ସେମାନେ ବୌଦ୍ଧିକ ବିକାଶଲାଭ ଦିଗରେ ମନ ବଳାଇ ନାହାନ୍ତି । କାରଣ ସେମାନଙ୍କର ଏକମାତ୍ର ଆକାଙ୍କ୍ଷା କେମିତି ସେମାନେ ସୋପାନରେ ଯାଇ ଉଚ୍ଚତର ଚେତନାରେ ପହଞ୍ଚିବେ ଏବଂ ସେତିକି କରିପାରିଲେହିଁ ସେମାନେ ଖୁସି । ଯେବେ ତୁମେ ସେପ୍ରକାର ଯୋଗୀଙ୍କ ନିକଟରୁ ଏଇଭଳି ଅଭିଜ୍ଞତା ଲାଭର ଆଶା କରୁଥିବ, ତେବେ ତୁମେ ନିରାଶ ହେବ ଯେପରି ଉକ୍ତ ଆମେରିକୀୟ ମହିଳା ରମଣମହର୍ଷିଙ୍କର ଛେପ ପକାଇବା ଓ ହାତ ନଖ କାମୁଡ଼ିବା ଅଭ୍ୟାସକୁ ପ୍ରତିବାଦ କରିଥିଲେ । କିନ୍ତୁ ଏଇସବୁ ଅଭ୍ୟାସର ଆଧ୍ୟାତ୍ମିକତା ସହିତ କିଛି ସମ୍ବନ୍ଧ ନାହିଁ ।

ଶିଷ୍ୟ : କ'ଣ ଆମେ କହିପାରିବା, ଶୁଦ୍ଧ ସତ୍‌ରେ ଚିତ୍‌ର ଅନୁପସ୍ଥିତି ନିହାତି ଆବଶ୍ୟକ ?

ଶ୍ରୀଅରବିନ୍ଦ : ନା, ଏପରିକି ତୁମେ ଯାହାକୁ ପୂର୍ଣ୍ଣ ସତ୍ ବୋଲି ଗ୍ରହଣ କରୁଛ, ତା'ର ପଶ୍ଚାତରେ ଚିତ୍ ଥାଏ କିଂବା ଯେବେ ସତ୍ ନିଷ୍କ୍ରିୟ ବୋଧ ହେଉଥାଏ, ଚିତ୍‌ର ସକ୍ରିୟତା ସମ୍ମୁଖଭାଗରେ ଅନୁଭୂତ ହୁଏ । ଏଇସବୁ କଥା ପ୍ରକାଶ କଲାବେଳେ ମାନସସ୍ତରର ପରିଭାଷାର ପ୍ରୟୋଗ ସର୍ବଦା ଗଣ୍ଡଗୋଳ ସୃଷ୍ଟିକରେ । ମୁଁ ତ ପ୍ରାୟଶଃ କହିଛି ସତ୍, ଚିତ୍, ଆନନ୍ଦ – ଏ ତିନିହେଁ ଆଦି ମୌଳିକ ତତ୍ତ୍ୱ ଏବଂ ଏଥିମଧ୍ୟରୁ କୌଣସି ଗୋଟିକୁ ଅନ୍ୟ ଦୁଇ ଅଂଶରୁ ପୃଥକ୍ କରାଯାଇପାରିବ ନାହିଁ, ଏଇ ପୃଥକୀକରଣର ବିଷୟ ଅବାନ୍ତର ।

ଶିଷ୍ୟ : ସାଧନାର ଭିନ୍ନ ଭିନ୍ନ ପଦ୍ଧତି ସାଙ୍ଗରେ ବହୁବିଧ ଅନୁଭୂତି ରହିଛି, ସେଗୁଡ଼ିକ ମଧ୍ୟରେ ନିଜ ପାଇଁ ଯାହା ପ୍ରୟୋଜନୀୟ, ତାହାକୁ ବାଛି ଗ୍ରହଣ କରିବା ବ୍ୟକ୍ତି ପକ୍ଷରେ କଷ୍ଟସାଧ୍ୟ ନୁହେଁ କି ?

ଅନ୍ୟଜଣେ ଶିଷ୍ୟ : ଏଇ ନିର୍ବାଚନ କ'ଣ ମନ ଦ୍ୱାରା କରାଯିବ ?

ଶିଷ୍ୟ : ଏହା ଛଡ଼ା ଅନ୍ୟ ଉପାୟ ନାହିଁ । ବିଭିନ୍ନ ପଦ୍ଧତି ଅନୁଧ୍ୟାନ କରିବା ଫଳରେ ଆମେ ଜ୍ଞାନ ଦିଗରେ ଅଗ୍ରସର ହେଉନାହୁଁ କି ?

ଶ୍ରୀଅରବିନ୍ଦ : ଜ୍ଞାନମାର୍ଗରେ ଅଗ୍ରସର ସକାଶେ ଏହି ଅଧ୍ୟୟନ ସାହାଯ୍ୟ କରେ । ଦର୍ଶନଶାସ୍ତ୍ର ମଣିଷ ମନ ଆଗରେ ଏପରି ବସ୍ତୁର ବ୍ୟାଖ୍ୟାକରେ, ଯାହା ସାଧାରଣ ମନର ଊର୍ଦ୍ଧ୍ୱରେ ବା ବାହାରେ ବିଦ୍ୟମାନ । ମାତ୍ର ପାଶ୍ଚାତ୍ୟ ମନ ପାଖରେ 'ଚିନ୍ତା'ହିଁ ସର୍ବୋଚ୍ଚ ବସ୍ତୁ । ଏଇ ବିଶ୍ୱଭୁବନର ଏକ ବ୍ୟାଖ୍ୟାଚିତ୍ର ମନରେ ଭାବି ଠିକ୍ କର, ଶେଷରେ ଏହା ମାନସିକ କ୍ରିୟାକଳାପର ଶେଷ ବିନ୍ଦୁରେ ତୁମକୁ ପହଞ୍ଚାଇବ । ସେମାନେ ମନକୁ ଉପଯୋଗ କରନ୍ତି କେବଳ ଉପଯୋଗ ପାଇଁ – ତାହା କେଉଁ ନିର୍ଦ୍ଦିଷ୍ଟ ଜାଗାରେ (ସିଦ୍ଧାନ୍ତରେ) ପହଞ୍ଚାଏ ନାହିଁ । (ଶ୍ରୀଅରବିନ୍ଦ 'କ'କୁ ଚାହିଁ) ଦେଖ, ବିଶ୍ୱ କୌଣସି ଯୁକ୍ତିବୁଦ୍ଧିର ବିଷୟ ନୁହେଁ, ବରଂ ଏହା ଚେତନାର ବିଷୟ ।

ଶିଷ୍ୟ : ଦର୍ଶନଶାସ୍ତ୍ରର ଅଧ୍ୟୟନ କ'ଣ ଅନିବାର୍ଯ୍ୟ ?

ଶ୍ରୀଅରବିନ୍ଦ : ନା, ଜମା ନୁହେଁ ।

ଶିଷ୍ୟ : ମୁଁ ସବୁ ଜିନିଷକୁ ଅନୁଭୂତି ଦେଇ ଜାଣିବାକୁ ଇଚ୍ଛା କରୁଛି ।

ଶ୍ରୀଅରବିନ୍ଦ : ଦର୍ଶନଶାସ୍ତ୍ର କ'ଣ ଉପଦେଶ ଦେଉଛି ବା କ'ଣ କହୁଛି, ତାହା ଜାଣିନିଅ, ତତ୍ପରେ ପ୍ରତ୍ୟକ୍ଷ ଅନୁଭୂତି ଦ୍ୱାରା ଦର୍ଶନଶାସ୍ତ୍ର ଯାହା ଦେଇପାରିବ ନାହିଁ ତାହାକୁ ଓ ତା' ଉପରର ଜ୍ଞାନକୁ ମଧ୍ୟ ଆହରଣ କର ।

ଶିଷ୍ୟ : ସାଂଖ୍ୟଦର୍ଶନ ପୁରୁଷ ଓ ପ୍ରକୃତି ମଧ୍ୟରେ ଯେଉଁ ବିଭାଜନ କରିଛି, ଗୋଟିଏ ଦୃଷ୍ଟିରୁ ତାହା ବେଶ୍ ଧାରୁଆ ଏବଂ ତାକୁ ଅନୁସରଣ କଲେ ପ୍ରକୃତିର ବନ୍ଧନରୁ ମୁକ୍ତି ମିଳିଯାଇପାରେ ବା ମୁକ୍ତି ମିଳିବାରେ ତାହା ସାହାଯ୍ୟ କରେ ।

ଶ୍ରୀଅରବିନ୍ଦ : ଏହା ନିରପେକ୍ଷଭାବେ ପୃଥକୀକରଣ କରିଥାଏ । ତାହା ପୁରୁଷ ଓ ପ୍ରକୃତିକୁ ଚରମ ତତ୍ତ୍ୱରୂପେ ଗ୍ରହଣ କରିଛି । ୟୁରୋପ ମହାଦେଶ ଏ ଦୁଇଟି ତତ୍ତ୍ୱ – ଯଥା ସାଂଖ୍ୟ ଓ ବୌଦ୍ଧ ତତ୍ତ୍ୱକୁ – ଏହାକୁ ସର୍ବପ୍ରଥମେ ଭଲଭାବେ ବୁଝିବାକୁ ଚେଷ୍ଟା କରିଛି ଓ ପସନ୍ଦ କରିଛି । କାରଣ ସାଂଖ୍ୟ ପ୍ରକୃତି ଓ ପୁରୁଷ ମଧ୍ୟରେ ତୀକ୍ଷ୍ଣ ପୃଥକତ୍ୱ ଦେଖାଇ ଅଲଗା ଅଲଗା କରିଛି । ସେମାନଙ୍କ ଦୃଷ୍ଟିରେ ପ୍ରକୃତି ଜଡ଼ ସଦୃଶ ଓ ପୁରୁଷ ଚେତନାରେହିଁ ଅଛି ପ୍ରକାଶ; ପୁରୁଷ ଚେତନାର ପ୍ରକାଶ ଫଳରେ ପ୍ରକୃତିକୁ ସଚେତ ଥିବା ଭଳି ଆମେ ଦେଖୁ । ସେମାନେ ଏକଥା ବି ବିଶ୍ୱାସ କରନ୍ତି ଯେ ବୁଦ୍ଧି – ବୌଦ୍ଧିକ ଚେତନା ମଧ୍ୟ ଜଡ଼, ଅର୍ଥାତ୍ ତାହା ବିଶ୍ୱଚେତନାର ଅନ୍ତର୍ଗତ ।

ଆମ ଯୋଗରେ ଆମକୁ ଏକଥା ମାନିବାକୁ ହେବ, ସେପରି କିଛି ବାଧ୍ୟବାଧକତା ନାହିଁ; ଅଥଚ ପାଶ୍ଚାତ୍ୟଦେଶର ବୌଦ୍ଧଧର୍ମରେ ଆସ୍ଥା ଅଧିକ, କାରଣ ସେଇଟି ସ୍ୱଭାବତଃ ଶକ୍ତଭାବେ ଯୁକ୍ତିସଙ୍ଗତ । ସେଇ ତତ୍ତ୍ୱର ଯୁକ୍ତିବାଦ ସିଦ୍ଧାନ୍ତକୁ ଶୂନ୍ୟ ପର୍ଯ୍ୟନ୍ତ ଟାଣି ନେଇଯାଏ – ଅର୍ଥାତ୍ 'ଅସତ୍'ର ସ୍ଥିତି ଯାଏଁ । ଉକ୍ତ ସାଧନାରେ ସେ ଚରମ ଲକ୍ଷ୍ୟରେ ଉପନୀତ ହେବାକୁ ଯତ୍ନ କରେ ।

ଉକ୍ତ ଶୂନ୍ୟବାଦରେ ଅଜ୍ଞେୟ ତତ୍ତ୍ୱ (Agnosticism)ର ଦୃଢ଼ ପ୍ରଭାବ ରହିଛି, ଯାହା ୟୁରୋପୀୟ ମନୋଭାବର ଖୁବ୍ ପସନ୍ଦ । ସେଇଟି ଶୂନ୍ୟରୁ ଝୁଲୁଥିବା ଭଳି ଏକ ତତ୍ତ୍ୱ; କାହିଁକିନା ତାହା ଭିତ୍ତି ଶୂନ୍ୟ, ଅର୍ଥାତ୍ ଅସତ୍ । ତୁମେ ବୁଝିପାରିବ ନାହିଁ – କେଉଁ ଆଧାର ଉପରେ ସେ ତତ୍ତ୍ୱ ଦଣ୍ଡାୟମାନ ।

ଆଧୁନିକ-ବିଜ୍ଞାନ ଓ ସାଂଖ୍ୟ, ଏ ଦୁଇଟି ମଝିରେ କିଛି ସାମଞ୍ଜସ୍ୟ ଥିବାଭଳି ମନେହୁଏ । କାରଣ ବିଜ୍ଞାନ ଏଇ ତଥ୍ୟରେ ବିଶ୍ୱାସ କରେ ଯେ ବିବର୍ତ୍ତନର ପ୍ରାରମ୍ଭ ଜଡ଼ପାଖରୁ ଅର୍ଥାତ୍ ନିଶ୍ଚେତନାରୁ ଏବଂ କ୍ରମାନ୍ୱୟରେ ତାହା ଚେତନାର ପାବଚ୍ଛରେ ଉଠିଚାଲେ ।

ଶିଷ୍ୟ : ଆମ ଭିତରେ ଏତେ ଗାଢ଼ ଅନ୍ଧକାର, ଯାହାକୁ ନିଜ ଚେଷ୍ଟାରେ ଆମେ ଖାଲି କରିପାରିବା ନାହିଁ । ବେଳେବେଳେ ଆମର ଧାରଣା ହୁଏ ଯେ ଅଳ୍ପଟିକିଏ ଆଲୋକରେ ଆମର କାମ ଚଳିଯିବ ।

ଶ୍ରୀଅରବିନ୍ଦ : ନା, ସାମାନ୍ୟ ପ୍ରକାଶ; ଖାଲି ମହମବତି ଭଳି ମାନସିକ ଔଜ୍ଜ୍ୱଲ୍ୟରେ କିଛି କାମ ହେବ ନାହିଁ । ପୂର୍ଣ୍ଣ ସୂର୍ଯ୍ୟାଲୋକ ହେବା ଆବଶ୍ୟକ । ଏବଂ ସେ ଉଦ୍‌ଭାସ ଲାଭ କରିବା ଓ ତାକୁ ନିମ୍ନକୁ ଓହ୍ଲାଇ ଆଣିବା ବହୁତ କଠିନ । ଏଇ ଓହ୍ଲାଇ ଆଣିବାର ପ୍ରକ୍ରିୟା ଏକ ମନ୍ଥର ପ୍ରୟାସ; କିନ୍ତୁ ସେଇ କାରଣରୁ ଆମେ କହିଥାଉ, 'ତୁମ ଭିତରୁ ଏକ ଉନ୍ମୀଳନ ହେବା ଜରୁରୀ' । ଭିତରଆଡୁ ଟିକିଏ ଉତ୍‌ପ୍ରେରଣା ରହିଥିବା ଦରକାର ଯାହାଫଳରେ କ୍ରମଶଃ ଅଧିକରୁ ଅଧିକ ପ୍ରକାଶ ଅନ୍ତରକୁ ଆସିପାରେ ।

ଶିଷ୍ୟ : ଆମେ ପ୍ରକାଶ ଜିନିଷଟିକୁ ନଜାଣିଲେ, କେମିତି ତା'କୁ ସ୍ୱୀକାର କରିବୁ ?

ଶ୍ରୀଅରବିନ୍ଦ : ଏହାର ଅର୍ଥ ତୁମ ଭିତରେ ଏପରି କିଛି ଜିନିଷ ଅଛି, ଯାହା ଏଇ ପ୍ରକାଶ ପାଇଁ ଅନିଚ୍ଛୁକ, ଅନ୍ତତଃ ଏହାକୁ ଭିତରକୁ ନେଇ ଆସିବାରେ ବିଶେଷ କିଛି କଠିନତା ନାହିଁ । ବାସ୍ତବରେ, ଜଗତକୁ ଯେପରି ଆମେ ଦେଖୁ, ସେଥିରୁ ଆମେ ଜାଣୁ ଯେ ଯେତେବେଳେ ବି ଉର୍ଦ୍ଧ୍ୱରୁ ଆଲୋକ ଆସିବାକୁ ଚାହିଁଛି, ତାକୁ ଗ୍ରହଣ କରିବା ପାଇଁ ଏ ଜଗତ୍ ଅନିଚ୍ଛୁକତା ପ୍ରକାଶ କରିଛି ।

ଏହା ଏକ ପରୀକ୍ଷା ଯେଉଁଥିରୁ ବୁଝିନେଇପାରିବା ଯେ ଜଗତ୍ ସେଇ ଆଲୋକ ଗ୍ରହଣ କରିବାକୁ ପ୍ରସ୍ତୁତ କି ନୁହେଁ । ଉଦାହରଣ ସ୍ୱରୂପ, ଯେତେବେଳେ ଯିଶୁଖ୍ରୀଷ୍ଟଙ୍କୁ ଦଣ୍ଡ ଦିଆଯିବାର ଥିଲା ଓ ସେସମୟରେ ଯେଉଁ ଚାରିଜଣଙ୍କୁ ଦଣ୍ଡିତ କରିବାର ଥିଲା, ସେମାନଙ୍କ ଭିତରୁ ରୋମାନ୍ ଗଭର୍ଣ୍ଣର ପାଇଲେଟ୍*ଙ୍କର ଅଧିକାର ଥିଲା ଜଣକୁ ମୁକ୍ତ କରିଦେବାକୁ ଏବଂ ସିଏ ବାରବାରସ୍‌କୁ କ୍ଷମା କରିଦେଲେ । ଏବେ କୁହାଯାଉଛି ଯେ ବାରବରସ୍ (Barbaras)ଡକାୟତ ନଥିଲା,

* ଯିଶୁଖ୍ରୀଷ୍ଟଙ୍କ ସମୟରେ ରୋମାନ୍ ଗଭର୍ଣ୍ଣର ଓ ବିଚାରପତି Pontius Pilate ଥିଲେ ।

ସେ ଥିଲା ଜାତିର ବିଦ୍ରୋହୀ ନେତା – ରବିନ୍‌ହୁଡ୍ ଭଳି । ଘଟଣା ଯାହା ବି ହେଉ ସେଇ ବିଚିତ୍ର ଡାକୁକୁ ଈଶ୍ୱରଙ୍କ ପୁତ୍ର ଅପେକ୍ଷା ଅଧିକ ମୂଲ୍ୟ ଦିଆଗଲା – ଅର୍ଥାତ୍ ସତ୍ୟ-ପ୍ରଚାରକଙ୍କ ଅପେକ୍ଷା ରାଜନୀତିକ ବିରୋଧୀର ମୁକ୍ତି ପାଇଁ ଦାବିରେ ତାକୁ ବେଶୀ ମାନ୍ୟତା ଦିଆଗଲା ।

ଶିଷ୍ୟ : ଆପଣ ଅଭିଜ୍ଞତା ସମ୍ବନ୍ଧରେ କହୁଛନ୍ତି, କିନ୍ତୁ ମୋର ସେସବୁ କିଛି ନାହିଁ, ଏତିକି ମାତ୍ର ଅଛି ଯେ ଯେତେବେଳେ ଧ୍ୟାନସ୍ଥ ହୁଏ ଗୋଟିଏ ପ୍ରକାର ଚାପ ମସ୍ତକରେ ଅନୁଭବ ହୁଏ ।

ଶ୍ରୀଅରବିନ୍ଦ : ତୁମର ଅନ୍ତତଃ ଏକ ଚାପର ଅନୁଭବ ହେଉଛି ତ !

ଶିଷ୍ୟ : କିନ୍ତୁ ଏକଥା କିପରି ଜଣାପଡ଼ିବ ଯେ ଏହି କ୍ରିୟାଟି କୌଣସି ଉଚ୍ଚତର ଶକ୍ତିର ପ୍ରଭାବରୁ ହେଉଛି ?

ଶ୍ରୀଅରବିନ୍ଦ : ତୁମକୁ କିଛି କାଳ ଅପେକ୍ଷା କରିବାକୁ ହେବ, ଯାହାଫଳରେ ତୁମେ ଜାଣିପାରିବ ନିଜେ କିଂବା ତୁମକୁ କୌଣସି ଗୁରୁଙ୍କ ସମୀପକୁ ଯିବାକୁ ହେବ ଯାହାଙ୍କର ଏଧରଣର ଅନୁଭବ ହୋଇଛି – ଅର୍ଥାତ୍ ତୁମକୁ ଶ୍ରବଣ ତଥା ମନନ ଦ୍ୱାରା ଏହାର ଅଭ୍ୟାସ କରି ଏଇ ସତ୍ୟକୁ ସ୍ୱୀକାର କରିବାକୁ ହେବ ।

ଶିଷ୍ୟ : ଆରୋହଣ ଓ ଅବରୋହଣ ଯେ ଯୋଗ-ସାଧନାରେ ଘଟେ ବୋଲି କୁହାଯାଏ, ତାହା କେମିତି ଜାଣିହେବ ?

ଶ୍ରୀଅରବିନ୍ଦ : ଯେତେବେଳେ ହେବ, ତୁମେ ନିଜେ ବୁଝିଯିବ ନାହିଁ କି ? ସେକଥା ତୁମ ମନରୁ କେବେବି ପାସୋରି ଯିବ ନାହିଁ ।

ଶିଷ୍ୟ : ମୁଁ ଶୁଣିବାକୁ ପାଇଲି ଯେ ରମଣମହର୍ଷିଙ୍କ ଆଶ୍ରମରେ ଅପରିଷ୍କାର ପରିବେଶ ସତ୍ତ୍ୱେ ଉକ୍ତ ଆମେରିକୀୟ ଭଦ୍ରମହିଳା ସେଠାରେ ସପ୍ତାହେ ଖଣ୍ଡେ ରହିଥିଲେ । ସେ ତାଙ୍କର ପ୍ରତିଦିନର ଆହାର ପାଇଁ ଏକଶତ ଟଙ୍କା ଖର୍ଚ୍ଚ କରୁଥିଲେ । ମୋନା କହୁଥିଲେ ତାଙ୍କ ସ୍ୱାମୀଙ୍କ ନାମରୁ ମନେହେଉ ନାହିଁ ଯେ ସିଏ ପୁରୁଣା ଆଭିଜାତ୍ୟସମ୍ପନ୍ନ ପରିବାରରୁ ଆସିଛନ୍ତି ବୋଲି । ସେ ଜଣେ ରବର-ବେପାରୀ, ରବର-ଟାୟାର କମ୍ପାନୀର ନିର୍ମାତା ସିଏ । ହୁଏତ ଲର୍ଡ଼ ହୋଇପାରନ୍ତି ।

ଶ୍ରୀଅରବିନ୍ଦ : ମୁଁ ବୁଝିପାରୁ ନାହିଁ ଯେ ଜଣେ ରବର-ଟାୟାରର ନିର୍ମାଣକାରୀ କେମିତି କ୍ୟାଥଲିକ୍ ହେଲା ?

ଶିଷ୍ୟ : ସମ୍ଭବତଃ, ବଂଶାନୁକ୍ରମେ ଆସିଥିବ ସେ ବ୍ୟକ୍ତିଙ୍କ ପାଖକୁ ।

ଶ୍ରୀଅରବିନ୍ଦ : ଟାୟାର୍ ନା କ୍ୟାଥ୍‌ଲିକ୍ ବାଦ ?

ଶିଷ୍ୟ : ସେ ମହିଳା ଆମ ଆଶ୍ରମ ବିଷୟରେ କ'ଣ ମନ୍ତବ୍ୟ ଜଣାଇଲେ ?

ଶ୍ରୀଅରବିନ୍ଦ : ସେ ତ ବହୁତ ପ୍ରଭାବିତ ହେଲେ ଏବଂ ଶ୍ରୀମାଙ୍କୁ ବହୁ ବହୁ ପ୍ରଶଂସା କରୁଥିଲେ, ଏବଂ ସେ ଭାବୁଥିଲେ ପ୍ରତିଭା-ସୁଲଭ ବ୍ୟକ୍ତି ଧନ ନଥାଇ ମଧ୍ୟ ଅନେକ କାମ କରିପାରନ୍ତି !

ଶିଷ୍ୟ : ମୋର ମନେହେଉଛି ସିଏ କିଛି ଅନୁଦାନ ଦେଇଛନ୍ତି ଆଶ୍ରମକୁ ।

ଶ୍ରୀଅରବିନ୍ଦ : ହଁ, ପାଞ୍ଚ ପାଉଣ୍ଡ । ଯେତେଜଣ ଆମେରିକୀୟ ଆଜିପର୍ଯ୍ୟନ୍ତ ଆସିଛନ୍ତି ସେମାନେ ଗରିବ ହୁଅନ୍ତୁ କି ଧନୀ ହୁଅନ୍ତୁ, କହିବାକୁଗଲେ ପ୍ରାୟଶଃ କିଛି ବି ଅନୁଦାନ କରନ୍ତି ନାହିଁ ।

ଶିଷ୍ୟ : ତଥାପି ସିଏ ତ ସାର୍ ଏଇଚ୍‌ଙ୍କ ଅପେକ୍ଷା ଉତ୍ତମ, କାହିଁକି ନା ସେ ଭଦ୍ରବ୍ୟକ୍ତି କିଛି ତ ଦେଇ ନାହାନ୍ତି, ବରଂ ଏଠାରୁ ପାଉଁରୁଟି (ଲୋଫ୍) ମାଗଣାରେ ନେଇଛନ୍ତି । (ହାସ୍ୟ)

[ଏ ସମୟରେ ଶ୍ରୀମା ସେଇ ବୈଠକ ମଧ୍ୟକୁ ଆସିଗଲେ ।]

ଶ୍ରୀଅରବିନ୍ଦ : (ମା'ଙ୍କୁ ଚାହିଁ) 'ନ' ଜାଣିବାକୁ ଚାହେଁ ସେଇ ଆଗନ୍ତୁକା 'ବି'ଙ୍କୁ ଏ ଜାଗା କେମିତି ବୋଧ ହେଲା ?

ଶ୍ରୀମା : ସେ ତ ବହୁତ ବହୁତ ତାରିଫ କରିଛନ୍ତି । ଏଠିକାର ପରିଷ୍କାର-ପରିଚ୍ଛନ୍ନତା, ସୁବ୍ୟବସ୍ଥା ତଥା ସୁନ୍ଦରତା ଦ୍ୱାରା ସେ ପ୍ରଭାବିତ ହୋଇଛନ୍ତି । (ଶ୍ରୀଅରବିନ୍ଦଙ୍କୁ ଚାହିଁ) ମହିଳା ଜଣକ ପର୍ଯ୍ୟଟକରୁ ଅଧିକା କିଛି ନୁହନ୍ତି । ସେ ଜାପାନ ଯାଉଛନ୍ତି ସୁଜୁକିଙ୍କ ସହ କିଛି ଅଧ୍ୟୟନ କରିବା ପାଇଁ । ତାଙ୍କର ପ୍ରତିଭା (ପ୍ରତିଭାଶାଳୀମାନଙ୍କ) ପ୍ରତି ସମ୍ମାନବୋଧ ରହିଛି । ହୁଏତ ଏଇ କାରଣରୁ ଯେ ପ୍ରତିଭାବାନ୍ କାହାରିଠାରୁ ଅର୍ଥ ଅପେକ୍ଷା କରନ୍ତି ନାହିଁ ।

*(ଏଇଠାରେ ଆଲୋଚନାର ବିଷୟବସ୍ତୁ ବଦଳିଲା)*

ଅନୁବାଦ : କୃଷ୍ଣା ଦେବୀ ✤

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ଆଗାମୀ କଂଗ୍ରେସ

ଦୁର୍ବଳ ମାନବିକତାର ଏକ ଗତାନୁଗତିକ ଅଭ୍ୟାସ ନେଇ ବ୍ୟକ୍ତିକୁ କୁଖ୍ୟାତି ଦେବା, ତା'ର କୁତ୍ସାରଟନା କରିବା ଏବଂ ତା'ପରେ ସେଇ କୁଖ୍ୟାତିଟିକୁ ସ୍ଥାୟୀ କରାଇବା ପରି କଂଗ୍ରେସର ଆଗାମୀ ଅଧିବେଶନର ସକଳ ଅପରାଧଯୁକ୍ତ କୃତାକୃତ କର୍ମ ସମ୍ପର୍କରେ ଦେଶର ଏହି ଅଞ୍ଚଳରେ ନୂଆ ଦଳ ଯେ ଉତ୍ତରଦାୟୀ – ଏକଥା ଘୋଷଣା କରିବାକୁ ତଥାକଥିତ ନରମପନ୍ଥୀ ଦଳର ଦୂରଦୂରାନ୍ତରରୁ ଆସିଥିବା କେତେକ ସମାଚାର ପତ୍ରିକାର ବନ୍ଧୁ ବରାବର ଚେଷ୍ଟା ଚଳେଇ ଆସୁଛନ୍ତି । ଅନେକ ମାସ ଆଗରୁ ଏକ ଅଭ୍ୟର୍ଥନା ସମିତିର ସଙ୍ଗଠନ କରାଯାଇଥିଲା କିନ୍ତୁ ଏପର୍ଯ୍ୟନ୍ତ ଗୋଟିଏ ବି ସଭା ଅନୁଷ୍ଠିତ ହୋଇନି ଆଉ ଏଥିପାଇଁ ନୂତନ ଦଳକୁ ଦାୟୀ କରାଯିବା ଉଚିତ, ଯଦିବା ଏକଥା ସତ ଯେ ଯେଉଁ ସେକ୍ରେଟେରୀମାନେ ସମିତିର ଅଧିବେଶନ ଡାକିବା ପାଇଁ ଯୋଗ୍ୟ ବିବେଚିତ, ସେଇମାନଙ୍କ ଭିତରୁ କେହି ଜଣେବି ସେକ୍ରେଟେରୀ ସେମାନଙ୍କ ଉଚ୍ଚ ପଦବୀର ଅନ୍ତର୍ଭୁକ୍ତ ନୁହନ୍ତି । ଅଭ୍ୟର୍ଥନା ସମିତିର କାର୍ଯ୍ୟନିର୍ବାହୀ କମିଟି ଏପର୍ଯ୍ୟନ୍ତ ନିର୍ବାଚିତ ହୋଇନି ଆଉ ଏଥିପାଇଁ ଦୁର୍ଦ୍ଧର୍ଷ ଚରମପନ୍ଥୀମାନଙ୍କୁ ଛାଡ଼ି ଆଉ କାହାକୁ ନିନ୍ଦା କରାଯିବ ? କଂଗ୍ରେସର କାର୍ଯ୍ୟ, ମଞ୍ଚର ନିର୍ମାଣ, ପାଣିର ଯୋଗାଡ଼ ଆଉ ଏହିପରି ହଜାର ପ୍ରକାରର କାର୍ଯ୍ୟ ଯାହା ଉପରେ ଏ ଆଡ଼ମ୍ବରର କୃତିତ୍ୱ ନିର୍ଭର କରୁଛି ଏବଂ ଯେଉଁଥିପାଇଁ ସମୟ ମୁତାବକ ପ୍ରସ୍ତୁତିରେ ମଧ ଆବଶ୍ୟକତା ରହିଛି, ଯାହା ଏପର୍ଯ୍ୟନ୍ତ ହାତକୁ ନିଆ ହୋଇନି ଆଉ ଏଥିସକାଶେ ଏସବୁ ଅନିଷ୍ଟକର ଲୋକେ ମଧ ଦାୟୀ । ଏହାହିଁ ହେଲା ଏଠାକାର ଓ ଅନ୍ୟ କେଉଁଠିକାର ଆମ ସମ୍ମାନାସ୍ପଦ ବନ୍ଧୁମାନଙ୍କ ବିଚାର ନିଷ୍ପତ୍ତିର ସାରାଂଶ ।

ଅନ୍ୟ ଅର୍ଥରେ, କେବଳ ମାତ୍ର ଗୋଟିକରେ ସେମାନେ ଠିକ୍ କଥା କହୁଛନ୍ତି । ଅସୁବିଧାଟି ଆମରି ହେତୁରୁହିଁ କେବଳ – ଦେଶ ଭିତରେ ଆମରି ଉପସ୍ଥିତି ହେତୁ, ଯଦିଓ ଆମର ହସ୍ତକ୍ଷେପ କିଂବା ପ୍ରତିବନ୍ଧକ ଯୋଗୁଁ ଏଭଳି ଅସୁବିଧା ଘଟି ନପାରେ । ପୁରୁଣା ନେତୃବର୍ଗ ସେମାନଙ୍କ ଇଚ୍ଛାନୁସାରେ ଓ ଖୁସି ମୁତାବକ ଯାହା ଚାହିଁବେ ତାହା କରିବାକୁ ମନ ବଳାଇବେ, କଂଗ୍ରେସର ସଂବିଧାନ ଭିତରେ ଥିବା ପ୍ରତିଟି ପ୍ରସଙ୍ଗକୁ ନେଇ ଜୋର୍‌ଜୁଲମ୍ କରିବେ । କିନ୍ତୁ ନୂଆ ଦଳ ପକ୍ଷରୁ ଏମିତିକି କଂଗ୍ରେସ ଭିତରେ ଏସବୁ ମନମୁଖି କାର୍ଯ୍ୟର ଧାରା ପାଇଁ ସମ୍ଭବତଃ କୌଣସି ସୁଯୋଗ ଦିଆଯିବ ନାହିଁ; ଏବଂ ତାହାହିଁ ବିରାଟ ଅସୁବିଧା । କାର୍ଯ୍ୟନିର୍ବାହୀ କମିଟି ଏପର୍ଯ୍ୟନ୍ତ ଗଠନ କରାଯାଇନି କାରଣ ଭୟଟି ହେଲା ଏସବୁ 'ଚରମପନ୍ଥୀ'ଙ୍କ ପରିପୂରକଭାବେ କାଳେ କେହି ଭିତରେ ପ୍ରବେଶ କରିବାକୁ ସମର୍ଥ ହେବ । ଅଭ୍ୟର୍ଥନା ସମିତି ତରଫରୁ କୌଣସି ସଭା ମଧ ଡକା ହୋଇନି କାଳେ ନୂଆ ଦଳ ସେମାନଙ୍କ ମତାମତ ଓ ଚିନ୍ତାଧାରାଗୁଡ଼ିକର ପ୍ରଭାବକୁ କଂଗ୍ରେସର ପବିତ୍ର କାର୍ଯ୍ୟକଳାପ ଉପରେ ଆଣି ଅଖାଡୁଆଭାବେ ଲଦି ଦେବାର ସୁଯୋଗ ପାଇଯିବ । ସେମାନେ ତ **ଅବାଞ୍ଛିତ** : କିନ୍ତୁ ଖାଲି ଗୋଟିଏ ମହତ୍ ଇଚ୍ଛା ବଳରେ ଯେ ସେମାନେ କୌଣସି ଗୋଟିକରୁ ବି ଛାଡ଼ ପାଇପାରିବେନି । ଏଇଥିପାଇଁ ହେଉଛି ଏସବୁ ଅସୁବିଧା ।

ଏବଂ ଏମିତି ପରିସ୍ଥିତିରେ 'ହିନ୍ଦୁ', 'ମାଡ୍ରାସ୍-ଷ୍ଟାଣ୍ଡାର୍ଡ୍' ଆଉ ଏପରିକି 'ଇଣ୍ଡିଆନ୍ ମିରର୍'କୁ ଆମେ ପଚାରୁଛୁ କ'ଣ କରିବୁ ବୋଲି ସେମାନେ ଚାହୁଁଛନ୍ତି ? ଆମର ସମସାମୟିକ ବନ୍ଧୁ ପତ୍ରିକାମାନେ କ'ଣ ଚାହୁଁଛନ୍ତି ଯେ ଆମେ ପୁରାତନ ଜାପାନୀମାନଙ୍କ ପରି ନିଜ ପେଟକୁ ଚିରି ଆତ୍ମହତ୍ୟା କରିବୁ (hara-kiri) ଯାହା ଫଳରେ ନରମପନ୍ଥୀମାନେ ନିର୍ବିବାଦରେ କଂଗ୍ରେସକୁ ନିଜ ଅକ୍ତିଆରକୁ ଆଣିପାରିବେ ଆଉ ନିଜ ଇଚ୍ଛା ଏବଂ ଖୁସି ଅନୁସାରେ ଏହାର କାର୍ଯ୍ୟ ତଥା କାର୍ଯ୍ୟସୂଚୀ ପାଇଁ ବ୍ୟବସ୍ଥା କରିବେ ? ଦେଶର ସ୍ୱାର୍ଥ ପାଇଁ ଆମ ତରଫରୁ ଏଇ ଆତ୍ମବଳିକୁ ସେମାନେ ଏକ ମହାନ୍ ତ୍ୟାଗ ବୋଲି ବିଚାର କରିପାରିବେ । ଦୁର୍ଭାଗ୍ୟବଶତଃ, ଆମେମାନେ ଏଯାବତ୍ ବ୍ରହ୍ମବିଦ୍ୟା(Theosophy)ର ଆଧାର ଉପରେ ପ୍ରତିଷ୍ଠିତ ତାଦାତ୍ମ୍ୟଭାବର ସେଇ ଶୀର୍ଷକୁ ଆରୋହଣ କରି ନାହୁଁ ଯେଉଁଠାରେ ଭୂପେନ୍ଦ୍ରନାଥ ଓ ସୁରେନ୍ଦ୍ରନାଥଙ୍କ ପରି ବାବୁମାନେ ବଙ୍ଗଳାର ପ୍ରତୀକ ହୋଇଯାଇ ପାରନ୍ତି ଆଉ ମେହେଟ୍ଟା ଓ ଓ୍ୟାଚା ବମ୍ବେ (Watcha Bombay)ଆଦି ଭଦ୍ରମହୋଦୟ ଏବଂ ପ୍ରାୟ ଅଧଡଜନ ସରିକି ନରମପନ୍ଥୀ ଆଉ ରାଜଭକ୍ତ ସ୍ୱଦେଶପ୍ରେମୀମାନେ ଭାରତବର୍ଷର ପ୍ରତୀକ ପାଲଟି ଯାଇପାରନ୍ତି ।

ପ୍ରକୃତରେ ଅସଲ କଥା ହେଲା, ନୂଆ ଦଳ ନୁହେଁ

କିନ୍ତୁ ପୁରାତନ ଦଳହିଁ ଦାୟୀ ଏଇ ଧରଣର ବିଶୃଙ୍ଖଳା ସକାଶେ ଯାହା ଭିତରେ କଲିକତାରେ ଠିକ୍ ବର୍ତ୍ତମାନ କଂଗ୍ରେସର ପ୍ରସଙ୍ଗଗୁଡ଼ିକ ଆହ୍ଵାନ ଜମେଇଲା ପରି ମନେହୁଏ । ଆମେ ଯାହାସବୁ ଚାହୁଁଛୁ, ସେସବୁ ହେଲା କଂଗ୍ରେସର ସଂବିଧାନ, ଏହାର ଅଲେଖା ଅନୁଶାସନ ଆଉ ଐତିହ୍ୟଗୁଡ଼ିକୁ ନିଷ୍ଠାପରତା ସହକାରେ ପାଳନ କରିବା ଓ ମାନ୍ୟ କରିବା ଉଚିତ । ଯଦି ଏକଥା ହୁଏ ତା'ହେଲେ ଆଉ ଅସୁବିଧା କିଛି ରହିବନି ଯଦିବା ଅଭ୍ୟର୍ଥନା କମିଟି ଜରିଆରେ ଆମର ବିଶେଷ ମତାମତ ଓ କାର୍ଯ୍ୟକ୍ରମଗୁଡ଼ିକୁ ଆଗେଇ ନେବାରେ ଆମେ ବିଫଳ ପ୍ରୟାସୀ ହୋଇପଡୁ । ଉଭୟ ପ୍ରେସ ମାଧ୍ୟମରେ ଆଉ ବକ୍ତୃତାମଞ୍ଚରେ ଥାଇ ଆମେ ଏକଥା ବାରଂବାର କହି ଆସିଛୁ । କିନ୍ତୁ ସେମାନଙ୍କୁ ଅଡୁଆ ପରିସ୍ଥିତିରେ ଆଣି ପକାଉଥିବା ଅନେକ ବିଷୟକୁ ନବୁଝି ପାରିଲା ଭଳି ଚମତ୍କାର ଦକ୍ଷତା କିଛି ଲୋକଙ୍କର ରହିଛି ।

**ମାଡ୍ରାସ୍ ଷ୍ଟାଣ୍ଡାର୍ଡ୍** ଆମ ପ୍ରତି କିଞ୍ଚିତ୍ ନ୍ୟାୟ ପ୍ରଦର୍ଶନ କରିଛି ଯେତେବେଳେ ଆମ ପାଟି ଭିତରେ ଏକଥା ପୂରାଇ ସେ କହୁଛି ଯେ ''କଂଗ୍ରେସର ସଭାପତିତ୍ଵ ପାଇଁ ଆମେ ଯାହାର ଅନୁମୋଦନ କରିପାରି ନାହୁଁ ସେହିପରି ବ୍ୟକ୍ତି ଜଣକ ଯଦି ଅଫିସ ପାଇଁ ମନୋନୀତ ହୋଇ ଥାଆନ୍ତି, ତା'ହେଲେ ପ୍ରେସିଡେଣ୍ଟ ଆସନ ସକାଶେ ରୀତିମତ ଭୋଟ ଦେବାର ଯେଉଁ ପ୍ରସ୍ତାବ ରହିଛି ତା'ର ସଂଶୋଧନ ଆକାରରେ ସେଇ ନିର୍ବାଚନ ପ୍ରତି ତା' ନିଜର ଅନୁମୋଦନ ନାହିଁ ବୋଲି ଆମ ଦଳ ସୂଚନା ଦେଇଦେବ । ଆମର ସ୍ଥିତି ତ ତାହା ନୁହେଁ । ଅନ୍ୟାନ୍ୟ ଅଞ୍ଚଳମାନଙ୍କରେ ଯେଉଁଠି କଂଗ୍ରେସ କମିଟିମାନ ବାସ୍ତବରେ ରହିଛି ସେଇମାନଙ୍କର ପରାମର୍ଶକ୍ରମେ ଅଭ୍ୟର୍ଥନା କମିଟି ଯାହାକୁ ମନୋନୀତ କରିବ, ଆମେ ତାଙ୍କୁହିଁ ଗ୍ରହଣ କରିବୁ ଯଦି ନିର୍ବାଚନଟି ଠିକ୍ ରୂପେ ଓ ସାଂବିଧାନିକ ରୀତିରେ ହୋଇଥାଏ । ସେ ଯାହାହେଉ, ଯଦି ଶେଷ ମୁହୂର୍ତ୍ତରେ ଅଭ୍ୟର୍ଥନା କମିଟି ଜରିଆରେ ଜଣେ ଆଙ୍ଗ୍ଲୋ-ଭାରତୀୟ କିଂବା ବ୍ରିଟିଶ ସଭାପତିଟିଏ ସୃଷ୍ଟି କରିବା ପାଇଁ କୌଣସି ପ୍ରକାର ଉଦ୍ୟମ କରାଯାଏ ଆଉ ଏ ମନୋନୟନ ଯଦି କାହାରିକୁ ଆସନଚ୍ୟୁତ କରି ବଜାୟ ରଖାଯାଏ, ତା'ହେଲେ ଆମେ ଏକଥା କରିବା ପାଇଁ ଯେ ବାଧ୍ୟ ହୋଇଛୁ ଏଭଳି ଏକ ନୀତିଗତ ପ୍ରଶ୍ନକୁ ଆଧାର କରି ସଂଶୋଧନ ଆଗତ କରିବାର ଅଧିକାରକୁ ନିଜ ପାଖରେ ଆମକୁ ଭବିଷ୍ୟତ୍ ପାଇଁ ସଂରକ୍ଷିତ କରି ରଖିବାକୁ ପଡ଼ିବ ଯଦି ଆମର ମୌଳିକ ଆପତ୍ତି ଥାଇ ମଧ୍ୟ ପ୍ରଜା କମିଟି (Subjects Committee) ପକ୍ଷରେ କୌଣସି ପ୍ରସ୍ତାବ ଗ୍ରହଣୀୟ ହୋଇଥାଏ ।

କିନ୍ତୁ ଜଣେ ପ୍ରତିନିଧି ପକ୍ଷରେ ଏଭଳି ଏକ ସଂଶୋଧନ ଆଗତ କରିବା ଏତେ ବର୍ବର ବୋଲି କାହିଁକି ପ୍ରକୃତରେ କିଏ ଚିନ୍ତା କରିବ ଯେତେବେଳେ ସଭାପତି ଆସନରୁ ଜଣେ ଲୋକପ୍ରିୟ ବ୍ୟକ୍ତିବିଶେଷଙ୍କୁ ଏକ କ୍ଷୁଦ୍ର ଗୋଷ୍ଠୀ ଦ୍ଵାରା ଦୂରେଇ ରଖାଯାଉଛି ? ଅଭ୍ୟର୍ଥନା କମିଟି ସମ୍ମୁଖରେ ମିଃ : ତିଳକଙ୍କର ନାମକୁ ଉପସ୍ଥାପିତ କରାଯାଇଛି; ଯଦି ଅଭ୍ୟର୍ଥନା କମିଟି ଏହାକୁ ଏଇ କାରଣରୁ ନାକଚ କରିଦିଏ ଯେ ବମ୍ବେ ଅର୍ଥାତ୍ ମିଃ: ମେହେଟା ଆଉ ମିଃ : ଓ୍ୟାଚା ଓ ମିଃ : ଗୋଖଲେ ତାଙ୍କୁ ଚାହୁଁ ନାହାନ୍ତି କିଂବା ବଙ୍ଗଳା ଅର୍ଥାତ୍ ବାବୁ ସୁରେନ୍ଦ୍ରନାଥ ଓ ବାବୁ ଭୂପେନ୍ଦ୍ରନାଥ ଆଉ କୃଷ୍ଣକୁମାର ତାଙ୍କୁ ନିରାପଦ ମଣୁ ନାହାନ୍ତି ଅଥବା ମାଡ୍ରାସସ୍ଥିତ କିଛି ସ୍ଵଳ୍ପ ସଂଖ୍ୟକ ନରମପନ୍ଥୀ ତାଙ୍କ କଥା ଶୁଣିଲେ ଛାନିଆଁ ହୋଇ ପଡୁଛନ୍ତି, ତା'ହେଲେ ସେମାନଙ୍କ ପାଇଁ ଏଥିରେ ଏମିତି କ'ଣ ଦୋଷାବହ ହୋଇଯିବ ଯେଉଁମାନେ ମିଃ : ଗୋଖଲେଙ୍କ ପରି 'ଦାୟିତ୍ଵସମ୍ପନ୍ନ ନେତାମାନଙ୍କର' ବଶୀଭୂତ ଗୋଷ୍ଠୀ ଭିତରେ ନରହି ସ୍ଵୟଂ କଂଗ୍ରେସ ପାଇଁ ଏକ ମୁକ୍ତ ନିର୍ବାଚନକୁ ଦାବି କରୁଛନ୍ତି ? ଅର୍ଥାତ୍ ନିର୍ବାଚିତ ସଭାପତିଙ୍କର ନାମ ପ୍ରଥମେ ପ୍ରସ୍ତାବ ଆକାରରେ ଆସେ ଆଉ ସେ ପ୍ରସ୍ତାବଟି ଅନୁମୋଦନ ଲାଭ କରେ ଏବଂ ତା'ପରେ ପ୍ରତିନିଧିମାନଙ୍କର ଭୋଟ ବଳରେ ମନୋନୀତ ସଭାପତି ନିଜେ ଯେକୌଣସି ପ୍ରତିନିଧିଙ୍କ ପ୍ରସ୍ତାବକୁ ବିରୋଧ କରିବା ସକାଶେ କିଂବା ସେ ପ୍ରସ୍ତାବର ସଂଶୋଧନ ସକାଶେ ଅଧିକାର ପ୍ରଦାନ କରନ୍ତି । ଯଦି ଏମିତି ଘଟଣା କଂଗ୍ରେସ ଭିତରେ ଆଦୌ ଘଟି ନାହିଁ, ତା'ର କାରଣ ହେଲା କଂଗ୍ରେସ ଭିତରେ ଆଗରୁ କେବେହେଲେ ଦୁଇଟା ପୃଥକ୍ ନୀତି ଓ କାର୍ଯ୍ୟକ୍ରମ ଥାଇ ଦୁଇଟି ଗୋଷ୍ଠୀ ନଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ଅନ୍ତତଃ ଦୁଇଟି ଗୋଷ୍ଠୀ ଗଢ଼ି ଉଠିଛନ୍ତି ଆଉ ଯଦି ଏବର୍ଷ ନହେଲା ଆସନ୍ତା ବର୍ଷ କିଂବା ତା' ପରବର୍ଷ, ଏମିତି ଆଉ କିଛି କାଳ ପରେ – ସେ ଦୁଇଟି ଭିତରୁ ଯେ କେହି କଂଗ୍ରେସକୁ ନିଜ ମତାଦର୍ଶର ଏକ ଅଙ୍ଗ ରୂପେ ଗଢ଼ିବାକୁ ଚାହିଁବ । ରାଜନୀତି ଓ ସ୍ଵଦେଶପ୍ରୀତି ଆମ ପାଇଁ ଆଉ ଏଣିକି ଅବସର ବିନୋଦନର ବସ୍ତୁ ନୁହେଁ । ଯେଉଁଠି ଗୁରୁତ୍ଵପୂର୍ଣ୍ଣ ସଂଘର୍ଷ ଓ ପ୍ରତିଦ୍ଵନ୍ଦ୍ଵିତା ଚାଲିଛି ସେଠାରେ କ୍ରୀଡ଼ା ମଇଦାନର ସୁଖସ୍ଵାଚ୍ଛନ୍ଦ୍ୟ ପ୍ରତି ଆଶା ରଖିବା ଯେ ନିରର୍ଥକ ହୋଇଯାଏ । କିନ୍ତୁ ଏପ୍ରକାର ସଂଘର୍ଷର ସମ୍ଭାବନାକୁ ନେଇ ଆତଙ୍କରେ ଶିହରି ଉଠିବାର କାରଣ କିଛି ନାହିଁ । କାରଣ ଏଗୁଡ଼ିକରେ କାହାରି ପ୍ରାଣ ଯାଏ ନାହିଁ ବରଂ ଆନ୍ଦୋଳନଟି ଭରିଉଠେ ଜୀବନର ଉଚ୍ଛ୍ଵାସରେ ଆଉ ବାସ୍ତବତାର ରୂପାୟଣରେ ।

ଆମେ ମି : ତିଳକଙ୍କୁ ଚାହୁଁଛୁ ଯେମିତି ଅନ୍ୟ କୌଣସି କଂଗ୍ରେସୀ ବ୍ୟକ୍ତି କି କଂଗ୍ରେସର ଅନ୍ୟ କୌଣସି ଅଂଶ ଅଥବା ଦଳ ଅନ୍ୟ କେଉଁ ବ୍ୟକ୍ତିଙ୍କୁ କଂଗ୍ରେସ ସଭାପତି ଆସନ ଅଳଙ୍କୃତ କରିବା ନିମନ୍ତେ ଅଭିଳାଷ ପୋଷଣ କରିପାରନ୍ତି । ଅଭ୍ୟର୍ଥନା କମିଟି ଦ୍ୱାରା ଠିକ୍‌ଭାବେ ନିର୍ବାଚିତ ହେଲେ ସେ ଆସିବେ କି ବୋଲି ମିଃ : ନାରୋଜିଙ୍କୁ ପଚାରିବା ଦ୍ୱାରା ବାବୁ ଭୂପେନ୍ଦ୍ରନାଥ ଓ ବାବୁ ସୁରେନ୍ଦ୍ରନାଥ ଆମଠୁ ବେଶ୍ ଦ୍ରୁତ ଗତିରେ ଆଗେଇ ଯାଇଛନ୍ତି । ସେମାନେ ଏହା ଦ୍ୱାରା କିଛି ଭଲ କାମ ତ କଲେନି କିନ୍ତୁ ତେବେ ବି ଦାଦାଭାଇ ନାରୋଜି ଜିତି ଆସିଲେ ଆମେମାନେ କୌଣସି ଅସୁବିଧା ସୃଷ୍ଟି କରିବୁ ନାହିଁ ଯଦି ଆନୁଷ୍ଠାନିକଭାବେ ଅଭ୍ୟର୍ଥନା କମିଟି ତାଙ୍କୁ ନିର୍ବାଚିତ କରେ । ଅନ୍ୟ ଯେକୌଣସି ବ୍ୟକ୍ତି ସମ୍ପର୍କରେ ଆମର ଆଭିମୁଖ୍ୟ ମଧ ସେଇଆ ହେବ । କିନ୍ତୁ ଶେଷ ମୁହୂର୍ତ୍ତରେ ଯଦି ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଆମ ଉପରେ ଆଣି ହଠାତ୍ ଲଦି ଦିଆଯାଏ, ଅନ୍ୟାନ୍ୟ ପ୍ରଦେଶର ମତାମତ ଯଦି ଗୋପନରେ ନିଆଯାଏ, ଉପଯୁକ୍ତ ଉଲ୍ଲେଖ ନଥାଇ ନାମଗୁଡ଼ିକ ଯଦି ସଭାରେ ଗୃହୀତ ହୁଏ, ତା'ହେଲେ ପ୍ରତିଟି ପ୍ରତିନିଧିଙ୍କର ଯଥାର୍ଥ କାରଣ ରହିଛି କଂଗ୍ରେସ ସଭାପତିତ୍ୱ ସକାଶେ ଏହିପରି ଏକ ଅନଧିକାର ଆଉ ଅଣସାମ୍ବିଧାନିକ ମନୋନୟନକୁ ସର୍ବସାଧାରଣରେ ବିରୋଧ କରିବା ପାଇଁ । 'ହିନ୍ଦୁ' ଅଥବା 'ଷ୍ଟାଣ୍ଡାର୍ଡ୍' ତାଙ୍କୁ ଏଇ ଅଧିକାର ଦେବା ପାଇଁ କ'ଣ ନାମଙ୍ଗ ହେବେ ?

କିନ୍ତୁ ଏସବୁ ସତ୍ତ୍ୱେ, ଆମେ ତଥାପି ଭାବୁଛୁ ଯେ ଦୁର୍ଶ୍ଚିନ୍ତାର କିଛି କାରଣ ନାହିଁ । କଲିକତା ପରି ଏକ ନଗରୀରେ କଂଗ୍ରେସ ପାଇଁ ଯେମିତି ଯାହା କରାଯାଇ ପାରିଲା ଭଳି ପ୍ରସ୍ତୁତିମାନ ଦୀର୍ଘ ସମୟ ନିଏ ନାହିଁ ଆଉ କପି (copy) ଖଣ୍ଡେ ମିଳିବା ପାଇଁ ପ୍ରବଳ ଚାପ ଭିତରେ ଏ ପ୍ରସଙ୍ଗରେ 'ଇଣ୍ଡିଆନ୍ ମିରର୍' ଯାହା କିଛି ଲେଖୁ କିଂବା ଛାପୁ ପଛେ ସବୁକିଛି ଯଥା ସମୟରେ ଠିକ୍ ହୋଇଯିବ ।

[ବନ୍ଦେ ମାତରଂ ଅକ୍ଟୋବର ୧୩, ୧୯୦୬]

## ଷ୍ଟେଟ୍‌ସମ୍ୟାନ୍‌ର ସହାନୁଭୂତି ମାର୍କା

ସଂପ୍ରସାରିତ ନିଉ ମାର୍କେଟର ଡିଜାଇନ ହେଉଛି ଏକ କୀର୍ତ୍ତି ଯାହା ଉପରେ ଜଣେ ଆଙ୍ଗ୍ଲୋଭାରତୀୟ ପତ୍ରିକା ବନ୍ଧୁ କର୍ପୋରେଶନର ମୁଖ୍ୟ ଯନ୍ତ୍ରୀ ମିଃ ମ୍ୟାକ୍‌କେବ୍ (Mr. Mac Cabe)ଙ୍କୁ ଅଭିନନ୍ଦନ କରିଛନ୍ତି । କିନ୍ତୁ ମିଃ ମ୍ୟାକ୍‌କେବ୍ ଏକଥା କହିବା ପାଇଁ ଲେଖିଥିଲେ ଯେ ସେ ଗୋଟିଏ ଇଞ୍ଜିନିୟର କିନ୍ତୁ ସ୍ଥପତି ନୁହନ୍ତି ଆଉ ଡିଜାଇନ ପାଇଁ ତାଙ୍କୁ ନୁହେଁ ବରଂ ତାଙ୍କର ଜଣେ ଭାରତୀୟ ସହକର୍ମୀ ମିଃ କ୍ୟାଭାସ୍‌ଜିଙ୍କୁ ସାଧୁବାଦ ଦେବା ଉଚିତ । ଏ ଘଟଣା ଯେତେବେଳେ ଜଣାପଡ଼ିଲା ଯେ କାର୍ଯ୍ୟଟି ଜଣେ ଭାରତୀୟଙ୍କ ଦ୍ୱାରାହିଁ ସମ୍ପନ୍ନ ହୋଇଛି ସାଙ୍ଗେ ସାଙ୍ଗେ 'ଷ୍ଟେଟ୍‌ସ୍‌ମ୍ୟାନ୍' ଚିହ୍ନି ପାରିଲା ଯେ ଏ ଡିଜାଇନଟି ବମ୍ବେର କ୍ରଫୋର୍ଡ୍ ମାର୍କେଟର ମୂଳ ଡିଜାଇନର ଏକ ଅବିକଳ ନକଲ । ଏଇ ଚାଞ୍ଚଲ୍ୟକର ତଥ୍ୟର ଉନ୍ମୋଚନ ଆମ ସଂବେଦନଶୀଳ ପତ୍ରିକା ବନ୍ଧୁଙ୍କୁ ଟିକେ ସାନ୍ତ୍ୱନା ଦେଇଛି ଆଉ ଆଙ୍ଗ୍ଲୋଭାରତର କ୍ଷତବିକ୍ଷତ ବଡ଼ିମାକୁ ପ୍ରଶମିତ କରିଛି । ଏଭଳି ରସଜ୍ଞ ବ୍ୟକ୍ତିମାନଙ୍କୁ ଆମେ ଯଥେଷ୍ଟ ପ୍ରଶଂସା ଦେଇପାରୁନୁ ଯେଉଁମାନେ 'ଷ୍ଟେଟ୍‌ସମ୍ୟାନ୍'ର ଭାରତୀୟମାନଙ୍କ ପ୍ରତି ବନ୍ଧୁତ୍ୱପୂର୍ଣ୍ଣ ସଂବେଦନାର ବିଚିତ୍ର ସୁଗନ୍ଧିରେ ଆମୋଦିତ ହୋଇଉଠନ୍ତି ।

## ପ୍ରସଙ୍ଗକ୍ରମେ
## ଖବର କେଉଁଠୁ ନାହିଁ (*ଆମ ପତ୍ରକାରଙ୍କଠାରୁ*)

ପଞ୍ଜାବରୁ ପ୍ରକାଶ ପାଉଥିବା 'ଲାଇଟ୍' ପତ୍ରିକା ପରାମର୍ଶ ଦେଇଛି ଯେ କଂଗ୍ରେସର ସୁରକ୍ଷା ସକାଶେ କଂଗ୍ରେସ ମଧ୍ୟରେ ଥିବା ବିଭିନ୍ନ ପଦପଦବୀରୁ ଯେକୌଣସି ଅଡୁଆ ଓ ଅବାଞ୍ଛିତ ପ୍ରତିନିଧିମାନଙ୍କୁ ତିନି ଚତୁର୍ଥାଂଶ ସଂଖ୍ୟାଗରିଷ୍ଠତା ବଳରେ ଯଥେଷ୍ଟ କାରଣ ଦର୍ଶାଇ ବହିଷ୍କାର କରିବା ପାଇଁ ଏକ ସ୍ଥାୟୀ କମିଟି (standing committee)କୁ କ୍ଷମତା ପ୍ରଦାନ କରାଯିବା ଉଚିତ । ଏହି ରାଷ୍ଟ୍ରନୀତିଜ୍ଞୋଚିତ ପ୍ରସ୍ତାବଟି ବମ୍ବେରେ ପ୍ରଧାନ ଦୃଷ୍ଟି ଆକର୍ଷଣ କରିଛି ଆଉ ଏ ସଂକ୍ରାନ୍ତରେ ବିଚାର ଆଲୋଚନା ପାଇଁ ଓ ଏହାକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଗତକାଲି ମିଃ ଡି. ଇ. ଓ୍ୟାଚାଙ୍କ ଅଫିସରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଫିରୋଜଶାହା ମେହେଟା ମହାଶୟ ତାଙ୍କର ଚିର ତାରୁଣ୍ୟଭରା କାନ୍ତି ନେଇ ଆସନ ଗ୍ରହଣ କଲେ । କିଛି ସମୟ ଆଲୋଚନା ଚାଲିଲା ପରେ ଘଟଣାସ୍ଥଳରେ ବିଧିବଦ୍ଧଭାବେ ପ୍ରସ୍ତାବଟିକୁ କଂଗ୍ରେସ ସମ୍ବିଧାନର ଏକ ଆଇନ ରୂପେ ଅନୁମୋଦିତ ଓ ଘୋଷିତ କରାଗଲା । ସେ ଯାହାହେଉ, ଏଇ ସିଦ୍ଧାନ୍ତ ନିଆଗଲା ଯେ ବମ୍ବେ କମିଟି କେବଳ କ୍ଷମତାକୁ ଉପଭୋଗ କରିବା ଉଚିତ କାରଣ ସାର୍ ଫିରୋଜଶାହା ମେହେଟା ସୂଚନା ଦେଇଥିଲେ ଯେ ବମ୍ବେହିଁ କେବଳ

ଭାରତବର୍ଷରେ ନିରାପଦ, ଅନୁଗତ ଆଉ ନରମପନ୍ଥୀ ଇଲାକା ଏବଂ ତାହା ସେଇଭଳି ଏକ ଇଲାକା ହୋଇ ରହିଥିବ ଯେପର୍ଯ୍ୟନ୍ତ ସେ (ସାର୍ ଫିରୋଜ ଶାହା) ଏହାର ମୁକୁଟବିହୀନ ରାଜା ହୋଇ ରହିଥିବେ । ଶୁଣିବାକୁ ମିଳିଲା ଅସ୍ପଷ୍ଟ ଇଙ୍ଗିତ, ବିସ୍ମୟରେ ଭରା ଭୟାର୍ତ୍ତ କାନକୁହା ଚାପା ଗୁଞ୍ଜରଣର ଏମିତି ଶବ୍ଦ ଯେ ଫିରୋଜସାହା ତ ସବୁଦିନ ବଞ୍ଚି ରହି ପାରିବେନି ଆଉ ସେଇ ମହାମାନବ ଉତ୍ତର ଦେଲେ ଫରାସୀ ଭାଷାରେ, "L' E'tat, ce'st moi" and "apre's moi le de'luge'' (ରାଷ୍ଟ୍ର ? ମୁଁ ତ ରାଷ୍ଟ୍ର ଆଉ ମୋ ପରେ ଆସିବ ମହାପ୍ଳାବନ) । ଯେହେତୁ ସେଠାରେ ଉପସ୍ଥିତ ଥିବା କୌଣସି ବ୍ୟକ୍ତିଙ୍କୁ ଫରାସୀ ଭାଷା ଜଣା ନଥିଲା, ଏ ଯୁକ୍ତିର ପ୍ରତ୍ୟୁତ୍ତର ଦେବାକୁ କେହି ଉଚିତ ମଣିଲେ ନାହିଁ । ଏଇ ମର୍ମରେ ଏକ ସଂଶୋଧନ ପ୍ରସ୍ତାବ ଆସିଲା ଯେ ମାଡ୍ରାସ ଆଉ ଯୁକ୍ତ-ପ୍ରଦେଶମାନଙ୍କୁ ମଧ୍ୟ କ୍ଷମତା ପ୍ରଦାନ କରାଯାଇପାରେ ସଠିକ୍ ସୁରକ୍ଷାର ପ୍ରବନ୍ଧ ଓ କଟକଣା ବଳରେ । କିନ୍ତୁ ଏହା ଶୋଚନୀୟ ଭାବେ କାଟ ଖାଇଯାଇଥିଲା, ସଂଖ୍ୟାଗରିଷ୍ଠ ଦଳ ଥିଲା ଫିରୋଜସାହା ମେହେଟାଙ୍କୁ ନେଇ ଏବଂ ଉପସ୍ଥିତ ଅନ୍ୟ ସମସ୍ତ ସଭ୍ୟ ଥିଲେ ସଂଖ୍ୟାଲଘୁ ଦଳର । ଏହାପରେ ପ୍ରସ୍ତାବ ଆସିଲା ଯେ ଶ୍ରୀଯୁକ୍ତ ବି. ଜି. ତିଳକ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯାହାଙ୍କୁ କଂଗ୍ରେସର ପ୍ରତିନିଧି ପାଇଁ ଅଯୋଗ୍ୟ ଘୋଷଣା କରାଯିବା ଉଚିତ । ଶେଷରେ ଉପସ୍ଥିତ ଜଣେ ସଭ୍ୟ ସାହସ ସଞ୍ଚୟ କରି ସୂଚନା ଦେଲେ ଏହି କାର୍ଯ୍ୟଧାରା ମିଃ ତିଳକଙ୍କୁ ନୁହେଁ କିନ୍ତୁ କଂଗ୍ରେସକୁ ଆଘାତ ଦେବ । ଅଧ୍ୟକ୍ଷଙ୍କ ଦୃପ୍ତକଣ୍ଠର ଆଦେଶ ତାଙ୍କୁ ମିଳିଲା ଚୁପ ରହିବାକୁ କିନ୍ତୁ ଯେହେତୁ ସେ ତାଙ୍କ ଜିଦ୍‌ରେ ଅଟଳ ଥିଲେ କିଛି ସଭ୍ୟ ଏକାଥରକେ ଉଠି ତାଙ୍କୁ ଧକ୍କା ମାରି ମାରି ପ୍ରକୋଷ୍ଠରୁ ବାହାର କରିଦେଲେ ଓ ଠେଲି ଠେଲି ଶିଡ଼ିତଳେ ନେଇ ଛାଡ଼ି ଆସିଲେ, ତା'ପରେ ନିଜନିଜର ଆସନକୁ ଫେରିଗଲେ କ୍ଳାନ୍ତ ହୋଇ କିନ୍ତୁ ସେମାନଙ୍କ ମୁଖ ମଣ୍ଡଳରେ ଥିଲା କର୍ତ୍ତବ୍ୟ ସଂପାଦନର ତୃପ୍ତି ଟିକକ । ଏହାପରେ ଲାଲା ଲଜପତ୍ ରାୟଙ୍କ ପ୍ରତି ନିଷେଧାଜ୍ଞାର ପ୍ରସ୍ତାବ ଆସିଲା ଆଉ ବିନା ପ୍ରତିବାଦରେ ତାହା ଗୃହୀତ ହୋଇଗଲା । ଶେଷରେ ବାବୁ ବିପିନ ଚନ୍ଦ୍ର ପାଲଙ୍କ ନାମରେ ନିଷେଧାଜ୍ଞାର ପ୍ରସ୍ତାବ ଆସିଲା । ଆଉ ସେ ପ୍ରସ୍ତାବ ପ୍ରବଳ ହଟ୍ଟଗୋଳ ଭିତରେ ସମ୍ପାଦିତ ହେଲା । ଉପସ୍ଥିତ ସଭ୍ୟମାନେ ଆଗ୍ରହାତିଶଯ୍ୟରେ ଦୁଇଦୁଇଥର ଭୋଟ ଦେଇଥିଲେ । ଏଇସବୁ ପ୍ରକାଶ୍ୟ ନିଷେଧାଦେଶ ପଛରେ କେଉଁ ଅଭିଯୋଗର କାରଣଗୁଡ଼ିକ ଥିଲା, ତାହା ସମ୍ପୂର୍ଣ୍ଣରୂପେ ସ୍ଥିର କରାଯାଇପାରିନି । ମିଃ. ତିଳକ ଅଯୋଗ୍ୟ ଘୋଷିତ ହେଲେ କାରଣ ତାଙ୍କୁ ଜେଲ ଯିବାକୁ ପଡ଼ିଛି ଆଉ ତାଙ୍କର କୁଆଡ଼େ ଚତୁରପଣ ନାହିଁ । ଆଉ ତା'ପରେ ବାବୁ ବିପିନ୍‌ଚନ୍ଦ୍ର ପାଲଙ୍କ କଥା, କାରଣ ହେଲା ସେ ବାବୁ ବିପିନ୍ ଚନ୍ଦ୍ର ପାଲ୍; ଲାଲା ଲଜପତ୍ ରାୟଙ୍କ କ୍ଷେତ୍ରରେ ଅଭିଯୋଗର ଯଥାଯଥ କାରଣଟା ଜାଣିବା ପାଇଁ ମୁଁ ସକ୍ଷମ ହୋଇନି କିନ୍ତୁ ମୋର ଯେତିକି ବିଶ୍ୱାସ ସେ ଆଲ୍‌ଫ୍ରେଡ୍ ନନ୍ଦି ନଥିଲେ । ଅନ୍ୟ ସମସ୍ତ ସଭ୍ୟ ପ୍ରସ୍ଥାନ କଲାପରେ ଫିରୋଜଶାହା ମହାଶୟ ଆଉ ମିଃ. ଓ୍ୟାଚା ନିଜକୁ ନେଇ ଏକ ସାଧାରଣ ସଭା ଗଠନ କଲେ, ସ୍ଥାୟୀ କମିଟି (standing committee)ର ପୁନର୍ଗଠନ କଲେ ଆଉ କଲିକତା କଂଗ୍ରେସ ପାଇଁ ପଚାଶଜଣ ପ୍ରତିନିଧିଙ୍କୁ ବାଛିଥିଲେ ।

*

ଏ ଦିଗରୁ ଯାହା ବା ତାଜା ଖବର ମିଳିଛି ତାହା ଅତି ନଗଣ୍ୟ । ''ପାଓନିଅର୍''ରେ ମିଃ ମୋର୍ଲେ ଚାହୁଁଥିବା ସଂସ୍କାରଗୁଡ଼ିକ ସମ୍ପର୍କରେ ଯାହା ଘୋଷଣା କରାଯାଇଛି ସେଥିନିମିତ୍ତ ବିରାଟ ଉତ୍ତେଜନା ସୃଷ୍ଟି ହୋଇଛି ଆଉ ଏକଥା ମଧ୍ୟ ବୁଝାପଡ଼ିଛି ଯେ ଏକ ଗୁର୍ଖା ଯୁବରାଜଙ୍କର ମନୋନୟନ ବିରୋଧରେ ପ୍ରତିବାଦ କରି ଲର୍ଡ଼ ମିଣ୍ଟୋଙ୍କ ପାଖରେ ନାନା ଆବେଦନ ପତ୍ର ଆସି ପହଞ୍ଚିଛି ଆଉ ସେଇ ଆବେଦନ ପତ୍ରଗୁଡ଼ିକ ଭିତରେ ଆହୁରି ଭଲ ଭଲ ପ୍ରାର୍ଥୀମାନଙ୍କର ସୂଚନା ମିଳିଛି । ସଚିନର ନଓ୍ୱାବ୍‌ଜାଦା ନସ୍‌ରୁଲ୍ଲା ଖାଁ ଆଉ ଢାକ୍କାର ନଓ୍ୱାବ୍ ସଲିମୁଲ୍ଲା ଖାଁ ସେଇ ଦାବିଦାରମାନଙ୍କ ମଧ୍ୟରେ ଅଛନ୍ତି । ଏକଥା ମଧ୍ୟ ଜଣାପଡ଼ିଛି ଯେ ମିଃ କେ. ଜି. ଗୁପ୍ତ ତାଙ୍କର ଛଳନା ନେଇ ବେଙ୍ଗଲ ସରକାରଙ୍କ ମାଧ୍ୟମରେ ଆବେଦନ ପଠାଇଥିଲେ କିନ୍ତୁ ଏଥିପାଇଁ ମୁଁ ସାକ୍ଷ୍ୟ ଦେଇପାରିବିନି । ମିଲ ମାଲିକମାନଙ୍କୁ ଆଣି ସ୍ୱଦେଶୀ ଆନ୍ଦୋଳନର ସ୍ରୋତରେ ସାମିଲ କରାଇବା ପାଇଁ ମିଃ ତିଳକଙ୍କର ନିରବଚ୍ଛିନ୍ନ ପ୍ରଚେଷ୍ଟା ରାଜଭକ୍ତ ଆଉ ନରମପନ୍ଥୀମାନଙ୍କ ମନରେ ଅନେକ ଆଶଙ୍କା ଜନ୍ମାଇଛି । ବାତାବରଣ ଏଠି ବେଶ୍ ଗୁମ୍‌ସୁମ୍ ହୋଇଉଠିଛି କିନ୍ତୁ ବଜ୍ରପାତର ଅନୁରୂପ ଭୟ ନାହିଁ । ଆତସବାଜିର ଠୋ ଠା ଏମିତି ବାରଂବାର ଆସୁଛି ।

[ବନ୍ଦେ ମାତରଂ, ଅକ୍‌ଟୋବର ୨୯, ୧୯୦୬]

(କ୍ରମଶଃ)

ଅନୁବାଦକ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ

# ଶ୍ରୀଅରବିନ୍ଦଙ୍କ ଆଦର୍ଶ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ତୁମେମାନେ ମୋତେ ପଚାରିଛ, 'ଅରବିନ୍ଦବାବୁଙ୍କ'ର ଜୀବନର ଆଦର୍ଶ କ'ଣ ? ଏ ପ୍ରଶ୍ନର ଉତ୍ତର ମୋତେ ଅଳ୍ପ କଥାରେ ଦେବାକୁ ପଡ଼ିବ, ସୁତରାଂ ମୋଟରେ କେତୋଟି କଥାରେ ମୋତେ କହିବାକୁ ପଡ଼ିବ । ତା'ଫଳରେ ତୁମମାନଙ୍କର ଯଦି ବୁଝିବାରେ କିଛି ଅସୁବିଧା ହୁଏ, କ୍ଷମା କରିବ; ମୋତେ କିନ୍ତୁ ସେଇଥିରେହିଁ ବୁଝାଇବାକୁ ସୁବିଧା ହେବ । ଦ୍ୱିତୀୟ ଆପତ୍ତି ହୋଇପାରେ ତୁମ୍ଭମାନଙ୍କ ତରଫରୁ ମୋର ବୁଝାଇବାର ଭଙ୍ଗୀ; ମୋତେ ଗଳ୍ପ କହି ଆସେ ନାହିଁ । ମୋର କଥା ହେବ ରୋକଠୋକ — ସାଧୁଭାଷାରେ ଯାହାକୁ କହନ୍ତି ଦାର୍ଶନିକ ଭାଷା । ଏ ଦୁଇଟି ବିଭୀଷିକାରେ ଯଦି ତୁମେମାନେ ଭୟ ନପାଅ ତେବେ ନିଃସଙ୍କୋଚରେ ମୁଁ କହିପାରେ, ତୁମେମାନେ ବି ଅବହିତ ଚିତ୍ତରେ ଶୁଣିପାର । ଭଣିତା ନକରି କହୁଛି :

*ଅରବିନ୍ଦବାବୁଙ୍କ ଜୀବନର ଆଦର୍ଶ, ଏ ପ୍ରଶ୍ନଟା ପରୀକାହାଣୀର କୌତୂହଳ ନୁହେଁ । ଏ କଥାର ଦୁଇଟି ଅର୍ଥ ହୋଇପାରେ : ଆଦର୍ଶ କଥାଟା ଅରବିନ୍ଦବାବୁଙ୍କ ସହିତ ଯାଉଛି, ନା ଜୀବନ ସହିତ ଯାଉଛି ? ଅର୍ଥାତ୍ ଅରବିନ୍ଦବାବୁ ନିଜ ଜୀବନରେ କ'ଣ କରିବାକୁ ଚାହିଁଛନ୍ତି, ସେକଥା ନା ଜୀବନକୁ, ଅର୍ଥାତ୍ ମାନବ ଜୀବନକୁ ସେ କ'ଣ କରିବାକୁ, କି ରୂପ ଦେବାକୁ କହୁଛନ୍ତି — ସେ ଦୁଇଟିଯାକ ଶେଷକୁ ମିଳି ଏକ ହୋଇଯାଇଛି । କାରଣ ଅରବିନ୍ଦବାବୁଙ୍କର ଏହା ବି ଏକ ଆଦର୍ଶ ଯେ ନିଜେ ଯାହା କରି ନାହାନ୍ତି, ଅବା କରିପାରି ନାହାନ୍ତି — ସେଇ ଜିନିଷ ସେ ଅପରକୁ କରିବାକୁ କହନ୍ତି ନାହିଁ; ଯେଉଁ ଆଦର୍ଶ ସେ ନିଜେ ମାନ୍ୟକରି ନାହାନ୍ତି, ତା'କୁ ସେ ଅପରବ୍ୟକ୍ତିକୁ ମାନ୍ୟ କରିବାକୁ କହନ୍ତି ନାହିଁ । ନିଜେ ଯାହା ପାରିଛନ୍ତି, ଗଢ଼ିଛନ୍ତି — ତାହାହିଁ ସେ ଅନ୍ୟକୁ କରିବାକୁ, ହୋଇଉଠିବାକୁ କହନ୍ତି । ତେଣୁ ଯେଉଁ ଅର୍ଥରେ ନେଲେ ବି ଉତ୍ତରଟା ଏକା ହେବ । ଅରବିନ୍ଦବାବୁଙ୍କର ଜୀବନର ଆଦର୍ଶ, ଗୋଟିଏ କଥାରେ ମୁଁ କହିବି — 'ଜୀବନ' । ମାତ୍ର ସେ ଜୀବନର ଅର୍ଥ ଠିକ୍ ଠିକ୍ ବୁଝିବା ଦରକାର । ତାଙ୍କ ଜୀବନଟା କ'ଣ ଓ କିପରି ? ସେ ଜୀବନ କ'ଣ ନୁହେଁ — ସେକଥାଟା ଆଗେ ଦେଖାଯାଉ ।

ତୁମମାନଙ୍କ ମଧ୍ୟରେ ଅନେକେ ମନେକରନ୍ତି ଶ୍ରୀଅରବିନ୍ଦ ସାଧୁ-ସନ୍ନ୍ୟାସୀ, ଏଣୁ ତାଙ୍କୁ ପୂଜା ବି କରନ୍ତି । ଗୋଟିଏ ସମ୍ବାଦପତ୍ରରେ ଥରେ ତାଙ୍କ ବିଷୟରେ ଏକ ସନ୍ଦର୍ଭ ପ୍ରକାଶିତ ହୋଇଥିଲା, ସେଥିରେ ତାଙ୍କୁ ବହୁଗୁଣରେ ଭୂଷିତ କରାଯାଇଥିଲା ଯେମିତି ଜଣେ ସାଧୁ ପୁରୁଷଙ୍କୁ କରାଯାଏ । ସେସବୁ ପଢ଼ି ଶ୍ରୀଅରବିନ୍ଦ ବହୁତ ହସିଥିଲେ, ଏମିତିବି ଘଟିଛି, ତାଙ୍କୁ ସାଧୁସନ୍ନ୍ୟାସୀ କହିଲେ ସେ ବିରକ୍ତି ପ୍ରକାଶ କରନ୍ତି । ସନ୍ନ୍ୟାସିଗଣ ଇହଲୋକରେ ଜୀବନଧାରଣ ପସନ୍ଦ କରନ୍ତି ନାହିଁ, ସେମାନେ ଏହି ତଥାକଥିତ ଜୀବନର ବାହାରେ, ମାନବ-ଜୀବନ ଉପରେ ଅନ୍ୟ କିଛି ଚାହାନ୍ତି । ମାନବ-ଜୀବନର ସହଜ କାରବାର ଆଦି ଯଥା : ଅନ୍ନ-ବସ୍ତ୍ର ସଂସ୍ଥାନ, ଦେଶ ବା ଦଶର କାମ, ଘରପରିବାର — ଏସବୁ ପାଇଁ ସମାଜରେ ଅନ୍ୟ ସଭିଙ୍କ ସହ ମିଳିମିଶି କର୍ମକରିବା — ଏସବୁ ସାଧୁଙ୍କର କରଣୀୟ ନୁହେଁ । ଯଦି ଦୈବାତ୍ କେବେ ସେପରି କାମ କରିବାକୁ ପଡ଼େ ତେବେ ଯେତେ ଶୀଘ୍ର ପାରନ୍ତି ତରତରରେ ଶେଷକରି ସେମାନେ ଧ୍ୟାନ-ଜପ-ସମାଧିରେ ନିଜକୁ ହଜାଇଦେବାକୁ ଇଚ୍ଛା କରନ୍ତି । ଅଥଚ କହନ୍ତି ସେମାନେ ଜୀବନକୁ ପରିତ୍ୟାଗ କରି ନାହାନ୍ତି, ହରାଇ ନାହାନ୍ତି, ବରଂ ମାନବ-ଜୀବନର ସାର ପଦାର୍ଥଟିକୁ, ଯାହା ଗଭୀର, ନିବିଡ଼ ଓ ନିବା — ତାହାକୁ ଲାଭକରିବାକୁ ଚାହାନ୍ତି । କିନ୍ତୁ ବାହ୍ୟତଃ ସେପ୍ରକାର ଜୀବନ ମିଳେ ନାହିଁ ବୋଲି ମନେହୁଏ ।

ଶ୍ରୀଅରବିନ୍ଦ ଅନ୍ତତଃ ସେପ୍ରକାର ଜୀବନ ଚାହାନ୍ତି ନାହିଁ । ସାଧାରଣ ଭାବରେ ଜୀବନଧାରଣ କହିଲେ ଆମେ ବୁଝୁ : ବଞ୍ଚିରହିବା, ସୁଖରେ ରହିବା, ସୁସ୍ୱାସ୍ଥ୍ୟ ନେଇ ରହିବା, ସମାଜର ଅନ୍ୟ ସମସ୍ତଙ୍କର ଯାହା ଦାବି ବା ପାଉଣା — ସେଗୁଡ଼ିକୁ ପୂରଣ

* [ଶ୍ରୀଅରବିନ୍ଦ ରାଜନୀତିକ ଜୀବନରୁ ଚାଲିଆସି ପଣ୍ଡିଚେରୀରେ କିଭଳି ଜୀବନ ବିତାଉଛନ୍ତି ସେତେବେଳେ ଏବଂ ତା'ର କେତେବର୍ଷ ପର୍ଯ୍ୟନ୍ତ ତାଙ୍କ ପରବର୍ତ୍ତୀ ଜୀବନର ରୂପରେଖ କ'ଣ, ସେକଥା ଜାଣିବାକୁ ଅନେକଙ୍କର କୌତୂହଳ ଥିଲା । ସେସମୟରେ ଲୋକେ ତାଙ୍କୁ ଶ୍ରୀଅରବିନ୍ଦ ରୂପେ ଜାଣି ନଥିଲେ, ଜାଣିଥିଲେ 'ଅରବିନ୍ଦବାବୁ' ରୂପେ । ସେଥିପାଇଁ ଏଇ ପତ୍ରରେ ତାଙ୍କ ବିଷୟରେ ଜିଜ୍ଞାସା ଓ ଉତ୍ତର ସେଇ ଧରଣର ହୋଇଛି ।]

କରିବା । ଶ୍ରୀଅରବିନ୍ଦ ମଧ୍ୟ ମୋଟାମୋଟି ସେକଥା କହିଥା'ନ୍ତି । ସନ୍ନ୍ୟାସୀର ଦୃଷ୍ଟିରେ ଜୀବନ ବା ଅଜୀବନକୁ ଧ୍ୟାନ ନଦେଇ ସାଧାରଣତଃ ସହଜ ଜୀବନର ଛାଞ୍ଚରେ ଶ୍ରୀଅରବିନ୍ଦଙ୍କ ଜୀବନର ଆଦର୍ଶ ଢଳାଯାଇଛି, ଜୀବନକୁ ପଛରେ ପକାଇ ନୁହେଁ – ।

ଏକଥା ଯଦି କୁହାଯାଏ, ତେବେ ଶ୍ରୀଅରବିନ୍ଦଙ୍କର ଅନ୍ୟମାନଙ୍କଠାରୁ ପାର୍ଥକ୍ୟ କେଉଁଠି ? ଏମିତି ନିତ୍ୟନୈମିତ୍ତିକ କାମଦାମ, ଯାହା ସମସ୍ତେ କରନ୍ତି, ସେଥିରେ ଆଦର୍ଶ କାହିଁ ? ଏହି ଜିନିଷଟି କରିବା ପାଇଁ କ'ଣ ଶ୍ରୀଅରବିନ୍ଦ ବାରବର୍ଷ କାଳ ଅଜ୍ଞାତବାସ କରିଥିଲେ ? କେବେ ବି ତାହା ନୁହେଁ । ସେ ସାଧାରଣ ଜୀବନ ବୋଲି ଯାହାକୁ କହୁଛନ୍ତି, ତାହା ତୁମ-ଆମ ଭଳି ଲୋକଙ୍କର ନିହାତି ସାଧାରଣ ଜୀବନ ନୁହେଁ; ଖାଇ, ପିଇ, ଶୋଇ ଯେତେପାରେ କାମକରି ଜୀବନ ନିର୍ବାହ କରିବାର ତାହା 'ଜୀବନ' ନୁହେଁ; ଏସବୁ ସହିତ ଶିକ୍ଷା, ଶକ୍ତି, ବିଦ୍ୟା, ଧର୍ମ ପ୍ରଭୃତି ଚର୍ଚ୍ଚା କରୁଥିବା ଜୀବନ ମଧ୍ୟ ତାଙ୍କ ଦୃଷ୍ଟିରେ ସାଧାରଣ ଜୀବନ ନୁହେଁ । ଜୀବନର କ୍ଷେତ୍ରସବୁ ଯେଉଁଠି ଯେଉଁଠି ପ୍ରକାଶିତ, ସେସବୁ ତ ରହିବ । ଜୀବନ ହେବ ପୂର୍ଣ୍ଣ ଜୀବନ, ତା' ସହିତ ସମସ୍ତଙ୍କ ପରିଚିତ ସାଧାରଣ ଜୀବନ ମଧ୍ୟ ରହିବ – ଏ ସମସ୍ତ ହେଉଛି ବାହାରର କଥା; ତେବେ ସେଇ ଜୀବନଟିକୁ ଚଳାଇବାକୁ ହେବ ଭିତରର ଏକ ନୂଆ ଭାବ ନେଇ, ନୂଆ ଆଲୋକ ଦେଇ, ନୂଆ ପ୍ରେରଣାରେ ।

ଶ୍ରୀଅରବିନ୍ଦ କହନ୍ତି : ଜୀବନ ଭିତରେ ଯେଉଁ ଦୁଃଖ-କଷ୍ଟ, ନିରାନନ୍ଦ, ଅସାମର୍ଥ୍ୟ ରହିଛି ବୋଲି ଆମେ ଦେଖୁ, ତାହା ଜୀବନର ଦୋଷ ନୁହେଁ । ଜୀବନକୁ ଯଦି ଆମେ କେମିତି ଚଳାଇବାକୁ ହେବ ଜାଣିପାରନ୍ତୁ, ତେବେ ସେହି ଜୀବନ ହୋଇଉଠନ୍ତା ଆନନ୍ଦର, ସୁଷମାର ପୂର୍ଣ୍ଣ ବିଗ୍ରହ । ଜୀବନ ଯେପରି ଗୋଟାଏ ନଦୀ; ନଦୀ ସବୁପ୍ରକାର କାଦୁଅ-ବାଲି-ଗୋଡ଼ିକୁ ନିଜ ସଙ୍ଗରେ ବୋହି ନେଇଚାଲେ, ସେଥିପାଇଁ ଯେତେବେଳେ ନଦୀର ସମୁଦ୍ର ସଙ୍ଗମରେ ଉପରିତଳ ମୋଟା ହୋଇଯାଏ – ଏ କାରଣରୁ ହେଉ ବା ଅନ୍ୟ ପାଞ୍ଚଟା କାରଣରୁ ହେଉ, ତା'ହେଲେ ନଦୀ ମଧ୍ୟରେ ପଠା (ଚଡ଼ା) ସୃଷ୍ଟି ହୁଏ, ନଦୀର ଚେହେରା ଆଉ ସ୍ରୋତସ୍ୱିନୀ ହୋଇ ରହେ ନାହିଁ । ନଦୀର ଧାରା ବିସ୍ତୃତ, ବିସର୍ପିତ, ଧୁକ୍-ଧୁକ୍ ହୋଇ କ୍ଷୀଣ ମୃତପ୍ରାୟ ହୋଇଯାଏ । ଆମ ଜୀବନର ଚେହେରା ଏବେ ଆମକୁ ଠିକ୍ ସେହିଭଳି ବୋଧ ହେଉଛି – ଯଦିବା ପ୍ରସାରିତ ତଥାପି ଶୁଷ୍କପ୍ରାୟ, ମୃତକଳ୍ପ, କାରଣ ଜୀବନର ଅବବାହିକା ଅବରୁଦ୍ଧପ୍ରାୟ । ଆମେ ଜୀବନର ସ୍ରୋତରେ କେତେ ଅଶୁଦ୍ଧି ମଇଳା ବହନ କରିନେଇ ଚାଲିଛୁ । ଅସଲ ଜୀବନ ସେତିକିବେଳେ ମିଳିବ, ଯେବେ ସ୍ରୋତସ୍ୱିନୀ ଉଭୟତଟକୁ ପ୍ଳାବିତ କରି କୁଳୁକୁଳୁ ହୋଇ ବହି ଚାଲିବ ସଙ୍ଗମ ଆଡ଼କୁ ।

ଜୀବନର ନଦୀ ବହିବାକୁ ଆରମ୍ଭ କରିଛି, ବହିଚାଲିଛି, ମହାସାଗରରେ ଯାଇଁ ପଡୁଛି, ସେଇ ମହାସାଗରକୁ ଆମକୁ ଖୋଜିବାକୁ ହେବ । ସନ୍ନ୍ୟାସୀମାନେ ଜୀବନର ସେପାରିରେ ଯେଉଁ ଅମୃତର ସନ୍ଧାନ ପାଇଛନ୍ତି, ଶ୍ରୀଅରବିନ୍ଦ କହନ୍ତି ତାଙ୍କ ଜୀବନର ଉତ୍ସ ବି ସେଇଠାରେ, ତାଙ୍କ ଜୀବନର ସାଗର-ସଙ୍ଗମରେ ସେଇ ଅମୃତ ରହିଛି । ତେବେ ପାର୍ଥକ୍ୟ ଏତିକି ଯେ ସାଧୁ-ସନ୍ନ୍ୟାସୀଙ୍କ ପଥ ଭିନ୍ନ, ଜୀବନର ସୁଖ ତ୍ୟାଗକରି ସେମାନେ ପାଇବାକୁ ଚାହାନ୍ତି ଯେଉଁ ଅମୃତ, ଶ୍ରୀଅରବିନ୍ଦ ଜୀବନକୁ ପୂର୍ଣ୍ଣଭାବେ ବଞ୍ଚି – ସେଇ ଅମୃତକୁ ବାହିନେଇ ଜୀବନକୁ ପୂର୍ଣ୍ଣ, ସିଦ୍ଧ ଓ ସାର୍ଥକ କରିଦେବାକୁ ସାଧନା କରିଛନ୍ତି ଏବଂ ଅନ୍ୟକୁ ମଧ୍ୟ ସେପରି ପୂର୍ଣ୍ଣଭାବେ ବଞ୍ଚିବାକୁ କହୁଛନ୍ତି; ତାଙ୍କ ଦୃଷ୍ଟିରେ ତାହାହିଁ ସାଧନା ।

ଜୀବନର ମୂଳରେ ସେଇ 'ଅମୃତ' ଜିନିଷଟି କି ପ୍ରକାର ? ସାଧୁ ସନ୍ନ୍ୟାସିଗଣ କହନ୍ତି – 'ବ୍ରହ୍ମ', ସାଧାରଣ ଲୋକ କହନ୍ତି – 'ଭଗବାନ୍' । ଆମକୁ ଯଦି ଜିଜ୍ଞାସା କରାଯିବ, ତେବେ ମୁଁ କହିବି – ଅନ୍ତରାତ୍ମା । ମୋଟରେ କହିଲେ ଏ ତିନୋଟି ନାମ – ଏକହିଁ ଜିନିଷର । ତୁମେ ନିଜେ କ'ଣ, କି ବସ୍ତୁ, କେଉଁ ସତ୍ୟ ତୁମ ମଧ୍ୟରେ ମୂର୍ତ୍ତ ହେଉଛି ? ତାହାହିଁ ତୁମର ଭାଗବତ ଶକ୍ତି, ତୁମର ବ୍ରହ୍ମ-ସତ୍ତା । ଏ ଜିନିଷଟିର ସ୍ୱରୂପ କ'ଣ, ସେ କଥା କହିବାକୁ ମୋର ଆଉ ଭାଷା ନାହିଁ; ଏତିକି ମାତ୍ର କହିବି ବସ୍ତୁଟି ତୁମ ଅନୁଭବର । ସେଇଟିକୁ ପାଇଲେ ମନୁଷ୍ୟ ବୋଧକରେ ତା'ର ସବୁହିଁ ପୂର୍ଣ୍ଣ, ଅଖଣ୍ଡ – ସେ ହୋଇଯାଇଛି ଅଦୀନ, ସଦାନନ୍ଦ, ଶକ୍ତିମାନ୍, ଜ୍ଞାନବାନ୍ – ସେ ନିଜେ ଯେମିତି ଅନନ୍ତ ଓ ବିରାଟ । ଭିତରେ ଏଇ ଭାବଟି ଜଗାଇବ, ଏହାର ଆଲୋକରେ, ଏହାରହିଁ ପ୍ରେରଣାରେ ତୁମ ଅନ୍ତଃକରଣର ପ୍ରତ୍ୟେକ ସ୍ତରକୁ ଉଜ୍ଜ୍ୱଳ କରିବ, ନୂଆ ଗଢ଼ଣ ଦେଇ ମୂର୍ତ୍ତ କରିବ – ତୁମର ଚିନ୍ତା, ତୁମର ଭାବ, ତୁମର କର୍ମ – ସମସ୍ତ ବସ୍ତୁରେ ରୂପାନ୍ତର ଆଣିବ ଏବଂ ତୁମେହିଁ ନିଜକୁ ଗୋଟିଏ ନୂଆ ଜୀବନ ଦେବ । ତୁମର ସେ ଜୀବନର ପ୍ରତିଷ୍ଠାନ ଓ କର୍ମର କ୍ଷେତ୍ର ମଧ୍ୟ ଧୀରେ ଧୀରେ ତା'ସହ ରୂପାନ୍ତରିତ, ସଂଜୀବିତ ହୋଇ ଉଠିବ ।

ଅନ୍ତରାତ୍ମାର ଭାଗବତ ଅମୃତ ସିଞ୍ଚନଦେଇ ତୁମ ଜୀବନକୁ ପରିଷ୍କାର, ପରିଶୁଦ୍ଧ କରି ଗଢ଼ିବ — ତେବେ ଯାଇଁ ସେ ଜୀବନ ହେବ ପୂର୍ଣ୍ଣ ଶୁଦ୍ଧ । କିନ୍ତୁ ଏଥିପାଇଁ ଧରାବନ୍ଧା କଷ୍ଟକର ସାଧନାର ଦରକାର ନାହିଁ । ସାଧାରଣ ଯୋଗୀମାନେ ଅବା ଧାର୍ମିକମାନେ ଯେଉଁ ପ୍ରକାର ନିୟମାଦି ପାଳନ କରନ୍ତି, ସେ ପ୍ରକାର ନିଜକୁ ଯନ୍ତ୍ରଣା ଦେବ ନାହିଁ । ସାଧାରଣଭାବେ ଜୀବନ ଯେମିତି ଚାହୁଁଛି, ସେମିତିହିଁ ଚାଲୁ । ଯେଉଁ କାମ କରିବାକୁ ବସିଛ, ସେ କାମ କର; ବାହାର ନିୟମବନ୍ଧନ ଉପରେ ବିଶେଷ ଜୋର ଦିଅ ନାହିଁ, ତୁମେ ବଦଳାଇବାରେ ଲାଗ ଅନ୍ତରରେ ନିଜର ଭାବକୁ — ମନଟାକୁ କ୍ରମଶଃ ଶାନ୍ତ, ଅଚଞ୍ଚଳ କରିନିଅ ଆଉ ଅନୁଭବ କରିଚାଲ ଗଭୀରରେ ଥିବା ଅମୃତ — ଅସୀମ ସତ୍ତାକୁ । ବ୍ରହ୍ମରନ୍ଧ୍ରରୁ ଅଙ୍ଗୁଷ୍ଠ ପର୍ଯ୍ୟନ୍ତ ଯେତେବେଳେ ତୁମର ସମସ୍ତ ବସ୍ତୁ, ତୁମର ସମସ୍ତ ଉପାଦାନ ଭିତରେ ଭିତରେ ଏକ ସାମ୍ୟ, ଶାନ୍ତି, ସୁଖ ଓ ହାସ୍ୟରେ ନିଟୋଳ ହୋଇଉଠିବ, ସେଇ ଭରପୂର ଅମୃତ ସତ୍ତାରୁ ସକଳ କାର୍ଯ୍ୟ ସହଜ ସ୍ଫୁର୍ତ୍ତିରେ ଫୁଟିଉଠିବ, ପ୍ରକଟ ରୂପ ନେବ । ବାହାରର କୌଣସି କାର୍ଯ୍ୟ ଦୂଷଣୀୟ ନୁହେଁ — ଭିତରର ଅମୃତ ସତ୍ତା ସଙ୍ଗେ ତୁମର ଯେଉଁ କାର୍ଯ୍ୟର ଯେତେ ସାକ୍ଷାତ୍ ସମ୍ବନ୍ଧ ହେବ, ସେ କାର୍ଯ୍ୟଟି ବାହ୍ୟ ଦୃଷ୍ଟିରୁ ଯେପରି ବୋଧ ହେଉନା କାହିଁକି, ତାହାହିଁ ତୁମର ଧର୍ମ, ତୁମର ଭାଗବତ ବିଭୂତି, ତୁମ ଦିବ୍ୟଜୀବନର ଆଲମ୍ବନ ହେବ ।

ଏହି ଦିବ୍ୟଜୀବନହିଁ ଶ୍ରୀଅରବିନ୍ଦଙ୍କର ଆଦର୍ଶ । ଏହି ଦିବ୍ୟଜୀବନ ଲାଭକର — ଏକଥା ସେ ସକଳ ମନୁଷ୍ୟଙ୍କୁ କହୁଛନ୍ତି । ସେ ଏକଥା ବି କହୁଛନ୍ତି ଯେ ତାଙ୍କର ସାଧନା ଖାଲି ତାଙ୍କ ପାଇଁ ନୁହେଁ — ଜଣେ, ଦୁଇଜଣଙ୍କୁ ନେଇ ସନ୍ତୁଷ୍ଟ ହେବାର ଲୋକ ସେ ନୁହନ୍ତି । ମଣିଷସମାଜରୁହିଁ ବାଛିନେଇ ଗଢ଼ିତୋଳିବାକୁ ହେବ ପୂର୍ଣ୍ଣ ଭାଗବତ ଜୀବନର ଅଧିକାରୀ ଏକ ଦେବସମାଜ । ସେ ଚାହାନ୍ତି ଏପରି କେତେକ ନର-ନାରୀ, ଯେଉଁମାନେ ଏଇଭଳି ଜୀବନ-ଯାପନ କରିବାକୁ ଇଚ୍ଛୁକ ଓ ସମର୍ଥ । ଏଇମାନଙ୍କୁ ନେଇ ଗୋଟିଏ କେନ୍ଦ୍ର ହେଉ ଅବା ବହୁଗୁଡ଼ିଏ କେନ୍ଦ୍ର ହେଉ — ଅନେକ ସମାଜ କ୍ରମଶଃ ଦାନା ବାନ୍ଧିବ; ସମସ୍ତ ଜଗତରେ ତାହା ବିଛାଡ଼ି ହୋଇଯିବ । ଏଇ ଉଦ୍ଦେଶ୍ୟ ନେଇ ତାଙ୍କର ଦେଶସେବା; ତାଙ୍କର ବିଶ୍ୱାସ ନୂଆନୂଆ ସମାଜ ଗଢ଼ିଉଠୁ ଏଇ ଆଦର୍ଶକୁ କେନ୍ଦ୍ରରେ ରଖି, ବିଶେଷ କରି ଭାରତ ବର୍ଷରେ । ଦେବ-ସଂଘର ବୀଜ ଏଇ ଭାରତବର୍ଷରେ — ଏଇ ଦେଶର ସବୁପ୍ରାନ୍ତର ତରୁଣ-ତରୁଣୀଙ୍କ ମଧ୍ୟରେ ମର୍ଯ୍ୟାଦା ପାଉ, ବଙ୍ଗଦେଶରେ ମଧ୍ୟ । ଭାରତର ଭବିଷ୍ୟତ୍ ନରନାରୀ ଯେଉଁରୂପ ଗ୍ରହଣ କରିବେ, ଦେଶର ବାଳକ-ବାଳିକା ସେଇ ରୂପକୁ ଅନ୍ତରରେ ପ୍ରଥମେ ଧରିବେ, ସେଇ ଛାଞ୍ଚରେ ଗଢ଼ାହେବେ, ସେଇ ସେଇ ଭାବକୁ ନିଜ ଜୀବନରେ ଫୁଟାଇବେ, ଫଳବତୀ କରିବେ । ତତ୍‌ପରେ ପରସ୍ପର-ପରସ୍ପର ମିଳିତ-ହୋଇ ଦେବସମାଜ ଗଢ଼ିବେ । ଏଇ ବାଳକ-ବାଳିକାଙ୍କ ଉପରେ ତାଙ୍କର ଭରସା ବେଶୀ ।

ଶ୍ରୀଅରବିନ୍ଦ କହନ୍ତି : ଏଇ ଯେଉଁ ନୂତନ ମାନବ ଜାତି ବା ନୂଆ ଦେବ-ସମାଜ, ଏହା ତାଙ୍କର କଳ୍ପନା ନୁହେଁ । ଏ କାମଟି ଯେ ନିଶ୍ଚୟ ହୋଇଉଠିବ, ଏକଥା ତାଙ୍କୁ ଜଣା । ତୁମେ ବିଶ୍ୱାସ କର ଅବା ନକର କାଳ-ପୁରୁଷ ଏହା କରାଇ ନେବେ । ତୁମର ଶ୍ରଦ୍ଧା ଥାଉ, ସାମର୍ଥ୍ୟ ଥାଉ — କାଳପୁରୁଷ ତୁମକୁ ମସ୍ତକ ଉପରେ ଧରି ଲକ୍ଷ୍ୟ ସ୍ଥାନରେ ଧାଇଁ ଯାଇ ପହଞ୍ଚାଇ ଦେବେ । ଆଉ ଯଦି ଏଇ ଦେବ-ସଂଘରେ ତୁମର ଶ୍ରଦ୍ଧା ନାହିଁ, ତୁମେ ଯଦି ଅନ୍ଧ ପ୍ରାଣର ଦାସ, ତେବେ ସେଇ କାଳପୁରୁଷ ତୁମକୁ ପାଦରେ ଦଳି ଆଗେଇଯିବେ । ଶ୍ରୀଅରବିନ୍ଦ ପ୍ରକୃତିର ବିକାଶମୁଖୀ ଗତି ଦେଖି କହୁଛନ୍ତି : ଉଦ୍ଭିଦରୁ ପଶୁ ହୋଇଛି, ତତ୍‌ପରେ ପଶୁଜାତିରୁ ମଣିଷର ଉଦ୍ଭବ, ଏଥର ତ ମନୁଷ୍ୟଠାରୁ ସିଦ୍ଧ ବା ଦେବତା ପର୍ଯ୍ୟାୟକୁ ଉଠିବାର ବେଳା — ନିୟତି ଆମଠାରୁ ଏହା ଆଶା କରେ । ଏଣିକି ପ୍ରଶ୍ନ — ତୁମେ ନିୟତିର ସହାୟ ହେବ ନା ଅନ୍ତରାୟ ହେବ ?

ମୋର ଯାହା କହିବାର ଥିଲା କହିଦେଲି । ଯାହା କହିଲି ତାହା ସ୍ପଷ୍ଟ, ତୁମର ବୋଧଗମ୍ୟ ହେଲା କି ନାହିଁ ? କିନ୍ତୁ ଏହା ଜ୍ୟାମିତିର ଏକ ପ୍ରତିଜ୍ଞା(ସିଦ୍ଧାନ୍ତ) ନୁହେଁ ଯେ ଥରେ ବୁଝାଇଦେଲେ ସବୁ ବୁଝିହେବ । ଜିନିଷଟିକୁ ତିଳତିଳ କରି ଜୀବନର ପ୍ରତି ପଦରେ ବୁଝି, ଅନୁଭବ କରି ଆଗେଇବାକୁ ପଡ଼ିବ । ମୁଁ ମଧ୍ୟ ଦିନକରେ ବୁଝିନେଇ ନାହିଁ, ଏବେ ମଧ୍ୟ ସବୁକଥା ବୁଝିବା ମୋ ପକ୍ଷେ ଶେଷ ହୋଇ ନାହିଁ । ଯେତିକି ବୋଧଗମ୍ୟ ହୋଇଛି, ସେଥିପାଇଁ ମୋତେ ସମୟ ଲାଗିଛି ଦଶବର୍ଷ ।

ତତ୍‌ପରେ ଆଉ ଗୋଟିଏ କଥା କହି ପତ୍ରଟି ଶେଷ କରିବି । ତୁମମାନଙ୍କର ହୁଏତ ଜିଜ୍ଞାସା ଥିବ ଯେ ଶ୍ରୀଅରବିନ୍ଦଙ୍କର ଏଇ ଆଦର୍ଶ ବା ସାଧନା ସମ୍ବନ୍ଧରେ ମୋର ନିଜସ୍ୱ ମତ କ'ଣ ? ମୋର ନିଜର ମତାମତ କହିବା ଦରକାର ନଥା'ନ୍ତା, ତଥାପି କହିଲେ ତୁମମାନଙ୍କର କେବଳ ଯେ କୌତୂହଳ ନିବୃତ୍ତ ହେବ —

ତା'ନୁହେଁ, ସମ୍ଭବତଃ କିଛି ଲାଭ ହୋଇପାରେ, ସେଥିପାଇଁ କହିବାକୁ ଯାଉଛି । ଶ୍ରୀଅରବିନ୍ଦଙ୍କର ଯେଉଁ ଶ୍ରଦ୍ଧା, ଯେଉଁ ନିଷ୍ଠା, ମୋର ସେ ପ୍ରକାର ଏବେଯାଏ ହୋଇଉଠି ନାହିଁ । ହୁଏତ ଶ୍ରଦ୍ଧାର ହେତୁ ସ୍ୱରୂପ ଯେଉଁସବୁ ଉପଲବ୍ଧି ସେ ପାଇଛନ୍ତି ଏବେଯାଏଁ ସେପରି କିଛି ଉପଲବ୍ଧି ମୋର ହୋଇ ନାହିଁ । ମୁଁ ଅଧିକାଂଶ ଲୋକଙ୍କୁ ଏମିତି ଦୀନ-ହୀନ ଦେଖୁଛି ଯେ ମୋ ଭିତରେ, ମୋ ଚାରିପଟେ ସମାଜର ସବୁ ଭାଇଭଉଣୀଙ୍କ ମଧ୍ୟରେ ଏତେ କାର୍ପଣ୍ୟ ଦେଖୁଛି ଯେ ଜାଣିପାରୁ ନାହିଁ, ବୁଝିପାରୁ ନାହିଁ କେମିତି ଏମାନେ ଦେବତା ହୋଇଉଠିବେ ? ଏହା ହୋଇପାରେ ଯେ ମୁଁ କ୍ଷୁଦ୍ର ଭିତରେ କେବଳ କ୍ଷୁଦ୍ରତାକୁହିଁ ଲକ୍ଷ୍ୟ କରିଛି, ପଙ୍ଗୁ ଭିତରେ ଖାଲି ପଙ୍ଗୁତ୍ୱଟିକୁହିଁ ବଡ଼ କରି ଦେଖିଛି, କ୍ଷୁଦ୍ର ଭିତରେ ବୃହତ୍‌ର କି ପଙ୍ଗୁ ଭିତରେ ସାମର୍ଥ୍ୟର ବର୍ତ୍ତମାନତା ଥିଲେ ବି ମୋର ନଜରରେ ପଡ଼ି ନାହିଁ । ଶ୍ରୀଅରବିନ୍ଦ ପ୍ରାୟଶଃ କହନ୍ତି : ମନୁଷ୍ୟର ଖରାପ ଦିଗ ଉପରେ ମୋଟେ ନଜର ଦିଅ ନାହିଁ, ସେଇ ଜିନିଷକୁ ତାଚ୍ଛଲ୍ୟ କର, କେବଳ ନଜର ରଖ ଭଲ ଦିଗଟା ପ୍ରତି, ଏଇ ଜିନିଷଟି ଉପରେ ନଜର ଦିଅ; ତା'ହେଲେ ଦେଖିବ ଭଲ ଜିନିଷଟି ବେଶ୍ ଫୁଟିଉଠୁଛି ଆଉ ତା' ପାଖରେ ଠିଆହୋଇ ମନ୍ଦ ଜିନଷଟି ଶୁଖିଶୁଖି ମରିଯାଉଛି, ଭଲର ମହତ୍ତ୍ୱର ପ୍ରଭାବରେ ।

ଶ୍ରୀଅରବିନ୍ଦଙ୍କ ପରି ପୂର୍ଣ୍ଣ ଶ୍ରଦ୍ଧା ନଥିଲେ ବି, ବିଶ୍ୱାସ ନଥିଲେ ବି ଅଶ୍ରଦ୍ଧା ଓ ଅବିଶ୍ୱାସ ମୋର ନାହିଁ । ଏବଂ ସବୁଠାରୁ ବେଶୀ ଜୋର୍ ମୋର ଏଇଠି ଯେ ଏଇ ଆଦର୍ଶଟି ଯଦି କାଳ୍ପନିକ ବା ଅସମ୍ଭବ ଅବା ଆକାଶ କୁସୁମ ହୋଇଥାଏ, ତେବେ ବି ସେଇ କଳ୍ପନାକୁ, ସେଇ ଅବାସ୍ତବଟିକୁ ମୁଁ ସତ୍ୟ ଅପେକ୍ଷା ବେଶୀ ଭଲପାଏ । ଏବଂ ସେଇ ଆଦର୍ଶ ଯେ ମିଥ୍ୟା, ତାହା ଆଜି ଗୋଟାଏ ଦିନରେ ପ୍ରମାଣିତ କରାଯାଇ ପାରିବ ନାହିଁ, ଦୂରରେ ରହିଲେ ବି ହେବ ନାହିଁ । ସୁନା କି ପିତଳ, ତାହା ଦେଖିବାକୁ ହେବ କଷିକରି । ମୁଁ କଷଟି ପଥରରେ କଷିକରି ଆଦର୍ଶଟିକୁ ବରଣ କରି ନେଇଛି, ତୁମେମାନେ ମଧ୍ୟ ଆସି କଷିକରି ପରଖ କରିପାର ଓ ତା'ପରେ ଗ୍ରହଣ କର ।

(ରଚନାବଳୀ ପଞ୍ଚମ ଖଣ୍ଡ, 'ସ୍ୱଦେଶ-ସମାଜ' ପୁସ୍ତିକାରୁ)

ଅନୁବାଦ : କୃଷ୍ଣାଦେବୀ ❖

## ସାର୍ବଭୌମ ରାଜକୀୟତା

**ଶ୍ରୀମା**

ନିଜ ପାଇଁ କୌଣସି ଚିନ୍ତା ନ କରିବାରେ ଏକ ସାର୍ବଭୌମ ରାଜକୀୟତା ରହିଛି । କୌଣସି କିଛି ପାଇଁ ଆବଶ୍ୟକତା ରହିବାର ଅର୍ଥ ହେଉଛି ଏକ ଦୁର୍ବଳତାକୁ ପ୍ରଶ୍ରୟ ଦେବା; କୌଣସି କିଛିର ଦାବି ବା ଅଧିକାର ପାଇଁ ଇଚ୍ଛା ପ୍ରମାଣ କରେ ଯେ ଆମେ ଯାହା ଦାବି କରୁଛୁ ତାହାର ଅଭାବ ଆମ ଭିତରେ ଅଛି । କାମନା କରିବାର ଅର୍ଥ ହେଉଛି ଆମର କ୍ଳୀବତ୍ୱ; ଏହା ହେଉଛି ଆମର ସୀମାଗୁଡ଼ିକୁ ମାନିନେବା ଓ ସେଗୁଡ଼ିକୁ ଅତିକ୍ରମ କରିବା ପାଇଁ ଆମର ଅସାମର୍ଥ୍ୟକୁ ସ୍ୱୀକାର କରିନେବା ।

ଯଦି କେବଳ ନ୍ୟାୟୋଚିତ ଗର୍ବର ଦୃଷ୍ଟିକୋଣରୁ ବିଚାର କରାଯାଏ, ତେବେ ମନୁଷ୍ୟ ଏପରି ମହତ୍ ହେବା ଉଚିତ ଯେତେବେଳେ କି ସେ ତା'ର ସମସ୍ତ କାମନାକୁ ପରିତ୍ୟାଗ କରିଦେବ । ଜୀବନଠାରୁ ବା ସେହି ଜୀବନକୁ ସଂଜୀବିତ କରିଥିବା ପରମ ଚେତନାଠାରୁ ନିଜ ପାଇଁ କିଛି ମାଗିବା କେଡ଼େ ଅପମାନଜନକ । ଆମ ପାଇଁ ଏହା କେଡ଼େ ଅପମାନଜନକ ଓ ସେହି ଭଗବତୀ ଜନନୀଙ୍କ ବିରୋଧରେ କେଡ଼େ ଅଜ୍ଞାନମୟ ଅପରାଧ ! କାରଣ ସବୁ କିଛି ରହିଛି ଆମର ପହଞ୍ଚ ଭିତରେ; କେବଳ ଆମ ସତ୍ତାର ଅହଂଗ୍ରସ୍ତ ସୀମାହିଁ ଆମକୁ ବାଧା ଦେଉଛି ସମଗ୍ର ବିଶ୍ୱକୁ ସେହିଭଳି ସମ୍ପୂର୍ଣ୍ଣ ଓ ନିର୍ଦ୍ଦିଷ୍ଟ ଭାବରେ ଉପଭୋଗ କରିବା ପାଇଁ ଯେଉଁଭଳି ଆମେ ଆମର ଶରୀର ଓ ତା'ର ଆଶୁ ପରିବେଶଗୁଡ଼ିକ ଉପରେ ନିଜର ଅଧିକାର ଜାହିର ରଖିଥାଉ ।

(ବୁଲେଟିନ୍, ଫେବ୍ରୁଆରି ୨୦୦୮, ପୃଷ୍ଠା -୨୧)

ବେଦରହସ୍ୟ - (ପୂର୍ବାର୍ଦ୍ଧ) : ଦ୍ୱାବିଂଶ ଅଧ୍ୟାୟ

# 'ଦସ୍ୟୁ'ମାନଙ୍କ ଉପରେ ବିଜୟ

## (୨)

**ଶ୍ରୀଅରବିନ୍ଦ**

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ସେମାନେ ଚେଷ୍ଟା କରନ୍ତି କିନ୍ତୁ ''ପୃଥିବୀ ଓ ସ୍ୱର୍ଗର ସୀମାରେ'' ଉପନୀତ ହେବାରେ ବିଫଳ ହୁଅନ୍ତି; ଆମେ ଧାରଣା କରିପାରୁ ଯେ ଏହି ଶକ୍ତିମାନେ ବିନା ମନ୍ତ୍ର ଓ ଯଜ୍ଞ ଦ୍ୱାରା ପୃଥିବୀ ଓ ସ୍ୱର୍ଗର ଊର୍ଦ୍ଧ୍ୱସ୍ଥ ପରମଲୋକକୁ ଯିବାକୁ ଇଚ୍ଛା କରନ୍ତି ଯାହା କେବଳ ମନ୍ତ୍ର ଓ ଯଜ୍ଞ ଦ୍ୱାରା ଜୟ କରାଯାଇପାରେ । ସେମାନେ 'ସତ୍ୟ'କୁ ଅଜ୍ଞାନର ବିଧାନ ଦ୍ୱାରା ଅଧିକାର କରିବାକୁ ଚାହାନ୍ତି; କିନ୍ତୁ ସେମାନେ ପୃଥିବୀ ଓ ସ୍ୱର୍ଗର ପ୍ରାନ୍ତରେ ଉପନୀତ ହେବାକୁ ଅକ୍ଷମ ହୁଅନ୍ତି; କେବଳ 'ଇନ୍ଦ୍ର' ଓ ଦେବଗଣହିଁ ମନ, ପ୍ରାଣ ଓ ଶରୀର ରୂପକ ଏହି ତିନି ସ୍ତରରେ ନିଜର ମହତ୍ତ୍ୱ ଦ୍ୱାରା ପରିପୂର୍ଣ୍ଣ କଲା ପରେହିଁ ଏହି ମନ-ପ୍ରାଣ-ଦେହର ବିଧାନକୁ ଲଙ୍ଘନ କରିବାକୁ ସମର୍ଥ ହୁଅନ୍ତି । ମନେ ହୁଏ ସରମା (୧୦।୧୦୮।୬)[୫] ପଣିମାନଙ୍କର ଏହି ଉଚ୍ଚାଭିଳାଷ ବିଷୟର ସୂଚନା ଦେଇଛନ୍ତି; ''ହେ ପଣିଗଣ, ତୁମ୍ଭମାନଙ୍କର ବାକ୍ ସଫଳତା ଲାଭ କରିବାକୁ ସମର୍ଥ ନ ହେଉ, ତୁମ୍ଭମାନଙ୍କର ଶରୀର ଅହିତ ଓ ଅମଙ୍ଗଳ୍ୟ ହେଉ; ପନ୍ଥା ତୁମ ଦ୍ୱାରା ଭ୍ରଷ୍ଟ ନ ହେଉ, ବୃହସ୍ପତି ତୁମକୁ (ଦିବ୍ୟ ଓ ମାନୁଷ) ଉଭୟ ଲୋକର ସୁଖ ନ ଦିଅନ୍ତୁ ।'' ପଣିଗଣ ଉଦ୍ଧତ ଭାବରେ କହିଛନ୍ତି, ଯଦି ଇନ୍ଦ୍ର ସେମାନଙ୍କ ଗୁହାରେ ବାସ କରନ୍ତି ଓ ଗୋମାନଙ୍କର ରକ୍ଷକ ହୁଅନ୍ତି ତେବେ ସେମାନେ ତାଙ୍କ ସହିତ ବନ୍ଧୁତା କରିବେ,[୬] କିନ୍ତୁ ସରମା ଏହାର ଉତ୍ତରରେ କହିଛନ୍ତି ଯେ ଇନ୍ଦ୍ର ସମସ୍ତଙ୍କୁ ପରାଭବ କରନ୍ତି ଏବଂ ସେ କାହା ଦ୍ୱାରା ପରାଭୂତ ବା ଉତ୍ପୀଡ଼ିତ ହୁଅନ୍ତି ନାହିଁ,[୭] ଏହାପରେ ପୁଣି ସେମାନେ ସରମାଙ୍କୁ ନିଜ ସହ ଭ୍ରାତୃତ୍ୱ ପାଇଁ ପ୍ରସ୍ତାବ କଲେ ଯଦି ସେ (ସରମା) ସେମାନଙ୍କ ସହିତ ବାସ କରନ୍ତି ଓ ଦେବଗଣଙ୍କ ସାହାଯ୍ୟରେ ସମସ୍ତ ବାଧା ଅତିକ୍ରମ କରି ଯେଉଁ ସୁଦୂର ଲୋକରୁ ସେ ଆସିଛନ୍ତି ସେଠାକୁ ଯଦି ସେ ଆଉ ଫେରି ନ ଯାଆନ୍ତି, **ପ୍ରବାଧିତା ସହସା ଦୈବ୍ୟେନ** । ସରମା ଉତ୍ତର ଦେଲେ, ''ଭ୍ରାତୃତ୍ୱ ଓ ଭଗ୍ନୀତ୍ୱ ମୁଁ କିଛି ଜାଣେନା, ଇନ୍ଦ୍ର ଓ ଉଗ୍ର ଅଙ୍ଗିରସମାନେ ତାହା ଜାଣନ୍ତି; ଗୋ କାମନା କରି ସେମାନେ ମୋତେ ସୁରକ୍ଷା ଦେଇଛନ୍ତି, ତେଣୁ ମୁଁ ଆସିଛି । ହେ ପଣିଗଣ, ଏଠାରୁ ଅନ୍ୟ କୌଣସି ଏକ ଉତ୍ତମ ସ୍ଥାନକୁ ପଳାୟନ କର । ଯେଉଁ ଗୋମାନଙ୍କୁ ତୁମେ ଅବରୋଧ କରି ରଖିଛ, ଯେଉଁ ଲୁକ୍କାୟିତ ଗୋମାନଙ୍କୁ ବୃହସ୍ପତି, ସୋମ, ସବନ-ପ୍ରସ୍ତର (ଗ୍ରାବାଣଃ) ଓ ଜ୍ଞାନୋଜ୍ଜ୍ୱଳ ଋଷିମାନେ ଦର୍ଶନ କରନ୍ତି, ସେମାନେ ସତ୍ୟ ଦ୍ୱାରା ଊର୍ଦ୍ଧ୍ୱାଭିମୁଖେ ଚାଳିତ ହୁଅନ୍ତୁ ।''[୮]

'ସୂର୍ଯ୍ୟ'ଙ୍କୁ ତଥା ବିକାଶକ ରୂପା 'ପୂଷଣ'ଙ୍କୁ ନିବେଦିତ ଋ. ୬।୫୩ ସୂକ୍ତରେ ପଣିଗଣ ସ୍ୱେଚ୍ଛାକୃତ ଭାବେ ନିଜ

---

[୫] **ଅସେନ୍ୟା ବଃ ପଣୟୋ ବଚାଂସି, ଅନିଷବ୍ୟାସ୍ତନ୍ୱଃ ସନ୍ତୁ ପାପୀଃ ।**
**ଅଧୃଷ୍ଟୋ ବ ଏତବା ଅସ୍ତୁ ପନ୍ଥାଃ, ବୃହସ୍ପତିର୍ବ ଉଭୟାନ ମୃଳାତ୍ ॥**

[୬] **ଆ ଚ ଗଚ୍ଛାନ୍ ମିତ୍ରମେନା ଦଧାମ, ଅଥା ଗବାଂ ଗୋପତିର୍ନୋ ଭବାତି ।** (୧୦।୧୦୮।୩)

[୭] **ନାହଂ ତଂ ବେଦ ଦଭ୍ୟଂ ଦଭତ୍ ସଃ, ଯସ୍ୟେଦଂ ଦତୀରସରଂ ପରାକାତ୍ ।** (୧୦।୧୦୮।୪)

[୮] **ନାହଂ ବେଦ ଭ୍ରାତୃତ୍ୱଂ ନୋ ସ୍ୱସୃତ୍ୱମିନ୍ଦ୍ରୋ ବିଦୁରଙ୍ଗିରସଶ୍ଚ ଘୋରାଃ ।**
**ଗୋକାମା ମେ ଅଚ୍ଛଦୟନ୍ ଯଦାୟମପାତ ଇତ ପଣୟୋ ବରୀୟଃ ॥**
**ଦୂରମିତ ପଣୟୋ ବରୀୟ ଉଦ୍‌ଗାବୋ ୟନ୍ତୁ ମିନତୀର୍ଋତେନ ।**
**ବୃହସ୍ପତିର୍ୟା ଅବିନ୍ଦନ୍ନିଗୂଳ୍ହାଃ ସୋମୋ ଗ୍ରାବାଣ ଋଷୟଶ୍ଚ ବିପ୍ରାଃ ॥**
(ଋ. ୧୦।୧୦୮।୧୦-୧୧)

ଭଣ୍ଡାରକୁ ଖୋଲି ଦେବା ବିଷୟ ଆମେ ଦେଖିବାକୁ ପାଉ ।

**ବୟମୁ ତ୍ୱା ପଥସ୍ପତେ ରଥଂ ନ ବାଜସାତୟେ ।**
**ଧିୟେ ପୂଷନ୍ନୟୁଜ୍ମହି ।।୧।।**

''ହେ ପୂଷନ୍, ହେ ମାର୍ଗପତି, ପ୍ରାଚୁର୍ଯ୍ୟ ଓ ଧୀ ଲାଭ ପାଇଁ ଆମେ ତୁମ ସହ ରଥରେ ଯୋଚା ହେବା ପରି ଯୁକ୍ତ ହେଉଛୁ ।''...

**ଅଦିତ୍ସନ୍ତଂ ଚିଦାଘୃଣେ ପୂଷନ୍ ଦାନାୟ ଚୋଦୟ ।**
**ପଣେଶ୍ଚିଦ୍ ବି ମ୍ରଦା ମନଃ ।।୩।।**

''ହେ ଦୀପ୍ତିମାନ୍ ପୂଷନ୍, ଆଦୌ ଦାନ କରିବାକୁ ଅନିଚ୍ଛୁକ 'ପଣି'କୁ ତୁମେ ଦାନ ପାଇଁ ପ୍ରେରଣା ଦିଅ, ପଣିର ମନକୁ ବି କୋମଳ କରିଦିଅ ।''

**ବି ପଥୋ ବାଜସାତୟେ ଚିନୁହି ବି ମୃଧୋ ଜହି ।**
**ସାଧନ୍ତାମୁଗ୍ର ନୋ ଧିୟଃ ।।୪।।**

''ଯେଉଁ ପଥସବୁ ପ୍ରାଚୁର୍ଯ୍ୟ ଲାଭ ଦିଗରେ ନେଇ ଯାଆନ୍ତି ସେଗୁଡ଼ିକୁ ତୁମେ ବାଛି ଦେଖାଇ ଦିଅ, ଆକ୍ରାମକମାନଙ୍କୁ ବଧ କର, ଆମମାନଙ୍କ ଧୀ ପୂର୍ଣ୍ଣତା ପ୍ରାପ୍ତ ହେଉ ।''

**ପରି ତୃନ୍ଧି ପଣୀନାମାରୟା ହୃଦୟା କବେ ।**
**ଅଥେମସ୍ମଭ୍ୟଂ ରନ୍ଧୟ ।।୫।।**

''ହେ ଋଷି, ତୁମେ ନିଜ ଅଙ୍କୁଶ ଦ୍ୱାରା ପଣିର ହୃଦୟକୁ ବିଦ୍ଧ କର; ଏହିପରି ଭାବେ ତୁମେ ସେମାନଙ୍କୁ ଆମର ବଶୀଭୂତ କରାଅ ।''

**ବି ପୂଷନ୍ନାରୟା ତୁଦ ପଣେରିଚ୍ଛ ହୃଦି ପ୍ରିୟମ୍ ।**
**ଅଥେମସ୍ମଭ୍ୟଂ ରନ୍ଧୟ ।।୬।।**

''ହେ ପୂଷଣ, ତୁମ ଅଙ୍କୁଶ ଦ୍ୱାରା ତୁମେ ସେମାନଙ୍କୁ ପ୍ରହାର କର ଏବଂ ପଣିର ହୃଦୟରେ ଆମ ଆନନ୍ଦ କାମନା କର; ଏହିପରି ଭାବେ ସେମାନଙ୍କୁ ଆମର ବଶୀଭୂତ କର ।''...

**ୟାଂ ପୂଷନ୍ ବ୍ରହ୍ମଚୋଦନୀମାରାଂ ବିଭର୍ଷ୍ୟାଘୃଣେ ।**
**ତୟା ସମସ୍ୟ ହୃଦୟମା ରିଖ କିକିରା କୃଣୁ ।।୮।।**

''ହେ ଜ୍ୟୋତିର୍ମୟ ପୂଷଣ, ଯେଉଁ ଅଙ୍କୁଶ ତୁମେ ବହନ କରୁଛ ତାହା ମନ୍ତ୍ର ବାକ୍‌କୁ ଉତ୍ଥିତ ହେବାରେ ପ୍ରେରିତ କରେ, ତାହା ଦ୍ୱାରା ତୁମେ ସମସ୍ତଙ୍କ ହୃଦୟରେ ତୁମର ବାକ୍ୟପଂକ୍ତି ଲେଖ, ସେମାନଙ୍କୁ ଛିନ୍ନ ଭିନ୍ନ କର, (ଏହିପରି ଭାବେ ସେମାନଙ୍କୁ ଆମ ବଶୀଭୂତ କରାଅ) ।''

**ୟା ତେ ଅଷ୍ଟ୍ରା ଗୋଓପଶାଽଘୃଣେ ପଶୁସାଧନୀ ।**
**ତସ୍ୟାସ୍ତେ ସୁମ୍ନମୀମହେ ।।୯।।**

''ତୁମ ଅଙ୍କୁଶ, ଯାହାକି ତୁମ କିରଣର ଅଗ୍ରଭାଗ, ତାହା ଧୀ ଦୃଷ୍ଟିରୂପକ ପଶୁପଲଙ୍କୁ ପୂର୍ଣ୍ଣତା ପ୍ରାପ୍ତ କରାଏ (**ପଶୁସାଧନୀ** – ଧୀଦୃଷ୍ଟି, ଯଥା : ୪ର୍ଥ ଋକ୍‌ର **ସାଧନ୍ତାଂ ଧିୟଃ**), ଆମେ ତା'ର ଆନନ୍ଦ କାମନା କରୁଛୁ ।''

**''ଉତ ନୋ ଗୋଷଣିଂ ଧିୟମଶ୍ୱସାଂ ବାଜସାମୁତ ।**
**ନୃବତ୍ କୃଣୁହି ବୀତୟେ''** ।।୧୦।।

''ଆମ ନିମନ୍ତେ ଗୋ-ଜୟୀ, ଅଶ୍ୱଜୟୀ ଓ ଧନ-ପ୍ରାଚୁର୍ଯ୍ୟଜୟୀ ଧୀ ସୃଷ୍ଟିକର ।''

ପଣିଗଣଙ୍କର ଏହି ପ୍ରତୀକ ବିଷୟରେ ଆମେ କରିଥିବା ବ୍ୟାଖ୍ୟା ଯଦି ଯଥାର୍ଥ ତେବେ ଏହାର ସାଧାରଣ ଅର୍ଥକୁ ବଜାୟ ରଖି ମଧ୍ୟ ଏହି ଭାବଗୁଡ଼ିକ ପର୍ଯ୍ୟାପ୍ତ ଭାବେ ବୋଧଗମ୍ୟ ହେଉଛି, ଅଥଚ ସାୟଣ ଏହାର (ପଣିର) ଅର୍ଥ କରିଛନ୍ତି ସେ ଜଣେ କୃପଣ ବା ଲୋଭୀ ବ୍ୟକ୍ତି ଯାହାକୁ କୋମଳମନା ଓ ଦାନଶୀଳ କରିଦେବା ନିମନ୍ତେ କ୍ଷୁଧାତୁର କବି ସୂର୍ଯ୍ୟଦେବଙ୍କୁ କାକୁସ୍ଥ ହୋଇ ପ୍ରାର୍ଥନା କରିଛନ୍ତି । ବୈଦିକ ବିଚାର ଏଭଳି ଥିଲା ଯେ ଦିବ୍ୟଜୀବନ ସହ ସମ୍ବନ୍ଧିତ ଯେଉଁ ସମସ୍ତ ଐଶ୍ୱର୍ଯ୍ୟ ଅବଚେତନ ଅନ୍ଧକାର ଓ ଅଜ୍ଞାନତାର ସାଧାରଣ ଜୀବନ ମଧ୍ୟରେ ପ୍ରଚ୍ଛନ୍ନ ରହିଛି ସେହିସବୁ ଗୁପ୍ତ ସମ୍ପଦକୁ ନିଶ୍ଚିତ ରୂପେ ଉଦ୍ଧାର କରିବାକୁ ହେବ, ସେଥିପାଇଁ ପ୍ରଥମେ ଅନୁତାପବିହୀନ ଶକ୍ତିମାନଙ୍କର ଧ୍ୱଂସ ଅବଶ୍ୟମ୍ଭାବୀ ଏବଂ ତା'ପରେ ନିମ୍ନତର ଜୀବନକୁ ଉଚ୍ଚତର ଜୀବନର ଅଧୀନସ୍ଥ କରିବାକୁ ହେବ । ଆମେ ଯାହା ଦେଖିଲୁ, ଇନ୍ଦ୍ରଙ୍କ ସମ୍ବନ୍ଧରେ କୁହାଯାଇଛି ଯେ ସେ 'ଦସ୍ୟୁ'କୁ ହୁଏତ ବଧ କରନ୍ତି ନଚେତ୍ ଜୟ କରନ୍ତି ଏବଂ ତା'ର ସେହି ଧନ ସମ୍ପଦକୁ ଆର୍ଯ୍ୟଙ୍କୁ ହସ୍ତାନ୍ତର କରନ୍ତି । ସେହିପରି 'ସରମା' ମଧ୍ୟ ପଣିଗଣଙ୍କ ସହ ବନ୍ଧୁତ୍ୱ ସ୍ଥାପନ କରି ଶାନ୍ତି ରକ୍ଷା ସକାଶେ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରନ୍ତି, ବରଂ ଦେବଗଣ ତଥା ଆର୍ଯ୍ୟଙ୍କଠାରେ ପଣିମାନେ ଆତ୍ମସମର୍ପଣ ମାଧ୍ୟମରେ ଅବନତ ହୁଅନ୍ତୁ ବୋଲି ସେ ପ୍ରସ୍ତାବ ଦିଅନ୍ତି ଓ କହନ୍ତି ଯେ ସେମାନଙ୍କ ପାଖରେ ଅବରୁଦ୍ଧ ଥିବା ଗୋମାନଙ୍କୁ ଉର୍ଦ୍ଧ୍ୱାରୋହଣ କରି ଦିଆଯାଉ ଏବଂ ସେମାନେ ନିଜେ ଅନ୍ଧକାରରୁ ବାହାରି ଉତ୍ତମ ସ୍ଥାନକୁ ପ୍ରସ୍ଥାନ କରନ୍ତୁ, **ଆ ବରୀୟଃ** (ଋ. ୧୦।୧୦୮।୧୦-୧୧) । ଆହୁରି ମଧ୍ୟ, ଜ୍ୟୋତିର୍ମୟ ଦ୍ରଷ୍ଟା, ସତ୍ୟାଧିପତି 'ପୂଷଣ'ଙ୍କର ଯେଉଁ ଅଙ୍କୁଶ, ତାହା ନିଜ ପ୍ରଚଣ୍ଡାଘାତ ଦ୍ୱାରା ସେମାନଙ୍କ ରୁଦ୍ଧ ହୃଦୟକୁ ଉନ୍ମୋଚନ କରେ ଏବଂ ତାହାହିଁ ହୃଦୟର ଗଭୀର ପ୍ରଦେଶରୁ ପବିତ୍ର ବାକ୍‌ର

(ମନ୍ତ୍ରର) ଉତ୍ଥାନ ଘଟାଏ, ଏହି ଅଙ୍କୁଶର ଅଗ୍ରଭାଗ ଦୀପ୍ତ ଓ ତାହା ଜ୍ୟୋତିର୍ମୟ ଗୋମାନଙ୍କୁ ପୂର୍ଣ୍ଣତା ପ୍ରଦାନ କରେ ଏବଂ ଉଜ୍ଜ୍ୱଳ ଭାବନାଗୁଡ଼ିକୁ ସିଦ୍ଧ କରାଏ, ଏହାରି ଦ୍ୱାରାହିଁ ପଣିର ହୃଦୟ-ପରିବର୍ତ୍ତନ ସାଧିତ ହୁଏ; ତା'ପରେ ତା'ର ଅନ୍ଧକାରାଚ୍ଛନ୍ନ ହୃଦୟ ମଧ୍ୟରେ 'ସତ୍ୟ-ଦେବତା' ଆର୍ଯ୍ୟର କାମାନୁରୂପା କାମନା ପୋଷଣ କରନ୍ତି । ତେଣୁ 'ଜ୍ୟୋତିଃ' ଓ 'ସତ୍ୟ'ର ଏହି ଅନ୍ତର୍ଭେଦୀ କ୍ରିୟା ଦ୍ୱାରା ସାଧାରଣ ତଥା ଅଜ୍ଞାନ ଇନ୍ଦ୍ରିୟକ୍ରିୟାତ୍ମିକା ଶକ୍ତିଗୁଡ଼ିକ ଆର୍ଯ୍ୟଙ୍କର ବଶୀଭୂତ ହୋଇଯା'ନ୍ତି ।

କିନ୍ତୁ ସାଧାରଣତଃ ସେମାନେ (ପଣିମାନେ) ତାଙ୍କର ଶତ୍ରୁ, ବଶ୍ୟତା ଓ ସେବା ଅର୍ଥରେ ଦାସ ନୁହନ୍ତି (କର୍ମାର୍ଥକ 'ଦସ୍' ଧାତୁରୁ ଦାସ – ଭୃତ୍ୟ), କିନ୍ତୁ ଧ୍ୱଂସ ଓ କ୍ଷତି ଅର୍ଥରେ 'ଦାସ' (ଦସ, ଦସ୍ୟୁ, ଜଣେ ଶତ୍ରୁ, ଲୁଣ୍ଠକ – ଏହି ଶବ୍ଦ ବିଭକ୍ତ କରିବା, ଆଘାତ କରିବା, କ୍ଷତି କରିବା ଅର୍ଥ ବୁଝାଉ ଥିବା 'ଦସ୍'ରୁ ନିଷ୍ପନ୍ନ) । 'ପଣି'ର ଅର୍ଥ ହେଉଛି – ଯିଏ ଜ୍ୟୋତିଃରୂପକ ଗୋ ଯୂଥ, ତୀବ୍ରଗତି ରୂପକ ଅଶ୍ୱଗଣ ଏବଂ ଦିବ୍ୟପ୍ରାଚୁର୍ଯ୍ୟ ରୂପକ ସମ୍ପଦମାନ ଅପହରଣ କରେ । ସେ ହେଉଛି 'ବୃକ', ଖାଦକ (ଅତ୍ରି), ସେ ବିଘ୍ନକାରୀ 'ନିଦ୍' ଓ ବାକ୍-ବିକୃତକାରୀ । ସେ ଶତ୍ରୁ, ତସ୍କର, ମିଥ୍ୟା ବା ଅଶୁଭ ଚିନ୍ତକ, ଯିଏକି ନିଜକୃତ ଲୁଣ୍ଠନ ଦ୍ୱାରା ତଥା ବିଘ୍ନ ଘଟାଇବା ଦ୍ୱାରା 'ପଥ' ଦୁର୍ଗମ କରେ; ''ଏହି ଧୀବିଭ୍ରାନ୍ତକାରୀ କୁଟିଳ ଶତ୍ରୁ ତଥା ତସ୍କରକୁ ଆମଠାରୁ ବହୁ ଦୂରକୁ ନିକ୍ଷେପ କର, ହେ ଅସ୍ତିତ୍ୱର ପ୍ରଭୁ (ସତ୍‌ପତେ) ଆମର ପଥ ସୁଗମ କର । ପଣିକୁ ବଧ କର, କାରଣ ସେ ବୃକ, ଭକ୍ଷକ'' (ଋ. ୬।୫୧।୧୩-୧୪)[୯] ।... ଆକ୍ରମଣ ପାଇଁ ସେ ଉଦ୍ୟତ, ଦେବଗଣ ତାକୁ ପ୍ରତିହତ କରିବା ଉଚିତ । ''ଏହି ଦେବ (ସୋମ) ଜାତ ହୋଇ ଓ ଇନ୍ଦ୍ରଙ୍କୁ ସହାୟକ ରୂପେ ଲାଭ କରି ବଳପୂର୍ବକ ପଣିକୁ ପ୍ରତିହତ କରିଥିଲେ'' (ଋ. ୬।୪୪।୨୨),[୧୦] ଏବଂ ସ୍ୱର୍, ସୂର୍ଯ୍ୟ ଓ ସମସ୍ତ ସମ୍ପଦ ଲାଭ କରିଥିଲେ । ପଣିମାନଙ୍କୁ ହୁଏତ ବଧ ନଚେତ୍ ପରାହତ କରିବା ଆବଶ୍ୟକ ଯାହା ଫଳରେ ସେମାନଙ୍କ ଧନ ସମ୍ପଦକୁ ବଳପୂର୍ବକ ସେମାନଙ୍କଠାରୁ ଛିନ୍ନ କରି ମହତ୍ତର ଜୀବନ ନିମନ୍ତେ ବିନିଯୋଗ କରାଯାଇପାରେ । ''ହେ ସରସ୍ୱତି, ପଣିକୁ ତୁମେ ତା'ର ପଙ୍‌କ୍ତିବଦ୍ଧ ସୈନ୍ୟମାନଙ୍କ ବ୍ୟୂହ ମଧ୍ୟରେ ବିନାଶ କରିଥିଲ । ଏହା ତୁମର ଏକ ମହତ୍ ଅବଦାନ । ହେ ସରସ୍ୱତି, ଦେବଗଣଙ୍କର ବିଘ୍ନକାରୀମାନଙ୍କୁ ବିଦଳିତ କର'' (ଋ. ୬।୬୧।୧,୩) ।[୧୧] ''ହେ ଅଗ୍ନି-ସୋମ, ଯେତେବେଳେ ତୁମେ ପଣିଠାରୁ ଗୋମାନଙ୍କୁ ବଳପୂର୍ବକ ଲୁଣ୍ଠନ କରି ନେଲ ଓ ବହୁଜନଙ୍କ ପାଇଁ ଏକମାତ୍ର 'ଜ୍ୟୋତିଃ' ପ୍ରାପ୍ତ କଲ ସେତେବେଳେ ତୁମର ଶକ୍ତି ଜାଗ୍ରତ୍ ହୋଇଥିଲା'' (ଋ. ୧।୯୩।୪) ।[୧୨]

ଯେତେବେଳେ ଉଷା କାଳରେ ଦେବଗଣ ଯଜ୍ଞ ନିମନ୍ତେ ଜାଗ୍ରତ୍ ହୁଅନ୍ତି ସେତେବେଳେ ଯଜ୍ଞର ଫଳପ୍ରସୂ ଅଗ୍ରଗତିରେ ବିଘ୍ନ ଘଟାଇବାକୁ ପଣିମାନେ ଯେପରି ଜାଗ୍ରତ୍ ନ ହୁଅନ୍ତି; ସେମାନେ ନିଜ ଅନ୍ଧକାର ଗୁହା ମଧ୍ୟରେ ଶୋଇ ରହନ୍ତୁ । ''ହେ ପ୍ରାଚୁର୍ଯ୍ୟର ରାଣୀ ଉଷା, ଆମର ପୂର୍ଣ୍ଣତାକାରୀ ସେମାନଙ୍କୁ (ଦେବଗଣଙ୍କୁ) ଜାଗ୍ରତ୍ କର, କିନ୍ତୁ ପଣିମାନେ ଅପ୍ରବୁଦ୍ଧ ହୋଇ ଶୋଇ ରହନ୍ତୁ । ହେ ଐଶ୍ୱର୍ଯ୍ୟର ରାଣି, ପ୍ରାଚୁର୍ଯ୍ୟର ଅଧିପତିମାନଙ୍କ ନିମନ୍ତେ ତୁମେ ଐଶ୍ୱର୍ଯ୍ୟମୟୀ ଉଷା, ତୁମ ସ୍ତୋତାମାନଙ୍କ ପାଇଁ ତୁମେ ପ୍ରାଚୁର୍ଯ୍ୟମୟୀ ହୁଅ, ହେ 'ଉଷା' ତୁମେହିଁ 'ସତ୍ୟ' । ଯୁବତୀ ସେ ଆମ ସମ୍ମୁଖରେ ଦୀପ୍ତିମୟୀ ହୋଇ ଉଠୁଛନ୍ତି, ସେ ନିଜର ଅରୁଣବର୍ଣ୍ଣ ଗୋ ଯୂଥ ସୃଷ୍ଟି କରିଛନ୍ତି; ଅସତ୍ ମଧ୍ୟରେ ଜ୍ଞାନ ଦୃଷ୍ଟି ସୁବ୍ୟାପ୍ତ ହୋଇ ପ୍ରକଟ ହେଉଛି''

---

[୯] **ଅପ ତ୍ୟଂ ବୃଜିନଂ ରିପୁଂ ସ୍ତେନମଗ୍ନେ ଦୁରାଧ୍ୟମ୍ ।**
**ଦବିଷ୍ଠମସ୍ୟ ସତ୍‌ପତେ କୃଧୀ ସୁଗମ୍ ॥**
**... ଜହୀ ନ୍ୟତ୍ରିଣଂ ପଣିଂ ବୃକୋ ହି ଷଃ ॥** (ଋ. ୬।୫୧।୧୩-୧୪)

[୧୦] **ଅୟଂ ଦେବଃ ସହସା ଜାୟମାନ ଇନ୍ଦ୍ରେଣ ଯୁଜା ପଣିମସ୍ତଭାୟତ୍ ।** (ଋ. ୬।୪୪।୨୨)

[୧୧] **ୟା ଶଶ୍ୱନ୍ତମାଚଖାଦାବସଂ ପଣିଂ ତା ତେ ଦାତ୍ରାଣି ତବିଷା ସରସ୍ୱତି ।**
**ସରସ୍ୱତି ଦେବନିଦୋ ନିବର୍ହୟ ॥** (ଋ. ୬।୬୧।୧, ୩)

[୧୨] **ଅଗ୍ନିଷୋମା ଚେତି ତଦ୍ ବୀର୍ୟଂ ବାଂ ୟଦମୁଷ୍ଣୀତମବସଂ ପଣିଂ ଗାଃ ।**
**(ଅବାତିରତଂ ବୃସୟସ୍ୟ ଶେଷଃ) ଅବିନ୍ଦତଂ ଜ୍ୟୋତିରେକଂ ବହୁଭ୍ୟଃ ॥** (ଋ. ୧।୯୩।୪)

(ଋ. ୧।୧୨୪।୧୦, ୧୧)[୧୩]। ଆହୁରି ମଧ ଋ. ୪।୫୧।୧-୩[୧୪] ଋକ୍‌ମାନଙ୍କରେ କୁହାଯାଇଛି – ''ଦେଖ, ଆମ ସମ୍ମୁଖରେ ଅନ୍ଧକାର ମଧ୍ୟରୁ ଏହି ଜ୍ଞାନପୂର୍ଣ୍ଣ ପରମ ଜ୍ୟୋତିଃ ଉଦିତ ହୋଇଛନ୍ତି; ପ୍ରଭାମୟୀ ଦ୍ୟୁ-କନ୍ୟା ଉଷାମାନେ ଉଭା ହୋଇଛନ୍ତି, ସେଇ ଉଷାମାନେ ମନୁଷ୍ୟ ନିମନ୍ତେ ପଥ ସୃଷ୍ଟି କରିଛନ୍ତି। ଉଷାଗଣ ଆମ ସମ୍ମୁଖରେ ଯଜ୍ଞସ୍ତମ୍ଭ ପରି ଦଣ୍ଡାୟମାନା; ବିମଳା ଓ ପାବନୀ ରୂପେ ଉଦୀୟମାନା (ଉଷାଗଣ) ଅନ୍ଧକାର ରୂପକ କାରାଗୋଷ୍ଠର ଦ୍ୱାର ମୁକ୍ତ କରି ଦେଉଛନ୍ତି। ପ୍ରଚୁର ସୁଖଦାନ ନିମନ୍ତେ ଆଜି ଉଷାମାନେ ପ୍ରକଟ ହୋଇ ଭୋକ୍ତାମାନଙ୍କୁ ଜ୍ଞାନରେ ପ୍ରବୁଦ୍ଧ କରୁଛନ୍ତି; ଆଲୋକର କୌଣସି ଲୀଳା ନ ଥିବା ସେହି ଅନ୍ଧକାର ମଧ୍ୟରେ ପଣିମାନେ ଶୋଇ ରହନ୍ତୁ, ଆଦୌ ଜାଗ୍ରତ୍ ନ ହୁଅନ୍ତୁ।'' ସେମାନଙ୍କୁ ଉଚ୍ଚତର ଲୋକ ମଧ୍ୟରୁ ନିମ୍ନର ଏହି ଅନ୍ଧକାର ମଧ୍ୟକୁ ନିକ୍ଷେପ କରିବାକୁ ହେବ ଏବଂ ଏହି ଅବସରରେ ସେହି ରାତ୍ରି ମଧ୍ୟରେ ସେମାନଙ୍କ ଦ୍ୱାରା କାରାରୁଦ୍ଧ ହୋଇ ରହିଥିବା ଉଷାମାନଙ୍କୁ ଉଚ୍ଚତମ ଲୋକ ମଧ୍ୟକୁ ଉତ୍ତୋଳନ କରି ନେବାକୁ ହେବ।

**ନ୍ୟକ୍ରତୂନ୍ ଗ୍ରଥିନୋ ମୃଧ୍ରବାଚଃ**
**ପଣୀଁରଶ୍ରଦ୍ଧାଁ ଅବୃଧାଁ ଅୟଜ୍ଞାନ୍।**
**ପ୍ରପ୍ର ତାନ୍ ଦସ୍ୟୁଁରଗ୍ନିର୍ବିବାୟ**
**ପୂର୍ବଶ୍ଚକାରାପରାଁ ଅୟଜ୍ୟୂନ୍॥**

(ଋ. ୭।୬।୩)

ଯେଉଁ ପଣିମାନେ କୁଟିଳତାର ଗ୍ରନ୍ଥି ରଚନା କରନ୍ତି, କର୍ମରେ ଯେଉଁମାନେ ସଂକଳ୍ପବିହୀନ, ମନ୍ତ୍ର ବାକ୍‌ର ବିକୃତକାରୀ, ସେହି ବିଶ୍ୱାସହୀନ ବୃଦ୍ଧିରହିତ ଓ ଅଯାଜ୍ଞିକମାନଙ୍କୁ ଅଗ୍ନି ଦୂରରୁ ଦୂରତର ସ୍ଥାନକୁ ବିତାଡ଼ିତ କରିଛନ୍ତି, ଅଯାଜ୍ଞିକମାନଙ୍କୁ ସେହି ପରମପ୍ରଭୁ ନୀଚତମ ସ୍ଥାନକୁ ଘଉଡ଼ାଇ ଦେଇଛନ୍ତି।''

**ଯୋ ଅପାଚୀନେ ତମସି ମଦନ୍ତୀଃ ପ୍ରାଚୀଶ୍ଚକାର**
**ନୃତମଃ ଶଚୀଭିଃ।... ॥୪॥**

''ଆହୁରି ମଧ ଯେଉଁମାନେ (ଗୋ, ଉଷା) ନିମ୍ନତମ ଅନ୍ଧକାର ମଧ୍ୟରେ ସୁଖସୁପ୍ତ ଭାବେ ରହିଥିଲେ ସେମାନଙ୍କୁ (ପଣିଙ୍କୁ) ନିଜ ଶକ୍ତି ଦ୍ୱାରା ସେହି ନୃତମ (ଅଗ୍ନି) ଉଚ୍ଚତମ ଲୋକକୁ ଚାଳିତ କରିଛନ୍ତି।''

**ଯୋ ଦେହ୍ୟୋ ଅନମୟଦ୍ ବଧସ୍ନୈର୍ୟୋ**
**ଅର୍ୟପତ୍ନୀରୁଷସଶ୍ଚକାର।... ॥୫॥**

''... ସେ ନିଜ ଆଘାତ ଦ୍ୱାରା ସୀମାବଦ୍ଧକାରୀ ପ୍ରାଚୀରଗୁଡ଼ିକୁ ଭଗ୍ନ କରିଛନ୍ତି ଓ ଉଷାମାନଙ୍କୁ ଆର୍ଯ୍ୟର ସହଚାରିଣୀ (ଅର୍ୟପତ୍ନୀ) କରିଛନ୍ତି'' – **ଅର୍ୟପତ୍ନୀ ଉଷସଃ ଚକାର**। ନଦୀ ଓ ଉଷାମାନେ 'ବୃତ୍ର' ବା 'ବଳ'ର ଅଧିକାରରେ ଥିବାବେଳେ ସେମାନଙ୍କୁ **'ଦାସପତ୍ନୀଃ'** ବୋଲି କୁହାଯାଇଛି; ଦେବଗଣଙ୍କ କର୍ମ ଦ୍ୱାରା ସେମାନେ **'ଅର୍ୟପତ୍ନୀଃ'** ଅର୍ଥାତ୍ ଆର୍ଯ୍ୟର ସହାୟିକା ସହଚରୀ ହୋଇଯା'ନ୍ତି।

ଅଜ୍ଞାନତାର ଅଧିପମାନଙ୍କୁ ବଧ କରିବାକୁ ହେବ କିଂବା 'ସତ୍ୟ'ର ଓ ସତ୍ୟାନ୍ୱେଷୀମାନଙ୍କର ଅଧୀନସ୍ଥ କରିବାକୁ ହେବ, କିନ୍ତୁ ସେମାନଙ୍କ ସମ୍ପଦ ମାନବୀୟ ପୂର୍ଣ୍ଣତା ନିମନ୍ତେ ଅପରିହାର୍ଯ୍ୟ; ଏହା ଯେପରି ''ପଣିମାନଙ୍କ ସମ୍ପଦପୂର୍ଣ୍ଣ ମସ୍ତକ ଉପରେ'' ଇନ୍ଦ୍ରଙ୍କ ଅବସ୍ଥାନ – **ପଣୀନାଂ ବରିଷ୍ଠେ ମୂର୍ଧନ୍ ଅସ୍ଥାତ୍** (ଋ. ୬।୪୫।୩୧); ସେ ସ୍ୱୟଂ ଜ୍ୟୋତିଃ ରୂପକ ଗୋ

[୧୩] **ପ୍ର ବୋଧୟୋଷଃ ପୃଣତୋ ମଘୋନ୍ୟବୁଧ୍ୟମାନାଃ ପଣୟଃ ସସନ୍ତୁ।**
**ରେବଦୁଚ୍ଛ ମଘବଦ୍ଭ୍ୟୋ ମଘୋନି ରେବତ୍ ସ୍ତୋତ୍ରେ ସୂନୃତେ ଜାରୟନ୍ତୀ ॥୧୦॥**
**ଅବେୟମଶ୍ୱୈଦ୍ ଯୁବତିଃ ପୁରସ୍ତାଦ୍ ଯୁଙ୍କ୍ତେ ଗବାମରୁଣାନାମନୀକମ୍।**
**ବି ନୂନମୁଚ୍ଛାଦସତି ପ୍ର କେତୁର୍ଗୃହଂ ଗୃହମୁପ ତିଷ୍ଠତେ ଅଗ୍ନିଃ ॥୧୧॥**

[୧୪] **ଇଦମୁ ତ୍ୟଦ୍ ପୁରୁତମଂ ପୁରସ୍ତାଜ୍ଜ୍ୟୋତିସ୍ତମସୋ ବୟୁନାବଦସ୍ଥାତ୍।**
**ନୂନଂ ଦିବୋ ଦୁହିତରୋ ବିଭାତୀର୍ଗାତୁଂ କୃଣବନ୍ନୁଷସୋ ଜନାୟ ॥୧॥**
**ଅସ୍ଥୁରୁ ଚିତ୍ରା ଉଷସଃ ପୁରସ୍ତାନ୍ମିତା ଇବ ସ୍ୱରବୋଽଧ୍ୱରେଷୁ।**
**ବ୍ୟୂ ବ୍ରଜସ୍ୟ ତମସୋ ଦ୍ୱାରୋଚ୍ଛନ୍ତୀରବ୍ରଞ୍ଛୁଚୟଃ ପାବକାଃ ॥୨॥**
**ଉଚ୍ଛନ୍ତୀରଦ୍ୟ ଚିତୟନ୍ତ ଭୋଜାନ୍ ରାଧୋଦେୟାୟୋଷସୋ ମଘୋନୀଃ।**
**ଅଚିତ୍ରେ ଅନ୍ତଃ ପଣୟଃ ସମନ୍ତ୍ୱବୁଧ୍ୟମାନାସ୍ତମସୋ ବିମଧ୍ୟେ ॥୩॥**

ଓ ତୀବ୍ରତା ରୂପକ ଅଶ୍ୱ ବନିଯାନ୍ତି[୧୫] ଓ ପ୍ରଚୁର ପରିମାଣରେ ନିତ୍ୟବର୍ଦ୍ଧମାନ ସହସ୍ରବିଧ ସମ୍ପଦ ପ୍ରଦାନ କରନ୍ତି ।[୧୬] ଆମେ ପୂର୍ବରୁ ଜାଣିଛୁ ଯେ ପଣିଗଣଙ୍କର ଏହି ଜ୍ୟୋତିର୍ମୟ ସମ୍ପଦର ପୂର୍ଣ୍ଣତା ଓ ସ୍ୱର୍ଗ ଅଭିମୁଖେ ତା'ର ଉତ୍ତରଣ ହେଉଛି 'ପଥ' ଓ 'ଅମୃତତ୍ୱ'ର ଜନ୍ମ । ''ଅଙ୍ଗିରସମାନେ (ସତ୍ୟର) ପରମ ଅଭିବ୍ୟକ୍ତିକୁ ଧାରଣ କରିଥିଲେ, ସେମାନେ ଉତ୍ତମ ରୂପେ କର୍ମ ସମ୍ପାଦନ କରି 'ଅଗ୍ନି' ପ୍ରଜ୍ୱଳନ କରିଥିଲେ; ସେମାନେ ପଣିର ସମଗ୍ର ଭୋଗକୁ ତଥା ସେମାନଙ୍କ ଗୋଯୂଥ ଓ ଅଶ୍ୱସମୂହକୁ ଲାଭ କରିଥିଲେ । **ଅଥର୍ବା** ପ୍ରଥମେ 'ପଥ' ନିର୍ମାଣ କଲେ, ତା'ପରେ 'ସତ୍ୟ ବିଧାନ'ର ରକ୍ଷକ ଓ ଆନନ୍ଦମୟ ପୁରୁଷ ରୂପେ 'ସୂର୍ଯ୍ୟ'ଙ୍କର ଜନ୍ମ ହେଲା – **ତତଃ ସୂର୍ୟୋ ବ୍ରତପା ବେନ ଆଜନି ।** ଉଶନା କାବ୍ୟ ଗୋମାନଙ୍କୁ ଊର୍ଦ୍ଧ୍ୱକୁ ଚାଳନା କଲେ । ସେମାନଙ୍କ ସହିତ ଆମେ ଯେପରି ସତ୍ୟ ବିଧାନର ଅଧିପତିଙ୍କ ସନ୍ତାନ ରୂପେ ଜାତ ହୋଇଥିବା ଅମୃତତ୍ୱକୁ ଯଜ୍ଞ ଦ୍ୱାରା ଲାଭ କରିପାରୁ ।'' – **ଯମସ୍ୟ ଜାତମ୍ ଅମୃତଂ ଯଜାମହେ** (ର. ୧।୮୩।୪,୫) ।[୧୭] **ଅଙ୍ଗିରାଋଷି** ଦ୍ରଷ୍ଟୃସଂକଳ୍ପର ପ୍ରତୀକ, **ଅଥର୍ବା** 'ପଥ'ରେ ଯାତ୍ରା କରୁଥିବା ଋଷି, **ଉଶନା କାବ୍ୟ** ଦ୍ରଷ୍ଟୃଜ୍ଞାନରୁ ଜାତ ସ୍ୱର୍ଗାଭିମୁଖୀ କାମନାର ଋଷି । ଅଙ୍ଗିରସଗଣ ନିମ୍ନତର ଜୀବନ ଓ ଏହାର କୁଟିଳତା ପଶ୍ଚାତରେ ପ୍ରଚ୍ଛନ୍ନ ଥିବା ସତ୍ୟର ଦୀପ୍ତି ଓ ଶକ୍ତିମାନଙ୍କର ସମ୍ପଦ ଜୟ କରନ୍ତି, ସେମାନଙ୍କ ବଳ ଦ୍ୱାରା ଅଥର୍ବା 'ପଥ' ରଚନା କରନ୍ତି ଓ ତା'ପରେ ଜ୍ୟୋତିଃର ଅଧିପତି 'ସୂର୍ଯ୍ୟ' ଦିବ୍ୟବିଧାନ ଓ ଯମଶକ୍ତିର ରକ୍ଷକ ରୂପେ ଜାତ ହୁଅନ୍ତି; 'ଉଶନା' ଆମର ଧୀ ରୂପକ ଯୂଥବଦ୍ଧ ଜ୍ୟୋତିଃମାନଙ୍କୁ ସତ୍ୟ ପଥଦେଇ ସୂର୍ଯ୍ୟ-ଅଧିକୃତ ଊର୍ଦ୍ଧ୍ୱସ୍ଥ ଆନନ୍ଦ ମଧୁକୁ ଚାଳିତ କରନ୍ତି । ଏହିପରି ଭାବେ ସତ୍ୟ ବିଧାନରୁ ଅମୃତତ୍ୱର ଜନ୍ମ ହୁଏ, ଏବଂ ଏହାକୁ ଲାଭ କରିବା ନିମନ୍ତେହିଁ ଆର୍ଯ୍ୟର ଅନ୍ତରାତ୍ମା ଯଜ୍ଞ ଦ୍ୱାରା ଆସ୍ପୃହା କରେ ।

[ଶ୍ରୀଅରବିନ୍ଦଙ୍କ 'The Secret of the Veda' ଗ୍ରନ୍ଥର ଦ୍ୱାବିଂଶ ଅଧ୍ୟାୟ ''*The Conquest over the Dasyus*''ର ଓଡ଼ିଆ ଅନୁବାଦ ।
ଶ୍ରୀ ଚକ୍ରଧର ଦାଶଙ୍କ ଦ୍ୱାରା ଅନୂଦିତ,
ସର୍ବଶ୍ରୀ ନିମାଇ ଚରଣ ମହାପାତ୍ର,
କୃଷ୍ଣାଦେବୀ ଓ ମଧୁସୂଦନ ମହାପାତ୍ରଙ୍କ
ଦ୍ୱାରା ସମ୍ପାଦିତ]

[୧୫] **ଗୌରସି ବୀର ଗବ୍ୟତେ, ଅଶ୍ୱୋ ଅଶ୍ୱାୟତେ ଭବ ।।** (ର. ୬।୪୫।୨୬)

[୧୬] **ଯସ୍ୟ ବାୟୋରିବ ଦ୍ରବଦ୍ ଭଦ୍ରା ରାତିଃ ସହସ୍ରିଣୀ ।।** (ର. ୬।୪୫।୩୨)

[୧୭] **ଆଦଙ୍ଗିରାଃ ପ୍ରଥମଂ ଦଧିରେ ବୟ ଇଦ୍ଧାଗ୍ନୟଃ ଶମ୍ୟା ଯେ ସୁକୃତ୍ୟୟା ।**
**ସର୍ବଂ ପଣେଃ ସମବିନ୍ଦନ୍ତ ଭୋଜନମଶ୍ୱାବନ୍ତଂ ଗୋମନ୍ତମା ପଶୁଂ ନରଃ ।।୪।।**
**ଯଜ୍ଞୈରଥର୍ବା ପ୍ରଥମଃ ପଥସ୍ତତେ ତତଃ ସୂର୍ୟୋ ବ୍ରତପା ବେନ ଆଜନି ।**
**ଆ ଗା ଆଜଦୁଶନା କାବ୍ୟଃ ସଚା ଯମସ୍ୟ ଜାତମମୃତଂ ଯଜାମହେ ।।୫।।**

# ସ୍ୱାଧୀନ ଭାରତ : ବିଡ଼ମ୍ବନା ଏବଂ ସମ୍ଭାବନା

## ଶ୍ରୀ ମନୋଜ ଦାସ

ଏ ଲେଖକ ପାଇଁ ସେଦିନ – ୧୫ ଅଗଷ୍ଟ ୧୯୪୭ରେ – ସ୍ୱାଧୀନତାର ସୂର୍ଯ୍ୟ ଉଦିତ ହୋଇଥିଲେ ଏକ ଧୂ ଧୂ ବାଲୁ ପ୍ରାନ୍ତରର ଅସ୍ପଷ୍ଟ ସବୁଜ ଦିଗନ୍ତରେ । ବିଦ୍ୟାଳୟ ଏବଂ ସଂଲଗ୍ନ ଛାତ୍ରାବାସ ଚତୁର୍ଦିଗରେ କୌଣସି ପ୍ରତିବେଶୀ ଜନପଦ ନଥିଲେ । ଦୁଇ ନିରାଡ଼ମ୍ବର କୋଠାର ମଧ୍ୟବର୍ତ୍ତୀ ମୈଦାନ ଭିତରେ ଆମ ଛାତ୍ର-ଶିକ୍ଷକ ସମାବେଶରେ ଜାତୀୟ ପତାକା ଉତ୍ତୋଳନ ଉତ୍ତାରୁ ପ୍ରଧାନଶିକ୍ଷକ ମହୋଦୟ ତାଙ୍କ ଅନତିଦୀର୍ଘ ଭାଷଣରେ କହିଥିଲେ, ''ଆଜି ଦିବସରେ ଭାରତବର୍ଷ ସ୍ୱାଧୀନ ହେଲା, ସେତିକି ନୁହେଁ, ସ୍ୱାଧୀନତାର ମନ୍ତ୍ରଦାତା ଶ୍ରୀଅରବିନ୍ଦଙ୍କର ଜନ୍ମଦିନ ମଧ୍ୟ ଆଜି ।''

ସେତେବେଳେ ବିଦ୍ୟାଳୟ ବା ଛାତ୍ରାବାସରେ ବିଦ୍ୟୁତ୍ ନଥିଲା; ଟ୍ରାନ୍‌ଜିଷ୍ଟର୍ ତ ଦୂରର କଥା, ଆମ ଭିତରୁ ଅଧିକାଂଶ ସେତେବେଳେ ସାଧାରଣ ରେଡ଼ିଓଟିଏ ମଧ୍ୟ ଦେଖି ନଥିଲୁ । (ମାତ୍ର ବର୍ଷଟିଏ ସେଠାରେ ବିତାଇ ଏ ଲେଖକ ସହରକୁ ଚାଲିଯିବାର ଛଅବର୍ଷ ପରେ କୌଣସି ବଦାନ୍ୟ ବ୍ୟକ୍ତି ବିଶାଳକାୟ ବ୍ୟାଟେରୀ ପରିଚାଳିତ ରେଡ଼ିଓଟିଏ ସେ ବିଦ୍ୟାଳୟକୁ ଉପହାର ଦେଇଥିଲେ ଏବଂ ପ୍ରଧାନଶିକ୍ଷକ ମହୋଦୟ ଏକ ଝଡ଼ ରାତିରେ ତା'ର ଉପଯୋଗ କରିବାକୁ ଯାଇ, ସେ ସ୍ୱଳ୍ପ-ପରିଚିତ ଯନ୍ତ୍ରଟି ଭିତରକୁ ବଜ୍ରାଘାତକାଳୀନ ବିଦ୍ୟୁତ୍ ସଞ୍ଚରିତ ହୋଇ ଆସନ୍ତେ, ତତ୍‌କ୍ଷଣାତ୍ ପ୍ରାଣ ହାରିଥିଲେ ।)

କୌଣସି ମାନ୍ତ୍ରିକ ବା ତାନ୍ତ୍ରିକର ବିଭୂତି ଦ୍ୱାରା ସେଦିନ ଯଦି ଏ ବାଳକ ଷାଠିଏ ସତୁରି ପରବର୍ତ୍ତୀ ତାହାରି ବୟସର ଜଣେ ଭାରତୀୟ ବାଳକର ଜୀବନଶୈଳୀ ଘଣ୍ଟାଏ ପାଇଁ ପର୍ଯ୍ୟବେକ୍ଷଣ କରିବାର ଅଲୌକିକ ସୁଯୋଗ ପାଇଥା'ନ୍ତା – ସ୍ୱପ୍ନ ବା ପରାଦୃଷ୍ଟି (Vision)ଯୋଗେ – ତେବେ ସେ ଅବିଶ୍ୱାସ୍ୟ ଆନନ୍ଦରେ ଆତ୍ମହରା ହୋଇଥା'ନ୍ତା । ସେ ଦେଖିଥା'ନ୍ତା, ଏକବିଂଶ ଶତାବ୍ଦୀର ପ୍ରଥମ ବା ଦ୍ୱିତୀୟ ଦଶକର ଛାତ୍ର(ବା ଛାତ୍ରୀ)ଟିଏ ମୋବାଇଲ୍ ଯୋଗେ କାହିଁ କେତେ ଦୂର ଦୂରାନ୍ତରର ବନ୍ଧୁ-ବାନ୍ଧବୀ ସହ ଇଚ୍ଛା ମାତ୍ରେ ଗପସପ ହୋଇ ପାରୁଛି; ସ୍କାଇପ୍ ସାହାଯ୍ୟରେ ପରସ୍ପର ଛାୟାଛବି ରୂପେ ଭେଟାଭେଟି ମଧ୍ୟ ହୋଇପାରୁଛନ୍ତି, କମ୍ପ୍ୟୁଟର ମାଧ୍ୟମରେ ସେ ଅନାୟାସରେ କେତେ କ୍ଲେଶକର କର୍ମ ସାଧନ କରିପାରୁଛି, ଇଣ୍ଟରନେଟ୍ ତାକୁ ଯୋଗାଇ ଦେଉଛି ଯାବତୀୟ ଖବରାଖବର, ଟେଲିଭିଜନ ତା' ଆଗରେ ସାରା ବିଶ୍ୱକୁ ଉନ୍ମୁକ୍ତ କରି ଧରୁଛି ଏବଂ ତା'ର ଅଧ୍ୟାପକ ପିତୃଦେବଙ୍କ ସକାଶେ ମାସିକ ଦରମା ବାବଦରେ ଅର୍ଦ୍ଧଲକ୍ଷରୁ ଊର୍ଦ୍ଧ୍ୱ ମୁଦ୍ରାର ମୂଲ୍ୟବାହୀ ଚେକ୍ ଆସି ପହଞ୍ଚୁଛି । (ମୋ ଅଗ୍ରଜ ୧୯୪୮ ମସିହାରେ ସରକାରୀ ମହାବିଦ୍ୟାଳୟରେ ମାସିକ ଏକ ଶହ ପଚିଶ ଟଙ୍କା ମୌଳିକ ଦରମାରେ ଯୋଗଦାନ କରିଥିଲେ !)

ସେଦିନ ଏ ବାଳକ ସ୍ୱତଃସ୍ଫୂର୍ତ୍ତଭାବେ ଧରି ନେଇଥା'ନ୍ତା – ସ୍ୱାଧୀନତା ପରବର୍ତ୍ତୀ ଯେଉଁ ଭାରତବର୍ଷ ସ୍ଥୂଳ ପର୍ଯ୍ୟାୟରେ ଏଭଳି ପ୍ରଗତି ସାଧନ କରିପାରିଲାଣି, ସୂକ୍ଷ୍ମ ପର୍ଯ୍ୟାୟରେ ତା'ର ନାଗରିକମାନେ କେଡ଼େ ମହତ୍ତର ହୋଇ ଉଠିବେଣି !

ହାୟ, ଯଦି ପର ମୁହୂର୍ତ୍ତରେ ତା' ଆଗରେ ସେହି ମାନ୍ତ୍ରିକ ବା ତାନ୍ତ୍ରିକଙ୍କ ବିଭୂତି ଯୋଗୁଁ ଝଟକି ଉଠିଥା'ନ୍ତା ମହାନଗରୀ ରାଜଧାନୀର ରାଜପଥରେ ନିଶୀଥରେ ବସ୍‌ଟିଏ ଭିତରେ ଜଣେ ତରୁଣୀ ଉପରେ ମରଣାନ୍ତକ ଅତ୍ୟାଚାରର ଚିତ୍ର, ଯୁବକ ଯୁବତୀ ଭିନ୍ନ ଭିନ୍ନ ଜାତି ବା ଉପଜାତିର ଅନ୍ତର୍ଭୁକ୍ତ ହୋଇଥିବା ସତ୍ତ୍ୱେ ପରସ୍ପର ଭଲପାଇ ବିଭା ହୋଇ ପଡ଼ିଥିବା ଯୋଗୁଁ ସେମାନଙ୍କୁ ବିଲୋପ କରିବାର ସାମୂହିକ ନିଷ୍ପତ୍ତିର ତଥା ଅସଂଖ୍ୟ ସାଂପ୍ରଦାୟିକ ଦଙ୍ଗା, ରେଳ-ରାସ୍ତା-ରୋକ ଇତ୍ୟାଦିର ଦୃଶ୍ୟପଟ, ତେବେ ବାଳକଟି ପକ୍ଷରେ ମୋହମୁକ୍ତିର ସେ ଧକ୍କାରୁ ଉତ୍ତୀର୍ଣ୍ଣ ହେବା ସହଜ ହୋଇ ନଥା'ନ୍ତା ।

ସ୍ୱର୍ଗାଗତ ଆଶିଷଧାରା ଯେଉଁ ଗଙ୍ଗାର ନୀର କଦାଚ କଳୁଷିତ ହୁଏ ନାହିଁ ବୋଲି ଶତାବ୍ଦୀ ଶତାବ୍ଦୀ ଧରି ବିଶ୍ୱାସ ବଳବତ୍ତର ଥିଲା, ସେହି ବିଗଳିତ କରୁଣାକୁ ଶିକ୍ଷିତ, ଧନିକ ଓ ପ୍ରଭାବବନ୍ତ ଶିଳ୍ପପତିମାନେ ନର୍ଦମା ସ୍ତରକୁ ଅବନମିତ

କରିବାରେ ଦ୍ୱିଧାବୋଧ କରିବେ ନାହିଁ, ଐତିହ୍ୟର ଗନ୍ତାଘର ଦଣ୍ଡକାରଣ୍ୟକୁ କୌଣସି ରାକ୍ଷସିକ ଉଇଜାତି ଭଳି ଚରିଯିବେ, ଏସବୁ ତଥ୍ୟ ନିଶ୍ଚିତଭାବେ ବାଳକର ମାନସିକ ଭାରସାମ୍ୟକୁ ବିପନ୍ନ କରନ୍ତା ।

## ଭାରତର ସ୍ୱାଧୀନତା ପ୍ରାପ୍ତି : ଏକ ବିଡ଼ମ୍ବନା ?

ନିର୍ଭୁଲ ଭାଷାରେ ସମ୍ପୂର୍ଣ୍ଣ ସ୍ୱାଧୀନତାର ଦାବି ଉତ୍ଥାପନ କରିବାରେହିଁ ଯେ ଶ୍ରୀଅରବିନ୍ଦ ଦେଶର ପ୍ରଥମ ସନ୍ତାନ, ସେତିକି ନୁହେଁ, ୧୯୧୦ ମସିହା ବେଳକୁ ବ୍ରିଟିଶମାନଙ୍କର ଭାରତ ତ୍ୟାଗ କରିବା ଅନିବାର୍ଯ୍ୟ ବୋଲି ସେ ଜାଣିଥିଲେ । ସେହି ବର୍ଷଠାରୁ ପଣ୍ଡିଚେରୀରେ ତାଙ୍କ ଅବସ୍ଥାନ କାଳ ଭିତରେ ଉତ୍ସୁକ ସନ୍ଧାନୀମାନଙ୍କଠାରୁ ବାରଂବାର ଏକହିଁ ପ୍ରଶ୍ନ ସେ ସାମନା କରିଛନ୍ତି ଏବଂ ସେମାନଙ୍କୁ ଦେଇଛନ୍ତି ସେସମ୍ପର୍କରେ ଅବିମିଶ୍ର ନିର୍ଭରତା ।

କିନ୍ତୁ ବିଂଶ ଶତାବ୍ଦୀର ତୃତୀୟ ଦଶକ ବେଳକୁ ତାଙ୍କର ସେ ନିର୍ଭର ପ୍ରତିଶ୍ରୁତି ସହ ମିଶି ରହିଥିଲା ଏକ ବିମର୍ଷକର ପ୍ରଶ୍ନ । ଦୃଷ୍ଟାନ୍ତ : ଜଣେ ଜିଜ୍ଞାସୁ ପ୍ରଶ୍ନ କରୁଛନ୍ତି, ‘‘ଆପଣଙ୍କ ଯୋଜନା ଅନୁସାରେ ଆପଣ ନିଶ୍ଚିତଭାବରେ ଏକ ସ୍ୱାଧୀନ ଭାରତ ଦେଖିପାରୁଛନ୍ତି ତ ?...’’

ଶ୍ରୀଅରବିନ୍ଦ ୧୬ ତାରିଖ ସେପ୍ଟେମ୍ବର ୧୯୩୫ରେ ଉତ୍ତରରେ ଲେଖିଛନ୍ତି : ତାହା ନିଶ୍ଚିତ; ଖାଲି କାର୍ଯ୍ୟକାରୀ କରିବା କଥା । ପ୍ରଶ୍ନ ହେଲା ନିଜର ସ୍ୱାଧୀନତାକୁ ନେଇ ଭାରତବର୍ଷ କ’ଣ କରିବାକୁ ଯାଉଛି ? ... ବଲ୍‌ସେଭିଜ୍‌ମ୍ ? ଗୁଣ୍ଡାରାଜ ? ପରିସ୍ଥିତି ଅଶୁଭ ମନେହୁଏ । (That is all settled. It is a question of working out only. The question is, what is India going to do with her independence ?... Bolshevism ? Goonda-raj ? Things look ominous.)

ସ୍ୱାଧୀନତା ପ୍ରାପ୍ତିର ବେଶ୍ କିଛି ବର୍ଷ ପୂର୍ବରୁହିଁ ଭୟାବହ ଦୁଃଶକ୍ତିମାନେ ଦେଶ-ବିଭାଜନର ପ୍ରୟାସ ଆରମ୍ଭ କଲେ । ଜାତୀୟ ନେତୃବର୍ଗ ମଧ୍ୟରେ ବି କ୍ଷମତା ନିମନ୍ତେ ଅନୁଚ୍ଚାରିତ ସଂଘର୍ଷ କ୍ରମେ କ୍ରମେ ଗୁଞ୍ଜରଣରୁ କନ୍ଦଳକୁ ଉତ୍ତୀର୍ଣ୍ଣ ହେଲା । ସମସାମୟିକ ନେତାମାନେ ଏବଂ ସେମାନଙ୍କର ଅନୁସରଣ-କାରୀମାନେ ଧରିନେଲେ, ଆସନ୍ନପ୍ରାୟ ସ୍ୱାଧୀନତା ସେହିମାନଙ୍କ ଉପାର୍ଜନ । ସ୍ୱାଧୀନତା ସଂଗ୍ରାମ ସତେ ଯେପରି ୧୯୧୪ରେ ଗାନ୍ଧିଜିଙ୍କ ଭାରତ ପ୍ରତ୍ୟାବର୍ତ୍ତନରୁହିଁ ଆରମ୍ଭ ହୋଇଥିଲା !

## ଇତିହାସର ଅବହେଳିତ ତଥ୍ୟ

ବାସ୍ତବରେ ଆମ ସ୍ୱାଧୀନତା ସଂଗ୍ରାମର ନିରପେକ୍ଷ ଇତିହାସ ବିଦ୍ୟାଳୟ ତଥା ମହାବିଦ୍ୟାଳୟମାନଙ୍କରେ ପ୍ରବର୍ତ୍ତିତ ହୋଇ ନାହିଁ । ବହୁ-ପ୍ରଚଳିତ ବାକ୍ୟଟିଏ ମନେ ପକାନ୍ତୁ : There is nothing as powerful as an Idea for which the time had come. ଯେଉଁ ମହତ୍ ଭାବନାଟିର ବାସ୍ତବ ରୂପାୟନ ନିମନ୍ତେ **ସମୟ** ସମାଗତ, ତାହାଠୁଁ ଅଧିକ ବଳଶାଳୀ ଆଉ କିଛି ନାହିଁ । ମହାକାଳର ବିଚିତ୍ର ଗତିରେ ପୃଥିବୀ ବ୍ୟାପୀ ସାମ୍ରାଜ୍ୟବାଦର ଅବସାନ ନିମନ୍ତେ ସମୟ ସମାଗତ ହୋଇଥିଲା; ପୁଣି ଭାରତର ସୁଦୀର୍ଘ ବ୍ରିଟିଶ-ବିରୋଧୀ ସଂଗ୍ରାମ ଭାରତୀୟ ଜାତୀୟ ମାନସକୁ ସ୍ୱାଧୀନତା-ପ୍ରାପ୍ତି ନିମନ୍ତେ ଉନ୍ମୁଖ କରି ରଖିଥିଲା ।

ଇଂରେଜ ବେପାରୀମାନଙ୍କ ସଂଗଠନ ଇଷ୍ଟ୍ ଇଣ୍ଡିଆ କମ୍ପାନୀ କେତେବେଳେ ବଳ ପ୍ରୟୋଗ କରି, କେତେବେଳେ ବା ନିର୍ମମ ଶଠତା ଯୋଗେ ଭାରତବର୍ଷକୁ ତା’ ଜମିଦାରିରେ ପରିଣତ କରିଚାଲିଥିଲା । ୧୭୫୭ ମସିହାର ପଲାସି ଯୁଦ୍ଧ ଏବଂ ୧୭୬୪ର ବକ୍‌ସାର ଯୁଦ୍ଧ ଭଳି ବଡ଼ ବଡ଼ ସଂଘର୍ଷକୁ ଛାଡ଼ିଦେଲେ ମଧ୍ୟ ୧୮୫୭-୫୮ର ତଥାକଥିତ ସିପାହିବିଦ୍ରୋହ ପର୍ଯ୍ୟନ୍ତ ଏଭଳି ଦଶନ୍ଧିଟିଏ ବିତି ନାହିଁ ଯାହା ଭିତରେ କମ୍ପାନୀର ସୈନ୍ୟ, ସେନାପତି ଏବଂ ଭାରତର ରାଜା ସାମନ୍ତମାନଙ୍କ ସେନାନୀ ମଧ୍ୟରେ ଘନ ଘନ ସଂଘର୍ଷ ଉପୁଜି ନାହିଁ ।

୧୮୫୭ ମସିହାର ଦେଶବ୍ୟାପୀ ବିପ୍ଳବକୁ ଇଂରେଜ ଐତିହାସିକମାନେ ‘ସିପାହିବିଦ୍ରୋହ’ଭାବରେ ପ୍ରଚାର କରିଥିଲେ ଏବଂ ଭାରତୀୟ ଐତିହାସିକମାନେ ଅଦ୍ୟାବଧି ସେ ନାମକରଣର ପ୍ରଭାବରୁ ମୁକ୍ତ ହୋଇ ନାହାନ୍ତି । ତାହା ସିପାହିମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ସତ, କିନ୍ତୁ ପରେ ପରେ ତା’ର ନେତୃତ୍ୱ ନେଲେ ଝାନ୍‌ସୀ ରାଣୀ ଓ ନାନା ସାହେବଙ୍କ ଭଳି ବୀର ବ୍ୟକ୍ତିତ୍ୱମାନେ । ଐତିହାସିକମାନଙ୍କର ଆଉ ଏକ ବକ୍ତବ୍ୟ ହେଲା, ସିପାହିମାନଙ୍କ ବ୍ୟତୀତ ସେ ଆନ୍ଦୋଳନ ଥିଲା ରାଜା ରାଜୁଡ଼ାଙ୍କ ବିଦ୍ରୋହ । ଶତାଧିକ ଇଂରେଜ କର୍ମଚାରୀ ରଖିଯାଇଥିବା ଆତ୍ମକଥା ଓ ସ୍ମୃତିଚାରଣ ଅଧ୍ୟୟନ

କଲେ ଆମେ ଅକ୍ଳେଶରେ ଏଭଳି ଭ୍ରାନ୍ତ ଧାରଣାକୁ ତାଚ୍ଛଲ୍ୟହିଁ କରିବା । ସେତେବେଳର ସମାଜ ବ୍ୟବସ୍ଥା ତଥା ସାମୂହିକ ମାନସିକତାକୁ ଆଜିର ଦୃଷ୍ଟିକୋଣରୁ ବିଚାର କରିବା ଅନ୍ୟାୟ । ରାଜାମାନଙ୍କ ନେତୃତ୍ୱ ଅନୁଗତମାନଙ୍କୁ ଅଧିକ ଅନୁପ୍ରାଣିତ କରିଥିଲା ଏହା ସତ୍ୟ, କିନ୍ତୁ ଜନସାଧାରଣଙ୍କ ବିଦ୍ରୋହ ଥିଲା ସ୍ୱତଃସ୍ଫୂର୍ତ୍ତ । ଇଂରେଜ ପ୍ରତ୍ୟକ୍ଷଦର୍ଶୀମାନଙ୍କ ଦ୍ୱାରା ଲିଖିତ ଡାଏରି ଏବଂ ଅନ୍ୟାନ୍ୟ ବିବରଣୀ ପ୍ରତି ଐତିହାସିକମାନେ ଗୁରୁତ୍ୱ ଦେଇ ନାହାନ୍ତି, ଏପରିକି ଲଣ୍ଡନ 'ଟାଇମ୍ସ୍'ର ଭ୍ରାମ୍ୟମାଣ ପ୍ରତିନିଧି ରସେଲ୍‌ଙ୍କ ଡାଏରି ପ୍ରତି ମଧ୍ୟ ନୁହେଁ ।

ସିପାହିବିଦ୍ରୋହର ଆଂଶିକ ନେତୃତ୍ୱ ସିନା କେତେ ଜଣ ରାଜା ସାମନ୍ତ ହାତକୁ ନେଇଥିଲେ, କିନ୍ତୁ ସେ ଘଟଣାର ପୂର୍ବବର୍ତ୍ତୀ ବିଦ୍ରୋହର ବିବରଣୀମାନ ବା କେତେଦୂର ଆମ ବିଦ୍ୟାର୍ଥୀମାନଙ୍କ ଗୋଚରକୁ ଅଣାଯାଇଛି ? ୧୭୬୯-୭୦ ମସିହାର ବ୍ୟାପକ ଦୁର୍ଭିକ୍ଷ ପରେ ପରେ ଗୋଟାଏ ବିରାଟ ବିଦ୍ରୋହ କମ୍ପାନୀ ଶାସନକୁ ଦୋହଲାଇ ଦେଇଥିଲା । ସେ ଅଭୁତ ବିଦ୍ରୋହର ନେତୃତ୍ୱ ନେଇଥିଲେ ହିନ୍ଦୁ ସନ୍ୟାସୀ ଏବଂ ମୁସଲିମ୍ ଫକିରମାନେ । ଭବାନୀ ପାଠକ ଏବଂ ମଜ୍‌ନୁଶାହ୍‌ଙ୍କ ନାମ ବଙ୍ଗଦେଶର ଘରେ ଘରେ ପ୍ରତିଧ୍ୱନିତ ହେଉଥିଲା ।

ସନ୍ନ୍ୟାସୀ ବିଦ୍ରୋହ ଭାବରେ ନାମିତ ସେ ବିକ୍ଷୋଭ ଅବ୍ୟାହତ ରହିଥିଲା ତିରିଶବର୍ଷ କାଳ । କମ୍ପାନୀ-ନିଯୁକ୍ତ ବଡ଼ଲାଟ ଓ୍ୱାରେନ୍ ହେଷ୍ଟିଂସ୍‌ଙ୍କ ସ୍ୱୀକାରୋକ୍ତି କହୁଛି – ପଚାଶ ହଜାର ସରିକି ସେ ବିଦ୍ରୋହୀମାନେ କମ୍ପାନୀର ଗୋଟାଏ ପରେ ଗୋଟାଏ ସୈନ୍ୟଦଳକୁ ନିପାତ କରିଥିଲେ । ଶେଷକୁ କମ୍ପାନୀ ଅବିଶ୍ୱାସ୍ୟ ବର୍ବରତାର ଆଶ୍ରୟ ନେଇ ସେ ବିଦ୍ରୋହର ଅବସାନ ଘଟାଇଲା । ବିଦ୍ରୋହୀମାନଙ୍କ ଗ୍ରାମାଞ୍ଚଳରେ ଆବାଳବୃଦ୍ଧବନିତାଙ୍କୁ ହତ୍ୟା କରାଗଲା – ଏବଂ ଏକ ଏକ ମୁଲକ ଉପରେ ଅଗ୍ନିସଂଯୋଗ କରି ସେସବୁକୁ ପାଉଁଶ ସ୍ତୂପରେ ପରିଣତ କରାଗଲା – ମାଇଲ ମାଇଲ ଧରି । ବନ୍ଦୀ ସନ୍ନ୍ୟାସୀ ଏବଂ ଫକିରମାନଙ୍କୁ ଏକତ୍ର କରି କମାଣ ଦ୍ୱାରା ସେମାନଙ୍କୁ ଉଡ଼ାଇ ଦିଆଗଲା । (ଏହି ବିଦ୍ରୋହହିଁ ବଙ୍କିମଚନ୍ଦ୍ରଙ୍କ 'ଆନନ୍ଦ ମଠ' ଉପନ୍ୟାସ ଏବଂ 'ବନ୍ଦେ ମାତରମ୍'ର ପଟଭୂମି ।)

ଦକ୍ଷିଣ ଭାରତର ବୀର ପାଣ୍ଡିଆନ୍ ଏବଂ ମାରୁଦ ଭ୍ରାତୃଦ୍ୱୟଙ୍କ ବିଦ୍ରୋହ କଥା ଊଣାଅଧିକ ଜଣା, କିନ୍ତୁ ୧୭୯୯ ମସିହାର ଚୋଆର୍ ବିଦ୍ରୋହ (ବଙ୍ଗଦେଶ), ଖାଣ୍ଡେଶ ଓ ମାଲ୍ଵା ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳସବୁରେ ବ୍ୟାପ୍ତ ୧୮୧୭-୧୮୪୬ର ଭୀଲ ବିଦ୍ରୋହ, ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ବକ୍‌ସି ଜଗବନ୍ଧୁଙ୍କ ନେତୃତ୍ୱରେ ସଂଘଟିତ ଓଡ଼ିଶାର ପାଇକ ବିଦ୍ରୋହ, ବୁନ୍ଦେଲ୍‌ଖଣ୍ଡ ଏବଂ ମଧ୍ୟଭାରତ ବ୍ୟାପୀ ନାନା ପଣ୍ଡିତ ଏବଂ ଶେଖ୍ ଜାଲ୍ଲାଙ୍କ ନେତୃତ୍ୱରେ ପରିଚାଳିତ ଦୀର୍ଘଦିନ ଧରି ଚାଲିଥିବା କୃଷକ ବିଦ୍ରୋହ, ହରିଆନାର ଜାଠ୍ ବିଦ୍ରୋହ, ଗୁଜରାଟର କୋଲି ବିଦ୍ରୋହ, ମେଘାଳୟର ଖାସି ବିଦ୍ରୋହ ଏବଂ ସର୍ବୋପରି ୧୮୫୫-୫୬ର ସାନ୍ତାଳ ବିଦ୍ରୋହ ସମୂହର ଯତ୍‌କିଞ୍ଚିତ୍ ଉଲ୍ଲେଖ ମଧ୍ୟ ପାଠ୍ୟକ୍ରମରେ ନଥାଏ ।

ଏ ସମସ୍ତ ବିଦ୍ରୋହ ପଛରେ ଆଞ୍ଚଳିକ କାରଣମାନ ଥିବା ସ୍ୱାଭାବିକ, କିନ୍ତୁ ଏସବୁର ଲକ୍ଷ୍ୟ ଥିଲା ବିଦେଶୀ ଶାସକ ବିତାଡ଼ନ । ସିପାହିବିଦ୍ରୋହର ଅବସାନ ଅନ୍ତେ ଇଂରେଜମାନେ ପ୍ରତିହିଂସାର ଯେଉଁ ବିଭୀଷିକା ରଚନା କଲେ, ତା'ର ବିବରଣୀ ଉପସ୍ଥାପନ କଲେ ପାଠକମାନଙ୍କ ମନ ବିଷାଦରେ ଭରିଯିବ । ବରଂ ସେ ବିଷାଦବୋଧ ସେ କାରଣରୁ ଆମକୁ ପୀଡ଼ିତ ନକରି ଆମ ନିଜ ଅପାରଗତା ଏବଂ ଭାରତବର୍ଷର ସନ୍ତାନ ବୋଲାଇବା ଦିଗରେ ଆମର ଅଯୋଗ୍ୟତା ଦୃଷ୍ଟିରୁ ଆମକୁ ପୀଡ଼ିତ କରୁ ।

## ମହାଜାତିର ଅନନ୍ୟ ଐତିହ୍ୟ

କୌଣସି ପକ୍ଷପାତିତା ଅଥବା ଆବେଗର ବଶୀଭୂତ ନହୋଇ ବିଶ୍ୱ ଇତିହାସ ପର୍ଯ୍ୟାଲୋଚନା କଲେ ଗୋଟାଏ କଥା ସ୍ପଷ୍ଟହେବ : ଭାରତବର୍ଷହିଁ ଏକମାତ୍ର ଦେଶ ଯେଉଁଠି ଏକ ବିଧିବଦ୍ଧ ମହତୀ ସାହିତ୍ୟ ପରମ୍ପରା ବିକଶିତ ହୋଇଥିଲା : ବେଦ, ତତ୍ପରେ ଉପନିଷଦ୍, ତତ୍ପରେ ଇତିହାସ (ରାମାୟଣ ଏବଂ ମହାଭାରତ), ତତ୍ପରେ ମହାପୁରାଣ, ଉପପୁରାଣ ଏବଂ ସ୍ଥଳ ପୁରାଣ । ସମାନ୍ତରାଳ ଭାବରେ ବିକଶିତ ହୋଇଥିଲା ପୃଥିବୀର ପ୍ରଥମ ମହତ୍ ଶିକ୍ଷା-ଭିତ୍ତିକ ଲୋକ-କାହାଣୀମାଳା : ଜାତକ, ପୃଥିବୀର ପ୍ରଥମ ସାମାଜିକ ଓ ବାସ୍ତବଧର୍ମୀ କଥା – ସାହିତ୍ୟ – କଥାସରିତ୍ ସାଗର (ବୃହତ୍ କଥା), ପୃଥିବୀର ପ୍ରଥମ କଳ୍ପକାହାଣୀ – ପଞ୍ଚତନ୍ତ୍ର ଇତ୍ୟାଦି ।

ଏହିଠାରେ ପୁଣି ସମ୍ଭବପର ହୋଇଥିଲା ଦର୍ଶନର ବିବିଧ ପ୍ରାଜ୍ଞଧାରା : ବେଦାନ୍ତ, ସାଂଖ୍ୟ, ନ୍ୟାୟ, ବୈଶେଷିକ, ପୂର୍ବ ମୀମାଂସା, ଉତ୍ତର ମୀମାଂସା ଇତ୍ୟାଦି । ସର୍ବୋପରି ଏ ସଭ୍ୟତା ଦେଇଥିଲା ତା'ର ମହତ୍ତମ ଅବଦାନ – ଯୋଗ ।

ଏ ସଭ୍ୟତାର ପ୍ରବର୍ତ୍ତକ ଥିଲେ ଏକ ଅନନ୍ୟ ଗୋଷ୍ଠୀ –

ଋଷିବର୍ଗ । ଆଦି ସାହିତ୍ୟଠାରୁ ଆରମ୍ଭ କରି ବିଜ୍ଞାନ ଏବଂ ଚିକିତ୍ସା-ବିଜ୍ଞାନପର୍ଯ୍ୟନ୍ତ ସବୁ ବିଭବର ଉଦ୍ଭାସନ ସେହିମାନଙ୍କ ଅଲୌକିକ ପ୍ରତିଭାର ଅବଦାନ ।

ଗ୍ରୀସ୍, ଇଜିପ୍ଟ ବା ଅବଲୁପ୍ତ ଆଉ କେତେକ ସୁପ୍ରାଚୀନ ସଭ୍ୟତାରେ ମଧ୍ୟ ଗୋଟାଏ ଗୋଟାଏ ଦିଗରେ (ଯଥା ଗ୍ରୀସ୍‌ର ସାହିତ୍ୟ, ଭାସ୍କର୍ଯ୍ୟ, ଶିଳ୍ପ)ପ୍ରଭୂତ ବିକାଶ ସମ୍ଭବପର ହୋଇଥିଲା । କିନ୍ତୁ ଭାରତରେ ସାହିତ୍ୟ ଓ ସଂସ୍କୃତିର ସବୁ ଦିଗର ବିପୁଳ ବିକାଶ ହେବା ସଙ୍ଗେ ସଙ୍ଗେ ସେ ବିକାଶଧାରାର ପଟଭୂମିରେ ରହିଥିଲା ଏକ ମୌଳିକ ସନ୍ଧାନର ଉତ୍ସାହ, ଏକ ଅଦମ୍ୟ ଅଭୀପ୍ସା । ସେ ସନ୍ଧାନର ଅନ୍ତର୍ଭୁକ୍ତ ଥିଲା ଜୀବନର ଲକ୍ଷ୍ୟ, ସୁଖର ସଂଜ୍ଞା, ମୃତ୍ୟୁରହସ୍ୟ, ଯନ୍ତ୍ରଣାର ହେତୁଭିତ୍ତିକ ପ୍ରଶ୍ନ; ଅଭୀପ୍ସାର ଭିତ୍ତି ଥିଲା ଆପଣାକୁ ଜାଣିବା ଏବଂ ଯେଉଁ ମହାଶକ୍ତି ଏ ସୃଷ୍ଟିର ଉତ୍ସ, ତାକୁ ଜାଣିବା – ତା'ସହ ସମ୍ମିଳିତ ହେବା ।

ଏହି ସନ୍ଧାନ ଏବଂ ଅଭୀପ୍ସାହିଁ ଭାରତୀୟ ସଭ୍ୟତା ଓ ସଂସ୍କୃତିର ଅନନ୍ୟ ବିଶେଷତ୍ୱ ।

## ଅଭ୍ୟୁତ୍ଥାନ–ଆନୁପାତିକ ପତନ ?

ଏମନ୍ତ ଅନନ୍ୟ ଯେଉଁ ଭାରତଭୂମିର ପରିଚୟ, ସେ ଭୂମିର ଏମନ୍ତ ଅଧଃପତନ ବା ସମ୍ଭବପର ହେଲା କିପରି ? ସାବିତ୍ରୀ, ସୀତା ଏବଂ ଦ୍ରୌପଦୀ ସମ୍ଭବତଃ ବିଶ୍ୱ ସାହିତ୍ୟର ସର୍ବାଧିକ ଶକ୍ତିଶାଳୀ ତିନି ନାରୀ ଚରିତ୍ର । (ସମ୍ଭବତଃ ଚତୁର୍ଥ ବଳିଷ୍ଠ ଚରିତ୍ର, ଦୁଇ ହଜାର ବର୍ଷ ତଳେ ଲିଖିତ ତାମିଲ୍ କଥା – କାବ୍ୟ 'ଶିଳାପ୍ପଦିକରନ୍'ର ନାୟିକା କନ୍ନଗୀଙ୍କ କ୍ଷେତ୍ର ମଧ୍ୟ ଭାରତବର୍ଷ ।) ସେମାନଙ୍କ ପ୍ରଭାବାଧୀନ ଦେଶରେ ଯୌତୁକ ନାମରେ ବଧୂହତ୍ୟା ସମ୍ଭବପର ହୋଇପାରୁଛି କିପରି ? ରାଜକନ୍ୟା ସାବିତ୍ରୀ ଅରଣ୍ୟବାସୀ ନିଃସ୍ୱ ସ୍ୱାମୀ-ପରିବାରକୁ କେତେ ଯୌତୁକ ଧରି ଯାଇଥିଲେ ? ଯୁଗ ଯୁଗ ଧରି ସେହି ତପସ୍ୱିନୀଙ୍କୁ ସ୍ମରଣ କରି ଭାରତୀୟ ନାରୀକୁଳ ଏକ ଅନବଦ୍ୟ ସମ୍ଭ୍ରମତାର ପରିଚୟ ଦେଇଚାଲିଛି, ଅଥଚ ସେ ପରମ୍ପରାକୁ ଅପମାନ ଦେଉଥିବା ପରିବାରମାନଙ୍କରେ ନାରୀମାନଙ୍କ ଭୂମିକା ମଧ୍ୟ କମ୍ ଲଜ୍ଜାକର ନୁହେଁ ।

ଦାନଶୀଳତା, ସହିଷ୍ଣୁତା, ବିଶ୍ୱାସ, ଆସ୍ଥା, କୃତଜ୍ଞତା, ତ୍ୟାଗ – ଏ ସମସ୍ତ ଗୁଣକୁ ରୂପାୟିତ କରୁଥିବା ଯେତେ ଚରିତ୍ର ଭାରତର ଇତିହାସ ଓ ସାହିତ୍ୟ ଦ୍ୱାରା ଉପସ୍ଥାପିତ – ତା'ର ତୁଳନୀୟ ତାଲିକା ପୃଥିବୀର ଅନ୍ୟ କୌଣସି ମହାଜାତିର ଐତିହ୍ୟରେ ନାହିଁ । ଏହା ସତ୍ତ୍ୱେ ଆଜିର ଭାରତୀୟମାନଙ୍କର ସ୍ୱାର୍ଥପରତା, ଅଧୈର୍ଯ୍ୟ, ଅବିଶ୍ୱାସ, ଅନାସ୍ଥା, ଅକୃତଜ୍ଞତା, ଆତ୍ମ-ସର୍ବସ୍ୱତାର ତାଲିକା ଯେକୌଣସି ମାମୁଲି ଦେଶର ଦୃଷ୍ଟାନ୍ତ ସହ ପ୍ରତିଯୋଗିତାରେ ଅବତୀର୍ଣ୍ଣ !

ଲଜ୍ଜାର କଥା ହେଲା, ଏସିଆ, ଆଫ୍ରିକା ତଥା ପାଶ୍ଚାତ୍ୟର ସର୍ବମୋଟ କୋଡ଼ିଏ, ପଚିଶ ସରିକି ମାମୁଲି ଦେଶରେ ସଂଘଟିତ ହୋଇ ଚାଲିଥିବା ବ୍ୟଭିଚାର, ଦୁରାଚାର, ଗଣହତ୍ୟା ଇତ୍ୟାଦି ବିକଶିତ ଦେଶମାନଙ୍କରେ ଚାଞ୍ଚଲ୍ୟ ସୃଷ୍ଟି କରେ ନାହିଁ; କିନ୍ତୁ ଭାରତରେ ଘଟୁଥିବା ସେସବୁ ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରେ ! ଏବଂ ଆମେ ବହୁ କଠୋର ମନ୍ତବ୍ୟ ଏବଂ ବିଦ୍ରୂପର ଶରବ୍ୟ ହୋଇଥାଉ ।

ଏହାର କାରଣ ବିଶେଷ ଦୁର୍ବୋଧ୍ୟ ନୁହେଁ । ଯିଏ ଯେତେ ଉଚ୍ଚକୁ ଯାଇଥାଏ, ତା'ର ପତନ ସେତିକି ଅଧିକ ମାତ୍ରାରେ ଦୃଶ୍ୟମାନ ହୁଏ ଏବଂ ଦୃଷ୍ଟି ଆକର୍ଷଣ କରେ । ଭାରତର ଗୌରବୋଜ୍ଜ୍ୱଳ ଐତିହ୍ୟ ସମ୍ପର୍କରେ ସଭ୍ୟ ପୃଥିବୀ ଅବହିତ । କିଏ ବା ସଚେତନଭାବରେ ଭାରତବର୍ଷ ପ୍ରତି ଶ୍ରଦ୍ଧାଶୀଳ, କାହାର ଶ୍ରଦ୍ଧା ବା ତା' ଅବଚେତନାରେ ନିହିତ । ତେଣୁ ଭାରତର ଦୁର୍ଦ୍ଦଶା କାହାକୁ ବା କୌତୂହଳୀ କରେ, କାହାକୁ କରେ ଆମୋଦିତ, କାହାକୁ ବା ଦୁଃଖିତ । ପ୍ରୀତ ହେଲା ଭଳି ଦେଶ ମଧ୍ୟ ଅଛନ୍ତି । ସବୁ ସଭ୍ୟ ଦେଶ ଭାରତବର୍ଷ ପାଖରେ ଊଣା ଅଧିକ ଋଣୀ ।

## ଅଧଃପତନ : କିଞ୍ଚିତ୍ ନିଷ୍କପଟ ବିଶ୍ଳେଷଣ

ଭାରତର ଅଧଃପତନ ସକାଶେ ଅନେକ କାରଣ ଦର୍ଶାଯାଇପାରେ । କିନ୍ତୁ କାରଣ-ନିର୍ଣ୍ଣୟ ଆମକୁ ଆମ ଆତ୍ମ-ସମୀକ୍ଷାରୁ ନିରସ୍ତ କଲେ ତାହାହେବ ଦୁର୍ଭାଗ୍ୟଜନକ । ଦୁର୍ଭାଗ୍ୟର କଥା, ସାମୂହିକ ଆତ୍ମ-ସମୀକ୍ଷାର ସତ୍‌ସାହସ ଆମର ନାହିଁ । ଆମର ଏକ ଆନ୍ତରଜୀବନ ରହିଛି, ସେକଥା ଆମେ ପାସୋରି ଦେଇଛୁ । ରାଜନୀତି, କ୍ରିକେଟ, ଯାବତୀୟ ଆମୋଦ-ପ୍ରମୋଦ, ନିର୍ବାଚନ, ବ୍ୟବସାୟ, ପ୍ରତିଯୋଗିତା – ଯେତେ କାର୍ଯ୍ୟକଳାପ ଆମକୁ ଜୀବନୀଶକ୍ତିର ପରିଚୟ ବୋଲି ଧାରଣା ଦିଏ, ସେସବୁ ପ୍ରକୃତରେ ଏକ ପ୍ରକାର ତାମସିକତା – ଜୀବନର ଲକ୍ଷ୍ୟ ପ୍ରତି ଦୃଷ୍ଟିପାତ କଲାଭଳି ଦାୟିତ୍ୱରୁ ଅବ୍ୟାହତି ମାତ୍ର !

ଭାରତର ମୌଳିକ ବେଦାନ୍ତ ଦର୍ଶନ ଥିଲା ଜୀବନଧର୍ମୀ । ଜନ୍ମ-ମୃତ୍ୟୁ ଧାରାରୁ ପଳାୟନ ନୁହେଁ, ପ୍ରତି ଜନ୍ମରେ ନାନାବି ଅଭିଜ୍ଞତା ଏବଂ ଆସ୍ପୃହା ମାଧମରେ ଦିବ୍ୟଲକ୍ଷ୍ୟ ଦିଗରେ ଅଗ୍ରସର ହେବାରେହିଁ ମାନବଜନ୍ମର ସାର୍ଥକତା ନିହିତ : ଆମର ସାମାଜିକ ସଂସ୍କୃତି ପଛରେ ରହିଥିଲା ଏହି ଅନୁଚ୍ଚାରିତ ଜ୍ଞାନ ।

କୁଆଡ଼େ ଗଲେ ସେହିସବୁ ବିବର୍ତ୍ତନଶୀଳ ଆତ୍ମାମାନେ ? ହଠାତ୍ ବୌଦ୍ଧ ବା ଶଙ୍କର ଦର୍ଶନ ପ୍ରଭାବରେ ଆତ୍ମ-ବିସ୍ମୃତ ହୋଇ ନିର୍ବାଣ ଲାଭକରି ବିଲୀନ ହୋଇଗଲେ କି ? ଆମେ – ଅର୍ଥାତ୍ ଗତକାଲି ଏବଂ ଆଜିର ଭାରତୀୟମାନେ ନୂଆ କରି ମଣିଷ ଜନ୍ମ ପାଇ ଭାଲୁ ମହୁଲ ଖାଇ ବାଉଳା ହେବା ପ୍ରାୟେ ଆଚରଣ କରୁଛୁ କି ?

ଜଗତ୍ ମାୟା, ଜୀବନର ଅନ୍ୟ ନାମହିଁ ଦୁଃଖ, ଅତଏବ ଜନ୍ମ-ମୃତ୍ୟୁ ଚକ୍ରରୁ ପଳାୟନହିଁ ଏକମାତ୍ର ଆଧାତ୍ମିକ ସତ୍ୟ – ଶତାବ୍ଦୀ ଶତାବ୍ଦୀ ଧରି ଏହି ଉପରଠାଉରିଆ ଧର୍ମତତ୍ତ୍ୱମାନ ଆମ ଜୀବନୀ ଶକ୍ତିକୁ ମାନ୍ଦା କରିଦେଇଛି – କିନ୍ତୁ ଦୁର୍ନୀତି, ମିଥ୍ୟାଚାର ଓ ଛଳନା ସକାଶେ ଯେତିକି ଜୀବନୀଶକ୍ତି ଲୋଡ଼ା, ସେତକ ବଜାୟ ରହିଛି । ବଜାୟ ରହିଛି ବିକୃତ ଆମୋଦ-ପ୍ରମୋଦ ପାଇଁ – ଯାହା ଆମ ଅଜାଣତରେ ଆମକୁ ଆଣିଦିଏ ବିଷାଦ ।

ଏହା ହେଲା ମନସ୍ତାତ୍ତ୍ୱିକ ଅବସ୍ଥା । ସିପାହିବିଦ୍ରୋହ ପରେ ପରେ ବ୍ରିଟିଶ ସରକାର ମହାରାଣୀ ଭିକ୍ଟୋରିଆଙ୍କ ନାମରେ ଭାରତ-ଶାସନଭାର କମ୍ପାନୀ ହାତରୁ କାଢ଼ିନେଇ ବ୍ରିଟିଶ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରିନେଲେ । ତତ୍ପରେ ଆରମ୍ଭ ହେଲା ଭାରତର ଜାତୀୟତାବୋଧ ଏବଂ ଏକତାକୁ ବିକଳାଙ୍ଗ କରିବା ଦିଗରେ ଏବଂ ତା'ର ସାଂସ୍କୃତିକ ଜୀବନକୁ ବିପନ୍ନ କରିବା ଉଦ୍ଦେଶ୍ୟରେ ରାଜନୈତିକ, ଶାସନଗତ ଏବଂ ସାମାଜିକ ସ୍ତରରେ ବିଧିବଦ୍ଧ କୁଟିଳ, କୂଟନୈତିକ ପ୍ରୟାସ ।

ଭାରତବର୍ଷର ଏକଦା-ସୁଦକ୍ଷ ରାଜନ୍ୟମଣ୍ଡଳୀ ହାତରୁ ରାଜ୍ୟ ଶାସନର ମୁଖ୍ୟ ଦାୟିତ୍ୱମାନ କାଢ଼ି ନେଇ, ସେମାନଙ୍କୁ ସୁରକ୍ଷା ତଥା ବିଳାସ-ବ୍ୟସନର ଅମାପ, ଅବାଧ ସୁଯୋଗ ଦେଇ ବ୍ରିଟିଶ ରାଜୁତିର ସବୁଠୁଁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ଶକ୍ତିକୁ ଅସାଡ଼ କରିଦିଆଗଲା । ଅନୁରକ୍ତମାନଙ୍କ ସକାଶେ କୃତ୍ରିମ ରାଜପଦ ସୃଜନ କରାଗଲା; ଶିକ୍ଷିତ, ସ୍ୱଚ୍ଛଳ, ଗୁଣୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ରାୟ ସାହେବ, ରାୟ ବାହାଦୁର, ଖାଁ ସାହେବ, ଖାଁ ବାହାଦୁର, ରାଜା ସାହେବ, ରାଜା ବାହାଦୁର, ସାର୍, ଲର୍ଡ଼, ମହାରାଜା, C. I. E. (Companion of Indian Empire) K.C.I.E (Knight Companion of Indian Empire) ଏବଂ G.C.I.E (Great Companion of Indian Empire) ଭଳି ଉପାଧିମାନଙ୍କ ଦ୍ୱାରା ଆପ୍ୟାୟିତ ଏବଂ ଅଧିକରୁ ଅଧିକ ଆଶାୟୀ କରି ରଖାଗଲା । ବିଚକ୍ଷଣତା ସହକାରେ ସର୍ବୋପରି ହିନ୍ଦୁ ଏବଂ ମୁସଲମାନ ସଂପ୍ରଦାୟ ଭିତରେ ବିଭେଦ ସୃଜନର ପ୍ରକ୍ରିୟା ଚାଲୁ ରଖାଗଲା – ଯେହେତୁ ସିପାହିବିଦ୍ରୋହ ବେଳେ ସେମାନଙ୍କ ସଂଗ୍ରାମୀ ଐକ୍ୟ ଥିଲା ସେଭଳି ବିଭେଦର ବହୁ ଉର୍ଦ୍ଧ୍ୱରେ । ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ଏହି ବିଭେଦ ନୀତିର ବିକଟ ପରିପ୍ରକାଶ ହେଲା ବଂଗ ଦେଶକୁ ଧର୍ମ ଭିତ୍ତିରେ ବିଭାଜିତ କରିବାର ପ୍ରୟାସରେ । (ସେ ବିଷପ୍ରୟୋଗର ଫଳ ସାମୟିକଭାବରେ ପ୍ରତିହତ ହୋଇଥିଲେ ବି ପରେ ଉତ୍କଟ ରୀତିରେ ଧର୍ମ ଭିତ୍ତିରେ ଭାରତ-ବିଭାଜନ ସମ୍ଭବ କଲା ।) ୧୮୮୫ ମସିହାରେ ଜଣେ ଭାରତ-ହିତୈଷୀ ଇଂରେଜ ଆଲାନ୍ ଓକ୍ଟାଭିଆନ୍ ହ୍ୟୁମ୍‌ଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହେଲା ଭାରତୀୟ ଜାତୀୟ କଂଗ୍ରେସ । ଏ ବିରାଟ ଅନୁଷ୍ଠାନର ଭାରତୀୟ ନେତୃବୃନ୍ଦ ଧରିନେଇଥିଲେ ଯେ ବ୍ରିଟିଶ ଶାସନର ସ୍ଥାୟିତ୍ୱ ଏକ ଅଟଳ ବାସ୍ତବତା । ଆବେଦନ ନିବେଦନ ଦ୍ୱାରା ମହାମହିମ ସାମ୍ରାଜ୍ଞୀଙ୍କ ଠାରୁ ଯେତିକି ସୁବିଧା ସୁଯୋଗ ମିଳବ, ସେସବୁକୁ ବ୍ରିଟିଶ ଜାତିର ଅନୁକମ୍ପା ଭାବରେ ଗ୍ରହଣ କରିବା ବିଧେୟ ।

କଂଗ୍ରେସର ପ୍ରତ୍ୟେକ ବାର୍ଷିକ ଅଧିବେଶନରେ ଗତାନୁଗତିକ ଇଂରେଜ-ସ୍ତୁତି ସହ ଆବେଦନ ନିବେଦନର ଏହି ପରମ୍ପରା ଉପରେ ଅପ୍ରତ୍ୟାଶିତ ଆଘାତ ଦେଲା ବିଲାତରେ ଚଉଦବର୍ଷ ବିତାଇ ୧୮୯୩ ମସିହାରେ ଭାରତ-ପ୍ରତ୍ୟାଗତ ୨୧ ବର୍ଷ ବୟସ୍କ ଯୁବକ ଶ୍ରୀଅରବିନ୍ଦଙ୍କର ଏକ ନିବନ୍ଧମାଳା : ''New Lamps for Old'' । ପରେ ପରେ ପ୍ରତ୍ୟକ୍ଷ ରାଜନୀତିକୁ ଆସି ସେ ଉପସ୍ଥାପନ କଲେ ପୂର୍ଣ୍ଣ ସ୍ୱରାଜର ଦାବି । ଇଷ୍ଟ ଇଣ୍ଡିଆ କମ୍ପାନୀର ଅନୁପ୍ରବେଶ ଦିନରୁ ଆରମ୍ଭ କରି ସିପାହିବିଦ୍ରୋହ ପର୍ଯ୍ୟନ୍ତ ପ୍ରକଟିତ ହୋଇ ବିକ୍ଷୋଭ ଏବଂ ବିଦ୍ରୋହର ଯେଉଁ ଉଦ୍ଦୀପନା ସ୍ତିମିତ ହୋଇଯାଇଥିଲା, ତାହାକୁ ସଂଜୀବିତ କରି ଦେଶବ୍ୟାପୀ ଏକ ସଶସ୍ତ୍ର ବିପ୍ଳବର ପ୍ରସ୍ତୁତି ରୂପେ ଅସହଯୋଗ, ଜାତୀୟ ଶିକ୍ଷା ଆନ୍ଦୋଳନ, ସ୍ୱଦେଶୀ (ବା ବିଦେଶୀ ଦ୍ରବ୍ୟ ବର୍ଜନ) ଭଳି ଆଦର୍ଶମାନ ପ୍ରବର୍ତ୍ତିତ ହେଲା ଏବଂ ଦେଶବ୍ୟାପୀ ଏକ ନୂତନ ଉନ୍ମାଦନା ଦେଖାଦେଲା ।

କଂଗ୍ରେସର ରକ୍ଷଣଶୀଳ ନେତାମାନେ କିନ୍ତୁ ସେମାନଙ୍କ ବ୍ରିଟିଶ-ତୋଷଣ ସଂସ୍କାରର ଊର୍ଦ୍ଧ୍ୱକୁ ଯାଇପାରୁ ନଥିଲେ । ୧୯୦୮ରେ ଅନୁଷ୍ଠିତ କଂଗ୍ରେସର ସୁରଟ ଅଧିବେଶନରେ ରକ୍ଷଣଶୀଳ ଏବଂ ବାଳଗଙ୍ଗାଧର ତିଳକ ତଥା ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶରେ ପରିଚାଳିତ ଜାତୀୟତାବାଦୀମାନଙ୍କ ଭିତରେ ହେଲା ତୁମୁଳ ଆଦର୍ଶଗତ ସଂଘର୍ଷ । ଅଧିବେଶନ ଭାଙ୍ଗିଗଲା ସତ, କିନ୍ତୁ ତା'ପରେ କଂଗ୍ରେସ ଆଉ ରକ୍ଷଣଶୀଳ ରହିପାରିଲା ନାହିଁ । ସେହି ଅଧିବେଶନ ପରେ ପରେ ଦେଶବ୍ୟାପୀ ଜାତୀୟତାବାଦୀମାନଙ୍କ ସପକ୍ଷରେ ଯେଉଁ ବିପୁଳ ଜନଜାଗରଣ ହେଲା, ତାହାହିଁ ସାବ୍ୟସ୍ତ କଲା ଯେ ଦେଶ ଆଉ କୌଣସି ସାଲିସଧର୍ମୀ ନୀତି ସହ୍ୟ କରିବାକୁ ପ୍ରସ୍ତୁତ ନୁହେଁ ।

ପରେ ପରେ ଆଲିପୁର ଷଡ଼ଯନ୍ତ୍ର ନାମରେ ବିଖ୍ୟାତ ବ୍ୟାପାରରେ ଶ୍ରୀଅରବିନ୍ଦଙ୍କୁ କାରାରୁଦ୍ଧ କରାଗଲା । ଅକଥନୀୟ ଅତ୍ୟାଚାର, କାରାଦଣ୍ଡ ଏବଂ ସେତେବେଳର ଭୟାବହ ସ୍ଥାନ ଆଣ୍ଡାମାନକୁ ନିର୍ବାସନ ଜରିଆରେ ବିଦେଶୀ ଶାସକଦଳ ବିପ୍ଲବୀମାନଙ୍କୁ ସାମୟିକ ଭାବରେ ସ୍ତବ୍ଧ କରିଦେଲେ । କିନ୍ତୁ ଥରେ ମହାଜାତୀୟ ମାନସିକତା ସ୍ୱାଧୀନତା ଅନିବାର୍ଯ୍ୟଭାବେ ଲୋଡ଼ା ବୋଲି ନିଶ୍ଚିତ ହୋଇଯିବା ଅନ୍ତେ ଗାନ୍ଧିଜିଙ୍କ ନେତୃତ୍ୱରେ ଆନ୍ଦୋଳନର ମୋଡ଼ ବଦଳିବା ସତ୍ତ୍ୱେ ତାହା ଉପଲବ୍ଧ ହେଲା ।

କେହି କେହି ଚିନ୍ତାଶୀଳ ବ୍ୟକ୍ତି କହନ୍ତି, ଆନ୍ଦୋଳନର ମୋଡ଼ ବଦଳି ନଥିଲେ ମଧ ସ୍ୱାଧୀନତା ନିଶ୍ଚିତଭାବେ ଆସିଥା'ନ୍ତା ଏବଂ ପରିଣତି ଶୁଭଙ୍କର ହୋଇଥା'ନ୍ତା । ଅହିଂସା ଏକ ମହତ୍ ଆଦର୍ଶ; କିନ୍ତୁ ଚେତନାରେ ହିଂସା ଉପରେ ବିଜୟଲାଭ ହୋଇ ନଥିଲେ ସ୍ଥୂଳ ଆଚରଣରେ ଅହିଂସା ଛଳନାରେ ପର୍ଯ୍ୟବସିତ ହେବହିଁ ହେବ । ବିପ୍ଲବରେ ଅଂଶ ଗ୍ରହଣ ନିମନ୍ତେ ପ୍ରୟୋଜନ ବିପୁଳ ସାହସ ଏବଂ ବୀରତ୍ୱ; 'ଅହିଂସା' ଆନ୍ଦୋଳନ ବ୍ୟାପକ ଜନତାକୁ ସେଥିରେ ସାମିଲ କଲେ ଠିକ୍, କିନ୍ତୁ ସେ ବହୁ ମଣିଷଙ୍କ ଭିତରେ ରହିଲେ ବହୁ ଅବାଞ୍ଛିତ ବ୍ୟକ୍ତି । ସ୍ୱାଧୀନତା ହାସଲ ପରେ ସେମାନଙ୍କ ଚରିତ୍ରର ବିକଳ ଦିଗଟି କାର୍ଯ୍ୟରତ ହୋଇ ବଡ଼ ବିଷମ ପରିସ୍ଥିତି ସୃଷ୍ଟିକଲା ।

ମହାକାଳର ଧାରାରେ ପ୍ରତ୍ୟାଶିତ ହେଉ ଅଥବା ଅପ୍ରତ୍ୟାଶିତ ହେଉ, ଯାହା ହେବାର ତାହା ହୋଇସାରିଛି । ଆମେ ଅତୀତକୁ ବଦଳାଇ ପାରିବା ନାହିଁ; କିନ୍ତୁ ମଙ୍ଗଳମୟ ଭବିଷ୍ୟତ୍ ନିମନ୍ତେ ଆମର ଅବଦାନ ଦେଇପାରିବା ।

ପ୍ରଥମତଃ ପ୍ରୟୋଜନ ନିଷ୍କପଟ ଆତ୍ମ-ସମୀକ୍ଷା । ଆମ ଭିତରେ ଆମ ଦେଶ ପ୍ରତି, ମଣିଷ ଜାତି ପ୍ରତି ଶୁଭେଚ୍ଛା ନଥିଲେ ଯେକୌଣସି ଆଦର୍ଶ ସୁଯୋଗକୁ ଆମେ ଆମ ନିଜ ସ୍ୱାର୍ଥସିଦ୍ଧି ଦିଗରେ ବ୍ୟବହାର କରି ତାକୁ ବିକୃତ କରିଦେଇ ପାରିବା । ଏହାର ନଗ୍ନ ଦୃଷ୍ଟାନ୍ତ ସଂବିଧାନରେ ଜାତିପ୍ରଥାର କ୍ରମ-ବିଲୟ ନିମନ୍ତେ ରଖାଯାଇଥିବା ବ୍ୟବସ୍ଥା । ସେ ବ୍ୟବସ୍ଥାର ସୁଯୋଗନେଇ ସଂପୃକ୍ତ ନେତାମାନେ ଜାତିଆଣଭାବର ଅବସାନ ଦିଗରେ ଅବଦାନ ଦେବା ତ ଦୂରର କଥା, ତାକୁ ବଳବତ୍ତର କରିବାରେ ଲାଗିପଡ଼ିଲେ । ବସ୍ତୁତଃ, ସଂବିଧାନର ସେ ବ୍ୟବସ୍ଥାର ଯାହା ଉଦ୍ଦେଶ୍ୟ ସେମାନେ ତା'ର ବିପରୀତହିଁ କରୁଛନ୍ତି । ଦୃଷ୍ଟାନ୍ତ ବହୁତ । ଅଳମିତି ବିସ୍ତାରେଣ ।

## ଏ ପରିସ୍ଥିତିରୁ ଉତ୍ତୀର୍ଣ୍ଣ ହେବାର ସମ୍ଭାବନା ରହିଛି କି ?

ଏ ପ୍ରଶ୍ନର ଉତ୍ତର ଆପଣଙ୍କ ଚେତନାର ବ୍ୟାପକତା, ଆପଣଙ୍କ ବିଶ୍ୱାସ ଉପରେ ନିର୍ଭର କରେ ।

ଆପଣ ଯଦି ବିଶ୍ୱାସ କରୁଥିବେ ଏ ସୃଷ୍ଟିର ପଟଭୂମିରେ ରହିଛି ଏକ ଅସୀମ ଚେତନା, ଏକ ମହାଶକ୍ତି, ତେବେ ସ୍ୱତଃସ୍ଫୂର୍ତ୍ତ ଭାବରେ ଆମ ଭିତରେ ଏହି ବିଶ୍ୱାସ ବଳବତ୍ତର ହେବ ଯେ ସେ ମହାଶକ୍ତିର ଏକ ଅଭିମୁଖ୍ୟ ଅବଶ୍ୟ ରହିଛି ଏବଂ ତାହା ସୃଷ୍ଟିକୁ ଚିରକାଳ ଏହି ବିକଳାଙ୍ଗ ଅବସ୍ଥାରେ ପକାଇ ରଖିବାରେ ପର୍ଯ୍ୟବସିତ ହୋଇ ନପାରେ ।

ଆମ ଜୀବନକୁ ନିୟନ୍ତ୍ରଣ କରୁଥିବା ଆମ ଅହଂସତ୍ତା ଆମ ଅନ୍ତରାତ୍ମା ପାଖରେ ସ୍ୱୀକାର କରିବା ଚାହି ଯେ ଆମେ ମୋହଗ୍ରସ୍ତ; ଏକପ୍ରକାର ବିକଟ ଅଜ୍ଞାନ ତାମସ ଆମ ଚେତନାକୁ ରାହୁଗ୍ରସ୍ତ କରି ରଖିଛି । ଆମକୁ ସେଥିରୁ ମୁକ୍ତ ହେବାକୁ ପଡ଼ିବ । ସେଦିଗରେ ଆମର ସଚ୍ଚା ଉଦ୍ୟମ ଆରମ୍ଭ ହେବା ମାତ୍ରେ ବିବର୍ତ୍ତନୀ ଶକ୍ତି ଆମର ସହାୟକ ହେବ । ଆମ ଭିତରେ ପରିସ୍ଫୁଟ ହେବ ସୁଖର ନୂତନ ସଂଜ୍ଞା, ସ୍ଫୁରିତ ହେବ ଅଟଳ ଆତ୍ମ-ବିଶ୍ୱାସ । ସ୍ୱାର୍ଥ ଏବଂ ଲୋଭର ନେତୃତ୍ୱରେ ପରିଚାଳିତ ମଳିନ ମାନସିକତା ବିଦୂରିତ ହେବ; ଆମେ ବ୍ୟାଧିମୁକ୍ତ ହେବା ଭଳି ଅଥବା ଏକ ଦୁଃସ୍ୱପ୍ନରୁ ଉତ୍ତୀର୍ଣ୍ଣ ହେଲା ଭଳି ଅନୁଭବ କରିବୁ ।

କ୍ରମବିକାଶର ଇତିହାସ ପର୍ଯ୍ୟାଲୋଚନା କଲେ ଆମେ ଦେଖିବା, ଜଡ଼ରେ ପ୍ରାଣର ସଞ୍ଚାର ହୋଇ ବିଶାଳ ଉଦ୍ଭିଦ

ଜଗତରେ ଏବଂ ତପ୍ରରେ ନାନାଦି ପ୍ରାଣୀରେ ପରିଣତ ହୋଇଛି । ମଣିଷର ଆବିର୍ଭାବ ଅନ୍ତେ ଆମେ ତା' ଚେତନାରେ ଦେଖୁ ଏକ ନୂତନ ଶକ୍ତିର କରାମତି । ତାହା ମନ ଏବଂ ମନ-ଭିତ୍ତିକ ବୁଦ୍ଧି । ଏହି ଶକ୍ତି ମାଧ୍ୟମରେ ସେ ତା' ଜୀବନକୁ ନାନା ମତେ ଉନ୍ନତ କରିଛି, ବିଜ୍ଞାନ ଓ ବୈଷୟିକ କଳକୌଶଳରେ କେତେ ବିସ୍ମୟକର ଆବିଷ୍କାର ଏବଂ ଉଦ୍‌ଭାବନ କରିଛି, ବିଶ୍ୱସମାଜରେ କେତେ ହିତକର ପରିବର୍ତ୍ତନ ଆଣିଛି, କିନ୍ତୁ ତା' ଚେତନାରେ ଏମିତି କିଛି ଭୟାବହ ଉପାଦାନ ରହିଛି, ଯାହା ତାକୁ ନିର୍ମମ କରିପାରେ, ବୁଦ୍ଧିକୁ ଅସତ୍ ମାର୍ଗରେ ପରିଚାଳିତ କରି ଧ୍ୱଂସାତ୍ମକ ପଦକ୍ଷେପ ନେଇପାରେ ।

ସେହି ଭୟାବହ ଉପାଦାନକୁ ନିଶ୍ଚିହ୍ନ କରିହେବ ନାହିଁ, କିନ୍ତୁ ତାକୁ ରୂପାନ୍ତରିତ କରିହେବ । ତାହା ନହେବା ପର୍ଯ୍ୟନ୍ତ ଆମେ ସର୍ବଦା ବିପଜ୍ଜନକ ଏବଂ ଅନିର୍ଣ୍ଣିତ ଅବସ୍ଥାରେ ରହିଥିବୁ ।

ଆମେ କିଞ୍ଚିତ୍ ଧ୍ୟାନଦେଇ, କିଞ୍ଚିତ୍ ଏକାଗ୍ର ହୋଇ ବିଚାର କଲେ ବୁଝିପାରିବୁ ଶ୍ରୀଅରବିନ୍ଦଙ୍କର ଏକ ପ୍ରତିବେଦନ : ବର୍ତ୍ତମାନ ଆମେ ଗୋଟାଏ ବିବର୍ତ୍ତନଗତ ସଙ୍କଟ (Evolutionary crisis) ମଧ୍ୟଦେଇ ଗତିକରୁଛୁ । ମନ ଆମକୁ ଯେତିକି ଦେବା ସମ୍ଭବ, ଦେଇ ସାରିଛି, କିନ୍ତୁ ତା'ର ସେ ବିପୁଳ ସମ୍ଭାର ସହ ଆମ ବର୍ତ୍ତମାନର ଚେତନା ଭାରସାମ୍ୟ ରଖିବାକୁ ଅକ୍ଷମ ।

କିନ୍ତୁ ଏହି ସଙ୍କଟ ଭିତରେ ଲୁଚି ରହିଛି ସେଥିରୁ ଉତ୍ତୀର୍ଣ୍ଣ ହେବାର ଭବିତବ୍ୟ । ଆମର ସ୍ରଷ୍ଟା ଯେଉଁ ମହାଶକ୍ତି, ତା'ର ଅମାପ ଐଶ୍ୱର୍ଯ୍ୟରୁ ଏକ ନୂତନ ଚେତନା ଅବତରଣ କରି ଆମକୁ ଆମର ଏକ ଦିବ୍ୟସଂସ୍କରଣରେ ପରିଣତ କରିବାକୁ ପ୍ରସ୍ତୁତ । ଆମ ନିଜ ଅନ୍ତରାତ୍ମାରେ ମଧ୍ୟ ସଂଗୁପ୍ତ ରହିଛି ସେ ଚେତନାର ପ୍ରତିଶ୍ରୁତି ।

ଏହା ଧ୍ରୁବ ସତ୍ୟ ଯେ ଆମକୁ ଏହି ପୃଥିବୀକୁ ବାରଂବାର ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ିବ । କର୍ମଫଳର ଜଟିଳ ପ୍ରସଙ୍ଗ ଭିତରକୁ ଆପାତତଃ ଆମେ ଯିବା ନାହିଁ । କିନ୍ତୁ ଏତିକି ଆମେ ମନେରଖିବା ଆବଶ୍ୟକ ଯେ ଆମ ସୁକୃତି ବା ଦୁଷ୍କୃତି ଦ୍ୱାରା ଏ ପୃଥିବୀକୁ ଆମେ ଯେଉଁ ଅବସ୍ଥାରେ ଛାଡ଼ିଯିବୁ, ପରବର୍ତ୍ତୀ ଜନ୍ମରେ ସେହି ଅବସ୍ଥାରେହିଁ ଆମକୁ ଜୀବନଧାରଣ କରିବାକୁ ହେବ । ଅନ୍ତତଃ ସେହି ଦୃଷ୍ଟିରୁ, ଅର୍ଥାତ୍ ଆମ ନିଜ ନିଜର ପରବର୍ତ୍ତୀ ଜୀବନର ସ୍ୱାର୍ଥ ଦୃଷ୍ଟିରୁ, ଆମର ବର୍ତ୍ତମାନ କର୍ମଧାରା ନିୟନ୍ତ୍ରଣ କରିବା ହେବ ବିଜ୍ଞତାର ପରିଚାୟକ ।

ଆଜିର ସମସ୍ୟାକ୍ଳିଷ୍ଟ ପୃଥିବୀକୁ ଏ ସ୍ତର ଅତିକ୍ରାନ୍ତ କରାଇବା ନିମନ୍ତେ ଯାହା ଅପରିହାର୍ଯ୍ୟ, ତାହା ବିବର୍ତ୍ତନ ଉପରେ, ଏକ ସଂହତିପୂର୍ଣ୍ଣ ଜୀବନର ବିକାଶ ଉପରେ ଆସ୍ଥା – ଅର୍ଥାତ୍ ସୃଷ୍ଟିର ରୂପାୟନକାରୀ ମହାଶକ୍ତି ଉପରେ ଆସ୍ଥା ।

ପୃଥିବୀରେ ଆଧ୍ୟାତ୍ମିକତାର ଉନ୍ମେଷ ଓ ସେଦିଗରେ ପ୍ରଗତି ନିମନ୍ତେ ସେ ମହାଶକ୍ତି ଭାରତବର୍ଷକୁହିଁ ମନୋନୀତ କରିଥିଲା । ମାନବ ଜୀବନରେ ଆଧ୍ୟାତ୍ମିକତାର ଭୂମିକା ହେଲା ତାକୁ ପରିପୂର୍ଣ୍ଣତା ଆଣିଦେବା – ଯେଉଁ ପରିପୂର୍ଣ୍ଣତାର ଆଧାର ଏ ଜୀବନ – ଜୀବନର ନିର୍ବାଣ ନୁହେଁ କି ଜୀବନଠାରୁ ପଳାୟନ ନୁହେଁ ।

ବିବର୍ତ୍ତନରେ ମନୋତ୍ତର ପର୍ଯ୍ୟାୟ ସେହି ପୂର୍ଣ୍ଣତାର ପ୍ରତିଶ୍ରୁତି । ଏହା ତତ୍ତ୍ୱକଥା ନୁହେଁ, ଏହା ଅନିବାର୍ଯ୍ୟ ବାସ୍ତବତା । ଏ ବାସ୍ତବତାର ରୂପାୟନ କେଉଁ ସହଜ ସମ୍ଭବ ହେବ, ତାହା ଆମରି ବିଶ୍ୱାସ ଏବଂ ଆତ୍ମ-ସଚେତନତାର ମାତ୍ରା ଉପରେ ନିର୍ଭର କରୁଛି । ❖

ସମସ୍ତ ଐଶ୍ୱର୍ଯ୍ୟ, ଗଭୀରତା ଓ ପୂର୍ଣ୍ଣତା ସହ ପ୍ରାଚୀନ ଆଧ୍ୟାତ୍ମିକ ଜ୍ଞାନ ଓ ଅଭିଜ୍ଞତାର ପୁନରୁଦ୍ଧାର ହେଉଛି ଏହାର (ଭାରତର) ସର୍ବପ୍ରଥମ ଅତ୍ୟାବଶ୍ୟକ କାର୍ଯ୍ୟ; ଦର୍ଶନ, ସାହିତ୍ୟ, କଳା, ବିଜ୍ଞାନ ଓ ବିଶ୍ଳେଷଣାତ୍ମକ ଜ୍ଞାନର ନୂତନ ନୂତନ ରୂପ-ଢାଞ୍ଚା ଭିତରକୁ ଏହି ଆଧ୍ୟାତ୍ମିକତାର ପ୍ରବାହ ହେଉଛି ଦ୍ୱିତୀୟ କାର୍ଯ୍ୟ; ଏବଂ ଭାରତୀୟ ଆତ୍ମାର ଆଲୋକରେ ଆଧୁନିକ ସମସ୍ୟାସବୁକୁ ନୂତନ ଭାବେ ମୁକାବିଲା କରିବା ଏବଂ ଏକ ଆଧ୍ୟାତ୍ମିକ ସମାଜ ଗଠନ ଦିଗରେ ମହତ୍ତର ଏକ ସମନ୍ୱୟକୁ ରୂପାୟିତ କରିବାର ପ୍ରୟାସ ହେଉଛି ତୃତୀୟ ଓ ସବୁଠୁ ଦୁରୂହ କାର୍ଯ୍ୟ । ଏହି ତିନିଟି ଧାରାରେ ଭାରତର ସାଫଲ୍ୟ ହେବ ମାନବସମାଜର ଭବିଷ୍ୟତ୍ ପାଇଁ ତା'ର ସହାୟତାର ପରିମାପ ।

– ଶ୍ରୀଅରବିନ୍ଦ

# ଶରୀରର ଜୀବକୋଷରେ ଯୋଗ

## ମମତା ଦାଶ

**(*ପୂର୍ବ ପ୍ରକାଶିତ ଉତ୍ତାରୁ...*)**

ଶରୀରର ଜୀବକୋଷର ରୂପାନ୍ତରକୁ ପ୍ରଭାବଶାଳୀ ଓ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀମା' ଯେଉଁ ମନ୍ତ୍ରଟିକୁ ଲାଭ କରିଥିଲେ, ତାହା ହେଉଛି ''ଓଁ ନମୋ ଭଗବତେ''। ମା' କହିଥିଲେ, ସଂସ୍କୃତ ବ୍ୟାକରଣ ଦୃଷ୍ଟିରୁ ଏହା ଭୁଲ୍ ହୋଇପାରେ, କିନ୍ତୁ ଏହି ମନ୍ତ୍ର ତାଙ୍କ ନିକଟକୁ ବହୁ ଅଭୀପ୍ସା ଓ ସାଧନା ପରେହିଁ ଆସିଥିଲା। ମା' ନିଜେ ଏହାର ଅର୍ଥ ଏହିପରି କରିଥିଲେ, ''ଓଁ'' – ମୁଁ ତୁମକୁ ଆବାହନ କରୁଛି। (I invite you) ''ନମୋ'' – ମୁଁ ତୁମ ନିକଟରେ ପ୍ରଣତ ହେଉଛି (I prostrate before you)। ଭଗବତେ – ମୋତେ ଦିବ୍ୟାୟିତ କର (Make me divine)।

ଶ୍ରୀମା ଏହି ମନ୍ତ୍ରଟିକୁ ତାଙ୍କର ପାର୍ଥିବ ସ୍ଥିତିର ଶେଷପର୍ଯ୍ୟନ୍ତ ଜପ କରୁଥିଲେ। ସେ କହିଥିଲେ ଯେ ତାଙ୍କର ପ୍ରତିଟି ଜୀବକୋଷ ଏହି ମନ୍ତ୍ରଟିକୁ ଅନବରତ ଜପ କରୁଥିବାରୁ ଏହା କୋରସ (ମିଳିତ କଣ୍ଠ ସଙ୍ଗୀତ) ଭଳି ଶୁଭୁଥିଲା। ଶ୍ରୀମା ସ୍ପଷ୍ଟ ଭାବରେ କହିଥିଲେ ଯେ ମନ୍ତ୍ରଜପ ବ୍ୟତୀତ ଭୌତିକମାନସ ଯାହାକି ଏକ ବିଶୁଦ୍ଧ ଜୀବକୋଷ ମାନସ ଶକ୍ତି ଦ୍ୱାରା ପରିଚାଳିତ ହେବାର ଠିକ୍ ପୂର୍ବରୁ ତିଆରି ହୋଇଥିବା ପ୍ରଥମ ଆବରଣ, ତାହା ରୂପାନ୍ତରିତ ହୋଇପାରିବ ନାହିଁ। ଶରୀର ଚେତନା ସଂପୂର୍ଣ୍ଣଭାବରେ ରୂପାନ୍ତର ନ ହେବାଯାଏ ଅତିମାନସ ଶକ୍ତି ସ୍ଥୂଳ ଶରୀରରେ ଅଭିବ୍ୟକ୍ତ ହୋଇ ପାରିବ ନାହିଁ।

୧୯୫୦ ମସିହାଠାରୁ ଶ୍ରୀମା ଏହି କର୍ମରେ ଲାଗି ରହିଥିଲେ, ଦିନକୁ ଦିନ ଏହା କଷ୍ଟକର ହୋଇ ପଡ଼ିଲା। ସମଗ୍ର ପ୍ରକୃତି ବିରୋଧରେ ଚାଲିଥିବା ଏହି ଯୁଦ୍ଧରେ ଶ୍ରୀମା ଥିଲେ ଏକାକିନୀ ଯୋଦ୍ଧା – ତାଙ୍କର ଏହି ଅବସ୍ଥାକୁ ସେତେବେଳେ ତାଙ୍କ ଆଖପାଖରେ ଥିବା ଲୋକ କିଛି ବୁଝିପାରୁ ନଥିଲେ ବୋଲି ସେ କହୁଥିଲେ ଏବଂ ଆଜି ମଧ୍ୟ ଆମେମାନେ ଏହାର ସଂପୂର୍ଣ୍ଣ ଅବବୋଧକୁ ଧରିପାରୁ ନାହୁଁ।

ଏହି ମନ୍ତ୍ରଟିକୁ ଲକ୍ଷଲକ୍ଷ ଥର ଉଚ୍ଚାରଣ କରିବା ଦ୍ୱାରା ମା'ଙ୍କ ଶରୀରର ଜୀବକୋଷଗୁଡ଼ିକର ଭିତ୍ତିଭୂମି ପରିବର୍ତ୍ତିତ ହେବା ପ୍ରକ୍ରିୟାରେ ରହୁଥିଲା। ସେଥିପାଇଁ ତାଙ୍କର ଜୀବକୋଷଗୁଡ଼ିକ ଆତଙ୍କିତ ହୋଇପଡୁଥିଲେ। ଯୁଗ ଯୁଗର ଅଭ୍ୟାସ, ନିୟମ ହଠାତ୍ ଭାଙ୍ଗି ଯାଉଥିବାରୁ ଏପରି ଭୟ ଓ ଆତଙ୍କ ଆସିବା ସ୍ୱାଭାବିକ। ମା'ଙ୍କର ମନେ ହେଉଥିଲା ସତେଯେପରି ଜୀବକୋଷଗୁଡ଼ିକ ଚିତ୍କାର କରୁଛନ୍ତି, ''ଆମର କ'ଣ ହେବ, ଆମର କ'ଣ ହେବ ?'' କିନ୍ତୁ ଯେତେବେଳେ ହଠାତ୍ ସେମାନେ ପୁରାତନ ଚେତନାରୁ ମୁକ୍ତ ହୋଇ ଯାଉଥିଲେ, ଅବସ୍ଥା ଚମତ୍କାର ହୋଇ ଉଠୁଥିଲା। ମୁକ୍ତିର ଏକ ଆଶ୍ଚର୍ଯ୍ୟଜନକ ଅନୁଭବରେ ସେମାନେ ଆନନ୍ଦିତ ହୋଇ ଉଠୁଥିଲେ। ପୁରାତନ ଚେତନାରେ ଥିବା ରୋଗଯନ୍ତ୍ରଣା, ମୃତ୍ୟୁ, ସଂକୀର୍ଣ୍ଣତା, ହତାଶା, ସବୁକିଛି ଅବାସ୍ତବ ମନେ ହେଉଥିଲା। କିନ୍ତୁ ସେହି ପୁରାତନ ଚେତନା ଓ ନୂତନ ଚେତନା ଭିତରେ ରହୁଥିବା କିଛି ସମୟ ଖୁବ୍ ଭୟାବହ ମନେ ହେଉଥିଲା। ମା' କହିଥିଲେ, ''For the space of three to four minutes, sometimes ten minutes, I am frightfully ill, with all the signs that it is over, and it is only for me to find... to have experiences, to find strength. And then, it is only at "those moments" or when logically according to ordinary physical logic, it is over, then you find the key –''

("*The Mind of the Cells*" by Satprem, p. 155)

''ତିନି, ଚାରି ମିନଟ୍ ପାଇଁ, ବେଳେ ବେଳେ ଦଶ ମିନିଟ୍ ପାଇଁ, ମୁଁ ଭୟଙ୍କର ଭାବରେ ଅସୁସ୍ଥ ହୋଇ ପଡୁଥିଲି, ସବୁକିଛି ଶେଷ ହୋଇଯିବାର ଲକ୍ଷଣ ସହିତ ଏବଂ ଏହା କେବଳ ମୋ ସକାଶେ ଘଟୁଥିଲା କିଛି ଖୋଜିବା ପାଇଁ... ଅନେକ ଅଭିଜ୍ଞତା ଲାଭ କରିବାକୁ, ଶକ୍ତିଲାଭ କରିବାକୁ ଏବଂ ତା'ପରେ କେବଳ ''ସେହି ମୁହୂର୍ତ୍ତଗୁଡ଼ିକରେ'' ବା ଯୁକ୍ତିଯୁକ୍ତ ଭାବରେ, ସାଧାରଣ ଭୌତିକ ଯୁକ୍ତିବୁଦ୍ଧି ଅନୁସାରେ ଯେତେବେଳେ ସବୁକିଛି ଶେଷ ହୋଇଯାଏ, ସେତେବେଳେହିଁ ତୁମେ ଚାବିକାଠିଟିକୁ ଖୋଜି ପାଇଥାଅ।''

("*The Mind of the Cells*" p. 155)

ଯେତେବେଳେ ଜୀବକୋଷମାନେ ସେମାନଙ୍କର ଅଭ୍ୟାସଗତ ବଞ୍ଚିବାର ଧାରାରୁ ହଠାତ୍ ବିଚ୍ୟୁତ ହୋଇ ଆତଙ୍କିତ ଓ ଶ୍ୱାସରୁଦ୍ଧ ହୋଇପଡ଼ନ୍ତି, ସେମାନଙ୍କର ଅଭ୍ୟସ୍ତ ଆଶ୍ରୟ ଚାଲିଯାଏ ସେତେବେଳେ ସେମାନେ ଆକୁଳରେ ମନ୍ତ୍ରଟିକୁ ଜପ କରନ୍ତି । ଆପାତ ମରଣର, ସବୁକିଛି ସେହିକ୍ଷଣି ଶେଷ ହୋଇଯିବାର ତୀବ୍ର ଅନୁଭୂତି ପରିବର୍ତ୍ତେ ସେମାନେ ମନ୍ତ୍ର ଦ୍ୱାରା କ୍ରିୟାଶୀଳ ହୋଇଯାଇଥିବା ନୂତନ ଜୀବନ ଭିତରକୁ ଉଚ୍ଛୁଳି ପଡ଼ନ୍ତି ଓ ଏକ ନୂଆ ଶକ୍ତି, ନୂଆ ସ୍ପନ୍ଦନ ଭିତରକୁ ପ୍ରବେଶ କରନ୍ତି ।

ଏହି ମନ୍ତ୍ରଟି ବୌଦ୍ଧିକମାନସ, ଆବେଗଗତ ମାନସ, ଇନ୍ଦ୍ରିୟଗତ ମାନସ ଆଦି ସ୍ତରକୁ ଭେଦ କରିଯାଏ ଏବଂ ଶେଷରେ ଭୌତିକ ମାନସ ସ୍ତରରେ ପହଞ୍ଚିଯାଏ । ଏହି ସ୍ତରରେହିଁ ସମସ୍ତ ଅସୁବିଧା ରହିଥାଏ । କାରଣ ଆଦି ଜଡ଼ପଦାର୍ଥ ସହିତ ପୂର୍ଣ୍ଣ ମାନସିକତାର ପ୍ରଥମ ସଂଯୋଗ ବିନ୍ଦୁଟି ଏଠାରେ ରହିଛି । ମାନସିକ ଶକ୍ତିହିଁ ମଣିଷର ଶରୀରକୁ ନୂତନ ଜୀବସତ୍ତାରେ ପରିଣତ କରିଥିଲା, ମଣିଷର ଜୀବନକୁ ସଂଘର୍ଷ ଭିତରକୁ ଠେଲି ଦେଇଥିଲା । ସେଥିପାଇଁ ଜଡ଼ ପଦାର୍ଥ ଭିତରେ ଯେଉଁ ପ୍ରତିରୋଧ, ଆତଙ୍କ, ଭୟ, ଚିନ୍ତା ଆସିଥିଲା ତାହା ଏହି ଭୌତିକ ମାନସରେ ଲିପିବଦ୍ଧ ହୋଇଛି । ଏହି ସ୍ତରହିଁ ମଣିଷକୁ ତା'ର ସମସ୍ତ ଦୁର୍ଭାଗ୍ୟ ସମ୍ବନ୍ଧରେ ସଚେତନ କରାଇଦିଏ । ମଣିଷକୁ ହତାଶା, ପରାସ୍ତବାଦୀ ମନୋବୃତ୍ତି ଦେଇଥାଏ ଓ ଏହାକୁ ଅବାଧଭାବରେ ପୁନରାବୃତ୍ତି କରୁଥାଏ । ମନ୍ତ୍ରଟି ତା'ର ସମସ୍ତ ଶକ୍ତି ସହିତ ଯେତେବେଳେ ଭୌତିକମାନସରେ ପହଞ୍ଚିଯାଏ ଏବଂ ଭୌତିକମାନସ ଏହାକୁ ଧରିନିଏ, ସେତେବେଳେହିଁ ଅବସ୍ଥା ସୁଧୁରିବାକୁ ଆରମ୍ଭ କରେ । କିନ୍ତୁ କାମଟି ଏକାଥରକରେ ଶେଷ ହୋଇପାରିବ ନାହିଁ । କେତୋଟି ଜୀବକୋଷ ଭିତରେ ଏହା କ୍ରିୟା କରେ, ଅବଶିଷ୍ଟ ଜୀବକୋଷମାନେ ପୁରାତନ ଚେତନାରେ ରହିଥା'ନ୍ତି । ଏହିପରି କ୍ରିୟା ଚାଲିଥାଏ, ଶ୍ରୀମା ଏ ସମ୍ବନ୍ଧରେ କହିଛନ୍ତି, ''It is this mind of the cells that seizes a mantra and eventually repeats it automatically and with what persistence ! I heard the cells repeat my mantra ! It was like a choir in which each cell was repeating the mantra, automatically.''

(*"The Mind of the Cells"* p. 157)

''ଜୀବକୋଷମାନଙ୍କର ଏହି ମନଟି ମନ୍ତ୍ରଟିକୁ ଧରିନିଏ ଏବଂ ସ୍ୱୟଂକ୍ରିୟ ଭାବରେ ଏହାର ପୁନରାବୃତ୍ତି କରିଚାଲେ ଏବଂ କି ଦୃଢ଼ ଅଭିନିବେଶ ସହିତ ! ଜୀବକୋଷମାନେ ମୋ ମନ୍ତ୍ରଟିକୁ ଆବୃତ୍ତି କରିବାର ମୁଁ ଶୁଣିପାରେ । ଏହା ଏକ ଗାୟକ ଦଳ ପରି ଯେଉଁଠାରେ ପ୍ରତ୍ୟେକ ଜୀବକୋଷ ମନ୍ତ୍ରଟିକୁ ସ୍ୱୟଂକ୍ରିୟଭାବେ ଆବୃତ୍ତି କରୁଥିଲେ ।

(*"The Mind of the Cells"* p. 157)

ମନ୍ତ୍ରଟି ଧୀରେ ଧୀରେ ସମଗ୍ର ଜୀବକୋଷକୁ ଯେମିତି ଏକମାତ୍ର କଠିନ ସଂହତ ଜଡ଼ପିଣ୍ଡରେ ପରିଣତ କରିଦିଏ, ଗୋଟିଏ ସ୍ପନ୍ଦନରେ ପରିଣତ କରିଦିଏ । ଏହା ପଥର ପରି ଶକ୍ତ ହୋଇଯାଏ, ସତେକି ଶରୀରର ସମସ୍ତ ଜୀବକୋଷ ଗୋଟିଏ ମାତ୍ର ଜଡ଼ପିଣ୍ଡ । ଧୀରେ ଧୀରେ ଜୀବକୋଷସବୁ ସଚେତନ ହୋଇଯା'ନ୍ତି ଏବଂ ପୁରାତନ ଅଭ୍ୟାସ, ଯାହାକୁ ବର୍ତ୍ତମାନ ଆମେ ଅନିବାର୍ଯ୍ୟ ଭୌତିକ ନିୟମ ବୋଲି ଧରି ନେଉଛୁ, ସେଥିରୁ ମୁକ୍ତ ହେବାକୁ ଚେଷ୍ଟା କରନ୍ତି ।

ତେଣୁ ଏହାହିଁ ହେଉଛି, ଗୋଟିଏ ବିଶୁଦ୍ଧ ଜୀବକୋଷକୁ ମନର ବିଭିନ୍ନ ଆବରଣରୁ ମୁକ୍ତ କରିବାର ଉପାୟ ଏବଂ ମୃତ୍ୟୁ, ସଂକୀର୍ଣ୍ଣତା, ରୋଗ, ଯନ୍ତ୍ରଣା, ଏସବୁ ସୀମାବଦ୍ଧତାରୁ ମୁକ୍ତ ହୋଇ ଏକ ନୂତନ ଜୀବନ ବଞ୍ଚିବାର ବାଟ । ମା' କହିଛନ୍ତି... "It is rather peculiar. It is the origin of habits, the cells are under the impression that "This is what we have to do, this is what we have to do, this is.... (Mother draws a circle with her finger). All chronic illnesses come from that. An accident may happen, an accident, and then that is a sort of submissive and unconscious good will that causes the effect of the accident to be repeated : "We must repeat, we must repeat..." (Same gesture in a circle). And it stops only if a consciousness is in contact with the cells and can make them understand that "No, in this case, you must not go on repeating !"

(*"The Mind of the Cells"* p. 159)

... ଏହା ଅଦ୍ଭୁତ । ଏହା ହେଉଛି ଅଭ୍ୟାସଗୁଡ଼ିକର ମୂଳ ଉତ୍ସ, ଜୀବକୋଷମାନଙ୍କର ଧାରଣା ଥାଏ ଯେ ‘‘ଆମକୁ ଏହାହିଁ କରିବାକୁ ପଡ଼ିବ, ଆମକୁ ଏହାହିଁ କରିବାକୁ ପଡ଼ିବ, ଏହାକୁହିଁ...’’ (ମା’ ତାଙ୍କର ଆଙ୍ଗୁଠି ଦ୍ୱାରା ଏକ ବୃତ୍ତ ଆଙ୍କିଲେ) ସମସ୍ତ ଦୀର୍ଘସ୍ଥାୟୀ ଅସୁସ୍ଥତା ଏଥିରୁ ଆସିଥାଏ । ଗୋଟିଏ ଦୁର୍ଘଟଣା ଘଟିପାରେ, ଏକ ଦୁର୍ଘଟଣା ଏବଂ ତା’ପରେ ଏକପ୍ରକାର ବିନୀତ ଏବଂ ଅଚେତନ ଶୁଭେଚ୍ଛା, ଏହି ଦୁର୍ଘଟଣାର ପ୍ରଭାବକୁ ପୁନରାବୃତ୍ତି କରିଚାଲେ : ‘‘ଆମକୁ ପୁନରାବୃତ୍ତି କରିବାକୁ ହେବ, ଆମକୁ ପୁନରାବୃତ୍ତି କରିବାକୁ ହେବ...’’ (ସମାନ ଅଙ୍ଗଭଙ୍ଗୀରେ ଗୋଟିଏ ବୃତ୍ତର ଇଙ୍ଗିତ କଲେ) । ଏବଂ ଏହା ବନ୍ଦ ହେବ କେବଳ ଯଦି ଏକ ଚେତନା ଜୀବକୋଷମାନଙ୍କ ସଂସ୍ପର୍ଶରେ ଆସିପାରେ ଓ ସେମାନଙ୍କୁ ବୁଝାଇ ଦେଇପାରେ ଯେ ‘‘ନାହିଁ, ଏହି କ୍ଷେତ୍ରରେ ତୁମେମାନେ ପୁନରାବୃତ୍ତି କରି ଚାଲିବା ଉଚିତ ନୁହେଁ ।’’

(*“The Mind of the Cells”*, p. 159)

ଏହି ମନ୍ତ୍ରର ପ୍ରଭାବ ଜୀବକୋଷଗୁଡ଼ିକର ମାନସିକ ଆବରଣକୁ ଭେଦ କରିଥାଏ ଏବଂ ଶରୀରକୁ ହଠାତ୍ ବିଚ୍ଛୁରିତ ହୋଇଯିବାରୁ ନିବୃତ୍ତ କରେ । ଏହାହିଁ ଶରୀର ରୂପାନ୍ତରର ପ୍ରଥମ ପଦକ୍ଷେପ । ଦ୍ୱିତୀୟ ପଦକ୍ଷେପ ହେଉଛି, ଏହି ମୁକ୍ତ ଜଡ଼ପଦାର୍ଥକୁ ନେଇ ଆମେ କ’ଣ କରିବା ।...

(କ୍ରମଶଃ)

The best way to express one’s gratitude to the Divine is to feel simply happy.
(*23 April 1954*) – THE MOTHER

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

পূর্ণযোগর ভিত্তি, প্রস্তুতি ও পরিণতি (৩২)

# ମାନବଜୀବନ ଓ ସମାଜରେ ପୂର୍ଣ୍ଣଯୋଗର ପୂର୍ଣ୍ଣାଙ୍ଗ ପ୍ରୟୋଗ (୭)

ଶ୍ରୀପତି ଦାସ

## ସୂଚନା

ମାନବ ବ୍ୟକ୍ତିତ୍ୱର ଯେଉଁ ଚାରୋଟି ବିଭାବ ରହିଛି, ସେଗୁଡ଼ିକ ହେଉଛି : ଶରୀର, ପ୍ରାଣ, ମନ ଓ ଚୈତ୍ୟ ତଥା ଆଧ୍ୟାତ୍ମିକ ଚେତନା । ଏହି ପ୍ରତ୍ୟେକ ବିଭାବରୁ କୌଣସିଟିକୁ ଆମ ଜୀବନରେ ଅବିକଶିତ କରି ରଖିଲେ ଆମେ ଆମର ଅସ୍ତିତ୍ୱକୁ ବିଖଣ୍ଡିତ କରି ରଖିବା । ତେଣୁ ଉପରୋକ୍ତ ପ୍ରତ୍ୟେକ ବିଭାବର ଯଥାଯୋଗ୍ୟ ପୂର୍ଣ୍ଣତା ଲାଭକରିହିଁ ଆମେ ଆମ ବ୍ୟକ୍ତିତ୍ୱର ପୂର୍ଣ୍ଣତା ହାସଲ କରିପାରିବା । ଏହି ଦୃଷ୍ଟିକୋଣକୁ ସମ୍ମୁଖରେ ରଖି ଶ୍ରୀଅରବିନ୍ଦ ଓ ଶ୍ରୀମା ସେମାନଙ୍କ ପ୍ରବର୍ତ୍ତିତ ପୂର୍ଣ୍ଣଯୋଗର ପୂର୍ଣ୍ଣତା ନିମିତ୍ତ ଶ୍ରୀଅରବିନ୍ଦ ଆନ୍ତର୍ଜାତୀୟ ଶିକ୍ଷାକେନ୍ଦ୍ରରେ ଏହି ପ୍ରତ୍ୟେକ ବିଭାବର ସୁଶିକ୍ଷାର ବ୍ୟବସ୍ଥା କରିଛନ୍ତି । ଏହି ବ୍ୟବସ୍ଥା ସମ୍ବନ୍ଧେ ଅର୍ଥାତ୍ ଶାରୀରିକ ଶିକ୍ଷା, ପ୍ରାଣିକ ଶିକ୍ଷା, ମାନସିକ ଶିକ୍ଷା ଓ ଚୈତ୍ୟ ତଥା ଆଧ୍ୟାତ୍ମିକ ଶିକ୍ଷା ସମ୍ବନ୍ଧେ ଏହି ପତ୍ରିକାର ପୂର୍ବବର୍ତ୍ତୀ ସଂଖ୍ୟାଗୁଡ଼ିକରେ ଆଲୋଚନା କରାଯାଇଛି । ଏହାପରେ ଯେଉଁ ଶିକ୍ଷାର ଆବଶ୍ୟକତା ରହିଛି, ତାହା ହେଉଛି ଅତିମାନସ ଶିକ୍ଷା । ତେବେ ଏହି ଅତିମାନସ କ'ଣ ଏବଂ ଏହାର ଶିକ୍ଷାଲାଭ କିପରି କରାଯାଇପାରିବ ? ଶାରୀରିକ, ପ୍ରାଣିକ, ମାନସିକ, ଚୈତ୍ୟ ଓ ଆଧ୍ୟାତ୍ମିକ ଚେତନା ପରେ ଯେଉଁ ଅତିମାନସ ଚେତନାର କଥା କୁହାଯାଉଛି, ତାହା ହେଉଛି ମାନସଚେତନାର ଚରମ ବିକାଶ । ସାଧାରଣ ମନ ଦ୍ୱାରା ଆମେ ଯାହା ଚିନ୍ତାକରୁ ବା କାର୍ଯ୍ୟକରୁ ତହିଁରେ ସାଧାରଣତଃ ନାନାପ୍ରକାର ବିଭ୍ରାନ୍ତି ଦେଖାଯାଏ । କିନ୍ତୁ ମାନସଚେତନା, ଚେତନାର ଚରମ ବିକାଶ ନୁହେଁ । ସାଧାରଣ ମାନସ ଚେତନା ପରେ ଅଛି – ଯାହାକୁ ଶ୍ରୀଅରବିନ୍ଦ ତାଙ୍କର ଦିବ୍ୟଦୃଷ୍ଟି ଦ୍ୱାରା ଦର୍ଶନ କରିଥିଲେ – ଉଚ୍ଚତର ମାନସ (Higher Mind), ପ୍ରଦୀପ୍ତ ମାନସ (Illumined Mind), ବୋଧିମାନସ (Intuitive Mind), ଅଧିମାନସ (Overmind), ଏବଂ ଅତିମାନସ (Supermind) । ଏହି ଅତିମାନସ ଚେତନା ହେଉଛି ନିର୍ଭୁଲ ଦିବ୍ୟ-ଚେତନା ଯାହାଦ୍ୱାରା କୌଣସି ଚିନ୍ତା ବା କର୍ମ କଲେ ବିଭ୍ରାନ୍ତିର କୌଣସି ସମ୍ଭାବନା ନଥାଏ । ପରମେଶ୍ୱରଙ୍କ ବିଶ୍ୱସୃଷ୍ଟିର ସକଳ କ୍ରିୟାକଳାପହିଁ ଏହି ଚେତନାର ପରିପ୍ରକାଶ । ସାଧାରଣ ମାନସ ଚେତନାରୁ ଏହି ଚରମ ଚେତନା ଦିଗରେ ଆରୋହଣ କରିବାକୁ ହେଲେ ଯାହା କରିବାକୁ ହେବ, ତାହା ହେଉଛି ଚୈତ୍ୟ ଚେତନାର ତପସ୍ୟା । ଶାରୀରିକ ତପସ୍ୟା, ପ୍ରାଣିକ ତପସ୍ୟା, ମାନସିକ ତପସ୍ୟାର ପରିଣାମ ହେଉଛି ଚୈତ୍ୟ ଚେତନାର ମଧ୍ୟଦେଇ ପ୍ରେମର ତପସ୍ୟା । ଏଠାରେ ଏହି ପ୍ରେମର ତପସ୍ୟାର କ୍ରମବିକାଶ ସମ୍ବନ୍ଧେ ଶ୍ରୀମା 'ଶିକ୍ଷା' ପୁସ୍ତକରେ ଯାହା ଉଲ୍ଲେଖ କରିଛନ୍ତି, ତାହାର ଉଦ୍ଧୃତି କରିବା ବ୍ୟତୀତ ଅନ୍ୟ କୌଣସି ବ୍ୟାଖ୍ୟା ଅଧିକତର ମହତ୍ତ୍ୱପୂର୍ଣ୍ଣ ହୋଇପାରିବ ନାହିଁ । ତେଣୁ ନିମ୍ନରେ 'ଶିକ୍ଷା' ପୁସ୍ତକରୁ କେତେକ ଉଦ୍ଧୃତି ଦିଆଯାଉଛି । ଅତିମାନସ ଶିକ୍ଷାର ଉପଲବ୍ଧି ନିମିତ୍ତ ''ପ୍ରେମର ତପସ୍ୟା'' ଏକାନ୍ତ ଆବଶ୍ୟକ ବୋଲି ଶ୍ରୀମା ଉଲ୍ଲେଖ କରିଛନ୍ତି ।

## ଅତିମାନସ ଶିକ୍ଷା

''ସକଳ ପ୍ରକାର ତପସ୍ୟାର ଆଚରଣ ମଧ୍ୟରେ ସବୁଠାରୁ ଦୁଃସାଧ୍ୟ ହେଉଛି ହୃଦୟାନୁଭବ ଓ ଭାବାବେଗର ସଂଯମ, ଯାହାକୁ କୁହାଯାଇପାରେ ପ୍ରେମର ତପସ୍ୟା ।

''ବସ୍ତୁତଃ ଅନ୍ୟ ସକଳ କ୍ଷେତ୍ର ଅପେକ୍ଷା ଭାବାବେଗର ରାଜ୍ୟରେ ମନୁଷ୍ୟ ଅନୁଭବ କରେ ଗୋଟାଏ ଅନିବାର୍ଯ୍ୟତା, ଏକ ଅଲଂଘନିୟତା ଏବଂ ଏପରି ଏକ ବିଧାନ ଯାହା ତାହା ଉପରେ ପ୍ରଭୁତ୍ୱ ବିସ୍ତାର କରେ ଏବଂ ଯାହାର ହାତରୁ ଖସି ପଳାଇବାକୁ ତା'ର ଉପାୟ ନଥାଏ । ପ୍ରେମ (ଅନ୍ତତଃ ମନୁଷ୍ୟ ଯାହାକୁ ଏହି ନାମରେ ଅଭିହିତ କରେ) କହିଲେ ମନେହୁଏ ତାହା ଯେପରି ଏକ ମହା ପରାକ୍ରମଶାଳୀ ପ୍ରଭୁ ଯାହା ହାତରୁ

କାହାର ବି ନିସ୍ତାର ନାହିଁ, ସେ ନିଜ ଖୁସି ଅନୁସାରେ ଯେକୌଣସି ସମୟରେ ଯେକୌଣସି ପ୍ରାଣୀକୁ ବିଦ୍ଧକରେ, ଇଚ୍ଛା କର ବା ନକର ଅନୁଗତ ହେବାକୁ ବାଧ୍ୟକରେ । ଏହି ପ୍ରେମ ନାମରେ ପୃଥିବୀପୃଷ୍ଠରେ ବହୁ ଘୃଣ୍ୟତମ ପାପକର୍ମ, ଘୋର ନିର୍ବୁଦ୍ଧିତାର କାର୍ଯ୍ୟ ବି କରାହୋଇଛି ଏବଂ ହେଉଛି ।

''ତଥାପି ମନୁଷ୍ୟ ପ୍ରେମର ଏହି ଶକ୍ତିକୁ ଶାସନରେ ରଖିବାକୁ, ଶାନ୍ତ ଓ ସଂଯତ ହେବାକୁ ସବୁପ୍ରକାର ନୈତିକ ଓ ସାମାଜିକ ନିୟମାଦି ତିଆରି କରିଛି । ତେବେ ଏସବୁ ନିୟମ କେବଳ ଭଙ୍ଗ କରିବାକୁ ତିଆରି କରାଯାଇଛି । ପ୍ରେମର ଅବାଧ କ୍ରିୟା ଉପରେ ଯେଉଁସବୁ ବନ୍ଧନ ଲଦି ଦିଆହୋଇଛି ତାହା ଫଳରେ ତାହାର ବିସ୍ଫୋରଣ-ଶକ୍ତି ବୃଦ୍ଧିପାଏ । ପ୍ରେମର ଗତିବୃତ୍ତିକୁ ନିୟମକାନୁନ ଦ୍ୱାରା ଶାସନ କରାଯାଇପାରିବ ନାହିଁ । କେବଳ ଏକ ବୃହତ୍ତର, ମହତ୍ତର ଏବଂ ସତ୍ୟତର ପ୍ରେମର ଶକ୍ତିହିଁ ଏହି ଅଦମ୍ୟ ପ୍ରେମର ଆବେଗକୁ ସଂଯତ କରିପାରେ । ଉଚ୍ଚତର ପ୍ରେମହିଁ କେବଳ ପ୍ରେମକୁ ଉଦ୍‌ଭାସିତ, ରୂପାନ୍ତରିତ ଏବଂ ପ୍ରସାରିତ କରି ଶାସନ କରିପାରେ । କାରଣ ଅନ୍ୟସବୁ କ୍ଷେତ୍ର ଅପେକ୍ଷା ଏଠାରେ ବେଶୀ ସତ୍ୟ ଏହି ଯେ ସଂଯମର ଅର୍ଥ ଦମନ ବା ଧ୍ୱଂସ ନୁହେଁ, ବରଂ ଏକ ରୂପାନ୍ତର, ଏକ ପବିତ୍ର ରସାୟନ । କାରଣ ବିଶ୍ୱର ସକଳ ସକ୍ରିୟ ଶକ୍ତିର ମଧ୍ୟରେ ପ୍ରେମହିଁ ହେଉଛି ସବୁଠାରୁ ଦୁର୍ବାର ଓ ଦୁର୍ଦମନୀୟ । ପ୍ରେମ ବ୍ୟତୀତ ଏହି ପୃଥିବୀ ବିଶୃଙ୍ଖଳା ଓ ଅଚେତନା ମଧ୍ୟରେ ବୁଡିଯିବ ।

''ବାସ୍ତବରେ ଚେତନାହିଁ ହେଉଛି ବିଶ୍ୱର ସ୍ରଷ୍ଟା, କିନ୍ତୁ ପ୍ରେମ ଏହାର ରକ୍ଷାକର୍ତ୍ତା । ଏକମାତ୍ର ସଚେତନ ଉପଲବ୍ଧିହିଁ ପ୍ରେମ କ'ଣ, ତାହା କେଉଁଠାରୁ ଆସେ ଏବଂ ତାହା କିପରି – ଏହାର ଇଙ୍ଗିତ ବା ସୂଚନା ଦେଇପାରେ । ଯାହା ବର୍ଣ୍ଣନାତୀତ, ତାହାର ବର୍ଣ୍ଣନା କରିବା କେବଳ ବାହ୍ୟ ଆଡ଼ମ୍ବର, ମନର ବିଳାସମାତ୍ର । ଦାର୍ଶନିକ, ଅଧ୍ୟାତ୍ମସାଧକ, ରହସ୍ୟବାଦୀ – ସମସ୍ତେହିଁ ବୃଥାଚେଷ୍ଟା କରିଛନ୍ତି । ସେମାନେ ଯେଉଁଠାରେ ବିଫଳ ହୋଇଛନ୍ତି, ସେଠାରେ ମୁଁ ଯେ ସଫଳ ହେବି, ଏହି ଦାବି କରୁ ନାହିଁ । ତେବେ ମୋର ଉଦ୍ଦେଶ୍ୟ : ଯେଉଁ ବିଷୟଟି ସେମାନଙ୍କ କଲମରେ ଅତି ତାତ୍ତ୍ୱିକ ଓ ଜଟିଳ ହୋଇପଡ଼ିଛି, ତାହାକୁ ଯଥାସମ୍ଭବ ଅତି ସରଳ ଭାଷାରେ କହିବି । ମୋ ବକ୍ତବ୍ୟର ଏକମାତ୍ର ଲକ୍ଷ୍ୟ ହେଉଛି ଶିକ୍ଷାର୍ଥୀକୁ ସେହି ଜୀବନ୍ତ ଉପଲବ୍ଧି ଆଡ଼କୁ ନେଇଯିବା ଏବଂ ଏପରିକି ଶିଶୁକୁ ବି ସେ ଦିଗରେ ପଥନିର୍ଦ୍ଦେଶ କରିବା ।

''ସ୍ୱରୂପତଃ ପ୍ରେମହିଁ ହେଉଛି ଏକାନ୍ତ ମିଳନର ଆନନ୍ଦ, ଏହାର ଚରମ ପ୍ରକାଶ ହୁଏ ମିଳନର ଆନନ୍ଦ-ରସରେ । ଏହି ଦୁଇ ମଧ୍ୟରେ ତାହାର ସାର୍ବଭୌମ ଅଭିବ୍ୟକ୍ତିର ସକଳ ରୂପ ବିଦ୍ୟମାନ ।

''ପ୍ରେମର ଅଭିବ୍ୟକ୍ତିର ପ୍ରାରମ୍ଭରେ, ତାହାର ବିଶୁଦ୍ଧ ମୂଳତତ୍ତ୍ୱରେ ଦୁଇଟି ଗତିଧାରା ରହିଛି – ପରିପୂର୍ଣ୍ଣ ଐକ୍ୟ ଦିଗରେ ପରସ୍ପର ପରିପୂରକ ଦୁଇଟି ବିଭିନ୍ନ ଗତିଧାରା । ଗୋଟିଏ ପାଖରେ ଆକର୍ଷଣର ପରମ ଶକ୍ତି ଏବଂ ଅନ୍ୟ ପାଖରେ ପରମ ଆତ୍ମନିବେଦନର ଅଦମ୍ୟ ପ୍ରୟୋଜନ । ବ୍ୟକ୍ତିର ଚେତନା ଯେତେବେଳେ ତାହାର ମୂଳଉତ୍ସରୁ ବିଚ୍ଛିନ୍ନ ହୋଇ ଅବଚେତନାରେ ପରିଣତ ହେଲା, ସେତେବେଳେ ବିଚ୍ଛେଦର ଯେଉଁ ବିପୁଳ ଗହ୍ୱର ବ୍ୟକ୍ତି ମଧ୍ୟରେ ଦେଖାଦେଲା, ତାହା ଉପରେ ସଂଯୋଗର ସେତୁ ନିର୍ମାଣ କରିବାର ସାମର୍ଥ୍ୟ ଥିଲା କେବଳ ଏହି ପ୍ରେମର ।

''ଯାହା ଦେଶ-କାଳ ମଧ୍ୟରେ ପ୍ରକ୍ଷିପ୍ତ କରାହୋଇଥିଲା, ତାହା ପୁନଶ୍ଚ ନିଜ ମଧ୍ୟକୁ ଫେରାଇ ଆଣିବାକୁ ହେଲା, ଯାହାଦ୍ୱାରା ବିଶ୍ୱର ବିଲୋପ ନଘଟେ । ସେଥିପାଇଁ ପ୍ରେମହିଁ ଉତ୍ସାରିତ ହୋଇଉଠିଲା ମିଳନର ଅଦମ୍ୟ ଶକ୍ତିରୂପେ ।

''ଏହି ପ୍ରେମ ଅନ୍ଧକାର ଓ ଅବଚେତନା ଉପରେ ଉଡ଼ିବୁଲୁଛି ଏବଂ ନିଜକୁ ବିକୀର୍ଣ୍ଣ କରିଛି, ଚୂର୍ଣ୍ଣବିଚୂର୍ଣ୍ଣ କରିଛି ଅଗାଧ ରାତ୍ରିର ବକ୍ଷରେ । ସେତିକିବେଳୁ ଆରମ୍ଭ ହୋଇଛି ଏକ ଜାଗରଣ ଏବଂ ଆରୋହଣ, ଜଡ଼ ପଦାର୍ଥର ଧୀର ସଂଗଠନ ଏବଂ ତାହାର ଅସରନ୍ତି କ୍ରମୋନ୍ନତି । ବିକୃତ, ଭ୍ରାନ୍ତ ଓ ଅସ୍ପଷ୍ଟ ରୂପେ ପ୍ରେମ କ'ଣ ପ୍ରତ୍ୟେକ ଭୌତିକ ଓ ପ୍ରାଣିକ ପ୍ରକୃତିର ପ୍ରେରଣା, ଗତିବୃତ୍ତି ଏବଂ ସଂଘବଦ୍ଧତାର ପ୍ରବେଗ ସଙ୍ଗେ ଯୁକ୍ତ ନୁହେଁ ? ଏହା ସ୍ପଷ୍ଟରୂପେ ଉଦ୍ଭିଦ ଜଗତରେ ଦେଖାଯାଏ, ତରୁଲତା ମଧ୍ୟରେ ଅଧିକ ଆଲୋକ, ଅଧିକ ବାୟୁ ଏବଂ ଅଧିକ ସ୍ଥାନ ପାଇବାକୁ ଏହାହିଁ ହେଉଛି ଅଭିବୃଦ୍ଧିର ଆସ୍ପୃହା, ପୁଷ୍ପର ଆନନ୍ଦମୟ ପ୍ରସ୍ଫୁଟନରେ ଏହାର ଦାନ ହେଉଛି ସୌନ୍ଦର୍ଯ୍ୟ ଓ ସୁଗନ୍ଧ । ପଶୁର କ୍ଷୁଧା-ତୃଷାର ପଶ୍ଚାତରେହିଁ ଏହି ପ୍ରେମ ବିଦ୍ୟମାନ – ତାହାର ଆତ୍ମସାତ୍, ସଂପ୍ରସାରଣ, ଉତ୍ପାଦନର ପ୍ରୟୋଜନବୋଧର ପଶ୍ଚାତରେ, ସଂକ୍ଷେପତଃ ସକଳ ପ୍ରକାର କାମନାର ପଶ୍ଚାତରେ, ଜ୍ଞାତରେ ହେଉ ବା ଅଜ୍ଞାତରେ ହେଉ, ଏହି ପ୍ରେମ ବିଦ୍ୟମାନ । ଉନ୍ନତ ପ୍ରାଣୀମାନଙ୍କ ମଧ୍ୟରେ ଶିଶୁପ୍ରତି ମା'ର ସ୍ୱାର୍ଥଶୂନ୍ୟ ସ୍ନେହମମତା ମଧ୍ୟରେ ଏହାହିଁ ଦେଖାଦିଏ ।

ତା'ପରେ ସ୍ୱାଭାବିକରୂପେ ଉଠେ ମନୁଷ୍ୟର କଥା ଯେଉଁଠାରେ ଦିଗ୍‌ବିଜୟୀ ମନର କ୍ରିୟାକଳାପ ମଧ୍ୟରେ ଏହି ସମ୍ମିଶ୍ରଣ ତାହାର ଚରମ ସୀମାକୁ ଉଠିଛି, କାରଣ ଏହା ସେଠାରେ ହେଉଛି ସଚେତନ ଓ ସ୍ୱେଚ୍ଛାବଶ । ବସ୍ତୁତଃ ପୃଥିବୀରେ ଯେତେବେଳେ ଅନୁକୂଳ ଅବସ୍ଥା ଦେଖାଦେଲା, ସେତେବେଳେ ପ୍ରକୃତି ପ୍ରେମର ଏହି ମହତୀ ଶକ୍ତିକୁ ତା'ର ଉତ୍ପାଦନ-ବୃତ୍ତି ସଙ୍ଗେ ଯୁକ୍ତ ଏବଂ ମିଶ୍ରିତ କରି ସୃଜନ କାର୍ଯ୍ୟରେ ଲଗାଇବାକୁ ଚାହିଁଲା । ଏହି ଦୁଇଟିର ସମ୍ବନ୍ଧ ଏତେ ନିବିଡ଼ ଏବଂ ଗାଢ଼ ହୋଇଯାଇଛି ଯେ ଖୁବ୍ ଅଳ୍ପ ମନୁଷ୍ୟହିଁ – ଯେଉଁମାନଙ୍କର ଚେତନା ଜ୍ୟୋତିର୍ମୟ ହୋଇଛି,– ଏହାକୁ ବିଚ୍ଛିନ୍ନ କରି ଦେଖିପାରନ୍ତି ଏବଂ ପୃଥକ୍ କରି ଅନୁଭବ କରିପାରନ୍ତି । ଏହିପରି ପ୍ରେମର ହୋଇଛି ଅଧଃପତନ ଏବଂ ଏହା ପଶୁସ୍ତରକୁ ଖସିଯାଇଛି ।

''ପ୍ରକୃତିର କର୍ମଧାରା ଦେଖି ମନେହୁଏ ଯେ ଏହିଠାରୁ ପୁଣି ସେ ଚାହେଁ ବୃହତ୍‌ରୁ ବୃହତ୍ତର ଓ ଜଟିଳରୁ ଜଟିଳତର ଜନସମଷ୍ଟି ମଧ୍ୟଦେଇ କ୍ରମେକ୍ରମେ ଏବଂ ସ୍ତରେ ସ୍ତରେ ସେହି ଅଦମ ଐକ୍ୟକୁ ଗଢ଼ିତୋଳିବାକୁ । ସେ ପ୍ରେମ ସାହାଯ୍ୟରେ ଦୁଇଟି ବ୍ୟକ୍ତିଙ୍କୁ ଏକତ୍ର କରି ଦ୍ୱୈତ-ସମଷ୍ଟି କଲା – ଏହା ହେଲା ପରିବାରର ଉତ୍ପତ୍ତି । ଥରେ ସେ ବ୍ୟକ୍ତିଗତ ସଂକୀର୍ଣ୍ଣ ଅହଂକାରର ସୀମାକୁ ଭାଙ୍ଗି ତାକୁ ସନ୍ତାନ-ସନ୍ତତିଙ୍କର ଜନ୍ମରେ ଦ୍ୱୈତ ଅହଂକାରରେ ପରିବର୍ତ୍ତିତ କଲାପରେ ସେ ଆଣିଲା ଆହୁରି ଜଟିଳତର ସମଷ୍ଟି, ପରିବାର । ତା'ପରେ ପରିବାର ପରିବାର ମଧ୍ୟରେ ନାନା ପ୍ରକାର ଯୋଗାଯୋଗ, ନାନା ବ୍ୟକ୍ତିଗତ ଆଦାନପ୍ରଦାନ ଓ ରକ୍ତ ମିଶ୍ରଣକୁ ଆଶ୍ରୟ କରି ଦେଖାଦେଲା ବୃହତ୍ତର ଜନସମଷ୍ଟି : ଜାତି, କୁଳ, ଶ୍ରେଣୀ, ଉପଜାତି ଏବଂ ପରିଶେଷରେ ସୃଷ୍ଟି ହେଲା ଦେଶ । ସମସାମୟିକ ଭାବରେ ବିଶ୍ୱର ବିଭିନ୍ନ ଭାଗରେ ଏହି ଜନସମଷ୍ଟି-ଗଠନର ପ୍ରୟାସ ହେଲା; ଏହାହିଁ ବିଭିନ୍ନ ଜାତିରୂପେ ଗଢ଼ିଉଠିଛି । ପୁଣି ଧୀରେ ଧୀରେ ପ୍ରକୃତି ଏହି ସମସ୍ତ ଜାତିକୁ ମିଳାଇ ଦେଇ ତାହାର ବିଶ୍ୱବ୍ୟାପୀ ମାନବ-ଐକ୍ୟର ଯଥାର୍ଥ ଓ ସ୍ଥୂଳଭିତ୍ତି ପ୍ରସ୍ତୁତ କରିବ ।

''ଅଧିକାଂଶ ଲୋକଙ୍କ ଚେତନାରେ ଏହିସବୁ ଜଣାପଡ଼େ ଗୋଟିଏ ଆକସ୍ମିକ ଘଟଣା ପରି । ସେମାନେ ଜାଣନ୍ତି ନାହିଁ ଯେ ଏହାର ଅନ୍ତରାଳରେ ଗୋଟାଏ ବିଶ୍ୱବ୍ୟାପୀ ପରିକଳ୍ପନା ରହିଛି; ସେମାନେ ଘଟଣାବଳିର ବାହ୍ୟ ରୂପକୁହିଁ ଦେଖନ୍ତି ନିଜର ଅଭିରୁଚି ଅନୁସାରେ, ଭଲ ହେଉ ବା ମନ୍ଦ ହେଉ, ଏଥିରେ କେତେକେ ସନ୍ତୁଷ୍ଟ ହୁଅନ୍ତି, କେତେକେ ଅସନ୍ତୁଷ୍ଟ ହୁଅନ୍ତି ।

''ସନ୍ତୁଷ୍ଟ ହେବା ଲୋକଙ୍କ ମଧ୍ୟରୁ ଗୋଟିଏ ଶ୍ରେଣୀର ଲୋକ ଅଛନ୍ତି ଯେଉଁମାନେ ପ୍ରକୃତି ସଙ୍ଗେ ପୂର୍ଣ୍ଣରୂପେ ତାଳଦେଇ ଚାଲନ୍ତି,– ଏହିମାନେ ହେଲେ ଆଶାବାଦୀ । ରାତି ଅଛି ବୋଲି ଏମାନଙ୍କ ପକ୍ଷରେ ଦିନ ହେଲା ଶୁଭ୍ରତର, ମଳିନତା ଅଛି ବୋଲି ରଙ୍ଗ ହେଲା ଉଜ୍ଜ୍ୱଳତର, ଦୁଃଖ ଅଛି ବୋଲି ଆନନ୍ଦ ହେଲା ତୀବ୍ରତର, ବେଦନା ଅଛି ବୋଲି ସୁଖ ପ୍ରତି ରହିଛି ଅଧିକ ଆକର୍ଷଣ, ଏବଂ ରୋଗ ଅଛି ବୋଲି ସ୍ୱାସ୍ଥ୍ୟର ମୂଲ୍ୟ ଅଛି । କେତେକ ଲୋକ ଏପରି କହିବାର ମୁଁ ଶୁଣିଛି ଯେ ସେମାନଙ୍କର ଶତ୍ରୁ ଥିବାରୁ ସେମାନେ ବନ୍ଧୁଙ୍କର ମୂଲ୍ୟ ବୁଝନ୍ତି । ଯାହାହେଉ, ଏମାନଙ୍କ ପାଖରେ ଯୌନକ୍ରିୟା ହେଉଛି ଗୋଟାଏ ପରମ ପ୍ରିୟ ବସ୍ତୁ; ଭୋଜନ-ବିଳାସ ଜୀବନ-ଉପଭୋଗର ଏକ ଅପରିହାର୍ଯ୍ୟ ଅଙ୍ଗ; ଏବଂ ଏମାନଙ୍କ ପାଖରେ ଖୁବ୍ ସ୍ୱାଭାବିକ ଯେ ଜନ୍ମଗ୍ରହଣ କଲେ ମୃତ୍ୟୁକୁ ବରଣ କରିବାକୁହିଁ ହେବ, କାରଣ ଏହାଦ୍ୱାରା ସେହି ଜୀବନ-ଯାତ୍ରାର ସମାପ୍ତି ଘଟେ ଯାହା ଦୀର୍ଘକାଳ ସ୍ଥାୟୀ ହୋଇଥିଲେ ବିରକ୍ତିକର ହୋଇଥା'ନ୍ତା ।

''ସଂକ୍ଷେପରେ, ସେମାନଙ୍କର ବର୍ତ୍ତମାନର ଜୀବନ ଯେପରି ଅଛି, ସେଥିରେହିଁ ସେମାନେ ସନ୍ତୁଷ୍ଟ, ଜୀବନର ଗୋଟାଏ ଲକ୍ଷ୍ୟ ବା ସାର୍ଥକତା ଥାଇପାରେ – ଏହା ନେଇ ସେମାନେ ମୁଣ୍ଡ ଖେଳାନ୍ତି ନାହିଁ । ସେମାନେ ପରର ଦୁଃଖ ଦେଖି ବ୍ୟସ୍ତ ହୁଅନ୍ତି ନାହିଁ ଏବଂ ଅଗ୍ରଗତିର କୌଣସି ପ୍ରୟୋଜନ ବୋଧ କରନ୍ତି ନାହିଁ ।

''ଏପରି ଲୋକଙ୍କୁ 'ରୂପାନ୍ତର' କରିବାକୁ କେବେବି ଚେଷ୍ଟାକରିବ ନାହିଁ; ଏହା ହେବ ଗୋଟାଏ ମସ୍ତବଡ଼ ଭୁଲ୍ । ଯଦି ଅସାବଧାନତାବଶତଃ ସେମାନେ ତୁମ କଥା ଶୁଣନ୍ତି, ତେବେ ସେମାନେ ସେମାନଙ୍କ ବର୍ତ୍ତମାନର ସ୍ଥିତି ହରାଇବେ ଏବଂ ତାହା ସ୍ଥାନରେ ଗୋଟାଏ ନୂତନ ସ୍ଥିତି ପାଇବେ ନାହିଁ । ସେମାନେ ଆନ୍ତର ଜୀବନ ସକାଶେ ପ୍ରସ୍ତୁତ ନୁହନ୍ତି । ସେମାନେ ହେଉଛନ୍ତି ପ୍ରକୃତିର ପ୍ରିୟପାତ୍ର; ପ୍ରକୃତି ସଙ୍ଗେ ସେମାନଙ୍କର ଘନିଷ୍ଠ ସମ୍ପର୍କ ଅଛି ଏବଂ ଏହି ସମ୍ପର୍କରେ ଅନର୍ଥକ ବିପର୍ଯ୍ୟୟ କରିବା ଉଚିତ ନୁହେଁ ।

(କ୍ରମଶଃ) ✥

# ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ

## (୯)

ଶ୍ରୀଗୌରାଙ୍ଗ ଦେବ ଉତ୍କଳରେ ଶ୍ରୀଧାମରେ ପହଞ୍ଚିବା ପୂର୍ବରୁ ତତ୍କାଳୀନ ଓଡ଼ିଶାରେ ରାଜନୀତିକ ତଥା ସାମାଜିକ ପରିସ୍ଥିତି ପ୍ରତି ଟିକିଏ ଦୃଷ୍ଟି ଦେବା । ଶ୍ରୀରାମକୃଷ୍ଣ ମିଶନ୍ ପ୍ରଣୀତ ଶ୍ରୀଚୈତନ୍ୟଙ୍କ ଜୀବନୀଗ୍ରନ୍ଥରୁ ଜଣାପଡ଼େ ସେ ସମୟରେ ଓଡ଼ିଶା ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ସୁରକ୍ଷିତ ଥିଲା, ବଙ୍ଗଳା ଓ ଗୌଡ଼ ଦେଶର ନବାବମାନେ ଯେତେ ଚେଷ୍ଟା କଲେ ମଧ୍ୟ ଦୁଇ ରାଜ୍ୟର ସୀମାନ୍ତ ଅଞ୍ଚଳର ଦୁର୍ଦ୍ଧର୍ଷ ପ୍ରହରୀମାନଙ୍କ ପ୍ରାଣପଣ ପ୍ରତିରୋଧକୁ ଭେଦ କରି ପାରୁ ନଥିଲେ । ଅଥଚ ବର୍ଷସାରା ଉତ୍ତର ଓ ପଶ୍ଚିମରୁ ତଥା ଦକ୍ଷିଣରୁ ସର୍ବଦା ତୀର୍ଥଯାତ୍ରୀଙ୍କ ପାଇଁ ପଥ ସୁଗମ ଥିଲା । ତୀର୍ଥସ୍ଥାନମାନ ଶିଳ୍ପକଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟରେ ଉତ୍କୃଷ୍ଟ ଥିଲା; ଗଜପତି-ରାଜାମାନେ ପ୍ରଜାପାଳକ, ବୀର ଓ ସତର୍କ ଯୋଦ୍ଧା ଥିବା ସଙ୍ଗେସଙ୍ଗେ ଭକ୍ତ ଥିଲେ, ସେଥିପାଇଁ ଠାକୁରରାଜା ବୋଲି ଅନ୍ୟ ରାଜାମାନେ ଗଜପତିଙ୍କୁ ସମ୍ମାନ ପ୍ରଦର୍ଶନ କରୁଥିଲେ । ଓଡ଼ିଶାର ଉତ୍ତରାଞ୍ଚଳକୁ ଉତ୍କଳ ଖଣ୍ଡ ଓ ଦକ୍ଷିଣାଞ୍ଚଳକୁ କଳିଙ୍ଗ କୁହାଯାଉଥିଲା । ମୁକ୍ତ ହସ୍ତରେ ରାଜା ଅର୍ଥବ୍ୟୟ କରି ଅତିଥିଶାଳା ଓ ରାସ୍ତାଘାଟର ସୁବ୍ୟବସ୍ଥା କରୁଥିଲେ । ଦକ୍ଷିଣରୁ ଆସି ଆଚାର୍ଯ୍ୟମାନେ ପୁରୀରେ ନିଜ ନିଜ ମଠ ସ୍ଥାପନ କରିଥିଲେ । କେତେକେତେ ସଂସ୍କୃତ ବିଦ୍ୟାଳୟ ରାଜାଙ୍କ ପୃଷ୍ଠପୋଷକତାରେ ଚାଲୁଥିଲା । ସେମାନେ ରାଜ୍ୟ ଶାସନରେ ପଥପ୍ରଦର୍ଶନ କରିବା ପାଇଁ ଶାସ୍ତ୍ରଜ୍ଞ ବ୍ରାହ୍ମଣମାନଙ୍କୁ ଭାରତର ବିଭିନ୍ନ ପ୍ରାନ୍ତରୁ ଅଣାଇ ବ୍ରାହ୍ମଣ-ଶାସନମାନ ବସାଇ ଥିଲେ ଓ ସେମାନଙ୍କୁ ନିଷ୍କର ଭୂମି ଦେଇଥିଲେ । ଗଜପତି ପୁରୁଷୋତ୍ତମ ଦେବ ଦାକ୍ଷିଣାତ୍ୟ ବିଜୟ ପରେ ସାକ୍ଷିଗୋପାଳ ମୂର୍ତ୍ତି ନେଇ ଆସି ଓଡ଼ିଶାରେ ପ୍ରତିଷ୍ଠା କରିଥିଲେ । ଚୈତନ୍ୟଦେବ ଓ ତାଙ୍କ ସାଙ୍ଗସାଥୀ ପୁରୁଷୋତ୍ତମ ଧାମରେ ପହଞ୍ଚିଲେ ଯେତେବେଳେ, ସେସମୟରେ ଓଡ଼ିଶାରେ ରାଜୁତି କରୁଥିଲେ ବୀର ପ୍ରତାପ ରୁଦ୍ରଦେବ । ରାୟ ରାମାନନ୍ଦ ଥିଲେ ରାଜମହେନ୍ଦ୍ରୀର ରାଜ୍ୟପାଳ, ଅର୍ଥାତ୍ ଓଡ଼ିଶାର ଦକ୍ଷିଣ ସୀମା ସେତେଦୂର ପର୍ଯ୍ୟନ୍ତ ଲମ୍ବିଥିଲା । ଦୁଃଖର କଥା ଯେ ହିନ୍ଦୁରାଜାମାନଙ୍କ ମଧ୍ୟରେ ଏକତା ନଥିଲା । ଫଳରେ ପଠାଣ ଓ ମୁସଲମାନ ଆକ୍ରାନ୍ତମାନେ ତାହାର ସୁଯୋଗ ନେଇ ଗୋଟିଏ ପରେ ଗୋଟିଏ ରାଜ୍ୟକୁ ସେମାନଙ୍କ ଅଧୀନକୁ ନେଲେ, ଯେହେତୁ ହିନ୍ଦୁରାଜାମାନେ ପରସ୍ପର ସହିତ ବାଦବିସମ୍ବାଦରେ ଲାଗି ରହିଥିଲେ, ସେମାନଙ୍କ ପରାକ୍ରମ ବିଦେଶୀମାନଙ୍କୁ ହଟେଇବାରେ ଲାଗିଲା ନାହିଁ, କ୍ରମଶଃ ଓଡ଼ିଶା ଓ ଅନ୍ୟାନ୍ୟ ରାଜ୍ୟ ପରହସ୍ତଗତ ହେଲା ।

ଯା'ହେଉ, କଟକରେ ମହାନଦୀରୁ ଅବତରଣ କରି ଅବଧୂତ ନିତ୍ୟାନନ୍ଦ ଶ୍ରୀଚୈତନ୍ୟ ଓ ତାଙ୍କ ସଙ୍ଗୀମାନଙ୍କୁ ନେଇ ଏକାମ୍ରକାନନକୁ ଗଲେ, ଯାହା ମନ୍ଦିରମାଳାରେ ସୁଶୋଭିତ ଥିଲା । ସେଠାରେ ବିନ୍ଦୁ ସରୋବରରେ ସ୍ନାନ କଲେ, ମହାଦେବ ଲିଙ୍ଗରାଜଙ୍କୁ ଦର୍ଶନ କଲେ । ଏଇ ଶିବକ୍ଷେତ୍ର ଶ୍ରୀଚୈତନ୍ୟଙ୍କୁ ବହୁତ ଭଲ ଲାଗିଲା । ଭୁବନେଶ୍ୱରର ପୁରାତନ କୀର୍ତ୍ତିକାହାଣୀ ସ୍ମରଣ କରି ଶ୍ରୀଚୈତନ୍ୟ କହିଲେ : ଏ ସ୍ଥାନର ପୂର୍ବନାମ ଥିଲା 'ଗୁପ୍ତକାଶୀ' ଏବଂ 'ବିନ୍ଦୁ ସରୋବର'ରେ ଭାରତର ସବୁତୀର୍ଥରୁ ଜଳ ଆସି ଢଳାଯାଇଛି, ତେଣୁ ବିନ୍ଦୁ ସରୋବରରେ ସ୍ନାନ କଲେ ସକଳତୀର୍ଥର ଫଳଲାଭ ହୁଏ । ପୁରୀ ଯିବା ପଥରେ ସେମାନେ ସାକ୍ଷୀ-ଗୋପାଳଙ୍କୁ ଦର୍ଶନ କଲେ; ଦେଉଳ ଓ ଦେବତାଙ୍କର ଆଦି କାହାଣୀ ଆମୂଳଚୂଳ ଶୁଣିଲେ ନିତ୍ୟାନନ୍ଦଙ୍କଠାରୁ । କିଛିବାଟ ଯିବାପରେ ଭାର୍ଗବୀ ନଦୀ ପଡ଼ିଲା । ସେଠାରେ ଶ୍ରୀଚୈତନ୍ୟଙ୍କର ଗୁରୁଦତ୍ତ ଦଣ୍ଡଟି ନିତ୍ୟାନନ୍ଦ ଭାଙ୍ଗି ନଦୀର ପ୍ରବାହରେ ଭସାଇ ଦେଇ ଏଇ ଯୁକ୍ତି ଦେଖାଇଲେ ଯେ ''ସେଇ ଦଣ୍ଡଟି ସାଧାରଣ ସନ୍ନ୍ୟାସୀଙ୍କ ଉଦ୍ଦେଶ୍ୟରେ, ନିମାଇ ତ ପରମହଂସ ପର୍ଯ୍ୟାୟର, ତାଙ୍କର ଏ ଦଣ୍ଡରେ କି ପ୍ରୟୋଜନ ?'' ନିଜ ସମ୍ପର୍କରେ ଏପ୍ରକାର ମନ୍ତବ୍ୟ ନିମାଇଙ୍କର ମନଃପୂତ ହେଲା ନାହିଁ । ଯେଉଁ ଶୁଭକ୍ଷଣରେ ଶ୍ରୀଚୈତନ୍ୟଙ୍କ ଦୃଷ୍ଟିପଥରେ ଶ୍ରୀମନ୍ଦିରର ଚୂଡ଼ା ଓ ଧ୍ୱଜ ପଡ଼ିଲା, ତତ୍କ୍ଷଣାତ୍ ତାଙ୍କର ପ୍ରେମର ତରଙ୍ଗରେ ଉଦ୍‌ବେଳିତ ହେବା ଭଳି ଅବସ୍ଥା ହେଲା । ତଥାପି ସେ ସଙ୍ଗୀମାନଙ୍କୁ ଅପେକ୍ଷା ନକରି ଏକା ଏକା ଦର୍ଶନାକାଙ୍କ୍ଷାରେ ଆଗେଇ ଚାଲିଲେ । ମନ୍ଦିର ଯେତେ ନିକଟତର ହେଲା ଶ୍ରୀଜଗନ୍ନାଥଙ୍କର ଦ୍ୱାପରଯୁଗର ଲୀଳାସବୁ ଶ୍ରୀଚୈତନ୍ୟଙ୍କର ମନେପଡ଼ିଲା – କେମିତି କାଳିନ୍ଦୀ ତଟରେ ଶ୍ରୀକୃଷ୍ଣରୂପେ ସେ ସଖାମାନଙ୍କ ସହ ଖେଳୁଥିଲେ, କେମିତି ଗୋପରମଣୀମାନଙ୍କ ଗହଣରେ ରାସନୃତ୍ୟ କରୁଥିଲେ ଓ

ରସାପ୍ଳୁତା ଶ୍ରୀରାଧାଙ୍କୁ ଆଲିଙ୍ଗନ କରିଥିଲେ ଇତ୍ୟାଦି । ସେଇ ଆନନ୍ଦଘନ ଶ୍ରୀକୃଷ୍ଣ ଏବେ ଦାରୁବ୍ରହ୍ମରୂପେ ଏଇ ପୁଣ୍ୟକ୍ଷେତ୍ରରେ ବିରାଜମାନ, ଏପରି ଦୃଢ଼ ପ୍ରତ୍ୟୟ ତାଙ୍କର ଥିଲା । ତଥାପି କର୍ତ୍ତାର ଅଭିମାନ ନଥିବାରୁ ଦର୍ଶନାଭିଳାଷକୁ ସେ ଜଣାଇଲେ ଅନ୍ୟ ଭାବରେ, 'ହେ ପ୍ରଭୁ, ହେ ଜଗନ୍ନାଥ ସ୍ୱାମି, ତୁମେ ମୋ ନୟନପଥରେ ଗୋଚର ହୁଅ ।' ଏଇ ନିବେଦନ ତାଙ୍କ ହୃଦୟ-ଗହ୍ୱରରୁ ଉତ୍ଥିତ ହେଉଥିଲା । ଏକାକୀ ଟଳଟଳ ହୋଇ ଆସି ସେ ଅରୁଣ ସ୍ତମ୍ଭ ପାଖରେ ପହଞ୍ଚିଲେ । ତା'ପରେ ମନ୍ଦିର ମଧ୍ୟରେ ପ୍ରବେଶ କରି ଗରୁଡ ସ୍ତମ୍ଭଠାରେ ଦଣ୍ଡାୟମାନ ହୋଇ କଳାକଳେବରଙ୍କୁ ତାଙ୍କ ଜ୍ୟେଷ୍ଠଭ୍ରାତା ଓ ଭଗିନୀଙ୍କ ସହ ଦର୍ଶନ କରି ଏତେ ଭାବ ବିଭୋର ହୋଇଗଲେ ଯେ ଯେଉଁଠି ସେ ହସ୍ତସ୍ଥାପନ କରିଥିଲେ, ସେଠାରେ ପ୍ରସ୍ତର ଖମ୍ବ ତାଙ୍କ ଅଙ୍ଗୁଳିର ସ୍ପର୍ଶକୁ ଧରି ରଖିଲା । ସମସ୍ତ ଶରୀର ବିଗଳିତ ହୋଇ ସେ ମୂର୍ଚ୍ଛିତ ହୋଇଗଲେ – ବହୁଦିନର ବିରହ ପରେ ମିଳନର ମୁହୂର୍ତ୍ତରେ ଶ୍ରୀରାଧାଙ୍କର ତନୁଶ୍ରୀରେ ଯେମିତି ସାତ୍ତ୍ୱିକ ବିକାର ହୁଏ ଶ୍ରୀଚୈତନ୍ୟଙ୍କର ସେଇ ଦଶା ହେଲା । ସେଇ ଆନନ୍ଦକୁ ଧରି ରଖିବାକୁ ତାଙ୍କର ମାନବଶରୀର 'ମହାଭାବ'କୁ ଆଶ୍ରୟ କରି ଚେତା ହରାଇଲା ।

ସେ ସମୟରେ ପଣ୍ଡିତ ବାସୁଦେବ ସାର୍ବଭୌମ ନିକଟରେ ଉପସ୍ଥିତ ଥିଲେ । ସେ ଏଇ ଦିବ୍ୟକାନ୍ତି ତରୁଣ ସନ୍ନ୍ୟାସୀଙ୍କୁ ଚିହ୍ନି ନଥିଲେ ମଧ୍ୟ ଏକ ଅଦ୍ଭୁତ ଆକର୍ଷଣରେ ତାଙ୍କ ନିକଟରେ ପହଞ୍ଚି ଅରୁଣବସନ, ଗୌରବର୍ଣ୍ଣ, ଅର୍ଦ୍ଧନିମୀଳିତ ପଦ୍ମପଲ୍ଲବ-ପ୍ରାୟ ନୟନକୁ ଦଣ୍ଡେ ଚାହିଁ ରହିଲେ । ଏ ଯେ ମହାଭାବ ! କଳିଯୁଗରେ ପ୍ରଭୁଙ୍କ ଲାଗି ଏପରି ବ୍ୟାକୁଳତା ଓ ମିଳନରେ ଏପରି ପୁଲକିତ, ରୋମାଞ୍ଚିତ ତନୁ କ'ଣ ସମ୍ଭବ ! ଯା'ହେଉ ନବୀନ ଯୁବକକୁ ସାଷ୍ଟାମ କରି ସ୍ୱଗୃହକୁ ନେଇ ଯିବାର ବ୍ୟବସ୍ଥା କଲେ । ଏଇ ଯେ ପଣ୍ଡିତ ସାର୍ବଭୌମ – ସେ ବେଦାନ୍ତଶାସ୍ତ୍ରରେ ଧୁରନ୍ଧର, ନୈୟାୟିକ ଓ ମୀମାଂସକ ଥିଲେ ଏବଂ ଭାରତର ବିଭିନ୍ନ ପ୍ରାନ୍ତରୁ ଶାସ୍ତ୍ରାଦି ଅଧ୍ୟୟନ କରିବାକୁ ଏବଂ ସାଧନା ଓ ଯୋଗାଦି କରିବାକୁ ଯେଉଁ ବିଦ୍ୟାର୍ଥୀ ସାଧକମାନେ ଆସୁଥିଲେ, ଭିନ୍ନ ଭିନ୍ନ ମଠରେ ଯେଉଁ ଶାସ୍ତ୍ରାଦି ଆଲୋଚନା ହେଉଥିଲା ସବୁଥିରେ ସେ ନିଜକୁ ନିଯୁକ୍ତ ରଖୁଥିଲେ ଓ ଶାଙ୍କର ଭାଷ୍ୟାଦିକୁ ସର୍ବୋପରି ସ୍ଥାନ ଦେଇ ସମାଧାନ ଦେଉଥିଲେ । ଫଳରେ ତାଙ୍କର ପରମ ବିଦ୍ୱାନ୍ ଭାବରେ ଯଶଃ, ଖ୍ୟାତି ବ୍ୟାପୀ ଥିଲା, ବିଶେଷ କରି ଉତ୍କଳର ରାଜା ତାଙ୍କୁ ବଙ୍ଗଦେଶରୁ ଅଣାଇ ପୁରୀଧାମରେ ବସବାସ କରାଇ ସଭାପଣ୍ଡିତର ଆସନ ଦେଇଥିଲେ । ତେଣୁ ସର୍ବଜନଙ୍କଠାରୁ ତାଙ୍କୁ ଖାତିରି ମିଳୁଥିଲା । ଏସମସ୍ତ କାରଣରୁ ବାସୁଦେବ ସାର୍ବଭୌମ ନିଜକୁ ସର୍ବବରେଣ୍ୟ, ସର୍ବମାନ୍ୟ ଭାବୁଥିଲେ । ଦୈବାତ୍ ଯେ ଏଇ ନବଦ୍ୱୀପରୁ ଆସିଥିବା ନବୀନ ସନ୍ନ୍ୟାସୀଙ୍କର ତାଙ୍କ ସହ ସାକ୍ଷାତ୍ ହେଲା, ତାହା ଯେପରି ବିଧିନିର୍ଦ୍ଦିଷ୍ଟ ଥିଲା । ଅତିବିଦ୍ୟା ଓ ଅତିଅହଂକାର ଅଧ୍ୟାତ୍ମ ପଥର ଦୁରତିକ୍ରମ୍ୟ ବାଧା ଯାହାକୁ ହଟାଇବାର କ୍ଷମତା କେବଳ ବିଦ୍ୟା-ବିନୟ-ସମ୍ପନ୍ନ ଭଦ୍ରତାରହିଁ ଥାଇପାରେ । ସାର୍ବଭୌମଙ୍କ ଗୃହରେ ନବଦ୍ୱୀପବାସୀ ଖୋଜଖବର ନେଇ ପ୍ରବେଶ କଲେ ଓ ଶ୍ରୀଚୈତନ୍ୟଙ୍କୁ ସୁସ୍ଥ ଭାବରେ ପାଇ ସ୍ୱସ୍ତି ଅନୁଭବ କଲେ । ସାର୍ବଭୌମ ସମସ୍ତଙ୍କ ପରିଚୟ ଜାଣିଲେ, ନବୀନ ସନ୍ନ୍ୟାସୀ ନୀଳାମ୍ବର ଚକ୍ରବର୍ତ୍ତୀଙ୍କର ଦୌହିତ୍ର ବୋଲି ଜାଣି ବହୁତ ଖୁସି ହେଲେ କାରଣ ସେ ବାଲ୍ୟ ବୟସରେ ନୀଳାମ୍ବରଙ୍କର ସତୀର୍ଥ ବନ୍ଧୁ ଥିଲେ । ନବଦ୍ୱୀପବାସୀଙ୍କ ପାଇଁ ପୁରୀରେ ଅବସ୍ଥାନ କରିବା ସକାଶେ ବାସଗୃହର ସନ୍ଧାନ କରିଦେଲେ ଓ ରହିବାରେ ସହାୟତା କଲେ ।

ଶ୍ରୀଜଗନ୍ନାଥଙ୍କ ସାକ୍ଷାତ୍ ସମ୍ମୁଖରେହିଁ, ଶ୍ରୀଚୈତନ୍ୟଙ୍କ ଦ୍ୱାରା ଭକ୍ତିମାର୍ଗ ମାର୍ଜିତ ହେଉ ଓ ବିଦ୍ୱଜ୍ଜନମାନଙ୍କ ଦ୍ୱାରା ସମର୍ଥିତ ହେଉ ବୋଲି ଭଗବାନ୍ ସ୍ୱୟଂ ଚାହୁଁ ଥିଲେ । ପଣ୍ଡିତ ବାସୁଦେବ ନବୀନ ସନ୍ନ୍ୟାସୀଙ୍କୁ ଉପଯୁକ୍ତ ଆଧାର ଦେଖି ତାଙ୍କୁ ନିଜ ମାର୍ଗକୁ ନେବାର ସବୁ ଯତ୍ନ କରିଥା'ନ୍ତେ ଯଦି ପ୍ରଥମେ ନବଦ୍ୱୀପବାସୀ ଓ ପରେ ସ୍ୱୟଂ ଶ୍ରୀଚୈତନ୍ୟ ବାଧା ନ ଦେଇଥା'ନ୍ତେ । ଶ୍ରୀଚୈତନ୍ୟଙ୍କର ଈଶ୍ୱରପୁରୀଙ୍କ ଦ୍ୱାରା ଦୀକ୍ଷିତ ଓ କେଶବ ଭାରତୀଙ୍କ ଦ୍ୱାରା ସନ୍ନ୍ୟାସ ଗ୍ରହଣ କଥା ଶୁଣି ତାଙ୍କର ହର୍ଷ ବି ହେଲା, ବିଷାଦ ବି ହେଲା । ଆହୁରି ଉଚ୍ଚତର ସମ୍ପ୍ରଦାୟର କାହାରି ଦ୍ୱାରା ସେ ଏହାଙ୍କୁ ଦୀକ୍ଷା ଓ ସନ୍ନ୍ୟାସ ଦିଆଇଥା'ନ୍ତେ ଓ ନ୍ୟାୟ ବେଦାନ୍ତ ଆଦିରେ ଅପ୍ରତିଦ୍ୱନ୍ଦ୍ୱୀ କରାଇ ପାରିଥା'ନ୍ତେ । ତେଣୁ ସେଦିଗରୁ ନିରସ୍ତ ହେଲେ ବି ଏଇ ନିରୀହ ଭଦ୍ର ଯୁବକକୁ ନିଜେ ନିୟମିତ ବେଦାନ୍ତ ପାଠ ଦେବା ପାଇଁ ମନେ ମନେ ଚିନ୍ତା କଲେ । ତେଣେ ଶ୍ରୀଚୈତନ୍ୟ ଭାବୁଛନ୍ତି ଯେ ଭାରତରେ କେତେ ତୀର୍ଥ, ଅଥଚ କେଉଁଠାରେ ପୁରୁଷୋତ୍ତମଙ୍କ ନାମରେ ବା ତାଙ୍କ ପ୍ରତି ଉତ୍ସର୍ଗୀକୃତ ତୀର୍ଥ ତ ଆଉ କେଉଁଠି ନାହିଁ । ତା' ଅର୍ଥ ଦିନ ଥିଲା – ଏଇ ଧାମରେ ନିଶ୍ଚେ ଏହାର ଚର୍ଚ୍ଚା ଆଦି ହେଉଥିବ, ଧର୍ମାଚରଣ କରୁଥିବା ତଥା ଉତ୍କଳ ବାହାରୁ ସାଧକମାନଙ୍କୁ କ୍ଷର, ଅକ୍ଷର ତଥା ପୁରୁଷୋତ୍ତମରୂପୀ ବ୍ରହ୍ମଙ୍କର

ରହସ୍ୟ ବୁଝାଇବା ଭଳି ଆଚାର୍ଯ୍ୟ ଓ ଶିଷ୍ୟଙ୍କର ଗହଣରେ ରହିବାକୁ ଇଚ୍ଛା କରି ଏ ଧାମକୁ ଆସୁଥିବେ । ସାର୍ବଭୌମ ଭାବୁଛନ୍ତି ଏତେ ଅଳ୍ପ ବୟସରେ, ଯେତେବେଳେ ଭୋଗବାସନା ଜୀବନକୁ ପ୍ରେରିତ କରେ, ସେସମୟରେ ଶ୍ରୀଚୈତନ୍ୟଙ୍କର ସଂସାର ବୈରାଗ୍ୟ ଆସିଛି, ତା' ଅର୍ଥ ଈଶ୍ୱରଙ୍କ ବିଶେଷ କୃପାପ୍ରାପ୍ତିର ଅଧିକାର ନେଇ ସେ ଆସିଛନ୍ତି; ସାଧାରଣତଃ ମାୟା ମଣିଷମାତ୍ରକୁ ଠକାଇ ଦିଏ, କୁହାଯାଏ : 'କୃଷ୍ଣ ଯଦି ଛୁଟେ ଭକ୍ତେ ଭୁକ୍ତି-ମୁକ୍ତି ଦିୟା । କଭୁ ପ୍ରେମଭକ୍ତି ନା ଦାୟ ରାଖେନ୍ ଲୁକାଇୟା ॥' (ଚୈ. ଚ.) ଅର୍ଥାତ୍ ପ୍ରେମଭକ୍ତି ଅତି ଦୁର୍ଲଭ ଧନ । ମାୟା ବ୍ୟକ୍ତିର ଆଖିରେ ପଟଳ ବାନ୍ଧି ତାକୁ ଭୋଗସୁଖ ଆଡ଼କୁ ବାଟ କଢ଼ାଇ ନିଏ, କେବେ ବି ଭଗବତ୍ ପଥରେ ପ୍ରେରିତ କରେ ନାହିଁ, ଭଗବାନଙ୍କୁ ବ୍ୟକ୍ତିଠାରୁ ଦୂରେଇ, ଲୁଚାଇ ରଖେ ।

ନବଦ୍ୱୀପବାସୀ ଶ୍ରୀଚୈତନ୍ୟଙ୍କ ସଖା-ଭକ୍ତଗଣ ଶ୍ରୀଚୈତନ୍ୟଙ୍କ ସାଧନା, ଆନ୍ତର ଓ ବାହ୍ୟ ଦଶା ସହ ପରିଚିତ, ତାଙ୍କର ଉଚ୍ଚକୋଟୀର ଭାବ, ଅବତାର ସଦୃଶ ଆଚରଣ ଆଦି କଥା ଜାଣିଥିଲେ, କେବଳ ସନ୍ନ୍ୟାସ ଜୀବନକୁ ନୀଳାଚଳନାଥଙ୍କ ସନ୍ନିଧାନରେ ସତ୍‌ସଙ୍ଗରେ ବିତାଇବାକୁ ମାତୃ-ଆଦେଶରେ ଆସିଛନ୍ତି ଏବଂ ନ୍ୟାୟ-ତର୍କ ଆଦି ଶାସ୍ତ୍ରରୁ ସ୍ୱୟଂ ସେ ସ୍ୱେଚ୍ଛାରେ ବାହାରି ଆସିଛନ୍ତି – ଏସବୁରେ ଆଉ ପ୍ରୟୋଜନ ନାହିଁ କହିବା ସତ୍ତ୍ୱେ ପଣ୍ଡିତ ମହାଶୟ କହିଲେ :

ନିରନ୍ତର ଆମି ଇଁହାକେ ବେଦାନ୍ତ ଶୁନାଇବ ।
ବୈରାଗ୍ୟ ଅଦ୍ୱୈତ ମାର୍ଗେ ପ୍ରବେଶ କରାଇବ ॥ (ଚୈ. ଚ.)

ତାଙ୍କ ମତରେ ଭକ୍ତିସାଧନା ଏକ ଗୌଣ ସାଧନା । ଯେଉଁଥିରେ ଦ୍ୱୈତଭାବ ରହେ, ଯଥା : ଭଗବାନ୍ ଓ ଭକ୍ତ, ଈଶ୍ୱର ଓ ଜୀବ । ତେଣୁ ତତ୍ତ୍ୱଜ୍ଞାନ ବ୍ୟତୀତ ପ୍ରେମଭକ୍ତି ଅପୂର୍ଣ୍ଣ, ଶାଙ୍କର ମତାନୁଯାୟୀ ବ୍ରହ୍ମ ଓ ଜୀବ – ଦୁହେଁ ଅଭେଦ ତତ୍ତ୍ୱ – ଏଥିରେ ଦୀକ୍ଷିତ ଓ ସ୍ୱାନୁଭବ ନହେଲାଯାଏଁ ପାଠାଭ୍ୟାସ ଓ ତତ୍ତ୍ୱଜ୍ଞାନରେ ପ୍ରତିଷ୍ଠା ଦରକାର । ମାତ୍ର ନବଦ୍ୱୀପରୁ ଆସିଥିବା ବନ୍ଧୁ ତଥା ଅଭିଭାବକଗଣ ଏହାର ବିରୋଧରେ କହିଲେ ।

ଶ୍ରୀଚୈତନ୍ୟ ନୀରବରେ ଉଭୟ ପକ୍ଷର ବାଦାନୁବାଦ ଶୁଣୁଥିଲେ । କୃପାରେ ବିଶ୍ୱାସୀ ଯିଏ, ସେଇମାତ୍ର ଈଶ୍ୱରଜ୍ଞାନରେ ପାରଙ୍ଗମ ହୁଏ । ତେଣୁ ଶ୍ରୀଚୈତନ୍ୟ କହିଲେ ତାଙ୍କୁ :

ଯଦ୍ୟପି ଜଗଦ୍‌ଗୁରୁ ତୁମି ଶାସ୍ତ୍ରଜ୍ଞାନବାନ୍ ।
ପୃଥିବୀତେ ନାହି ପଣ୍ଡିତ ତୋମାର ସମାନ୍ ॥...
ତୋମାର ଆଗେ ଏକଥାର ନାହି ପ୍ରୟୋଜନ ।
ଉଷର ଭୂମିତେ ଯେନ ବୀଜେର ରୋପଣ ॥ (ଚୈ. ଚ.)

ତତ୍ପରେ ବାସୁଦେବ ସାର୍ବଭୌମ ଯୁକ୍ତି ବାଢ଼ିଲେ ଯେ ଯେହେତୁ କଳିଯୁଗରେ ମାୟାର ପ୍ରଭାବ ଅଧିକ, ତେଣୁ ବ୍ରହ୍ମ ନିରୂପଣ ପାଇଁ ଶାସ୍ତ୍ର ବ୍ୟାଖ୍ୟା ଏକାନ୍ତ ଆବଶ୍ୟକ । ଭଗବାନ୍ ଏ ଯୁଗରେ ନାମରୂପ ଗ୍ରହଣ କରନ୍ତି ନାହିଁ, ସୁତରାଂ ତାଙ୍କ ସହିତ ସମ୍ପର୍କ ପ୍ରତିଷ୍ଠା କରିବା ଅସମ୍ଭବ । ତୁମେମାନେ ଅଳୀକ ସ୍ୱପ୍ନ ଭଳି ଏକ କଳ୍ପନା ମାତ୍ରକୁ ଅବଲମ୍ବନ କରିଛ । ମାନବଜୀବନ ସାର୍ଥକ କରିବାକୁ ହେଲେ ଶାସ୍ତ୍ରର ଆଶ୍ରୟ ନେଇ ଜୀବ ଓ ବ୍ରହ୍ମର ଭେଦକୁ ଦୂରକର । କାରଣ ସ୍ୱରୂପରେ ମାନବ-ଜୀବ ବ୍ରହ୍ମ ସ୍ୱରୂପ – ଏହାହିଁ ଅଦ୍ୱୈତ ପଥ । ଏହା ବ୍ୟତୀତ ଆଉ ସବୁକିଛି ମାୟାର ବିକାର । ସେକଥାର ଉତ୍ତର ଦେଲେ ନବଦ୍ୱୀପରୁ ଆସିଥିବା ଶ୍ରୀଚୈତନ୍ୟଙ୍କର ଅନୁରକ୍ତ ସହଚରଗଣ; ସେମାନେ ଚକିତ ହେଉଥିଲେ ସାକ୍ଷାତ୍ ଅବତାର ପୁରୁଷଙ୍କୁ ସମ୍ମୁଖରେ ଦେଖି ମଧ୍ୟ କେମିତି ଏ ମାୟାବାଦୀ ପଣ୍ଡିତ ଅନ୍ଧ ଭଳି ଯୁକ୍ତି କରୁଛନ୍ତି । କାହିଁକି ନା 'ଦେଖିଲେ ନଦେଖେ ତାଁରେ ବହିର୍ମୁଖ ଜନ' ଅର୍ଥାତ୍ ଅନ୍ତରର ଚକ୍ଷୁ ଉନ୍ମୋଚିତ ହେବା ପାଇଁ ଶାସ୍ତ୍ରର ସାକ୍ଷ୍ୟ-ପ୍ରମାଣ ଯଥେଷ୍ଟ ନୁହେଁ, ସେଥିପାଇଁ ଭାବର ଗଭୀରତା, ଅନନ୍ୟଚିତ୍ତତା ତଥା ସର୍ବାତ୍ମସମର୍ପଣ ଭାବନାହିଁ ଯଥେଷ୍ଟ । ଶ୍ରୀଚୈତନ୍ୟ କହିଲେ :

ପ୍ରତିଯୁଗେ କରେନ୍ କୃଷ୍ଣ ଯୁଗ ଅବତାର ।
ତର୍କନିଷ୍ଠ ହୃଦୟ ତୋମାର ନାହିକ ବିଚାର ॥ (ଚୈ. ଚ.)

ଏ ସମସ୍ତ ବାଦାନୁବାଦ ପରେ ଚୈତନ୍ୟ ସାର୍ବଭୌମଙ୍କୁ କଥା ଦେଲେ ଯେ ତାଙ୍କଠାରୁ ସେ ବେଦାନ୍ତବିଦ୍ୟା ଗ୍ରହଣ କରିବେ ଓ ବେଦାନ୍ତ ବିଦ୍ୟାରେ ପରିଶୀଳିତ ହେବେ । ନିରୀହ ଭାବେ ଶ୍ରୀଚୈତନ୍ୟ ଆଚାର୍ଯ୍ୟଙ୍କୁ କହି ଦେଇଥିଲେ : 'ତୋମାର ସଙ୍ଗଲାଗି ମୋର ଏଥା ଆଗମନ । ସର୍ବପ୍ରକାରେ କରିବେ ତୁମି ଆମାରେ ପାଳନ ॥' ଏହି ବାକ୍ୟର ଆନ୍ତର ରହସ୍ୟ ବୁଝିବାକୁ ଅନଭିଜ୍ଞ ସାର୍ବଭୌମ ମନେ କଲେ ଯେ ସତରେହିଁ ଏ ଯୁବ ସନ୍ନ୍ୟାସୀ ଶାସ୍ତ୍ରଜ୍ଞାନରେ ଅନଭିଜ୍ଞ, ତାଙ୍କର କର୍ତ୍ତବ୍ୟ ଏହାଙ୍କୁ କୃତବିଦ୍ୟ କରିବା, ସ୍ୱୀୟ ମତରେ ଦୀକ୍ଷିତ କରିବା ଓ ନିଜ ଭଳି ସର୍ବଜନମାନ୍ୟ କରାଇ ନେବା ।

ପ୍ରତ୍ୟହ ନିୟମିତ ଉପନିଷଦସମୂହର ମୁଖ୍ୟ ମୁଖ୍ୟ ଅଂଶ ପାଠ ହୁଏ, ଆଚାର୍ଯ୍ୟ ବାସୁଦେବ ତାହାର ବ୍ୟାଖ୍ୟା କହିଯା'ନ୍ତି ଅନର୍ଗଳ । ଧ୍ୟାନସ୍ଥ ହୋଇ ଶ୍ରୀଚୈତନ୍ୟ ଶ୍ଳୋକ – ତାହାର ଭାଷ୍ୟ ଓ ବ୍ୟାଖ୍ୟା ଶ୍ରବଣ କରନ୍ତି । କିଛି ବି ପ୍ରଶ୍ନ କରନ୍ତି ନାହିଁ କି

ଉତ୍ତର ପ୍ରତ୍ୟାଶା କରନ୍ତି ନାହିଁ । ଏହିପରି ସପ୍ତମ ଦିବସ ଧରି ଉପଦେଶ ଚାଲିଲା । ତତ୍ପରେ ପଣ୍ଡିତ ଆଚାର୍ଯ୍ୟ ପଚାରିଲେ, ''ବତ୍ସ ଚୈତନ୍ୟ ! କିଛି ହୃଦୟଙ୍ଗମ ହେଲା, ତୁମର ପୂର୍ବଧାରଣାସବୁ ଅପସୃତ ହେଲା ତ ? ଏ ଜଗତ୍ ମାୟାର ରଚନା ବୋଲି ତୁମର ହୃଦ୍‌ବୋଧ ହେଲା ତ ? ସ୍ୱରୂପତଃ ତୁମେ ବ୍ରହ୍ମଠାରୁ ଅଭିନ୍ନ – ଏଇ ତାଦାତ୍ମ୍ୟ ଆସିଲା ତ ? ଜନ୍ମ ପରେ ଜନ୍ମ ପୃଥିବୀପୃଷ୍ଠକୁ ଆସିବା ସୁଖଭୋଗର ଲାଳସାରେ, ବୃଥା କାଳଯାପନ କରିବା ଅପେକ୍ଷା ମୋକ୍ଷ ପଥର ଅନୁସରଣ କରିବା ଉଚିତ ନୁହେଁ କି ?'' ପ୍ରଥମେ ଶ୍ରୀଚୈତନ୍ୟ ମୌନ ରହିଲେ, ବାରବାର ପଚାରିବାରୁ କହିଲେ, ''ଶ୍ଳୋକାର୍ଥ ବୁଝିବାରେ ମୋର ସାମାନ୍ୟ ସନ୍ଦେହ ଉପୁଜି ନାହିଁ, ମାତ୍ର ଶ୍ଳୋକାର୍ଥ ନିର୍ମଳ ଅର୍ଥ ପ୍ରକାଶକ ଥିଲା ବେଳେ ଆଚାର୍ଯ୍ୟ ଆପଣ ! ସେ ଅର୍ଥକୁ ଆଚ୍ଛାଦନ କରି ଗୌଣାର୍ଥ କରୁଛନ୍ତି କାହିଁକି ? ଜୋର କରି ପ୍ରୟୋଜନ ନଥାଇ ପୂଜ୍ୟ ଶଙ୍କରଙ୍କ ନାମ ନେଇ 'ମାୟା'ର ଉଚ୍ଚାରଣ କରି ବ୍ୟାଖ୍ୟାକୁ ବିକୃତ କରୁଛନ୍ତି ଆପଣ । ତେଣୁ 'ତୋମାର ବ୍ୟାଖ୍ୟା ଶୁନି ମନ ହୟ ତ ବିକଳ ।' 'ଉପନିଷଦ୍ ଶବ୍ଦେର ମୁଖ୍ୟ ଅର୍ଥ ଯେଇ ହୟ ।/ ସେଇ ମୁଖ୍ୟ ଅର୍ଥ ବ୍ୟାସ-ସୂତ୍ରେ କୟ ।।' (ଚୈ. ଚ.) ସେଇ ବ୍ୟାସସୂତ୍ରର ପ୍ରମାଣ ଶ୍ରୁତିରୁହିଁ ଉଦ୍ଧୃତ କରାଯାଇଛି, ଆପଣ ଅଭିଧା-ବୃତ୍ତିକୁ ବାଦ୍ ଦେଇ ଲକ୍ଷଣା-ବୃତ୍ତିକୁ ନିୟୋଗ କରି ପ୍ରକୃତ ଅର୍ଥକୁ ଘୋଡ଼ାଇ ଦେଉଛନ୍ତି । ଈଶ୍ୱର ତ ସର୍ବକାଳର, ପୁଣି ତ୍ରିକାଳର ଊର୍ଦ୍ଧ୍ୱରେ ତାଙ୍କର ସ୍ଥିତି । ତେଣୁ କଳିକାଳରେ ତାଙ୍କର ମାହାତ୍ମ୍ୟ କମ୍ ହେବ କାହିଁକି ? ଭକ୍ତିମାର୍ଗ ସର୍ବଜନ-ସୁଲଭ, ବିଦ୍ୟାବନ୍ତଠାରୁ କର୍ମଯୋଗୀ ପର୍ଯ୍ୟନ୍ତ ସମସ୍ତଙ୍କୁ ସେଇ ପଥ ଦେଇ ଭଗବାନଙ୍କର ଶ୍ରୀଚରଣ ଯୁଗଳରେ ଉପନୀତ ହେବାକୁ ପଡ଼ିବ । ଶ୍ରୁତି ଏହା କହୁଛି, ଶ୍ରୀମଦ୍‌ଭାଗବତ ବି ଏଇ ତଥ୍ୟର ସାର ବୁଝାଇଛନ୍ତି । ଶ୍ରୀଭଗବାନଙ୍କ ମୁଖନିଃସୃତ ଭଗବତ୍ ଗୀତା ମଧ୍ୟ ଭକ୍ତିମାର୍ଗର ଉପଯୋଗିତା ଓ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି । ଆପଣଙ୍କ ବ୍ୟାଖ୍ୟା ଶୁଷ୍କ, ସେଥିରେ ଚିତ୍ତ ଦ୍ରବିତ ହୁଏ ନାହିଁ । କାହିଁକି ନା ସ୍ୱୟଂ ପ୍ରକାଶକ ସୂର୍ଯ୍ୟର ଦ୍ୟୁତି ସମ ଉପନିଷଦ୍ ସମୂହକୁ ଆପଣ ମେଘରୂପୀ ମାୟାବାଦରେ ଢାଙ୍କି ସୂର୍ଯ୍ୟଙ୍କ ଆଭାକୁ ନିଜ ମତାନୁଯାୟୀ ଟିକିଏ ଟିକିଏ ଦେଖାଉଛନ୍ତି । ଯଥାର୍ଥରେ ଏପରି କରିବା ଶାସ୍ତ୍ରତତ୍ତ୍ୱର ଅବମାନନା, ଯାହା ସ୍ୱଭାବତଃ ଅଧ୍ୟାତ୍ମମାର୍ଗର ପ୍ରକାଶଧର୍ମୀ, ତାକୁ ଆପଣ ପଥଭ୍ରାନ୍ତକାରୀ କରିଦେଉଛନ୍ତି । 'ସନ୍ନ୍ୟାସୀର ଧର୍ମ ସତ୍‌ଶାସ୍ତ୍ର ଶ୍ରବଣ ।' ତେଣୁ ମୁଁ ଆପଣଙ୍କ ମୁଖରୁ ଶାସ୍ତ୍ର ଶୁଣିଛି । ମାତ୍ର ହୃଦୟଙ୍ଗମ କରି ନାହିଁ । ବରଂ ବୈଷ୍ଣବ ସାଧକ ମାଧବେନ୍ଦ୍ରପୁରୀଙ୍କର ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ଶ୍ରୀରାଧାଙ୍କ ମୁଖରୁ ତାଙ୍କର ବ୍ୟାକୁଳ ହୃଦୟର ଆର୍ତ୍ତିରୁ ମୁଁ ଯାହା ପାଇଛି, ତାହାର ମଧୁରତା, ଆର୍ଦ୍ରତା ଓ ଭଗବତ୍ ମିଳନର ଆକୁଳତା ଲାଭ କରିଛି । କିନ୍ତୁ ତାହା ଆପଣଙ୍କ ଭାଷ୍ୟରୁ ପାଉ ନାହିଁ । ଯଥା :

ଅୟି ଦୀନଦୟାର୍ଦ୍ର ନାଥ ହେ,
ମଥୁରାନାଥ କଦାବଲୋକ୍ୟସେ ।
ହୃଦୟଂ ତ୍ୱଦବଲୋକକାତରଂ,
ଦୟିତ, ଭାମ୍ୟତି କିଂ କରୋମ୍ୟହମ୍ ।

ଅର୍ଥାତ୍ ଶ୍ରୀରାଧା କହିଛନ୍ତି : ହେ ଦୀନଦୟାର୍ଦ୍ର ହୃଦୟ ! ହେ ନାଥ, ହେ ମଥୁରାନାଥ, କେବେ ତୁମେ ମୋତେ ଦର୍ଶନ ଦେବ ? ତୁମେ ମୋର ଦୟିତ, ମୋର ନିଜ ପ୍ରାଣ ଅପେକ୍ଷା ବି ପ୍ରୀତିର ପାତ୍ର । ତୁମ ଅଦର୍ଶନରେ ମୋ ହୃଦୟ ଅତିଶୟ କାତର, ମୋର ମନ ଭ୍ରମୁଛି, ଚିତ୍ତ ଅସ୍ଥିର ହେଉଛି । ହେ ପ୍ରିୟତମ ! ତୁମ ବିରହରେ ମୁଁ କ'ଣ କରିବି ବୁଝିପାରୁନି ।

ଶ୍ରୀଚୈତନ୍ୟ କହିଲେ – ଏଇପରି ହୃଦୟରେ ଭକ୍ତ ନିଜର ଶୁଦ୍ଧ ଅହୈତୁକୀ ପ୍ରେମ ନେଇ ଭଗବାନଙ୍କଠାରେ ଉପନୀତ ହେଲେ ସେ ତାକୁ ନିଜ ହୃଦୟରେ ସ୍ଥାନ ନଦେଇ ରହିପାରିବେ ନାହିଁ । ଅଥଚ ଆପଣ ଯେଉଁ ଦର୍ଶନର କଥା କହୁଛନ୍ତି ତାହା ଅର୍ଦ୍ଧସତ୍ୟ । ଯାହା ସ୍ୱ-ପ୍ରକାଶ, ତା'ପାଇଁ ଶାସ୍ତ୍ର ପ୍ରମାଣର ଆବଶ୍ୟକତା କ'ଣ ? ବ୍ରହ୍ମ ତ ସଚ୍ଚିଦାନନ୍ଦ ବିଗ୍ରହ । ସେ ନିର୍ବିଶେଷ ହୋଇ ମଧ୍ୟ ଷଡ଼ୈଶ୍ୱର୍ଯ୍ୟବାନ୍, ନିର୍ଗୁଣ ହୋଇ ମଧ୍ୟ ସର୍ବଗୁଣାକାର । ନିର୍ଲେପ, ନିର୍ଲିପ୍ତ ହୋଇ ମଧ୍ୟ ସେ ଏ ଜଗତର ସ୍ରଷ୍ଟା, ପାଳନକର୍ତ୍ତା ଓ ପ୍ରଳୟକାଳରେ ଏ ଜଗତ୍ ତାଙ୍କଠାରେ ସ୍ଥିତ ହୁଏ । କବିରାଜ କହୁଛନ୍ତି ଶ୍ରୀଚୈତନ୍ୟଙ୍କ ମୁଖ ଦେଇ :

ବ୍ରହ୍ମ ହୈତେ ଜନ୍ମେ ବିଶ୍ୱ, ବ୍ରହ୍ମେତେ ଜୀବୟେ ।
ସେଇ ବ୍ରହ୍ମେ ପୁନରପି ହୟ ଯାୟ ଲୟ ।।...
ଜୀବେର ଦେହେ ଆତ୍ମବୁଦ୍ଧି ସେଇ ମିଥ୍ୟା ହୟ ।
ଜଗତ୍ ଯେ ମିଥ୍ୟା ନହେ ନଶ୍ୱର ମାତ୍ର କୟ ।।... (ଚୈ.ଚ.)

ଶ୍ରୀଚୈତନ୍ୟ ପୁନରାୟ କହିଲେ :

'ସ୍ୱାଭାବିକ ତିନି ଶକ୍ତି ଯେଇ ବ୍ରହ୍ମେ ହୟ ।
ନିଃଶକ୍ତି କରିୟା ତାଁରେ କରହ ନିଶ୍ଚୟ ।।' (ଚୈ. ଚ.)

ସେଇ ଶକ୍ତିତ୍ରୟ ହେଉଛନ୍ତି : ଆନନ୍ଦାଂଶେ ହ୍ଲାଦିନୀ, ଚିଦ୍‌ଅଂଶେ ସଂବିତ୍, ସଦ୍ ଅଂଶେ ସନ୍ଧିନୀ ।

ଏଇପରି ଶ୍ରୀଚୈତନ୍ୟ ଗୋଟି ଗୋଟି କରି ପଣ୍ଡିତ ବାସୁଦେବଙ୍କର ସକଳ ଯୁକ୍ତିକୁ ଖଣ୍ଡନ କଲେ । ପଣ୍ଡିତେ ପୂର୍ବପକ୍ଷକୁ ପ୍ରାଧାନ୍ୟ ଦେବାକୁ ବହୁ ଚେଷ୍ଟା କଲେ, ମାତ୍ର ମାୟାବାଦର ଯୁକ୍ତିକୁ ସର୍ବପ୍ରକାରେ ଖଣ୍ଡିତ କଲେ ଶ୍ରୀଚୈତନ୍ୟ – ଦିନେ ସେ ତର୍କଶାସ୍ତ୍ରରେ ଧୁରନ୍ଧର ଥିଲେ, ତା'ର ଉପଯୋଗିତା ଏବେ ତାଙ୍କର ସହାୟତା କଲା । ପଣ୍ଡିତଙ୍କର ବାକ୍‌ସ୍ଫୂର୍ତ୍ତି ଘଟିଲା ନାହିଁ । ଏଇ ନବୀନ ସନ୍ନ୍ୟାସୀ ଯାହାଙ୍କୁ ସେ ଯେ ନିଜ ମତରେ ଦୀକ୍ଷିତ କରିବେ ବୋଲି ମନେ ମନେ ପରିକଳ୍ପନା କରିଥିଲେ, ତାହା ବୃଥା ହେଲା । ବରଂ ତାଙ୍କର ଏତେଦିନର ବୈଦାନ୍ତିକ ମାୟାବାଦୀ ମତରେ ଯେଉଁ ଅପ୍ରତିଦ୍ୱନ୍ଦ୍ୱୀ ପ୍ରତିଷ୍ଠା ଥିଲା, ସେଇଟି ଟଳମଳ ହେଲା ।

ତତ୍ପରେ ସାର୍ବଭୌମ ତାଙ୍କର ସାହିତ୍ୟ ପ୍ରତିଭାର ପରାକାଷ୍ଠା ଦେଖାଇବାକୁ କିଛି କାବ୍ୟାଂଶ ଆବୃତ୍ତି କଲେ ଓ ନଅଟି ଧାରାରେ ତାହାର ଅର୍ଥ ବିଶ୍ଳେଷଣ କଲେ ଏହା ଦେଖାଇବାକୁ ଯେ ତାଙ୍କର ଭାଷା ଓ ଶବ୍ଦାର୍ଥ ତଥା ବ୍ୟାକରଣ ଉପରେ ଯଥେଷ୍ଟ ଦକ୍ଷତା ଅଛି । ସେ ଶ୍ରୀଚୈତନ୍ୟଙ୍କୁ ଆହ୍ୱାନ କଲେ ଏପରି ବ୍ୟାକରଣଗତ ଶବ୍ଦାର୍ଥ ସେ କରିପାରିବେ କି ? ବିନୟୀ ସନ୍ନ୍ୟାସୀ କହିଲେ – ''ଆପଣ ବିଦ୍ୟାରେ ବୃହସ୍ପତି, ଆମ ଭାରତବର୍ଷରେ କିଏ ଅଛି ଆପଣଙ୍କ ସମକକ୍ଷ ? ତଥାପି ଆପଣଙ୍କ ଆଶୀର୍ବାଦରୁ ଯତ୍ନ କରି ଦେଖେ ।'' ତତ୍ପରେ ସିଏ ପଣ୍ଡିତଙ୍କର ନ'ଟି ଅର୍ଥରୁ କୌଣସିଟିକୁ ନଛୁଇଁ ନୂଆ କରି ଅଠରଟି ଶବ୍ଦାର୍ଥ ରଚନା କଲେ କାବ୍ୟାକାରରେ । ଗୟା ଯିବା ପୂର୍ବରୁ ଯିଏ ନିଜର ନ୍ୟାୟଦର୍ଶନ ସମ୍ପର୍କୀୟ ପାଣ୍ଡୁଲିପିକୁ ପରମାତ୍ମୀୟ ବନ୍ଧୁଟିର ସେ ସମ୍ପର୍କୀୟ ରଚନାର ମର୍ଯ୍ୟାଦା ରକ୍ଷା କରିବା ପାଇଁ ସ୍ୱୀୟ ପାଣ୍ଡୁଲିପି ନଦୀ ଜଳରେ ନିକ୍ଷେପ କରିଥିଲେ, ସେଇ ବିଶ୍ୱମ୍ଭର ଯିଏ ଗାଇଥିଲେ : 'ନ ଧନଂ ନ ଜନଂ ସୁନ୍ଦରୀଂ, କବିତାଂ ବା ଜଗଦୀଶ କାମୟା ମମ ଜନ୍ମନି ଜନ୍ମନୀଶ୍ୱରେ, ଭବତାଂଦ୍‌ଭକ୍ତିର ହୈତୁକୀ ତ୍ୱୟି ।।' ସେଇ ଭକ୍ତପ୍ରବର ସ୍ୱୀୟ କବିତ୍ୱଜ୍ଞାନର ପରିଚୟ ଦେଲେ ଅତି ସହଜରେ ।

ପଣ୍ଡିତ ସାର୍ବଭୌମ ସର୍ବଭାବରେ ମଥାନତ କଲେ, ବୁଝିପାରିଲେ ଏଇ ସନ୍ନ୍ୟାସୀ ଜଣକ ସ୍ୱାଭାବିକ ମାନବମାତ୍ର ନୁହନ୍ତି । ସେତେବେଳେ କବିରାଜ କୃଷ୍ଣଦାସ ଶ୍ରୀଚୈତନ୍ୟଙ୍କ ଭାଷାରେ ବ୍ୟାସସୂତ୍ରର ଭାଷ୍ୟ ଉପଲକ୍ଷ୍ୟରେ କହୁଛନ୍ତି :

'ପରିଣାମବାଦ ବ୍ୟାସସୂତ୍ରେର ସମ୍ମତ ।
ଅଚିନ୍ତ୍ୟଶକ୍ତ୍ୟେ ଈଶ୍ୱର ଜଗଦ୍ରୂପେ ପରିଣତ ।।
ମଣି ଯୈଛେ ଅବିକୃତ ପ୍ରସବେ ହେମଭାର ।
ଜଗଦ୍ରୂପ ହୟ ଈଶ୍ୱର ତବୁ ଅବିକାର ।।'

''ହେ ପଣ୍ଡିତ ପ୍ରବର ! ଈଶ୍ୱର ଯୁକ୍ତିତର୍କର ଉପରେ । ତାଙ୍କର ସ୍ଥିତି ମାନୁଷୀଭାବନାର ଅଚିନ୍ତ୍ୟ, ତେଣୁ ତାଙ୍କଠାରେ ଉପନୀତ ହେବା ମନୁଷ୍ୟ ପକ୍ଷରେ ସମ୍ଭବ – ଭକ୍ତି, ପ୍ରପନ୍ନଭାବ ତଥା ଆତ୍ମନିବେଦନ ଦ୍ୱାରା ଯେପରି ଶ୍ରୀରାଧା ଓ ଗୋପିକାଗଣ କରିଥିଲେ । ତାଙ୍କ ସହିତ ନାନାଭାବରେ ସମ୍ପର୍କ ରଖାଯାଇ ପାରିବ ଓ ସେଗୁଡ଼ିକ ମଧ୍ୟରେ ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ଓ ପ୍ରେମାସ୍ପଦର ଭାବ ସବୁଠାରୁ ପ୍ରକୃଷ୍ଟ ।''

(କ୍ରମଶଃ)

ସଂଗ୍ରହ ଓ ଉପସ୍ଥାପନା : କୃଷ୍ଣାଦେବୀ ❖

## ଆଶ୍ରମର ଦୁଇଟି ବାତାବରଣ

ଆଶ୍ରମରେ ଦୁଇଟି ବାତାବରଣ ରହିଛି, ଆମର ଓ ସାଧକମାନଙ୍କର । ଯେତେବେଳେ କିଛି ଅନୁଭବ ଓ ବୋଧ ସଂପନ୍ନ ଲୋକମାନେ ବାହାରୁ ଆସନ୍ତି ସେମାନେ ଏହି ବାତାବରଣର ଗଭୀର ନୀରବତା ଓ ଶାନ୍ତିରେ ଅଭିଭୂତ ହୁଅନ୍ତି, କିନ୍ତୁ ସେହି ଅନୁଭବ ମ୍ଳାନ ହେବାକୁ ଲାଗେ ଯେତେବେଳେ ସେମାନେ ସାଧକମାନଙ୍କ ସହିତ ଅଧିକ ମିଳାମିଶା କରନ୍ତି । ନୀରସତା ଓ ଅସ୍ଥିରତାର ବାତାବରଣଟି ସୃଷ୍ଟ ହୁଏ ନିଜେ ସାଧକମାନଙ୍କ ଦ୍ୱାରା – ସେମାନେ ଯଦି ମା'ଙ୍କ ପ୍ରତି ସେପରି ଖୋଲା ରୁହନ୍ତେ ଯେପରି ହେବା ଉଚିତ ତା'ହେଲେ ଏକ ନୀରବ ସ୍ଥିରତା ଓ ଶାନ୍ତି ଭିତରେ ବାସ କରନ୍ତେ, ଅସ୍ଥିରତା ଓ ନୀରସତା ଭିତରେ ନୁହେଁ ।

୧୫ ମାର୍ଚ୍ଚ ୧୯୩୭ – ଶ୍ରୀଅରବିନ୍ଦ

**ଅନ୍ତରାଳର ଜଗତ**

# ଚୈତ୍ୟସତ୍ତାର ଅଗ୍ରଗତି

## (ଶ୍ରୀମା'ଙ୍କ ସହ ଏକ କଥୋପକଥନ)

*ପ୍ରଶ୍ନ : ଚୈତ୍ୟସତ୍ତା କ'ଣ ସର୍ବଦା ଅଗ୍ରଗତି କରୁଥାଏ ?*

ଶ୍ରୀମା : ଚୈତ୍ୟସତ୍ତା କ୍ଷେତ୍ରରେ ଦୁଇଟି ସଂପୂର୍ଣ୍ଣ ଭିନ୍ନ ଧରଣର ଅଗ୍ରଗତି ରହିଛି : ଗୋଟିଏ ହେଉଛି ନିଜର ଗଠନ, ନିର୍ମାଣ ଓ ସଂଗଠନର କ୍ଷେତ୍ରରେ ଅଗ୍ରଗତି । କାରଣ ସକଳ ସତ୍ତାଙ୍କ ଅନ୍ତରରେ ପ୍ରଥମେ ଏକ କ୍ଷୁଦ୍ର ଦିବ୍ୟସ୍ଫୁଲିଙ୍ଗର ଆକାର ନେଇହିଁ ଚୈତ୍ୟସତ୍ତାର ଆରମ୍ଭ ହୋଇଥାଏ । ଏବଂ ଏହି ଦିବ୍ୟ ସ୍ଫୁଲିଙ୍ଗ ଭିତରୁହିଁ କ୍ରମବିକଶିତ ହୋଇ ନିଜସ୍ୱ କ୍ରିୟା ଓ ସଂକଳ୍ପସମନ୍ୱିତ ଏକ ସ୍ୱାଧୀନ, ସଚେତ ସତ୍ତାର ଆବିର୍ଭାବ ହୋଇଥାଏ । ଚୈତ୍ୟସତ୍ତା ତା'ର ମୂଳ ପ୍ରାରମ୍ଭିକ ଅବସ୍ଥାରେ ଭଗବତ୍ ଦିବ୍ୟଚେତନାର ଏକ ସ୍ଫୁଲିଙ୍ଗ ମାତ୍ର ଏବଂ ପର ପର ଅନେକଗୁଡ଼ିଏ ଜୀବନର କ୍ରମ ଭିତରଦେଇ ଏହା ନିଜର ଏକ ସଚେତ ବ୍ୟକ୍ତିତ୍ୱ ଗଠନ କରିଥାଏ । ଏହାର ଅଗ୍ରଗତିକୁ ଏକ ବଢ଼ି ଉଠୁଥିବା ପିଲାର ବିକାଶ ସହିତ ତୁଳନା କରାଯାଇ ପାରେ । ଗଠନର ପ୍ରକ୍ରିୟା ଭିତରେହିଁ ଏହା ରହିଥାଏ । ଅଧିକାଂଶ ମନୁଷ୍ୟଙ୍କ ଭିତରେ ଦୀର୍ଘକାଳ ବ୍ୟାପୀ ଚୈତ୍ୟସତ୍ତା ରହିଥାଏ ଗଢ଼ା ହେଉଥିବା ଏକ ସତ୍ତା ରୂପରେ । ସେତେବେଳେ ଏହା ପୂର୍ଣ୍ଣଭାବରେ ବ୍ୟକ୍ତି ରୂପ ପାଇଥିବା, ପୂର୍ଣ୍ଣଭାବରେ ସଚେତ ହୋଇଥିବା ଓ ନିଜ ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ ଥିବା ଏକ ସତ୍ତାରେ ପରିଣତ ହୋଇ ନ ଥାଏ । ତେଣୁ ଏହା ପାଇଁ ଗୋଟିକ ପରେ ଗୋଟିଏ ବହୁ ଜନ୍ମର ପ୍ରୟୋଜନ ହୋଇଥାଏ ଯାହା ଫଳରେ ଏହା ନିଜକୁ ପୂର୍ଣ୍ଣ ରୂପେ ଗଠିତ କରି ସଂପୂର୍ଣ୍ଣ ଭାବରେ ଏକ ସଚେତ ସତ୍ତାରେ ପରିଣତ ହୋଇ ପାରିବ ।

କିନ୍ତୁ ଏହି ଧରଣର ଅଗ୍ରଗତିର ଏକ ସମାପ୍ତି ରହିଛି । ଗୋଟିଏ ସମୟ ଆସେ ଯେତେବେଳେ କି ଏହି ସତ୍ତା ପୂର୍ଣ୍ଣଭାବରେ ବିକଶିତ ହୋଇଛି, ପୂର୍ଣ୍ଣଭାବରେ ବ୍ୟକ୍ତିରୂପ ଲାଭ କରିଛି, ନିଜର ତଥା ନିଜ ନିୟତିର ପ୍ରଭୁ ହୋଇ ପାରିଛି । ଯେତେବେଳେ ସେହି ସତ୍ତା ବା ଅନ୍ୟ କୌଣସି ଚୈତ୍ୟସତ୍ତା ଏକ ମନୁଷ୍ୟ ଭିତରେ ଜନ୍ମ ନିଏ, ସେତେବେଳେ ସତ୍ତା ଭିତରେ ଏକ ବିରାଟ ପାର୍ଥକ୍ୟ ଦେଖାଯାଏ, କୁହାଯାଇ ପାରେ ଯେ ସେହି ମନୁଷ୍ୟସତ୍ତା ଜନ୍ମରୁହିଁ ସ୍ୱାଧୀନ; କୌଣସି ପରିସ୍ଥିତି ଭିତରେ, କୌଣସି ପାରିପାର୍ଶ୍ୱିକ ଅବସ୍ଥା ଭିତରେ, କୌଣସି ସ୍ୱଭାବ ବା ଗତାନୁଗତିକ ପରମ୍ପରା ଭିତରେ ସେ ବାନ୍ଧି ହୋଇ ରହେ ନାହିଁ, ସେ ପୃଥିବୀକୁ ଆସିଥାଏ ବିଶେଷ କଛି କାର୍ଯ୍ୟ କରିବା ପାଇଁ, ନିର୍ଦ୍ଦିଷ୍ଟ କୌଣସି କାର୍ଯ୍ୟ ସଂପନ୍ନ କରିବା ପାଇଁ, କୌଣସି ଏକ ବ୍ରତ ବା ଲକ୍ଷ୍ୟ ପୂରଣ କରିବା ପାଇଁ । ଏହି ଦୃଷ୍ଟିକୋଣରୁ ବିକାଶ ବା ଅଭିବୃଦ୍ଧି ଦିଗରେ ତା'ର ଅଗ୍ରଗତି ଶେଷ ହୋଇଯାଇଛି, ଅର୍ଥାତ୍ ତା' ପାଇଁ ଆଉ ଏକ ଶରୀର ନେଇ ଜନ୍ମ ଗ୍ରହଣ କରିବା ଆଉ ଅପରିହାର୍ଯ୍ୟ ନୁହେଁ – ଏହି ଅବସ୍ଥାରେ ପହଞ୍ଚିବା ପର୍ଯ୍ୟନ୍ତ ତା' ପାଇଁ ବାରବାର ପୁନର୍ଜନ୍ମର ଆବଶ୍ୟକତା ଥିଲା, କାରଣ ଜନ୍ମ ପରେ ଜନ୍ମ ଭିତରଦେଇହିଁ ତା'ର ବିକାଶ ଓ ଅଭିବୃଦ୍ଧି ସମ୍ଭବ ହୋଇଥାଏ; ଦୈହିକ ଜୀବନ ଓ ସ୍ଥୂଳ ଶରୀର ଭିତରଦେଇହିଁ ସେ କ୍ରମଶଃ ବିକଶିତ ହୋଇଥାଏ ଓ ଶେଷରେ ପୂର୍ଣ୍ଣ ସଚେତ ସତ୍ତାରେ ପରିଣତ ହୋଇଥାଏ । କିନ୍ତୁ ଥରେ ପୂର୍ଣ୍ଣଭାବରେ ଗଠିତ ହୋଇଗଲା ପରେ ସେ ସ୍ୱାଧୀନ, ଏହି ଅର୍ଥରେ ଯେ ଏଣିକି ସେ ଜନ୍ମ ନେଇପାରେ ବା ନ ପାରେ, ତାହା ସଂପୂର୍ଣ୍ଣ ନିର୍ଭର କରେ ତା' ନିଜ ଇଚ୍ଛା ଉପରେ । ତେଣୁ ଏ କ୍ଷେତ୍ରରେ ଗୋଟିଏ ଧରଣର ଅଗ୍ରଗତି ପୂରା ଶେଷ ହୋଇ ଯାଇଛି ।

କିନ୍ତୁ ଯଦି ପୂର୍ଣ୍ଣ ଭାବରେ ଗଠିତ ଏହି ସତ୍ତା ଭଗବାନଙ୍କ ପାଇଁ କର୍ମରେ ଏକ ଯନ୍ତ୍ର ହେବାକୁ ଚାହେଁ, ଯଦି ନିଜସ୍ୱ ଜଗତର ଚୈତ୍ୟ ଆନନ୍ଦ ଭିତରେ ଏକ ବିଶ୍ରାନ୍ତିର ଅବସର ଗ୍ରହଣ ପରିବର୍ତ୍ତେ ସେ ପୃଥିବୀରେ ଭଗବତ୍ କର୍ମର ପରିପୂର୍ଣ୍ଣତାରେ ସାହାଯ୍ୟ କରିବାକୁ ବାଛି ନିଏ, ତାହେଲେ ତା ପାଇଁ କର୍ମର ସାମର୍ଥ୍ୟ କ୍ଷେତ୍ରରେ, ନିଜ କର୍ମର ସଂଗଠନ କ୍ଷେତ୍ରରେ ଏବଂ ଭଗବତ୍ ସଂକଳ୍ପକୁ ରୂପାୟିତ କରିବା କ୍ଷେତ୍ରରେ ସଦ୍ୟ ଅଗ୍ରଗତି କରିବାକୁ ତା' ପାଇଁ ଏକ ନୂତନ ସମ୍ଭାବନା ଆସି ପହଞ୍ଚେ । ତେଣୁ ଏପରି ଏକ ସମୟ ଆସେ ଯେତେବେଳେ ବସ୍ତୁସବୁର ପରିବର୍ତ୍ତନ ହୁଏ । ଯେପର୍ଯ୍ୟନ୍ତ ସେ ପୃଥିବୀରେ ରୁହେ, ଯେପର୍ଯ୍ୟନ୍ତ ସେ ଭଗବାନଙ୍କ ପାଇଁ କାମ କରିବାକୁ ବାଛି ନିଏ, ସେ ପର୍ଯ୍ୟନ୍ତ ସେ ଅଗ୍ରଗତି କରିବ । କେବଳ ଯଦି ସେ ଚୈତ୍ୟଜଗତ୍ ଭିତରକୁ ନିଜକୁ ପ୍ରତ୍ୟାହାର କରିନେବ ଏବଂ

ଭଗବାନଙ୍କ କାମ କରି ଚାଲିବାକୁ ଅସ୍ୱୀକାର କରିବ ବା ତାହାକୁ ପରିତ୍ୟାଗ କରିବ, ତାହେଲେ ସମସ୍ତ ଅଗ୍ରଗତିର ବାହାରେ ସେ ଏକ ଗତିହୀନ ସ୍ଥିତାବସ୍ଥାରେ ରହିପାରିବ; କାରଣ ମୁଁ ତୁମକୁ ଯାହା କହିଛି କେବଳ ପୃଥିବୀରେହିଁ, କେବଳ ଭୌତିକ ଜଗତରେହିଁ ଅଗ୍ରଗତି ହୋଇଥାଏ, ଏହା ସର୍ବତ୍ର ହୁଏ ନାହିଁ । ଚୈତ୍ୟଜଗତରେ କେବଳ ଏକ ଆନନ୍ଦମୟ ବିଶ୍ରାନ୍ତି ରହିଥାଏ । ଜଣେ ସେହି ଗୋଟିଏ ଅବସ୍ଥାରେ ନିଶ୍ଚଳ ଓ ଗତିହୀନ ହୋଇ ରହିଥାଏ ।

*ପ୍ରଶ୍ନ : କିନ୍ତୁ ଯେଉଁମାନେ ସେମାନଙ୍କ ଚୈତ୍ୟସତ୍ତା ସଂପର୍କରେ ସଚେତ ନୁହନ୍ତି ?*

ଶ୍ରୀମା : ସେମାନେ ଚାହାନ୍ତୁ ବା ନ ଚାହାନ୍ତୁ, ସେମାନେ ଅଗ୍ରଗତି କରିବାକୁ ବାଧ୍ୟ ହୁଅନ୍ତି ।

ସେମାନଙ୍କ ଭିତରେ ସ୍ୱୟଂ ଚୈତ୍ୟସତ୍ତା ଅଗ୍ରଗତି କରୁଥାଏ କିନ୍ତୁ ସେମାନେ ସେ ସମ୍ପର୍କରେ ସଚେତ ନ ଥା'ନ୍ତି । କିନ୍ତୁ ସେମାନେ ନିଜେ ଅଗ୍ରଗତି କରିବାକୁ ବାଧ୍ୟ ହୁଅନ୍ତି । କହିବାକୁ ଗଲେ, ସେମାନେ ଅଗ୍ରଗତିର ଏପରି ଏକ ପଥ ଅନୁସରଣ କରନ୍ତି ଯାହା ଉପରକୁ ଉଠିଥାଏ ପୁଣି ତଳକୁ ଖସି ଆସିଥାଏ । ସେମାନେ ପ୍ରଥମେ ଏକ ଉତ୍ତରଣ ପଥରେ ଆଗେଇ ଯାଆନ୍ତି; ଏହା ହୋଇଥାଏ ବଢ଼ି ଉଠୁଥିବା ଏକ ପିଲାର ଅଗ୍ରଗତି ପରି । ଗୋଟିଏ ସମୟ ଆସେ ଯେତେବେଳେ ସେହି ଅଭିବୃଦ୍ଧି ତା'ର ଶିଖରରେ ପହୁଞ୍ଚେ ଏବଂ ସେତେବେଳେ ଯଦି ଏହା ନିଜ ଅଗ୍ରଗତିର ଭୂମିକୁ ପରିବର୍ତ୍ତନ ନ କରେ; ଯଦି ପୂରାପୂରି ଏକ ଦୈହିକ ଅଗ୍ରଗତି, ଏକ ମାନସିକ ଅଗ୍ରଗତିରେ, ଏକ ଚୈତ୍ୟିକ ଅଗ୍ରଗତିରେ, ଏକ ଆଧ୍ୟାତ୍ମିକ ଅଗ୍ରଗତିରେ ପରିବର୍ତ୍ତିତ ନ ହୁଏ ତେବେ ସେହି ଅଗ୍ରଗତି ତଳକୁ ଖସି ଆସେ, ଏବଂ ଦେଖାଦିଏ ଅବକ୍ଷୟ ଓ ବିନଷ୍ଟି ଏବଂ ଅଗ୍ରଗତି ବୋଲି ଆଉ କିଛି ରୁହେ ନାହିଁ ।

ଯେହେତୁ ସ୍ଥୂଳ ଦୈହିକ ଜଗତରେ ଅଗ୍ରଗତିଟି ନିରନ୍ତର ଓ ନିରବଚ୍ଛିନ୍ନ ହୋଇ ରହିପାରେ ନାହିଁ, ସେଇ କାରଣରୁ ପ୍ରଥମେ ହୁଏ ଏକ ଅଭିବୃଦ୍ଧି ଓ ସେହି ଅଭିବୃଦ୍ଧି ତା'ର ଶୀର୍ଷ ବିନ୍ଦୁରେ ପହଞ୍ଚିବା ପରେ ଆରମ୍ଭ ହୁଏ ପତନ ଓ ଶେଷରେ ବିନଷ୍ଟି । କାରଣ କୌଣସି ଜିନିଷ ଯଦି ଅଗ୍ରଗତି ନ କରେ ତେବେ ତାହା ପଛକୁ ପଡ଼ିଯାଏ, ଯାହା କୌଣସି ଅଗ୍ରଗତି ନ କରେ ତାହାର ହୁଏ ପଶ୍ଚାତ୍ ଗତି ।

ତେଣୁ ତାହାହିଁ ଘଟିଥାଏ ସ୍ଥୂଳ ଦୈହିକ କ୍ଷେତ୍ରରେ । ଦୈହିକ ସ୍ଥୂଳ ଜଗତ୍ କିପରି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅଗ୍ରଗତି କରିବାକୁ ହୁଏ ତାହା ଶିଖି ନାହିଁ । ଏହା ଏକ ଚୂଡ଼ାନ୍ତ ଶୀର୍ଷ ବିନ୍ଦୁରେ ପହଞ୍ଚିବା ପରେ ହୁଏତ ଅଗ୍ରଗତି କରିବାରେ କ୍ଳାନ୍ତ ହୋଇପଡ଼େ ବା ତତ୍‌କାଳୀନ ଅବସ୍ଥାରେ ଅଗ୍ରଗତି ପାଇଁ ଅକ୍ଷମ ଓ ଅସମର୍ଥ ହୋଇପଡ଼େ । କିନ୍ତୁ କାରଣ ଯାହାବି ହେଉ ନା କାହିଁକି ଏହାର ଅଗ୍ରଗତି ବନ୍ଦ ହୋଇଯାଏ ଏବଂ କିଛି ସମୟ ପରେ ଆରମ୍ଭ ହୁଏ ବିନଷ୍ଟିର କ୍ରିୟା । ଯେଉଁମାନେ ପୂରାପୂରି ଏକ ସ୍ଥୂଳ ଦୈହିକ ଜୀବନ ଯାପନ କରନ୍ତି, ସେମାନେ ଗୋଟାଏ ଧରଣର ଶିଖରରେ ପହଞ୍ଚନ୍ତି ଏବଂ ତା'ପରେ ଅତିଶୀଘ୍ର ତଳକୁ ଖସି ଆସନ୍ତି । କିନ୍ତୁ ବର୍ତ୍ତମାନ ମାନବସମାଜର ସାମୂହିକ ଅଗ୍ରଗତି ସହିତ ସେହି ଦୈହିକ ଅଗ୍ରଗତି ପଛରେ ଏକ ପ୍ରାଣିକ ଅଗ୍ରଗତି ଏକ ମାନସିକ ଅଗ୍ରଗତିକୁ ସାମିଲ କରାଯାଇଛି । ଏହା ଫଳରେ ଦୈହିକ ଅଗ୍ରଗତି ଏପରିକି ପୂରା ବନ୍ଦ ହୋଇଯିବା ପରେ ମଧ୍ୟ ମାନସିକ ଅଗ୍ରଗତି ବହୁକାଳ ଧରି ଚାଲିପାରେ । ଏବଂ ଦୈହିକ ଅଗ୍ରଗତି ବନ୍ଦ ହୋଇଯିବା ପରେ ମଧ୍ୟ ବହୁକାଳ ଧରି ଏହି ମାନସିକ ଅଗ୍ରଗତି ଜରିଆରେ ଜଣେ ଏକ ଧରଣର ଉତ୍ତରଣକୁ ବଜାୟ ରଖିପାରେ ।

ଆଉ ମଧ୍ୟ ସେମାନଙ୍କ କଥା କୁହାଯାଇପାରେ ଯେଉଁମାନେ ଯୋଗ କରୁଛନ୍ତି, ଯେଉଁମାନେ ନିଜ ଚୈତ୍ୟସତ୍ତା ସମ୍ପର୍କରେ ସଚେତ ଓ ତାହା ସହ ମିଳିତ ହୋଇଛନ୍ତି, ସେହି ଜୀବନରେ ଅଂଶ ଗ୍ରହଣ କରିଛନ୍ତି; ଏମାନେ ନିଶ୍ଚୟ ଜୀବନର ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ଅଗ୍ରଗତି କରନ୍ତି । ଏପରିକି ମୃତ୍ୟୁ ପରେ ମଧ୍ୟ ଏମାନଙ୍କ ଅଗ୍ରଗତି ବନ୍ଦ ହୁଏ ନାହିଁ । ଶରୀର ଆଉ ତିଷ୍ଠି ରହିପାରିବ ନାହିଁ ବୋଲି ଅନୁଭବ କରି ଯେଉଁମାନେ ଶରୀରତ୍ୟାଗ କରନ୍ତି ସେମାନେ ତା'ପରେ ମଧ୍ୟ ଅଗ୍ରଗତି କରି ଚାଲିଥାଆନ୍ତି ।

ନିଜକୁ ରୂପାନ୍ତରିତ କରିବା ପାଇଁ ନିଜର ଅଗ୍ରଗତିକୁ ଚଳାଇ ରଖିବା ପାଇଁ ଶରୀରର ଅସାମର୍ଥ୍ୟହିଁ ତାହାର ପଶ୍ଚାଦ୍‌ଗତି ଓ ଅବକ୍ଷୟର କାରଣ ହୁଏ ଓ ଏହା ଏକ ଭିତରର ଭାରସାମ୍ୟହୀନତା ଦିଗରେ ନିଜକୁ ଅଧିକରୁ ଅଧିକ ଖୋଲିଦିଏ, ଯେତେବେଳେ କି ଶେଷରେ ତାହାହିଁ ଅଧିକ ଶକ୍ତିଶାଳୀ ହୋଇ ଶରୀରର ଭାରସାମ୍ୟକୁ ସମ୍ପୂର୍ଣ୍ଣ ଓଲଟ ପାଲଟ କରିଦିଏ ଏବଂ ଏହା ଆଉ ନିଜର କୌଣସି ଭାରସାମ୍ୟ ବା ସ୍ୱାସ୍ଥ୍ୟ ଫେରିପାଏ ନାହିଁ । ଆମେ ପର ସପ୍ତାହରେ ତାହାର ଆଲୋଚନା କରିବା ।

ମନ ସମେତ ସମସ୍ତ ସ୍ଥୂଳ ଓ ଜାଗତିକ ଅସ୍ତିତ୍ୱର ବାହାରେ ରହିଥିବା ଏକ ବିଶୁଦ୍ଧ ଆଧ୍ୟାତ୍ମିକ ଜୀବନରେ କୌଣସି ଅଗ୍ରଗତିର ସ୍ଥାନ ନାହିଁ । ତୁମେ ଏକ ସ୍ଥିତାବସ୍ଥାରେ ପହଞ୍ଚିଯାଅ ଏବଂ ଅଗ୍ରଗତିର ସମସ୍ତ ଗତିବୃତ୍ତିର ବାହାରକୁ ଚାଲିଯାଅ, କିନ୍ତୁ ତହିଁ ସଙ୍ଗରେ ମଧ୍ୟ ତୁମେ ବ୍ୟକ୍ତ ବିଶ୍ୱର ପୂରା ବାହାରକୁ ଚାଲିଯାଅ । ଯେତେବେଳେ ତୁମେ ସେହି ଅବସ୍ଥାରେ ପହଞ୍ଚ ସେତେବେଳେ ତୁମେ ଆଉ ବ୍ୟକ୍ତବିଶ୍ୱର ଅନ୍ତର୍ଗତ ହୋଇ ରହି ନାହଁ, ତୁମେ ବ୍ୟକ୍ତ ବିଶ୍ୱର ବାହାରକୁ ଚାଲିଯାଇଛ । ସମସ୍ତ ଅଗ୍ରଗତି ଭିତରୁ ବାହାରି ଯିବାକୁ ହେଲେ ତୁମକୁ ବ୍ୟକ୍ତ ବିଶ୍ୱର ସଂପୂର୍ଣ୍ଣ ବାହାରକୁ ଚାଲି ଯିବାକୁ ହେବ କାରଣ ଏହି ଦୁଇଟି ହେଉଛନ୍ତି ସମାନ ଜିନିଷ : ଅଭିବ୍ୟକ୍ତିର ଅର୍ଥ ହେଉଛି ଅଗ୍ରଗତି ଏବଂ ଅଗ୍ରଗତିର ଅର୍ଥ ହେଉଛି ଅଭିବ୍ୟକ୍ତି । ❖

I shall save earth, if earth consents to be saved.

(Savitri) – Sri Aurobindo

*With best compliments from :*

**SRI HANUMAN FLOUR MILL**

**MAITAPUR, BALASORE (ODISHA)**

## ସଂପାଦକୀୟ ....

ଶହେବର୍ଷ ପୂର୍ବେ ୧୯୧୪ରେ ଭାରତକୁ ଶ୍ରୀମା'ଙ୍କର ଶୁଭାଗମନ ହୋଇଥିଲା । ଆପଣାର ଅନୁଭୂତିରୁ ଶ୍ରୀଅରବିନ୍ଦଙ୍କୁ ମା' କହିଥିଲେ ଭାରତ ସ୍ୱାଧୀନ । ସେ ଭାରତ ସ୍ୱାଧୀନ ହେବ ବୋଲି କହି ନଥିଲେ । ୧୯୨୦ରେ ହୋଇଥିବା ତାଙ୍କର ସେହି ପ୍ରତ୍ୟକ୍ଷ ଅନୁଭୂତି ବାସ୍ତବତାରେ ପରିଣତ ହେବାକୁ ଆହୁରି ସତେଇଶ ବର୍ଷ ଲାଗି ଯାଇଥିଲା । କିନ୍ତୁ ଏଥିପାଇଁ ମା' ସ୍ୱୟଂ ଭାରତରେ ରହି ନିଜର ଆଧ୍ୟାତ୍ମିକ ଶକ୍ତିର ପ୍ରୟୋଗ କରିଥିଲେ ଭାରତର ସ୍ୱାଧୀନତା ପାଇଁ । ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରି ମା' ବୁଝି ପାରିଥିଲେ ଶ୍ରୀଅରବିନ୍ଦଙ୍କ ସଙ୍ଗେ ସେ ଏକତ୍ର ରହି କାମ କରିବାହିଁ ନିୟତି ନିର୍ଦ୍ଦିଷ୍ଟ । ତେଣୁ ଏଥିରୁ ପଛଘୁଞ୍ଚା ଦେବାର ପ୍ରଶ୍ନହିଁ ତାଙ୍କ ମନରେ ସ୍ଥାନ ପାଇ ନଥିଲା । ଯେଉଁ ଅତିମାନସ ଶକ୍ତିର ଅବତରଣ ପାଇଁ ଶ୍ରୀଅରବିନ୍ଦ ପ୍ରଯତ୍ନ କରୁଥିଲେ ତାହା ମା'ଙ୍କ ଦ୍ୱାରାହିଁ ସାର୍ଥକ ହୋଇଥିଲା ୨୯ ଫେବ୍ରୁଆରି ୧୯୫୬ରେ । ଏଠାରେ ନିଃସନ୍ଦେହରେ କୁହାଯାଇପାରେ ଯେ ଅତିମାନସ ଶକ୍ତିର ଅବତରଣ ଫଳରେ ଯେଉଁ ସମ୍ଭାବନା ସୃଷ୍ଟି ହୋଇଛି ତାହା ବାସ୍ତବରେ ପରିଣତ ହେବହିଁ ହେବ । ଖାଲି ଯାହା ସମୟର ବ୍ୟବଧାନ । ଏହି ସମୟର ବ୍ୟବଧାନ କେତେ ଦ୍ରୁତ ବା ହ୍ରସ୍ୱ ହେବ ତାହା ନିର୍ଭର କରୁଛି ସେଥିପ୍ରତି ଆମର ଗ୍ରହଣଶୀଳତା ଉପରେ । ଅବଶ୍ୟ ସ୍ୱୟଂ ଅତିମାନସ ଶକ୍ତିହିଁ ଆମ ଭିତରେ ଗ୍ରହଣଶୀଳତା ସୃଷ୍ଟି କରିବ । କିନ୍ତୁ ସେଦିଗରେ ଉନ୍ମୋଚିତ ଓ ଉନ୍ମୀଳିତ ହେବା ପାଇଁ ଆମ ପ୍ରଯତ୍ନର ଆବଶ୍ୟକତାକୁ ଏଡ଼ାଇ ଦେଇ ହେବ ନାହିଁ । ପ୍ରଥମତଃ ଅତିମାନସ ଭଳି ଏକ ସର୍ବଜୟୀ ଶକ୍ତି ରହିଛି ବୋଲି ତ ଆମକୁ ସର୍ବାନ୍ତଃକରଣରେ ଗ୍ରହଣ କରିବାକୁ ହେବ ଯଦି ଆମ ଭିତରେ ତାହାର ଦ୍ରୁତ କାର୍ଯ୍ୟକାରିତା ପାଇଁ ଆମର ସଂକଳ୍ପ ରୁହେ ।

ଆମ ଦେଶର ପଛୁଆ ଅର୍ଥନୀତି, ରାଜନୈତିକ ଅସ୍ଥିରତା, ଜନମାନସରେ ନିଷ୍କ୍ରିୟ ଆଳସ୍ୟ ଆଦି ସମସ୍ୟାର ସମାଧାନ ଦିଗରେ ତତ୍ପର ହେବା ପାଇଁ ଏକ ବିପୁଳ ଶକ୍ତି ଆସିଯାଇଛି, କିନ୍ତୁ ତାହାକୁ ବାସ୍ତବରେ ପ୍ରୟୋଗ ଓ କାର୍ଯ୍ୟକାରୀ କରିବା ପାଇଁ ଉଦ୍‌ଯୋଗ ଆମକୁହିଁ କରିବାକୁ ହେବ । ଆମ ପାଇଁ ତାହା ଆଉ କେହି କରିଦେବ ନାହିଁ । ଅତିମାନସ ଶକ୍ତି ଭଳି ଏକ ଶକ୍ତିର ନିମିତ୍ତ ଓ ଯନ୍ତ୍ର ହେବାର ସୁଯୋଗ ରହିଥିବା ବେଳେ ସେଥିପ୍ରତି ଉଦାସ ଓ ଅମନୋଯୋଗୀ ହେବାଠାରୁ ଆଉ ବଡ଼ ଦୁର୍ଭାଗ୍ୟ କ'ଣ ଥାଇପାରେ ? ସଚେତ ଭାବରେ ଏହି ଶକ୍ତିକୁ ବାରଂବାର ଆବାହନ କରିବାରେ କୌଣସି କୁଣ୍ଠା ଓ ଆଳସ୍ୟ କ୍ଷମଣୀୟ ନୁହେଁ ଯଦି ଆମେ ନିଜ ପାଇଁ ଓ ଆମର ଦେଶ ଓ ଜାତି ପାଇଁ ଏକ ଗୌରବମୟ ଉଜ୍ଜ୍ୱଳ ଭବିଷ୍ୟତର ଅଭୀପ୍ସା ରଖୁ ।

ଆମକୁ ବରାବର ମନେ ରଖିବାକୁ ହେବ ଯେ ଏହିପରି ଅଭୀପ୍ସା ପୋଷଣ ପାଇଁ ଆମ ଉପରେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କର ଆଶୀର୍ବାଦ ରହିଛି । ଭଗବାନଙ୍କର ଆଶୀର୍ବାଦ ଥିଲେ ଦୁନିଆରେ କ'ଣ କିଛି ଅସମ୍ଭବ ରହିବ ? ଯେଉଁ ଆଶୀର୍ବାଦ ଫଳରେ ମୂକ ବାଚାଳ ପରି ପ୍ରଗଲ୍‌ଭ ହୋଇପାରେ, ପଙ୍ଗୁ ମଧ୍ୟ ଗିରିଲଂଘନ କରିପାରେ, ଅତିମାନସ ଶକ୍ତି ସମନ୍ୱିତ ହୋଇ ସେହି ଆଶୀର୍ବାଦ ଆମକୁ କେବଳ ଜ୍ଞାନ ଓ ବିଜ୍ଞତାର କ୍ଷେତ୍ରରେ ନୁହେଁ, କର୍ମ ଓ ବ୍ୟାବହାରିକ କ୍ଷେତ୍ରରେ ମଧ୍ୟ ପୃଥିବୀ ଓ ଜନସମାଜର ଅଗ୍ରଣୀ ଭୂମିକାରେ ବିମଣ୍ଡିତ କରିପାରେ । ଏଥିପାଇଁ ସବୁଠୁ ବଡ଼ କଥା ହେଲା ନିଜ ଭିତରେ ଅପ୍ରତିହତ ଆତ୍ମ-ବିଶ୍ୱାସ । ଏହି ଆତ୍ମ-ବିଶ୍ୱାସ ଯେତେବେଳେ ଅତିମାନସ ଶକ୍ତିର ସ୍ପର୍ଶ ପାଇ ଜୀବନ୍ତ ଓ ଉଜ୍ଜ୍ୱଳ ହୋଇଉଠିବ ସେତେବେଳେ ତାହାକୁ ଖର୍ବ ଓ ଖଣ୍ଡିତ କରିବା ପାଇଁ କେହି ସମର୍ଥ ହେବେ ନାହିଁ । ଖାଲି ବ୍ୟକ୍ତି ରୂପରେ ନୁହେଁ ଜାତି ଓ ଦେଶ ହିସାବରେ ମଧ୍ୟ ଆମକୁ ଅତିମାନସ ସମନ୍ୱିତ ଏହି ଆତ୍ମବିଶ୍ୱାସକୁ କର୍ମକ୍ଷେତ୍ରରେ ପ୍ରୟୋଗ କରିବାକୁ ହେବ । ସେତେବେଳେ ଆମେ ଦେଖିବୁ ଜ୍ଞାନ ଓ ବିଜ୍ଞାନ କ୍ଷେତ୍ରରେ, କଳା ଓ ସାହିତ୍ୟ କ୍ଷେତ୍ରରେ, ସଭ୍ୟତା ଓ ସଂସ୍କୃତି କ୍ଷେତ୍ରରେ ଭାରତ ହୋଇଉଠିଛି ପୃଥିବୀର ଜନସାଧାରଣଙ୍କ ଆଦର୍ଶ ସ୍ଥାନୀୟ ।

ଆଜି ପୃଥିବୀରେ ଯୁଦ୍ଧ ଭୟ, ଅର୍ଥନୈତିକ ଓ ସାମାଜିକ ବୈଷମ୍ୟ, ଅରାଜକତା ଓ ଶୋଷଣ ଆଦିର ଯେଉଁ ସଚରାଚର ରୂପ ଦେଖାଯାଉଛି ତାହା ସମ୍ପୂର୍ଣ୍ଣ ବଦଳିଯିବ ଯଦି ଅତିମାନସ ଶକ୍ତି ନେଇ ଭାରତର ନେତୃତ୍ୱ ତହିଁରେ ହସ୍ତକ୍ଷେପ କରେ । ଶ୍ରୀଅରବିନ୍ଦ ଓ ଶ୍ରୀମା ଯେ ଭାରତକୁ ନିଜର ଦେଶ ରୂପେ ବାଛି ନେଇଛନ୍ତି ତାହାହିଁ ସୂଚାଇ ଦିଏ ପୃଥିବୀର ସଭ୍ୟତା ଓ ସଂସ୍କୃତି କ୍ଷେତ୍ରରେ ଭାରତର ନେତୃତ୍ୱ ଏକ ଅବିସଂବାଦୀୟ ସତ୍ୟ ଯାହା ନିଶ୍ଚୟ କାର୍ଯ୍ୟକାରୀ ହେବ, ଆଜି ହେଉ ବା କାଲି ହେଉ । ତେଣୁ ପ୍ରତ୍ୟେକ ଭାରତବାସୀଙ୍କ ଉପରେ ଏହି ନେତୃତ୍ୱ ପାଇଁ ଯୋଗ୍ୟ ଓ ଉପଯୁକ୍ତ ହେବାର ଗୁରୁଭାର ରହିଛି ଯେଉଁଥିରେ ସାମାନ୍ୟତମ ତ୍ରୁଟି ଓ ଅବହେଳା ହେବ ଏକ ଅକ୍ଷମଣୀୟ ଅପରାଧ । ✜